ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୭/୨୦୨୩ (୧୪ ପୃଷ୍ଠା) | Bhubaneswar, Thursday, July 27/2023 | Page 14 | ₹ 7.00 | SAMBALPUR
୪୯ଶ ଭାଗ ୨୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 242 | ମୂଲ୍ୟ ₹୭/-



## ପ୍ରମୋଦଙ୍କୁ ଏସିଆନ୍ ପାରା ଗେମ୍ସ ଯୋଗ୍ୟତା

ଚାଇନାର ହାଙ୍ଗଝୋଉରେ ହେବାକୁଥିବା ଏସିଆନ୍ ପାରା ଗେମ୍ସ ପାଇଁ ଓଡ଼ିଶାର ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଯୋଗ୍ୟତା ଅର୍ଜନ କରିଛନ୍ତି।

୧୪

୦୨

## ସାଇଲେନ୍ସ-୨କୁ ନେଇ ମନୋଜ ଆଶାବାଦୀ

ଅଭିନେତା ମନୋଜ ବାଜପେୟୀଙ୍କ ଚଳଚ୍ଚିତ୍ର ସାଇଲେନ୍ସର ଦ୍ୱିତୀୟ ଭାଗ ଶୁଟିଂ ଆରମ୍ଭ ହୋଇଛି। ସେ ଏହି ଫିଲ୍ମକୁ ନେଇ ବେଶ୍ ଆଶାବାଦୀ ଥିବା କହିଛନ୍ତି।





କଟକ କିଲ୍ଲାଫର୍ଟସ୍ଥିତ 'ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍'କୁ ବୁଧବାର ପରିଦର୍ଶନ କରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ନିକଟରେ ଅଛନ୍ତି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର । (ଫଟୋ-ରାଜକିଶୋର ମହାନ୍ତି)

# ବଞ୍ଚିତ ବର୍ଗଙ୍କୁ ସୁବିଧାରେ ନ୍ୟାୟ ମିଳୁ: ରାଷ୍ଟ୍ରପତି

**ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ସମାରୋହ ଉଦ୍‌ଯାପିତ**

- **ଦ୍ରୁତ ନ୍ୟାୟ କ୍ଷେତ୍ରରେ ଉଦାହରଣ ସୃଷ୍ଟି ପାଇଁ ଆହ୍ୱାନ**
- **ସ୍ୱତନ୍ତ୍ର ଡାକଟିକଟ, ସ୍ମରଣିକା ଉନ୍ମୋଚିତ**

କଟକ,୨୬।୭(କାର୍ତ୍ତିକ ସାହୁ)

ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଆମ ସମ୍ବିଧାନ ନିର୍ମାତାମାନେ ପ୍ରାଥମିକତା ଦେଇଆସିଛନ୍ତି। ସମାଜରେ ବଞ୍ଚିତ ବର୍ଗର ଲୋକେ କୋର୍ଟ, କଚେରି, ଆଇନ ବିଷୟରେ ବିଶେଷ ସଚେତନ ନୁହନ୍ତି। ନିଜ ଅଧିକାର ପାଇଁ ନ୍ୟାୟାଳୟ ପାଖରେ ପହଞ୍ଚିବାର ସାମର୍ଥ୍ୟ ସେମାନଙ୍କର ନ ଥାଏ। ସେହି ବର୍ଗର ଲୋକଙ୍କୁ ସୁବିଧାରେ ନ୍ୟାୟ ପ୍ରଦାନ ଆମ ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ୍। ଏ ବିଷୟରେ ମାନସ ମନ୍ଥନ ହେବା ଉଚିତ୍। ବିଚାରପତିମାନେ ନ୍ୟାୟ ପ୍ରଦାନ ବେଳେ ନ୍ୟାୟର ଆଧାର ନିରପେକ୍ଷତାକୁ ଅତୁଟ ରଖିବେ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଶାବ୍ୟକ୍ତ କରିଛନ୍ତି। ଏଥିସହିତ ବିଳମ୍ବିତ ନ୍ୟାୟ ପ୍ରକ୍ରିୟା କାରଣରୁ ଅନେକ ନିରୀହ ଲୋକେ ଜେଲଦଣ୍ଡ ଭୋଗୁଛନ୍ତି। ସେମାନେ ଜୀବନର ପ୍ରମୁଖ ସମୟକୁ ନଷ୍ଟ କରୁଛନ୍ତି। ଅନେକ କ୍ଷେତ୍ରରେ ନିରୀହ ଲୋକେ ଦଣ୍ଡ ପରିମାଣଠାରୁ ଅଧିକ ସମୟ ଜେଲରେ ବିତାଉଛନ୍ତି। ଓଡ଼ିଶା ହାଇକୋର୍ଟ ଲୋକଙ୍କୁ ଦ୍ରୁତ ନ୍ୟାୟ ପ୍ରଦାନ କରି ଦେଶ ପାଇଁ ଉଦାହରଣ ସୃଷ୍ଟି କରୁ ବୋଲି ରାଷ୍ଟ୍ରପତି ମୁର୍ମୁ ଆହ୍ୱାନ ଦେଇଛନ୍ତି।

ବୁଧବାର ଓଡ଼ିଶା ହାଇକୋର୍ଟର ୭୫ବର୍ଷ ପୂର୍ତ୍ତି ସମାରୋହରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଯୋଗଦେଇ ଜୟ ଜଗନ୍ନାଥ ସମ୍ବୋଧନରୁ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ଓଡ଼ିଶା ହାଇକୋର୍ଟ ଆରମ୍ଭ ସମୟର କଥା ଉପସ୍ଥାପନ କରି ରାଷ୍ଟ୍ରପତି କହିଲେ, କୌଣସି ଅନୁଷ୍ଠାନ ସମୟ ଅନୁସାରେ ନ ବଦଳିଲେ ପଛରେ ପଡ଼ିଯାଏ। ୪ ଜଣ ବିଚାରପତିଙ୍କୁ ନେଇ ଏହି ଉଚ୍ଚ ନ୍ୟାୟାଳୟ ଆରମ୍ଭ ହୋଇଥିଲା, ଏବେ ବିଚାରପତି ସଂଖ୍ୟା ୩୩କୁ ବୃଦ୍ଧି ପାଇଛି। ଗତ ୨ବର୍ଷ ମଧ୍ୟରେ ଦ୍ରୁତ ନ୍ୟାୟ ପ୍ରଦାନ ଯୋଗୁ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରାଧୀନ ମାମଲା ସଂଖ୍ୟା ଏକ ଚତୁର୍ଥାଂଶ ହ୍ରାସ ପାଇଛି। ନ୍ୟାୟ ପ୍ରଦାନ କ୍ଷେତ୍ରରେ ☞ପୃଷ୍ଠା-୪

# ଅନାସ୍ଥା ମୁହଁ ଖୋଲାଇବ

***ବିରୋଧୀ ଦଳଗୁଡ଼ିକର ବାରମ୍ବାର ଦାବି ସତ୍ତ୍ୱେ ମଣିପୁର ହିଂସା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ଏଯାଏ କୌଣସି ବିବୃତି ଦେଇନାହାନ୍ତି। ଶେଷରେ ଏହି ସ୍ପର୍ଶକାତର ପ୍ରସଙ୍ଗରେ ବିରୋଧୀ କଂଗ୍ରେସ ବୁଧବାର ଲୋକ ସଭାରେ କେନ୍ଦ୍ର ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛି। ଏହାକୁ ବାଚସ୍ପତି ଓମ୍ ବିର୍ଲା ଗ୍ରହଣ କରିଛନ୍ତି। ବିରୋଧୀ 'ଇଣ୍ଡିଆ' ଗୋଷ୍ଠୀ ଜାଣିଥିବେ ଯେ ସେମାନଙ୍କର ସଂଖ୍ୟା ଅନୁଯାୟୀ ଏହି ଅନାସ୍ଥା ପ୍ରସ୍ତାବ ନିଶ୍ଚିତ ଭାବରେ କାଟ ଖାଇବ। କିନ୍ତୁ ରାଜନୈତିକ ଦୃଷ୍ଟିରୁ ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲୋକ ସଭାକୁ ଟାଣି ଆଣି ବକ୍ତବ୍ୟ ଦେବାକୁ ବାଧ କରାଇପାରିବ ବୋଲି କୁହାଯାଉଛି। ତାହା ହିଁ ବିରୋଧୀଙ୍କ ସଫଳତା ହେବ।***

ନୂଆଦିଲ୍ଲୀ,୨୬।୭(ପି.ଟି.)

ଭାଜପା ଶାସିତ ମଣିପୁରରେ ନିରୀହ ଲୋକଙ୍କୁ ଲଗାତର ହତ୍ୟା କରାଯାଉଛି। ମହିଳାମାନଙ୍କ ଦେହରୁ ପୋଷାକ କାଢ଼ି ଉଲଗ୍ନ ପରେଡ୍ କରାଯାଉଛି। ଦୀର୍ଘ ଅଢ଼େଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ଜାତିଆଣ ହିଂସା ଓ ଯୌନହିଂସା ଲାଗିରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘନ ଘନ ବିଦେଶ ଗସ୍ତ କରୁଥିବାବେଳେ ମଣିପୁର ଯାଉନାହାନ୍ତି। ଏପରିକି ଏହି ପ୍ରସଙ୍ଗକୁ ନେଇ ମୁହଁ ମଧ୍ୟ ଖୋଲୁନାହାନ୍ତି। ମଣିପୁର ଭଳି ଜାତୀୟ ଲଜ୍ଜା ସମେତ ଦେଶର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକରେ କେନ୍ଦ୍ର ସରକାରଙ୍କ ଉଦାସୀନତାକୁ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ନିନ୍ଦା କରାଯାଉଛି। ସରକାରଙ୍କ ଉପରୁ ଲୋକଙ୍କ ଆସ୍ଥା ତୁଟିଯାଇଥିବାବେଳେ କେନ୍ଦ୍ର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ବୁଧବାର କଂଗ୍ରେସ ପକ୍ଷରୁ ଲୋକ ସଭାରେ ନୋଟିସ ଦିଆଯାଇଛି। ବାଚସ୍ପତି ଏହାକୁ ଗ୍ରହଣ କରିଛନ୍ତି। ସବୁ ଦଳର ନେତାମାନଙ୍କ ସହ ଏହା ଉପରେ ଆଲୋଚନା କରିବା ପରେ ନିୟମାନୁସାରେ ବିତର୍କ ପାଇଁ ଦିନ ଧାର୍ଯ୍ୟ କରାଯିବ ବୋଲି ବିର୍ଲା କହିଛନ୍ତି।

୨୬ ଦଳକୁ ନେଇ ଗଠିତ ବିରୋଧୀ ମେଣ୍ଟ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ପକ୍ଷରୁ ନିମ୍ନ ସଦନରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ ଏହି ପ୍ରସ୍ତାବ ଆଗତ କରିଛନ୍ତି। ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଚାଲିବା ମାତ୍ରେ ବାଚସ୍ପତି କହିଥିଲେ, ମନ୍ତ୍ରୀ ପରିଷଦ ଉପରେ ବିରୋଧୀ ଦଳଗୁଡ଼ିକର ଆସ୍ଥା ନାହିଁ। ରୁଲ୍ ୧୯୮ ଅନୁସାରେ ସେମାନେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଅନୁମତି ଲୋଡ଼ିଛନ୍ତି। ଏହି ପ୍ରସ୍ତାବକୁ ଗ୍ରହଣ କରିବା ସପକ୍ଷରେ ଥିବା ସଦସ୍ୟମାନେ ମୁଣ୍ଡ ଗଣତି ପାଇଁ ଛିଡ଼ା ହୁଅନ୍ତୁ ବୋଲି ବାଚସ୍ପତି କହିଥିଲେ। କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା, ଡିଏମ୍‌କେର ଟି.ଆର୍. ବାଲୁ ଏବଂ ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେଙ୍କ ସମେତ ବିରୋଧୀ ମେଣ୍ଟ ଇଣ୍ଡିଆର ଏମ୍‌ପିମାନେ ଛିଡ଼ାହୋଇ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ପରେ ବାଚସ୍ପତି ଏହାକୁ ଗ୍ରହଣ କରିଥିଲେ।

ଏହା ପୂର୍ବରୁ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଏମ୍‌ପି ନମ ନାଗେଶ୍ୱର ରାଓ ମଧ୍ୟ କେନ୍ଦ୍ର ମନ୍ତ୍ରୀ ପରିଷଦ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ନୋଟିସ ଦେଇଥିଲେ। ସଂଖ୍ୟାବଳକୁ ଦେଖିଲେ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇବା ଏକପ୍ରକାର ନିଶ୍ଚିତ ଥିଲେ ମଧ୍ୟ ମଣିପୁର ପ୍ରସଙ୍ଗରେ ବିତର୍କ ବେଳେ ସେମାନେ ସରକାରଙ୍କୁ ହରାଇବେ, ଯାହାକି ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ନୀରବତା ଭଙ୍ଗ ପାଇଁ ବାଧ କରିବ। କାରଣ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହା ଉପରେ ବିବୃତି ଦେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି।

ରୁଲ୍ସ ଅଫ୍ ପ୍ରସିଡ୍ୟୁର୍ ଆଣ୍ଡ୍ କଣ୍ଡକ୍ଟ ଅଫ୍ ଲୋକ ସଭାର ରୁଲ୍ ୧୯୮ ଅନୁସାରେ ଲୋକ ସଭାରେ ଯେକୌଣସି ସଦସ୍ୟ ଅନାସ୍ଥା ପ୍ରସ୍ତାବ ଆଣିପାରିବେ। ଏଥିପାଇଁ ସମ୍ପୃକ୍ତ ସଦସ୍ୟଙ୍କୁ ପୂର୍ବାହ୍ନ ୧୦ଟା ପୂର୍ବରୁ ଲିଖିତ ଭାବେ ନୋଟିସ ଦେବାକୁ ପଡ଼ିଥାଏ। ବାଚସ୍ପତି ଉକ୍ତ ନୋଟିସକୁ ଗୃହରେ ପଢ଼ି ସମସ୍ତ ସଦସ୍ୟଙ୍କୁ ଶୁଣାଇଥାନ୍ତି। ତେବେ ପ୍ରସ୍ତାବ ଆଗତ ପାଇଁ ଅନ୍ୟୁନ ୫୦ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ହୋଇଥାଏ। ବାଚସ୍ପତି ଏହାକୁ ଅନୁଧ୍ୟାନ କରିବା ପରେ ପ୍ରସ୍ତାବ ଓ ଭୋଟିଂ ପାଇଁ ଦିନ ଧାର୍ଯ୍ୟ କରିଥାନ୍ତି। ମୋଶନ ଗ୍ରହଣ ☞ପୃଷ୍ଠା-୪



ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ବୁଧବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରୁଛନ୍ତି।

# ୫-ଟିକୁ ଟୋନି ବ୍ଲେୟାରଙ୍କ ପ୍ରଶଂସା

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ବୁଧବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଉଭୟ ଓଡ଼ିଶାର ଆର୍ଥିକ ବିକାଶ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୨୦୨୩ ଜୁଲାଇ ୨୧ରେ ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ଲୋବାଲ ଚେଞ୍ଜ (ଟିବିଆଇ) ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଓଡ଼ିଶାରେ ଏକ ସମନ୍ୱିତ ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ନେଇ ଉକ୍ତ ଅନୁଷ୍ଠାନ ବିନା ମୂଲ୍ୟରେ ବିଭିନ୍ନ ନୀତି ପ୍ରସ୍ତୁତ କରିବ। ମୁଖ୍ୟମନ୍ତ୍ରୀ ଟିବିଆଇର ପ୍ରାଥମିକ ପରାମର୍ଶକୁ ପ୍ରଶଂସା କରିବା ସହ ଏହା ରାଜ୍ୟରେ ଶିଳ୍ପର ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି କହିଛନ୍ତି। ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଟୋନି ବ୍ଲେୟାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଟୋନି ବ୍ଲେୟାର ମଧ୍ୟ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ହେଉଥିବା ବିକାଶର ☞ପୃଷ୍ଠା-୪

# ଭିଭିଆଇପି ଗଛ ଲାଗି ଖର୍ଚ୍ଚ ୧୨ ଲକ୍ଷ

ଭୋପାଳ,୨୬।୭

ମଧ୍ୟପ୍ରଦେଶ ସରକାର ଦେଶର ପ୍ରଥମ ଭିଭିଆଇପି ଗଛର ଦେଖାଶୁଣା ଲାଗି ବର୍ଷକୁ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ସାଞ୍ଚି ବୁଦ୍ଧିଷ୍ଟ କମ୍ପ୍ଲେକ୍ସଠାରୁ ୫ କି.ମି. ଦୂରରେ ଅର୍ଥାତ୍ ଭୋପାଳ ଓ ବିଦିଶା ଟାଉନ୍‌ର ମଝାମଝି ଅଞ୍ଚଳରେ ଲଗାଯାଇଥିବା ଓସ୍ତ ଗଛକୁ ୨୪ ଘଣ୍ଟା କଡ଼ା ସୁରକ୍ଷା ଭିତରେ ରଖାଯାଉଛି। ପ୍ରତିଦିନ ୪ ଜଣ ସୁରକ୍ଷାକର୍ମୀ ଏହି ଭିଭିଆଇପି ଗଛକୁ ଜଗି ରହୁଛନ୍ତି। ଏହି ଗଛର ଚାରିପାଖକୁ ୧୫ ଫୁଟ୍‌ର ଲୁହା ତାର ବାଡ଼ରେ ଘେରାଯାଇଛି। ଏହାର ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ କୌଣସି ପର୍ବପର୍ବାଣିରେ ମଧ୍ୟ ଛୁଟି ମିଳୁ ନ ଥିବା ସିକ୍ୟୁରିଟି ଗାର୍ଡ ରାହୁଲ ଧାମନୋଦିଆ କହିଛନ୍ତି। ଗଛକୁ ଜଗିବା କାର୍ଯ୍ୟରେ ନିୟୋଜିତ ଗାର୍ଡଙ୍କୁ ମାସିକ ୨୬,୦୦୦ ଟଙ୍କା ଦରମା ଦିଆଯାଉଛି। ଗଛରେ ପାଣି ଦେବା ଲାଗି ସାଞ୍ଚି ମ୍ୟୁନିସିପାଲିଟି ସ୍ୱତନ୍ତ୍ର ପାଣି ଟ୍ୟାଙ୍କର୍‌ର ବ୍ୟବସ୍ଥା କରିଛି । ସେହିପରି ଗଛକୁ ରୋଗ ଦାଉରୁ ☞ପୃଷ୍ଠା-୪



# ମାଧ୍ୟମିକ ଶିକ୍ଷାରେ ଓଡ଼ିଶାର ଡ୍ରପ୍‌ଆଉଟ୍ ହାର ସର୍ବାଧିକ

ଭୁବନେଶ୍ୱର,୨୬।୭(ଅନୁରାଧା ମହାରଣା)

ମାଧ୍ୟମିକ ଶିକ୍ଷାରେ ଓଡ଼ିଶାରେ ସର୍ବାଧିକ ପିଲା ଅଧାରୁ ପାଠପଢ଼ା ଛାଡୁଛନ୍ତି। କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ରାଜ୍ୟ ସଭାରେ ଏପରି ତଥ୍ୟ ରଖିଛନ୍ତି। ଉକ୍ତ ତଥ୍ୟ ଅନୁସାରେ, ଜାତୀୟ ଡ୍ରପ୍ ଆଉଟ୍ ରେଟ୍ ବା ଜାତୀୟ ସ୍ତରରେ ଅଧାରୁ ପାଠପଢ଼ା ଛାଡୁଥିବା ପିଲାଙ୍କ ହାର ୧୨.୬ ପ୍ରତିଶତ ରହିଛି। ତେବେ ଓଡ଼ିଶାରେ ଏହି ହାର ସର୍ବାଧିକ ରହିଛି ଅର୍ଥାତ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କିଏ ଲାଭ ପାଇବ**



## ଲଦାଖରେ ପ୍ରଥମ ମହିଳା ଥାନା

ନାରୀ ସଶକ୍ତୀକରଣ ଏବଂ ମହିଳାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ ପ୍ରଥମ ମହିଳା ଥାନା ବୁଧବାର ଖୋଲାଯାଇଛି। ଲଦାଖ ଡିଜିପି ଏସ୍.ଡି. ସିଂ ଜମ୍ୱାଲ ଥାନା ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ମହିଳା ସେମାନଙ୍କ ଅଭିଯୋଗ ସ୍ୱତନ୍ତ୍ର ଭାବେ ଏଠାରେ ଦାଖଲ କରିବାର ସୁବିଧା କରାଯାଇଛି।

# ନା ପରେ ବି ମନ ମାନୁନି

ନୂଆଦିଲ୍ଲୀ,୨୬।୭

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟ ସଞ୍ଜୟ କୁମାର ମିଶ୍ରାଙ୍କ ଲଗାତର କାର୍ଯ୍ୟକାଳ ବୃଦ୍ଧିକୁ ବେଆଇନ ଦର୍ଶାଇ ଜୁଲାଇ ୩୧ରେ ପଦ ଛାଡ଼ିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଅବଧି ପୂରିବାକୁ ଆଉ ୫ ଦିନ ବାକି ଥିବାବେଳେ ସଞ୍ଜୟଙ୍କୁ ଇଡି ନିର୍ଦ୍ଦେଶକ ପଦରେ ଆସନ୍ତା ଅକ୍ଟୋବର ୧୫ ପର୍ଯ୍ୟନ୍ତ ରହିବାକୁ ଅନୁମତି ଦେବା ପାଇଁ ବୁଧବାର କେନ୍ଦ୍ର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ନିରୋଧୀ ବୈଶ୍ୱିକ ଜଗୁଆଳି ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଚଳିତ ବର୍ଷର ସମୀକ୍ଷା କରୁଛି। ସମୀକ୍ଷା ବେଳେ ସଞ୍ଜୟଙ୍କ ଅନୁପସ୍ଥିତି ଜାତୀୟ ସ୍ୱାର୍ଥକୁ ଗଭୀର ପ୍ରଭାବିତ କରିବ ବୋଲି କେନ୍ଦ୍ର ପକ୍ଷରୁ ଯୁକ୍ତି ବଢ଼ାଯାଇଛି।

କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟ ଜଷ୍ଟିସ୍ ବି.ଆର୍. ଗଭାଇ, ହିମା କୋହଲି ଏବଂ ପ୍ରଶାନ୍ତ କୁମାର ମିଶ୍ରାଙ୍କ ଖଣ୍ଡପୀଠରେ ଜୁଲାଇ ୧୧ ରାୟରେ ପରିବର୍ତ୍ତନ ଆଣିବା ପାଇଁ ଏକ ପିଟିଶନ୍ ଦାଖଲ କରିଛନ୍ତି। ଉକ୍ତ ଆବେଦନର ତ୍ୱରିତ ଶୁଣାଣି କରିବାକୁ ମେହେଟ୍ଟା ଅନୁରୋଧ କରିଛନ୍ତି। ଜଷ୍ଟିସ୍ ଗଭାଇ କହିଛନ୍ତି, ଜଷ୍ଟିସ୍ ବିକ୍ରମ ନାଥ ଏବଂ ସଞ୍ଜୟ କାରୋଲ ସାମିଲ ଥିବା ୩ ଜଣିଆ ଖଣ୍ଡପୀଠ ଜୁଲାଇ ୧୧ରେ ଏହି ରାୟ ଦେଇଥିଲେ। ଜଷ୍ଟିସ୍ ନାଥ ଏବଂ କାରୋଲ ଏବେ ପୃଥକ୍ ପୀଠରେ ଅଛନ୍ତି। ତେଣୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ଏକ ଭିନ୍ନ ଖଣ୍ଡପୀଠ ଗଠନ ପାଇଁ ରେଜେଷ୍ଟ୍ରି ଅନୁରୋଧ କରନ୍ତୁ। ମେହେଟ୍ଟା ଯୁକ୍ତି ବାଢ଼ିଥିଲେ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଜୁଲାଇ ୨୮ ସୁଦ୍ଧା ଏହାର ବିଚାର କରାଯାଉ। ଏହା ଶୁଣିବା ପରେ ଜଷ୍ଟିସ୍ ଗଭାଇ କହିଥିଲେ, ଗୁରୁବାର ଅପରାହ୍ନ ୩ଟା ୩୦ରେ ଏହା ଉପରେ ବିଚାର କରାଯିବ।

କେନ୍ଦ୍ର ସରକାରଙ୍କ ମତରେ ୧୯୮୪ ବ୍ୟାଚ୍‌ର ଜଣେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ସଞ୍ଜୟ ମିଶ୍ରା ଜଣେ ଅର୍ଥନୀତି ବିଶେଷଜ୍ଞ। ସଞ୍ଜୟ ଦିଲ୍ଲୀରେ ଆୟକର ବିଭାଗର ମୁଖ୍ୟ କମିଶନର ଥିବାବେଳେ ଅନେକ ଉଚ୍ଚସ୍ତରୀୟ ମାମଲାର ତଦନ୍ତ କରି ସଫଳତା ହାସଲ କରିଥିବା ଦର୍ଶାଇ ତାଙ୍କୁ ୨୦୧୮ ଅକ୍ଟୋବରରେ ୩ ମାସ ପାଇଁ ଇଡିର ଅନ୍ତରୀଣ ନିର୍ଦ୍ଦେଶକ ରୂପେ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ପୂର୍ଣ୍ଣକାଳୀନ ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିଲା। ୨୦୨୦ ନଭେମ୍ବରରେ ସଞ୍ଜୟ ୬୦ ବର୍ଷରେ ଉପନୀତ ହୋଇ ଅବସର ନେବାକୁ ଥିବାବେଳେ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ କେନ୍ଦ୍ର ସରକାର ଏହି ଅବଧିକୁ ଆଉ ବର୍ଷେ ବଢ଼ାଇଦେଇଥିଲେ। ସେତେବେଳେ ଏନ୍‌ଜିଓ କମନ୍ କଜ୍ ଏହି ନିଯୁକ୍ତିକୁ ଚ୍ୟାଲେଞ୍ଜ କରିଥିଲା। ତେବେ କେନ୍ଦ୍ର ସରକାର ଏହା ପୂର୍ବରୁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଆଇନ ଏବଂ ଦିଲ୍ଲୀ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ ଆକ୍ଟରେ ସଂଶୋଧନ ଆଣିଥିବାରୁ ୨୦୨୧ରେ ସୁପ୍ରିମକୋର୍ଟ ସଞ୍ଜୟଙ୍କ ନିଯୁକ୍ତି ଅବଧି ବୃଦ୍ଧିକୁ ଅନୁମତି ଦେଇଥିଲେ। ଉକ୍ତ ସଂଶୋଧନ ଫଳରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମୁଖ୍ୟ ନିଜ ୨ ବର୍ଷିଆ କାର୍ଯ୍ୟକାଳ ପୂରଣ କରିବା ପରେ ଆଉ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବା ବ୍ୟବସ୍ଥା ହୋଇଛି। ଏହି ଦୃଷ୍ଟିରୁ ସଞ୍ଜୟଙ୍କ ଅବଧି ୨୦୨୧ ନଭେମ୍ବରରେ ଶେଷ ହେବାକୁ ଥିବାବେଳେ ସରକାର ଏହାକୁ ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ପୁଣି ବଢ଼ାଇଥିଲେ। ସଞ୍ଜୟଙ୍କ ଶେଷ ବର୍ଦ୍ଧିତ ଅବଧି ୨୦୨୩ ନଭେମ୍ବର ପର୍ଯ୍ୟନ୍ତ ରହିଥିଲା। ଥରକୁ ଥର ଅବଧି ବୃଦ୍ଧି ମଧ୍ୟରେ ସଞ୍ଜୟ ଅନେକ ହାଇ-ପ୍ରୋଫାଇଲ ରାଜନେତା ବିଶେଷକରି ବିରୋଧୀ ଦଳଗୁଡ଼ିକର ନେତାଙ୍କ ବିରୋଧରେ ତଦନ୍ତ ଚଳାଇ ଚର୍ଚ୍ଚିତ ହୋଇଥିଲେ। ତେଣୁ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିରୋଧରେ ସରକାର ଇଡିକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ମଧ୍ୟ ବଢ଼ିଥିଲା। ଇତିମଧ୍ୟରେ କଂଗ୍ରେସ ନେତା ରଣଦୀପ ସୁର୍ଯ୍ୟେୱାଲା, ଜୟା ଠାକୁର ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କ ସମେତ ଆଉ କେତେଜଣ ବ୍ୟକ୍ତି ସଞ୍ଜୟଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ନାଥ ଏବଂ କାରୋଲ ସାମିଲ ଥିବା ୩ ଜଣିଆ ଖଣ୍ଡପୀଠ ଜୁଲାଇ ୧୧ ରାୟରେ କହିଥିଲେ, ସଞ୍ଜୟଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ୨୦୨୧ରେ ଦିଆଯାଇଥିବା ରାୟରେ ଥିବା ନିୟମକୁ ଉଲ୍ଲଂଘନ କରୁଛି। ତେବେ ଏଫ୍‌ଏଟିଏଫ୍ ଚଳିତ ବର୍ଷର ସମୀକ୍ଷା ଚଳାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ସହଜ ଦାୟିତ୍ୱ ହସ୍ତାନ୍ତର ପାଇଁ ସଞ୍ଜୟ ଜୁଲାଇ ୩୧ ପର୍ଯ୍ୟନ୍ତ ଇଡି ନିର୍ଦ୍ଦେଶକ ପଦରେ ରହିପାରିବେ। ଏହା ପରେ କେନ୍ଦ୍ର ସରକାର ତଦନ୍ତକାରୀ ସଂସ୍ଥାର ମୁଖ୍ୟ ଭାବେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବାକୁ ବାଧ୍ୟ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ।

### ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ୩ ଥର ବୃଦ୍ଧିକୁ ବେଆଇନ କହିଥିଲେ ସୁପ୍ରିମକୋର୍ଟ



### ଅକ୍ଟୋବର ୧୫ ପର୍ଯ୍ୟନ୍ତ ସଞ୍ଜୟ ମିଶ୍ରାଙ୍କୁ ପଦରେ ରଖିବା ପାଇଁ ନିବେଦନ କଲା କେନ୍ଦ୍ର




## ସ୍ତ୍ରୀ, ଶାଶୁ, ଶ୍ୱଶୁରଙ୍କୁ ହତ୍ୟା

ଗୁଆହାଟୀ,୨୬।୭

### ୯ ମାସର ପୁଅକୁ ଧରି ଥାନାରେ ଆତ୍ମସମର୍ପଣ କଲେ ଇଞ୍ଜିନିୟର


ସ୍ତ୍ରୀ ସଂଘମିତ୍ରା ଘୋଷଙ୍କ ସହ ନାଜିବୁର ରହମାନ।

ଆସାମ ଗୋଲାଘାଟରୁ ବୁଧବାର ଏକ ଟ୍ରିପଲ ମର୍ଡର ସାମ୍ନାକୁ ଆସିଛି। ନାଜିବୁର ରହମାନ ନାମକ ମେକାନିକାଲ ଇଞ୍ଜିନିୟର ସ୍ତ୍ରୀ ସଂଘମିତ୍ରା ଘୋଷ ଓ ଶାଶୁ, ଶ୍ୱଶୁରଙ୍କୁ ହତ୍ୟା କରିବା ପରେ ୯ ମାସର ଶିଶୁକୁ ନେଇ ଥାନାରେ ଆତ୍ମସମର୍ପଣ କରିଛନ୍ତି। ୨୦୨୦ରେ ନାଜିବୁର ଓ ସଂଘମିତ୍ରାଙ୍କ ମଧ୍ୟରେ ଫେସ୍‌ବୁକ୍ ଜରିଆରେ ବନ୍ଧୁତା ହୋଇଥିଲା। କିଛି ମାସ ଭିତରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେହିବର୍ଷ ଅକ୍ଟୋବରରେ ଦୁହେଁ କୋଲକାତା ଯାଇ ସେଠାରେ କୋର୍ଟ ମ୍ୟାରେଜ୍ କରିଥିଲେ। ବିବାହର ଗୋଟିଏ ବର୍ଷ ପରେ ସଂଘମିତ୍ରାଙ୍କ ବାପା ସଞ୍ଜୀବ ଘୋଷ ଏବଂ ମା' ଜୁନୁ ଘୋଷ ତାଙ୍କ ବିରୋଧରେ ଥାନାରେ ଚୋରି ଅଭିଯୋଗ କରିଥିଲେ, ଯେଉଁଥିରେ ସଂଘମିତ୍ରାଙ୍କୁ ପୋଲିସ ଗିରଫ ମଧ୍ୟ କରିଥିଲା। ମାମଲାରେ ଜାମିନ ପାଇ ସଂଘମିତ୍ରା ତାଙ୍କ ବାପ ଘରକୁ ଫେରିଥିଲେ। ୨୦୨୨ ଜାନୁୟାରୀରେ ସଂଘମିତ୍ରା ପୁଣିଥରେ ସ୍ୱାମୀ ନାଜିବୁରଙ୍କ ସହ ଚେନ୍ନାଇ ଫେରାର୍ ହୋଇଗଲେ। ସେଠାରେ ୫ ମାସ ରହି ଗୋଲାଘାଟ ଫେରିବା ପରେ ସଂଘମିତ୍ରା ଗର୍ଭବତୀ ଥିଲେ। ପୁଣି କୌଣସି କାରଣରୁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେବାରୁ ସଂଘମିତ୍ରା ଗତ ମାର୍ଚ୍ଚରେ ପୁଅକୁ ସାଥିରେ ନେଇ ବାପ ଘରକୁ ଆସିଥିଲେ। ସ୍ୱାମୀ ନାଜିବୁର ତାଙ୍କୁ ନିର୍ଯାତନା ଦେଉଥିବା ନେଇ ସେ ଥାନାରେ ଅଭିଯୋଗ କଲେ। ଏହାପରେ ପୋଲିସ ତାଙ୍କୁ ଗିରଫ କଲା। ଗିରଫର ୨୮ ଦିନ ପରେ ସେ ଜାମିନରେ ବାହାରିଲେ। ନାଜିବୁର ପୁଅକୁ ଦେଖିବାକୁ ଦେଉ ନ ଥିଲେ। ଏ ନେଇ ନାଜିବୁରଙ୍କ ଭାଇ ସଂଘମିତ୍ରା ଓ ତାଙ୍କ ପରିବାର ବିରୋଧରେ ଥାନାରେ ଅଭିଯୋଗ କଲେ। ସୋମବାର ଦିନ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେବା ପରେ ନାଜିବୁର ସ୍ତ୍ରୀ ସଂଘମିତ୍ରା, ଶାଶୁ ଓ ଶ୍ୱଶୁରଙ୍କୁ ହତ୍ୟା କରି ପୁଅକୁ ସାଥିରେ ନେଇ ଫେରାର୍ ହୋଇଯାଇଥିଲେ। ଏବେ ସେ ୯ ମାସର ପୁଅ ସହିତ ଆତ୍ମସମର୍ପଣ କରିଛନ୍ତି। ସିଆଇଡି ଟିମ୍ ଘଟଣାର ତଦନ୍ତ କରୁଥିବା ଆସାମ ପୋଲିସ ମୁଖ୍ୟ ଜି.ପି. ସିଂ କହିଛନ୍ତି। ଫୋରେନ୍ସିକ୍ ଟିମ୍ ଘଟଣାର ତଦନ୍ତ ଚଳାଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସଂଘମିତ୍ରାଙ୍କ ପରିବାରକୁ ଭେଟିବା ସହ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ପ୍ରଦାନର ପ୍ରତିଶ୍ରୁତି ଦେଇଛନ୍ତି।

## ୩ ହଜାର କାର୍ ନେଇଯାଉଥିବା ଜାହାଜରେ ନିଆଁ

ଆମଷ୍ଟରଡମ୍,୨୬।୭


ସମୁଦ୍ରରେ ମାଲବାହୀ ଜାହାଜରେ ନିଆଁ ଲାଗିଛି।

ଆମେଲାଣ୍ଡର ଡଚ୍ ଆଇଲାଣ୍ଡଠାରୁ ଉତ୍ତରରେ ୨୭ କି.ମି. ଦୂର ଉତ୍ତର ସମୁଦ୍ରରେ ୩,୦୦୦ କାର୍ ନେଇ ଯାଉଥିବା ଏକ ମାଲବାହୀ ଜାହାଜରେ ନିଆଁ ଲାଗିଯାଇଛି। ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ମଙ୍ଗଳବାର ରାତିରେ ଜାହାଜରେ ନିଆଁ ଲାଗିଯାଇଥିବାବେଳେ ବହୁ କ୍ରିଉ ମେମ୍ବର ଜୀବନ ରକ୍ଷା ପାଇଁ ପାଣିକୁ ଡେଇଁ ପଡ଼ିଥିଲେ। ଜାହାଜରେ ଲାଗିଥିବା ନିଆଁକୁ ଲିଭାଇବା ପାଇଁ ରେସ୍କ୍ୟୁ ଜାହାଜ ପାଣିର ବ୍ୟବହାର କରିଥିଲା। କିନ୍ତୁ ମାତ୍ରାଧିକ ପାଣି ପ୍ରୟୋଗ ଦ୍ୱାରା ଜାହାଜ ବୁଡ଼ିଯିବାର ଆଶଙ୍କା ଥିବା ଡଚ୍ କୋଷ୍ଟ ଗାର୍ଡ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିବା ପ୍ରୟାସରେ ଅଛନ୍ତି। କାର୍ ନେଇ ଯାଉଥିବା ଜାହାଜରେ କିପରି ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ।

## ମଣିପୁରରେ ୨ ବସ୍ ଜାଳିଦେଲେ

ଇମ୍ଫାଲ,୨୬।୭

### ମହିଳାଙ୍କୁ ଉଲଗ୍ନ ପରେଡ୍: ନିନ୍ଦାକଲା ଆମେରିକା


କାଙ୍ଗପୋକପିରେ ଉତ୍ତ୍ୟକ୍ତ ଲୋକେ ନିଆଁ ଲଗାଇଦେଇଥିବା ବସ୍।

ମଣିପୁରରେ ଜାତିଆଣ ହିଂସା ଥମିବାର ନାଁ ନେଉନାହିଁ। କାଙ୍ଗପୋକ୍‌ପି ଜିଲାରେ ସୁରକ୍ଷାକର୍ମୀଙ୍କ ଯାତାୟାତରେ ବ୍ୟବହାର ହେଉଥିବା ଦୁଇଟି ବସ୍‌କୁ ଉତ୍ତ୍ୟକ୍ତ ଲୋକେ ଜାଳ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବସ୍‌ଗୁଡ଼ିକ ଦିମାପୁରରୁ ସପୋରମେଇନା ଆସୁଥିବାବେଳେ କେତେଜଣ ଲୋକ ଗାଡ଼ିକୁ ଅଟକାଇଥିଲେ। ସେମାନେ ବସ୍ ଭିତରେ ଯାଞ୍ଚ କରୁଥିବାବେଳେ ଆଉ କେତେଜଣ ନିଆଁ ଲଗାଇ ଦେଇଥିଲେ। ମେଇତି ଓ କୁକି-ଜି ସମ୍ପ୍ରଦାୟ ମଧ୍ୟରେ ଲାଗି ରହିଥିବା ବିବାଦକୁ ନେଇ ରାଜ୍ୟବ୍ୟାପୀ ଦେଖାଯାଇଥିବା ହିଂସାରେ ମୋଟ ୧୬୦ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ଦୁଇ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯିବା ନେଇ ଭାଇରାଲ ଭିଡିଓ ଅତ୍ୟନ୍ତ ଭୟଙ୍କର ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ତେବେ ମେ ୪ରେ ଦୁଇ ମହିଳାଙ୍କୁ ନ୍ୟାୟ ଦେବା ଲାଗି ସରକାରଙ୍କ ପ୍ରୟାସକୁ ବାଇଡେନ୍ ସରକାର ପ୍ରଶଂସା କରିଛନ୍ତି। ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ଭିଡିଓକୁ ନେଇ ବିରୋଧୀ ଓ କେନ୍ଦ୍ର ସରକାର ମୁହାଁମୁହିଁ ହୋଇଥିବାବେଳେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ଚାଲିଛି।

**ଫୁରସତ୍**



## ସାଇଲେନ୍ସ-୨କୁ ନେଇ ମନୋଜ ଆଶାବାଦୀ

**ମୁମ୍ବାଇ:** ନିକଟରେ ଅଭିନେତା ମନୋଜ ବାଜପେୟୀଙ୍କ ଚଳଚ୍ଚିତ୍ର ସାଇଲେନ୍ସର ଦ୍ୱିତୀୟ ଭାଗର ପ୍ରତୀକ୍ଷା ଶେଷ ହୋଇଛି। ଅବନ ଦେବହଂସଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସାଇଲେନ୍ସ- ୨'ର ଶୁଟିଂ ଆରମ୍ଭ ହୋଇଛି। ଏଥିରେ ମନୋଜ ଅବିନାଶ ଭୂମିକାରେ ନଜରକୁ ଆସିବେ। ସାଇଲେନ୍ସ ପ୍ରଥମ ଭାଗରେ ମନୋଜ ଏସିପି ଅବିନାଶ ଭାବେ ଜଣେ ଉଚ୍ଚ-ପ୍ରୋଫାଇଲ ମହିଳାଙ୍କ ରହସ୍ୟମୟ ହତ୍ୟା ଘଟଣାର ଅନୁସନ୍ଧାନ କରିଥିଲେ। ଏଥିରେ ତାଙ୍କ ସହ ପ୍ରତାରଣା, ମିଥ୍ୟା ଏବଂ ଲୁକ୍କାୟିତ ସତ୍ୟ ରହିଥିଲା। ଚଳଚ୍ଚିତ୍ରରେ ସସ୍‌ପେନ୍ସ ଅଧିକ ଥିଲା। ମୁଭିରେ ମନୋଜଙ୍କ ସହ ପ୍ରାଚୀ ଦେଶାଇ ଏବଂ ଅର୍ଜୁନ ମାଥୁର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିଥିଲେ। ଏଥିସହ ସାହିଲ ବୈଦ୍, ଭାକଭର, ବରଖା ସିଂ, ଶିରିଶ ଶର୍ମା, ସୋହିଲା କପୁର, ଅମିତ ଠାକୁର ଏବଂ ଗରିମା ୟାଗନିକଙ୍କୁ ଦେଖିବାକୁ ମିଳିଥିଲା। ଫିଲ୍ମର ଦ୍ୱିତୀୟ ଭାଗ ବିଷୟରେ ମନୋଜ କହିଛନ୍ତି, ଏହାକୁ ଦର୍ଶକଙ୍କ ନିକଟକୁ ଆଣି ସେ ବହୁତ ଖୁସି ଏବଂ ଉତ୍ସାହିତ। ଏହି ଭୂମିକାରେ ଦର୍ଶକଙ୍କଠାରୁ ସେ ବେଶ୍ ଭଲ ପାଇବା ପାଇଛନ୍ତି। ଏହି ପ୍ରୋଜେକ୍ଟକୁ ନେଇ ବେଶ୍ ଆଶାବାଦୀ ରହିଥିବା ସେ କହିଛନ୍ତି। ସେ ସର୍ବଦା ଚ୍ୟାଲେଞ୍ଜଭିତ୍ତିକ ଚରିତ୍ରରେ ଅଭିନୟ କରିବାକୁ ପସନ୍ଦ କରନ୍ତି। ଏସିପି ଅବିନାଶଙ୍କ ଯାତ୍ରା ତାଙ୍କ ପାଇଁ ଏକ ସ୍ମରଣୀୟ।

## ଉଦ୍ଭିଦଭିତ୍ତିକ କ୍ଷୀରଠାରୁ ଗାଈ କ୍ଷୀରରେ ଅଧିକ ପ୍ରୋଟିନ୍

ନୂଆଦିଲ୍ଲୀ



ଅଧିକାଂଶ ଉଦ୍ଭିଦଭିତ୍ତିକ କ୍ଷୀରରେ ଗାଈ କ୍ଷୀର ଅପେକ୍ଷା କମ୍ ପରିମାଣର ପ୍ରୋଟିନ ଥାଏ। ଏଥିରେ ପ୍ରାୟ ଏକ ତୃତୀୟାଂଶ କ୍ୟାଲସିୟମ ଏବଂ ଭିଟାମିନ୍ ଡି'ର ଅଭାବ ରହିଥାଏ। ଉଦ୍ଭିଦଭିତ୍ତିକ କ୍ଷୀରରେ ମୁଖ୍ୟତଃ ୪ ମିନେରାଲ ଫସ୍‌ଫରସ୍, ମ୍ୟାଗ୍ନେସିୟମ୍, ଜିଙ୍କ୍ ଏବଂ ସେଲେନିୟମ୍‌ର ଅଭାବ ରହିଥିବା ଦର୍ଶାଯାଇଛି। ମିନେସୋଟା ୟୁନିଭର୍ସିଟି ଅଫ୍ ପବ୍ଲିକ ହେଲ୍‌ଥ ପୁଷ୍ଟିକର ସମନ୍ୱୟ କେନ୍ଦ୍ରର ସହକାରୀ ପ୍ରଫେସର ତଥା ସହଯୋଗୀ ନିର୍ଦ୍ଦେଶକ ଏବିଗେଲ୍ ଜନସନ୍ କହିଛନ୍ତି, ଅନେକ ଉଦ୍ଭିଦଭିତ୍ତିକ ଦୁଗ୍ଧ ବିକଳ୍ପ ପୁଷ୍ଟିକର ଖାଦ୍ୟ ଗାଈ ଦୁଗ୍ଧ ସହିତ ସମାନ ନୁହେଁ। ସେମାନେ ବାଦାମ୍, ଓଟ୍ସ, ଚାଉଳ ଏବଂ ସୋୟାବିନରୁ ପ୍ରସ୍ତୁତ ୨୩୭ ଦୁଗ୍ଧ ବିକଳ୍ପ ପଦାର୍ଥର ପୁଷ୍ଟିକର ସ୍ତର ବିଶ୍ଳେଷଣ କରିଛନ୍ତି, ଯାହା ବର୍ତ୍ତମାନ ଆମେରିକାରେ ଉପଲବ୍ଧ। ପରେ ପୁଷ୍ଟିକର ଡାଟାବେସ୍‌ର ସୂଚନା ବ୍ୟବହାର କରି ସେମାନେ ଏହି କ୍ଷୀରକୁ ଗାଈ କ୍ଷୀର ସହିତ ତୁଳନା କରିଥିଲେ। ଅନୁସନ୍ଧାନକାରୀମାନେ ଏହା ଜାଣିବାକୁ ପାଇଲେ ଯେ ଗାଈ କ୍ଷୀର ସହିତ ଏହି ଉଦ୍ଭିଦଭିତ୍ତିକ କ୍ଷୀର ୧୯ ପ୍ରତିଶତ ମେଳ ଖାଉଥିଲା। କ୍ଷୀର ଯାହା ମାଂସପେଶୀ ବୃଦ୍ଧି, ଶକ୍ତି ଏବଂ ହଜମ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ୨୪୦ ମିଲିଲିଟର ଉଦ୍ଭିଦଭିତ୍ତିକ କ୍ଷୀରରେ ପ୍ରୋଟିନର ମାତ୍ରା ୨ ଗ୍ରାମ ରହୁଥିବାବେଳେ ଗାଈ କ୍ଷୀରରେ ୮ ଗ୍ରାମ ରହିଥାଏ। ଏହି ଅନୁସନ୍ଧାନକୁ ଆଧାରରେ ରଖି ଗ୍ରାହକମାନେ ଉଦ୍ଭିଦଭିତ୍ତିକ ଦୁଗ୍ଧ ବିକଳ୍ପ ପଦାର୍ଥ ଖୋଜିବା ଉଚିତ, ଯାହା କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି' ଉତ୍ପାଦ ତାଲିକାରେ ଥିବ। ତେବେ ବର୍ତ୍ତମାନ ବଜାରରେ ମିଳୁଥିବା ଉଦ୍ଭିଦଭିତ୍ତିକ ଦୁଗ୍ଧ ପ୍ରତି ସାବଧାନତା ଅବଲମ୍ବନ କରିବା ଉଚିତ, ଯେଉଁଥିରେ ଗାଈ କ୍ଷୀର ଭଳି ଭିଟାମିନ ନାହିଁ।

## ସବୁଠୁ ଡେଙ୍ଗା ବ୍ୟକ୍ତି



**ହଙ୍ଗେରୀ:** ଦୁନିଆରେ ଦୁଇ ପ୍ରକାରର ମଣିଷ ଅଛନ୍ତି। କିଛି ଲୋକ ବହୁତ ଲମ୍ବା ଆଉ କିଛି ଲୋକ ବହୁତ ଛୋଟ। ରିପୋର୍ଟ ମୁତାବକ, ୪ ଫୁଟ ଉଚ୍ଚତା ବିଶିଷ୍ଟ ଜଣେ ବ୍ୟକ୍ତିଙ୍କ ଉଚ୍ଚତା ବଢ଼ି ପରେ ୮ ଫୁଟରେ ପହଞ୍ଚିଛନ୍ତି। ଫଳରେ ସେ ସବୁଠୁ ଡେଙ୍ଗା ବ୍ୟକ୍ତି ଭାବେ ବିବେଚିତ ହୋଇଛନ୍ତି। ୧୮୯୯ ମସିହାରେ ଅଷ୍ଟ୍ରିଆର ବାସିନ୍ଦା ଆଡାମ ରାଇନରଙ୍କ ଉଚ୍ଚତା ସାଢ଼େ ୪ ଫୁଟ ଥିଲା। ପରେ ତାଙ୍କ ଉଚ୍ଚତା ବଢ଼ି ୫୦ ବର୍ଷ ବୟସ ବେଳକୁ ତାଙ୍କର ଉଚ୍ଚତା ୮ ଫୁଟ ହୋଇଗଲା। ତାଙ୍କର ପିଟୁଇଟାରି ଗ୍ରନ୍ଥିରେ ଏକ ଟ୍ୟୁମର ହୋଇଥିଲା, ଯାହା ଫଳରେ ତାଙ୍କ ହାତ ଗୋଡ଼ ହଠାତ୍ ଲମ୍ବା ହୋଇଗଲା। ୧୯୩୧ରେ ତାଙ୍କ ଟ୍ୟୁମର କଢା ଯାଇଥିଲା। ହେଲେ ମଧ୍ୟ ତାଙ୍କ ଉଚ୍ଚତା ବଢ଼ିବା ବନ୍ଦ ହୋଇ ନ ଥିଲା। ୫୧ ବର୍ଷ ବୟସରେ ତାଙ୍କ ଦେହାନ୍ତ ହୋଇଥିଲା।

## ସାଙ୍ଗଙ୍କ ସହ ବିଦେଶ ବୁଲିବାକୁ ବିମାନ ବୁକ୍

ୱାଶିଂଟନ



ଭ୍ରମଣ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ। ହେଲେ ଜଣେ ୧୬ ବର୍ଷୀୟ ଯୁବକ ତାଙ୍କ ସାଙ୍ଗଙ୍କ ସହିତ ବୁଲିବା ପାଇଁ ନିକଟରେ ଏକ ବିମାନ ବୁକ୍ କରିଥିବା ଜଣାପଡ଼ିଛି। ସେ ଏକ କମର୍ସିଆଲ ବିମାନ ବୁକ୍ କରି ସାଙ୍ଗଙ୍କ ସହ ବିଦେଶ ବୁଲି ଆସିଥିବା ନେଇ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଯୁବକ ଜଣଙ୍କ ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଯେଉଁଥିରେ ସେ ବିମାନରେ କିଛି ଲୋକଙ୍କ ସହ ନଜରକୁ ଆସିଛନ୍ତି। ରିପୋର୍ଟ ମୁତାବକ, ୧୬ ବର୍ଷୀୟ ଡୋନାଲ୍ଡ ପେସାରେ ଜଣେ ୟୁଟ୍ୟୁବର। ଲସ୍ ଏଞ୍ଜେଲସ୍‌ର ବାସିନ୍ଦା ବାହାମାସ ଯିବାକୁ ଏକ କମର୍ସିଆଲ ବିମାନକୁ ଭଡ଼ାରେ ନେଇଥିଲେ। ତାଙ୍କ ସହ ବିମାନରେ ଆଉ ୨ ସାଙ୍ଗ ମଧ୍ୟ ଉପସ୍ଥିତ ଥିଲେ। ସେମାନଙ୍କ ଛଡ଼ା ସେଠାରେ ଆଉ କୌଣସି ଯାତ୍ରୀ ନ ଥିଲେ। ଭିଡିଓ କ୍ୟାପ୍ସନରେ ଲେଖିଛନ୍ତି, ସେ ସାଙ୍ଗଙ୍କ ସହ ବାହାମାସ ଯିବାକୁ ଗୋଟିଏ ଦିନ ବିମାନ ଭଡ଼ାରେ ନେଇଥିଲେ। ତାଙ୍କ ଯାତ୍ରା ସୁଖମୟ ଥିଲା। ଡୋନାଲ୍ଡଙ୍କ ଏପରି ଭିଡିଓରେ ଲୋକଙ୍କ ଅନେକ କମେଣ୍ଟ ଦେଖିବାକୁ ମିଳିଛି। ତେବେ ଡୋନାଲ୍ଡ କହିଛନ୍ତି, ସେ ଚଳିତବର୍ଷ ସ୍ୱିଜରଲାଣ୍ଡ, କୋଷ୍ଟାରିକା, ଇଟାଲି ଏବଂ ଫ୍ରାନ୍ସ ବୁଲି ସାରିଛନ୍ତି। ଆଗକୁ ସେ ଏପରି ଦୂର ସ୍ଥାନକୁ ବୁଲିବାକୁ ଯିବା ଲାଗି ଇଚ୍ଛା ରଖିଛନ୍ତି।

## ୮.୨୪ କୋଟିରେ ବିକ୍ରିହେଲା ରାପର ଟୁପାକଙ୍କ ମୁଦି

ନ୍ୟୁୟର୍କ


ଏହା ଏକ ନିଆରା କଳାକୃତି, ଯାହା ହିପ୍ ଅପ୍ ଉପରେ ପ୍ରଭାବ ବିସ୍ତାର କରେ।

ରାପର ଟୁପାକ ଶକୁରଙ୍କ ସୁନା, ହୀରା ଖଚିତ ଏକ ମୁକୁଟ ବିଶିଷ୍ଟ ମୁଦି ସୋମବାର ୧ ମିଲିୟନ୍ ଡଲାର ଅର୍ଥାତ୍ ୮.୨୪ କୋଟିରେ ବିକ୍ରି ହୋଇଛି। ଟୁପାକ ୧୯୯୬ରେ ଏମ୍‌ଟିଭି ମ୍ୟୁଜିକ୍ ଆୱାର୍ଡରେ ଲୋକଙ୍କ ନଜରକୁ ଆସିଥିଲେ। ମୁଦିଟି ୩୦୦ ହଜାର ଡଲାରରେ ବିକ୍ରି ହେବ ବୋଲି ଅନୁମାନ କରାଯାଇଥିବାବେଳେ ଏହା ମିଲିୟନ୍‌ରେ ବିକ୍ରି ହୋଇ ରେକର୍ଡ ସୃଷ୍ଟି କରିଛି। ଏହା ଏକପ୍ରକାର କଷ୍ଟମ ମୁଦି ପାକ୍ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ଏହି ମୁଦି 'ପାକ୍ ଆଣ୍ଡ ଦାଦା ୧୯୯୬' ବ୍ରାଣ୍ଡରେ ଖୋଦିତ ହୋଇଛି। ଯାହା କ୍ୱିନ୍ସି ଜୋନ୍ସ ଏବଂ ପେଗି ଲିପ୍‌ଟନଙ୍କ ଝିଅ କିଦାଦା ଜୋନ୍ସଙ୍କ ସମ୍ପର୍କକୁ ଦର୍ଶାଉଛି। ମୁଦିର ଏହି ଡିଜାଇନ ୟୁରୋପର ମଧ୍ୟଯୁଗୀୟ ରାଜାଙ୍କ ମୁକୁଟ ଏବଂ ନିକ୍କୋଲୋ ମାକିଆଭେଲ୍ଲିଙ୍କ ରାଜନୈତିକ ପୁସ୍ତକ ଦି ପ୍ରିନ୍ସ ଦ୍ୱାରା ଅନୁପ୍ରାଣିତ ହୋଇଥିଲା। ଏହା ପ୍ରଥମ ଥର ନୁହେଁ କି ପାକ୍‌ର ଜିନିଷ ବିକ୍ରି ହେଉଛି। ପୂର୍ବରୁ ୨୦୧୮ରେ ଜେଲ୍‌ରେ ମାଡୋନାଙ୍କୁ ଲେଖାଯାଇଥିବା ଏକ ଚିଠି ଗୋଟା ହେବ ରକ୍ ଏବଂ ରୋଲ ଆକ୍ସନ ହାଉସ୍ ଦ୍ୱାରା ବିକ୍ରି କରାଯାଇଥିଲା।




# ପ୍ରବଳ ବର୍ଷା: ମାଲକାନଗିରି ଜଳବନ୍ଦୀ

## ବିଭିନ୍ନ ପୋଲ ଉପରେ ୩ ଫୁଟ ଜଳ, ଜଣେ ମୃତ

ମାଲକାନଗିରି,୨୬।୭ (ଦୁର୍ଯ୍ୟୋଧନ ପାତ୍ର)/ ପୋଟେରୁ(ସୌରଭ ମଣ୍ଡଳ)/କାଲିମେଳା/ ଜୀବନ ଦାସ/କୁଡୁମୁଲୁଗୁମ୍ମା, (ସୁଜିତ ପଟ୍ଟନାୟକ)/ବାଲିମେଳା (ଶିବଦତ୍ତ ସାହୁ)



କାଙ୍ଗୁରୁକୋଣ୍ଡା ପୋଲ ଉପରେ ବର୍ଷା ଜଳ।

କମାଲକାନଗିରି ଜିଲାରେ ମଙ୍ଗଳବାରଠାରୁ ପୁଣି ପ୍ରବଳ ବର୍ଷା ଆରମ୍ଭ ହୋଇଛି। ଫଳରେ ଜିଲାରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ପ୍ରବଳ ବର୍ଷା ଯୋଗୁ ୩୨୬ ନମ୍ବର ଜାତୀୟ ରାଜପଥ କାଙ୍ଗୁରୁକୋଣ୍ଡା, ଏମ୍‌ଭି ୯୬ ପୋଲ ଉପରେ ୩ ଫୁଟ ଉଚ୍ଚରେ ପାଣି ଚାଲିଛି। ଫଳରେ ମୋଟୁ କାଲିମେଳା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼କୁ ଯୋଗାଯୋଗ ବିଚ୍ଛିନ୍ନ ସହ ଜିଲା ଏକ ପ୍ରକାର ଜଳବନ୍ଦୀ ହୋଇଛି।

ଏଥିଯୋଗୁ ବିଭିନ୍ନ ନଦୀ ନାଳରେ ପ୍ରବଳ ପାଣି ହେବାରୁ ଖଇରପୁଟ ବ୍ଲକ ମୁଦୁଲିଗୁଡ଼ା ଗ୍ରାମରେ ଜଣେ ଯୁବକଙ୍କର ନାଳରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ମୁଦୁଲିଗୁଡ଼ା ଗ୍ରାମର ଘେନୁ ଚାଲାଣ (୪୨)। ମଙ୍ଗଳବାର ସେ ଜମିକୁ ଚାଷ କରିବାକୁ ଯାଇଥିଲେ। ସନ୍ଧ୍ୟାରେ କାମ ସାରି ଘରକୁ ଫେରୁଥିବା ସମୟରେ ଲଗାଣ ବର୍ଷା ଯୋଗୁ ଘେନୁ ଆସୁଥିବା ବାଟରେ ଗୋଟିଏ ନାଳରେ ପାଣି ଭର୍ତ୍ତି ହୋଇଥିଲା। ସେହି ନାଳକୁ ଡେଇଁବାକୁ ଚେଷ୍ଟା କରିବା ସମୟରେ ଗୋଡ଼ ଖସିଯିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

ସେହିପରି ପ୍ରବଳ ପାଣି ଯୋଗୁ ପୋଲର ଉଭୟ ପାର୍ଶ୍ୱରେ ଅନେକ ଗାଡି ମୋଟର ଅଟକି ରହିଛି। କାଲିମେଳା ବ୍ଲକ ସହ ପଡିଆ ବ୍ଲକ୍‌କୁ ସଂଯୋଗ କରୁଥିବା ଉଣ୍ଡୁକୋଣ୍ଡା କନ୍ୟାଶ୍ରମ ପୋଲ ଉପରେ ମଧ ୩ ଫୁଟ ଉଚ୍ଚର ପାଣି ଲହଡି ମାରୁଛି। ଫଳରେ କାଲିମେଳା ବ୍ଲକ ସହ ପଡିଆ ବ୍ଲକ କନ୍ୟାଶ୍ରମ, ଉଣ୍ଡୁରୁକୋଣ୍ଡା, ଗଠନପାଲ୍ଲୀ, ଏମ୍‌ଭି ୫୮, ବାପନପାଲ୍ଲୀ ସହ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ପୋଟେରୁ ଏମ୍‌ଭି ୩୭ ପୋଲକୁ ମଧ ପାଣି ଲାଗି ଗଲାଣି। ପାଣିରେ ବୁଡ଼ିଥିବା ପୋଲ ନିକଟରେ ପୋଲିସ ପହରା ଦେଇ କୌଣସି ଗାଡି ମୋଟର ନ ଯିବା ପାଇଁ ଦୃଷ୍ଟି ରଖିଛି।

ମାଲକାନଗିରି ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୩୫୪.୮ ମି.ମି. ବର୍ଷା ହୋଇଥିବା ବେଳେ ହାରାହାରି ୫୦.୬୯ ମି.ମି. ହୋଇଛି। ମାଲକାନଗିରି ବ୍ଲକରେ ୮୦.୪ ମି.ମି., ମାଥିଲିରେ ୧୮.୦ ମି.ମି. , ଖଇରପୁଟରେ ୩୦.୦ ମି.ମି., ଚିତ୍ରକୋଣ୍ଡାରେ ୫୫.୦ ମି.ମି., କୋରୁକୋଣ୍ଡାରେ ୪୭.୦ ମି.ମି., କାଲିମେଳାରେ ୮୦.୦ ମି.ମି. ଓ ପଡିଆରେ ୪୪.୦ ମି.ମି. ବର୍ଷା ହୋଇଥିବା ଜିଲା ଜରୁରିକାଳୀନ ବିଭାଗ ସୂତ୍ରରୁ ଜଣାପଡିଛି।

# ରାଜ୍ୟ ସରକାରଙ୍କୁ ୫ କୋଟି ଟଙ୍କାର ଲାଭାଂଶ ଦେଲା କ୍ଷୁଦ୍ରଶିଳ୍ପ ନିଗମ

ଭୁବନେଶ୍ୱର,୨୬।୭(ଅନିଲ ଦାସ): ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ୫ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରାଯାଇଛି। ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, କ୍ଷୁଦ୍ର ଶିଳ୍ପ ନିଗମର ଅଧକ୍ଷ ଚିନ୍ମୟ ସାହୁ, ପରିଚାଳନା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ ତିନି ବର୍ଷର ଲାଭାଂଶ ବାବଦରେ ୫ କୋଟି ୨ ଲକ୍ଷ ୬୬ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଏକ ରୌପ୍ୟ ବର୍ଗର ରାଜ୍ୟ ସରକାରଙ୍କ ଉଦ୍ୟୋଗ, ଯାହାକି କ୍ଷୁଦ୍ରଶିଳ୍ପର ପ୍ରତିଷ୍ଠା, ପ୍ରଚାର ଏବଂ ପ୍ରସାର ନିମନ୍ତେ ଅଙ୍ଗୀକାରବଦ୍ଧ। ସରକାରଙ୍କ ନିମନ୍ତେ ବିଭିନ୍ନ ସାମଗ୍ରୀର କ୍ରୟ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏତଦବ୍ୟତୀତ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ବିଦ୍ୟୁତୀକରଣ ତଥା ନିର୍ମାଣ କାର୍ଯ୍ୟରେ ନିଜର ଅବଦାନ ମଧ ଦେଇ ଆସୁଛି। ଏହାଛଡା ସାମାଜିକ ଦାୟିତ୍ୱ ପାଣ୍ଠିର ସୁବିନିଯୋଗରେ ସ୍କୁଲ ନିର୍ମାଣ, ପଶୁଧନ କେନ୍ଦ୍ର ନିର୍ମାଣ, ସ୍କୁଲ ଉପକରଣ କ୍ରୟ, ଜଳ ବିଶୋଧନ ଉପକରଣ, କମ୍ପ୍ୟୁଟର କ୍ରୟ, ଫ୍ରିଜ୍ ତଥା ବିଭିନ୍ନ ଉପକରଣ କ୍ରୟ, ମୋ ସ୍କୁଲ ଅଭିଯାନ ତଥା ବିଭିନ୍ନ କଲ୍ୟାଣ ଓ ବିକାଶ କାର୍ଯ୍ୟକ୍ରମ ମଧ ନିଗମ ପକ୍ଷରୁ କରାଯାଉଛି।

# ଲକ୍ଷାଧିକ ଟଙ୍କା ହରାଇ ଆତ୍ମହତ୍ୟା କଲେ ଛାତ୍ର

## ଅନ୍‌ଲାଇନ ଗେମ୍ ନେଲା ଜୀବନ

ସୋର, ୨୬।୭(ଜନ୍ମେଜୟ ମିଶ୍ର)

ଅନଲାଇନରେ ଗେମ୍ ଖେଳି ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହରାଇବା ପରେ ବାଲେଶ୍ୱର ସୋର ଥାନା ଅଞ୍ଚଳର ଜଣେ ଯୁବକ ବୁଧବାର ଆତ୍ମହତ୍ୟା ଭଳି ଚରମ ପନ୍ଥା ଆପଣାଇଛନ୍ତି। ସେ ହେଲେ ଗୁଡ଼ ପଞ୍ଚାୟତ ଗୁଡ଼ ଗ୍ରାମର ୧୯ ବର୍ଷୀୟ ଉଦୟ କୁମାର ବେହେରା।

ଉଦୟ ବାସୁଦେବପୁର ଏବି କଲେଜରେ ସ୍ନାତକ ଶ୍ରେଣୀର ଦ୍ୱିତୀୟ ବର୍ଷ ଛାତ୍ର ଥିଲେ। ସେଠାରେ ହଷ୍ଟେଲରେ ରହୁଥିଲେ। ଦୁଇଦିନ ହେଲା ସେ ଘରକୁ ଆସିଥିଲେ। ଘରେ ରହିବା ସମୟରେ ସେ ଅନଲାଇନ ଗେମ୍ ଖେଳୁଥିଲେ। ଯାହାକୁ ତାଙ୍କ ମା’ ଅନେକ ଥର ବାରଣ କରିଥିଲେ। ଉଦୟ ଗେମ୍ ଖେଳିବା ବେଳେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହରାଇଥିବାରୁ ଅନେକ ସମୟରେ ମାନସିକ ଚାପରେ ରହୁଥିଲେ। ମଙ୍ଗଳବାର ରାତିରେ ସେ ଖାଇପିଇ ଶୋଇବାକୁ ଯାଇଥିଲେ। ହେଲେ ବୁଧବାର ସକାଳେ ଉଦୟ ଶୋଇବା ଘର ଫ୍ୟାନରେ ବେକରେ ଗାମୁଛା ଲଗାଇ ଝୁଲୁଥିବା ତାଙ୍କ ମା’ ସକାଳୁ ଦେଖିବାକୁ ପାଇଥିଲେ। ପରେ ଗ୍ରାମବାସୀ ଓ ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ତ୍ରୁଟିନି ବିବାଦ: ହୋଇପାରିଲାନି ବନକଲାଗି

ପୁରୀ, ୨୬।୭(ଅଜିତ କୁମାର ମହାନ୍ତି)

ମହାପ୍ରଭୁଙ୍କ ବନକଲାଗି ନୀତି ନେଇ ବିବାଦ ତେଜିବାରେ ଲାଗିଛି। ଫଳରେ ନୀଳାଦ୍ରିବିଜେ ପରଠାରୁ ବନକଲାଗି ନୀତି ସମ୍ପନ୍ନ ହୋଇପାରିନାହିଁ। ବୁଧବାର ବନକଲାଗି ନୀତି ସମ୍ପାଦନ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦତ୍ତମହାପାତ୍ର ସେବକମାନଙ୍କୁ କୁହାଯାଇଥିଲା। ମାତ୍ର ସେମାନେ ପ୍ରସ୍ତୁତ ନ ଥିବା ଦର୍ଶାଇ ଏହି ନୀତି ସମ୍ପାଦନ କରିନାହାନ୍ତି। ସେହିପରି ସେମାନେ ଗୁରୁବାର ବନକଲାଗି କରିବା ଜିଦ୍‌ରେ ଅଟଳ ରହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ମଧ ନିଜ ଜିଦ୍‌ରେ ଅଡ଼ିବସିଛି। ଉଭୟ ପକ୍ଷ ମଧ୍ୟରେ ଏଭଳି ଟଣାଓଟରା ଚାଲିଥିବାବେଳେ ବନକଲାଗି ବିନା ମହାପ୍ରଭୁଙ୍କ ଶ୍ରୀମୁଖ ମଳିନ ପଡ଼ିବାରେ ଲାଗିଲାଣି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

# ଭିଜିଲାନ୍ସ ଜାଲରେ କିଆକଟା ଏଏସ୍‌ଆଇ

## ବୁଣାକାରଙ୍କଠାରୁ ଲାଞ୍ଚ ନେଉଥିଲେ

ବୌଦ୍ଧ/ମାଧପୁର/ବଇଣ୍ଡା, ୨୬।୭ (ଅଜିତ୍ ବାରିକ/ମନୋଜ ପ୍ରଧାନ/ପରିକ୍ଷିତ ସାହୁ)

ଏକ ବ୍ୟବସାୟିକ ବିବାଦ ମାମଲା ରଫାଦଫା କରିବା ଲାଗି ଜଣେ ବୁଣାକାରଙ୍କଠାରୁ ୮,୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ଜାଲରେ ପଡ଼ିଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ କିଆକଟା ଥାନାର ଏଏସ୍‌ଆଇ ନବୀନ କୁମାର ଶତପଥୀ। ବୌଦ୍ଧ ବସ୍‌ଷ୍ଟାଣ୍ଡରୁ ବୁଧବାର ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଛନ୍ତି। ତାଙ୍କ ନିକଟରୁ କେମିକାଲ ବୋଳା ଟଙ୍କା ଜବତ କରାଯାଇଛି। ଘଟଣା ପରେ ବୌଦ୍ଧ ବୁଟୁପାଲିସ୍ଥିତ ନବୀନଙ୍କ ବାସଗୃହ ଏବଂ କିଆକଟା ଥାନାରେ ଚଢ଼ାଉ କରାଯାଇଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ନଂ.୧୨/୨୩ରେ ଏକ ମାମଲା ରୁଜୁ ହୋଇଛି।

ଘଟଣାରୁ ଜଣାପଡ଼ିଛି, କିଆକଟା ଥାନା ବେଲାଦୁଲା ଗ୍ରାମର ପଞ୍ଚାନନ ମେହେର ଜଣେ ବୁଣାକାର। ସେ ସୁବର୍ଣ୍ଣପୁର ଜିଲାର ଜଣେ ବ୍ୟବସାୟୀଙ୍କଠାରୁ ସୂତା ଆଣୁଥିଲେ। ଲୁଗା ବୁଣି ସାରିବା ପରେ ତାଙ୍କୁ ଦେଉଥିଲେ। ତେବେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ବ୍ୟବସାୟୀ ତାଙ୍କୁ ଗୁଣ୍ଡା ଲଗାଇ ଆକ୍ରମଣ କରିବା ସହ ଧମକଚମକ ଦେଉଥିଲେ।



ଅଭିଯୁକ୍ତ ଏଏସ୍‌ଆଇ ନବୀନ କୁମାର ଶତପଥୀ

ଏ ନେଇ ପଞ୍ଚାନନ କିଆକଟା ଥାନାର ଫେରାଦ ହୋଇଥିଲେ। ହେଲେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଏ ସମ୍ପର୍କରେ ସୂଚନା ପାଇବା ପରେ ସମ୍ପୃକ୍ତ ବ୍ୟବସାୟୀ ଗୁଣ୍ଡା ଲଗାଇ ଆକ୍ରୋଶମୂଳକ ଭାବେ ପୁନର୍ବାର ପଞ୍ଚାନନଙ୍କ ଘରେ ପଶି ଆକ୍ରମଣ କରିଥିଲେ। ସ୍ଥାନୀୟ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଗତ ଗୁରୁବାର ପଞ୍ଚାନନ ସପରିବାର ଅନୁଗୋଳ ଏସ୍‌ପିଙ୍କ ଫେରାଦ ହୋଇଥିଲେ। ଇତିମଧ୍ୟରେ ମାମଲା ରଫାଦଫା କରିବା ଲାଗି କିଆକଟା ଥାନା ଏଏସ୍‌ଆଇ ନବୀନ ଶତପଥୀ ୧୫ ହଜାର ଟଙ୍କା ଦାବି କରିଥିବାବେଳେ ୧୦ ହଜାର ଟଙ୍କାରେ କଥା ଛିଡ଼ିଥିଲା। ପ୍ରଥମ ପର୍ଯ୍ୟାୟରେ ଏଏସ୍‌ଆଇଙ୍କୁ ପଞ୍ଚାନନ ୨ ହଜାର ଟଙ୍କା ଦେଇଥିଲେ। ତେବେ ଲାଞ୍ଚଖୋର ପୋଲିସ ଅଧିକାରୀଙ୍କୁ ପାନେ ଦେବା ପାଇଁ ସେ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ବୌଦ୍ଧ ବସ୍‌ଷ୍ଟାଣ୍ଡରେ ଅବଶିଷ୍ଟ ୮ ହଜାର ଟଙ୍କା ନେବାବେଳେ ପୂର୍ବ ଯୋଜନା ଅନୁଯାୟୀ ଭିଜିଲାନ୍ସ ଟିମ୍ ଅଭିଯୁକ୍ତ ଏଏସ୍‌ଆଇଙ୍କୁ ମାଡ଼ି ବସିଥିଲା।

# ମେଟା ଗ୍ଲୋବାଲ ଆଫେୟାର୍ସ ସଭାପତିଙ୍କୁ ଭେଟିଲେ ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)

ଫେସ୍‌ବୁକ, ହ୍ୱାଟ୍ସଆପ୍ ଏବଂ ଇନ୍‌ଷ୍ଟାଗ୍ରାମକୁ ସଞ୍ଚାଳିତ କରୁଥିବା ମେଟା ଗ୍ଲୋବାଲ ଆଫେୟାର୍ସର ସଭାପତି ନିକ୍ କ୍ଲେଗ୍ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି। ଭାରତର ଦକ୍ଷତା ବିକାଶ ଏବଂ ଉଦ୍ୟମିତା କ୍ଷେତ୍ରରେ ମେଟା ଟେକ୍ନୋଲୋଜିକୁ କିପରି ବ୍ୟବହାର କରାଯାଇପାରିବ ସେନେଇ କେନ୍ଦ୍ରମନ୍ତ୍ରୀ ଏହି ବୈଠକରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଜାତୀୟ ଶିକ୍ଷାନୀତି ଟେକ୍ନୋଲୋଜି ଆଧାରିତ ଶିକ୍ଷାକୁ ପ୍ରୋତ୍ସାହନ ଦେଉଛି। ଷ୍ଟାର୍ଟଅପ୍‌ରେ ନିୟୋଜିତ ଥିବା ଯୁବ ଉଦ୍ୟୋଗୀମାନେ କିପରି ସେମାନଙ୍କ ବ୍ୟବସାୟକୁ ଟେକ୍ନୋଲୋଜି ମାଧ୍ୟମରେ ବଢ଼ାଇପାରିବେ ସେନେଇ ଅବଗତ କରାଇଛନ୍ତି। ସେହିପରି ଟେକ୍ନୋଲୋଜି ଇନୋଭେସନ, ଉଦ୍ୟମିତା କ୍ଷେତ୍ରକୁ ଉପଯୋଗ କରିବା ଉପରେ ଚର୍ଚ୍ଚା ସହ ଡିଜିଟାଲ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆ ମିଶନ ସଶକ୍ତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ମେଟାକୁ ନିମନ୍ତ୍ରଣ କରିଥିଲେ। ନିକ୍ କ୍ଲେଗ୍‌ଙ୍କୁ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ପ୍ରଦାନ କରିବା ସମୟରେ କେନ୍ଦ୍ରମନ୍ତ୍ରୀ ଓଡ଼ିଶାର ପ୍ରତିଭାସମ୍ପନ୍ନ ବ୍ୟକ୍ତି ଓ କଳାକାରଙ୍କ ସମେତ ରାଜ୍ୟର କଳା, ସଂସ୍କୃତି, ପରମ୍ପରା ଉପରେ ଚର୍ଚ୍ଚା କରିଛନ୍ତି। ଦେଶ ସମେତ ଓଡ଼ିଶା ଭଳି ରାଜ୍ୟରେ ମେଟା ଟେକ୍ନୋଲୋଜି କିଭଳି ଯୁବ ପ୍ରତିଭାଙ୍କୁ ଅଧିକ ଦକ୍ଷ କରିବା ସହ ସ୍କିଲ୍ କ୍ଷେତ୍ରକୁ ମଜଭୁତ କରିବ, ତାହା ଉପରେ କାମ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ଦୁର୍ଘଟଣା ପରେ ଜଳିଗଲା ଟ୍ରକ୍: ଚାଳକ ଜୀବନ୍ତ ଦଗ୍ଧ



ନିଆଁଲାଗି ମିନିଟ୍ରକ୍ ଜଳୁଛି।

ଜମନକିରା/ପଡିଆବାହାଲ,୨୬।୭ (ରବୀନ୍ଦ୍ର ପ୍ରସାଦ ଦାନି/ରାଧାମୋହନ ଷଡ଼ଙ୍ଗୀ)

୫୩ନଂ. ଜାତୀୟ ରାଜପଥର ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ବଡ଼କୁଣ୍ଢେଇସରା ପେଟ୍ରୋଲ ପମ୍ପ ବୁଲାଣିରେ ବୁଧବାର ସଡ଼କ ଦୁର୍ଘଟଣା ପରେ ଏକ ମିନିଟ୍ରକ୍‌ରେ ନିଆଁ ଲାଗିଯାଇଥିଲା। ଫଳରେ ଗାଡି ଭିତରେ ଥିବା ଚାଳକ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ହେଲ୍‌ପର ଗୁରୁତର ହୋଇଛନ୍ତି। ମୃତକ ହେଲେ ଉତ୍ତରପ୍ରଦେଶ ରାଜ୍ୟ କାନପୁର ଜିଲା ବୀରସିଂହପୁର ଗ୍ରାମର ଶିବ କୁମାରଙ୍କ ପୁଅ ରାମଜୀ କୁମାର (୩୪)। ଗୁରୁତର ହେଲ୍‌ପର କାନପୁର ଅଞ୍ଚଳର ଏଡିଶନ ପାଲ (୩୮)ଙ୍କୁ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ ସକାଳ ପ୍ରାୟ ସାଢ଼େ ୫ଟା ସମୟରେ ଜମନକିରା ପଟୁ ଏକ କୋଇଲା ବୋଝେଇ ଟ୍ରକ୍ (ନଂ.ଓଡି୩୫ଏଫ-୯୭୨୩) ସମ୍ବଲପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ପାନମସଲା ବୋଝେଇ କରି ଲହୁଣିପଡ଼ା ଯାଉଥିବା ମିନି ଟ୍ରକ୍ (ନଂ.ଓଡି୧୫ଟି-୩୦୭୯) ସହ ବଡ଼କୁଣ୍ଢେଇସରାଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମିନିଟ୍ରକ୍‌ରେ ନିଆଁ ଲାଗିଯିବାରୁ ଏଥିରେ ଫସି ରହିଥିବା ଚାଳକ ରାମଜୀ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଗୌଡ଼ପାଲି ପୋଲିସ ଗୁରୁତର ଥିବା ହେଲ୍‌ପର ଏଡିଶନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ପଠାଇ ଦିଆଯାଇଛି। ଦୁର୍ଘଟଣା ପରେ କୋଇଲା ବୋଝେଇ ଟ୍ରକ୍ ଚାଳକ ଓ ହେଲ୍‌ପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ସମ୍ବଲପୁର ଓ ଜମନକିରା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜମନକିରା ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।



**ଆଜିର ମନ୍ତବ୍ୟ**

ମୋ ତୃତୀୟ ପାଳିରେ ଭାରତର ଅଭିବୃଦ୍ଧି ଆହୁରି ଦ୍ରୁତ ହେବା ସହ ଦେଶ ବିଶ୍ୱର ତୃତୀୟ ଶୀର୍ଷ ଅର୍ଥନୀତି ମଧ୍ୟରେ ସ୍ଥାନିତ ହେବ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ କଥାରେ ଜୋଇଁ ଚାଲିଲେ**
**ମାଆର ଆନନ୍ଦ ଦେଖେ କିଏ**
**ବୋହୂ କଥାରେ ପୁଅ ଚାଲିଲେ**
**ମାଆର ମନ ବିଦାରି ହୁଏ।**

ଯେମିତି ଝିଅ କଥାରେ ଜୋଇଁ ଚାଲିଲେ ଝିଅର ମା' ମନରେ ଖୁସି ଜାତ ହୁଏ, ସେମିତି ବୋହୂ କଥାରେ ପୁଅ ଚାଲିଲେ ପୁଅର ମା' ମନରେ ଦୁଃଖ ଜାତ ହୁଏ। ଏହା ହିଁ ପାରିବାରିକ ସମ୍ପର୍କର ଅପ୍ରିୟ ସତ୍ୟ କଥା ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଝାଳବୁହା ଧନ**
**କେଉଁଠି ନ ହୁଏ ଲୀନ।**

କଷ୍ଟ ଅର୍ଜିତ ଧନ ଓ ପରିଶ୍ରମ କରି ପାଇଥିବା ସଫଳତା ଚିରଦିନ ପାଇଁ ମୁହଁରେ ହସ ଫୁଟାଇଥାଏ। ପରିଶ୍ରମର ଫଳ ମୋଟେ ବ୍ୟର୍ଥ ହୁଏ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଡ୍ରାଇଭର ସଂଘ ଚେତାବନୀର ୨ ଦିନ ଭିତରେ ବୋର୍ଡ ଗଠନକଲେ ସରକାର

ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)

■ ୩ ବର୍ଷ ପାଇଁ 'ଓଡ଼ିଶା ମୋଟର ପରିବହନ ଡ୍ରାଇଭର ଏବଂ ଶ୍ରମିକ କଲ୍ୟାଣ ବୋର୍ଡ' ଗଠିତ
■ ବିଭାଗୀୟ ମନ୍ତ୍ରୀ ହେଲେ ବୋର୍ଡର ଅଧ୍ୟକ୍ଷ
■ ଧର୍ମଶାଳା ଓ ଝାରସୁଗୁଡ଼ା ବିଧାୟକଙ୍କ ସମେତ ମୋଟ୍ ୧୭ ସଦସ୍ୟ ନିଯୁକ୍ତ

ରାଜ୍ୟ ଡ୍ରାଇଭର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚେତାବନୀ ଦିଆଯିବା ପରେ ଓଡ଼ିଶା ମୋଟର ପରିବହନ ଡ୍ରାଇଭର ଏବଂ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରାଯାଇଛି। ଆସନ୍ତା ୩୦ ସୁଦ୍ଧା ସରକାର ଏହି ବୋର୍ଡ ଗଠନ ନ କଲେ ଡ୍ରାଇଭର ସଂଘ ପକ୍ଷରୁ ବିରୋଧୀ ଦଳଗୁଡ଼ିକ ସହିତ ସାମିଲ ହୋଇଯିବା ନେଇ ଚେତାବନୀ ଦିଆଯାଇଥିଲା। ତେବେ ଡ୍ରାଇଭର ସଂଘର ଚେତାବନୀ ପରେ ତୁରନ୍ତ ବୁଧବାର ସୁଦ୍ଧା ସରକାର ଏହି ବୋର୍ଡ ଗଠନ କରିଦେଇଛନ୍ତି। ଏହି ବୋର୍ଡ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ଗଠନ କରାଯାଇଛି। ଏଥିରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଅଧ୍ୟକ୍ଷ ଥିବାବେଳେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଏବଂ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଏକ୍ସ ଅଫିସିଓ ମେମ୍ବର ହୋଇଥିବା ବେଳେ ପରିବହନ କମିଶନର ମେମ୍ବର ସେକ୍ରେଟାରି ହୋଇଛନ୍ତି। ଏହାବାଦ୍ ଶ୍ରମ କମିଶନରଙ୍କ ସମେତ ପରିବହନ ବିଭାଗ ଲେଜିସ୍‌ଲେଟିଭ ସେଲ୍‌ର ଜଣେ ଅତିରିକ୍ତ ବା ଯୁଗ୍ମ ସଚିବ ପାହ୍ୟାର ଜଣେ ଅଧିକାରୀ, ସେହି ବିଭାଗର ଜଣେ ଉପ ସଚିବ, ଅତିରିକ୍ତ କମିଶନର ପରିବହନ(ସଡ଼କ ସୁରକ୍ଷା), ଯୁଗ୍ମ କମିଶନର ପରିବହନ(ଟେକ୍ନିକାଲ) ମଧ୍ୟ ସଦସ୍ୟ ରହିବେ। ଏହା ବ୍ୟତୀତ ସିଭିଲ ସୋସାଇଟିର ୨ ଜଣ ସଦସ୍ୟ ବିଜୟ କୁମାର ସାହୁ ଏବଂ ସୁନୀଲ ଦାସ ସଦସ୍ୟ ରହିବେ। ମୋଟର ଟ୍ରାନ୍ସପୋର୍ଟ କର୍ମଚାରୀମାନଙ୍କ ୨ ଜଣ ସଦସ୍ୟ ଭାବେ ରାକେଶ ପ୍ରଧାନ ଏବଂ ସୁଜିତ କୁମାର ପ୍ରଧାନ ରହିବେ। ସେହିପରି ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭରମାନଙ୍କ ମଧ୍ୟରୁ ୩ ଜଣ ପ୍ରଶାନ୍ତ ମେଣ୍ଡୁଲି, ଦୀପକ ନାଏକ, ଅକ୍ଷୟ କୁମାର ନାଏକ, ମୋଟର ଟ୍ରାନ୍ସପୋର୍ଟ ୱର୍କରମାନଙ୍କ ୩ ଜଣ ଆଦିତ୍ୟ ପ୍ରସାଦ ବେହେରା, ପ୍ରଦୀପ ମହାନ୍ତି ଏବଂ ପ୍ରଶାନ୍ତ ପ୍ରଧାନ ଏହି ବୋର୍ଡରେ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଏହି ବୋର୍ଡ ଗଠନ ହେବାପରେ ଖୁବ୍‌ଶୀଘ୍ର ଏହାର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ବସିବ ବୋଲି ଜଣାପଡ଼ିଛି। ଏଥିରେ ରାଜ୍ୟ ସରକାର ଘୋଷଣା କରିଥିବା 'ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱର୍କର ୱେଲଫେୟାର ସ୍କିମ୍ ୨୦୨୩'ରେ କେତେ ପାଣ୍ଠିର ବ୍ୟବସ୍ଥା କରାଯିବ ଏବଂ ଏଥିଲାଗି ଉଦ୍ଦିଷ୍ଟ ଅନ୍ୟ ବିଷୟ ଉପରେ ଗୁରୁତ୍ୱ ଦିଆଯିବ। ଗତ ଜୁନ୍ ୧୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବୋର୍ଡ ଗଠନ ନିମନ୍ତେ ଘୋଷଣା କରିଥିଲେ। ଏହି ବୋର୍ଡ ଡ୍ରାଇଭର ତଥା କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବ ଏବଂ ଡ୍ରାଇଭର ତଥା କର୍ମଚାରୀଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବ। ଏହି କଲ୍ୟାଣ ବୋର୍ଡ ଦ୍ୱାରା ରାଜ୍ୟର ୫ ଲକ୍ଷରୁ ଊର୍ଦ୍ଧ୍ୱ ଡ୍ରାଇଭର ଓ କର୍ମଚାରୀ ତଥା ସେମାନଙ୍କ ପରିବାରବର୍ଗ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ବୋର୍ଡ ଗଠନ ଲାଗି ସରକାର ୧୫ ଦିନର ସମୟ ଦେଇଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେବା ଯୋଗୁ ଓଡ଼ିଶା ଡ୍ରାଇଭର ସଂଘ ଆସନ୍ତା ୩୦ ତାରିଖ ସୁଦ୍ଧା ଏହା ଗଠନ ନ କଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା କ'ଣ ହେବ ସେନେଇ ସରକାରଙ୍କୁ ଚେତାବନୀ ଦେଇଥିଲା। ତେବେ ସରକାର ଏହା ପୂର୍ବରୁ ହିଁ ବୋର୍ଡ ଗଠନ କରିଛନ୍ତି।

# ନୂଆଗାଁ ରୋଡ୍-ଦଶପଲ୍ଲା ରେଳ ସେକ୍ସନର ନିର୍ମାଣ କାର୍ଯ୍ୟ ଶେଷ

ଭୁବନେଶ୍ୱର,୨୬।୭(ଅଭିଜିତ ଦାସ)

ଲୋକଙ୍କ ଯାତାୟାତକୁ ଆହୁରି ସହଜ ଓ ସୁଗମ୍ୟ କରିବା ଲାଗି ରେଳ ବିଭାଗ ପକ୍ଷରୁ ରାଜ୍ୟରେ ବିଭିନ୍ନ ଜୋନ୍‌ରେ ରେଳ ଲାଇନର ନିର୍ମାଣ ଓ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଇତିମଧ୍ୟରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପର ଅଂଶ ଭାବରେ ନୂଆଗାଁ ରୋଡ୍-ଦଶପଲ୍ଲା ରେଳ ସେକ୍ସନର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପ୍ରକଳ୍ପର ୩୦୧ କିମି ରେଳ ଲାଇନ୍‌ରୁ ମୋଟ ୧୪୨.୫୦୫ କିମିର କାର୍ଯ୍ୟ ସରିଥିବାବେଳେ ଏଥିମଧ୍ୟରେ ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିମି ଓ ବଲାଙ୍ଗୀରରୁ ଖମ୍ବେଶ୍ୱରପାଲ୍ଲୀ ପର୍ଯ୍ୟନ୍ତ ୩୬ କିମି ରେଳ ଲାଇନ ଅନ୍ତର୍ଭୁକ୍ତ ରହିଛି। ତେବେ ବୁଧବାର ଦକ୍ଷିଣ ପୂର୍ବ ସର୍କଲର ରେଳ ନିରାପତ୍ତା ଆୟୁକ୍ତ ଏ.ଏମ୍.ଚୌଧୁରୀ ଉକ୍ତ ଲାଇନରେ ଥିବା ସମସ୍ତ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟ ନିରୀକ୍ଷଣ କରିଥିବାବେଳେ ବୁଧବାର ପ୍ରାରମ୍ଭିକ ପର୍ଯ୍ୟାୟରେ ଦଶପଲ୍ଲା ଓ ନୂଆଗାଁ ରୋଡ୍ ଷ୍ଟେଶନ ମଧ୍ୟରେ ଏକ ଲାଇଟ ଟ୍ରେନ୍‌ର ସ୍ପିଡ୍ ଟ୍ରାଏଲ କରାଯାଇଥିଲା। ଏହି ଅବସରରେ ଚୌଧୁରୀ କହିଛନ୍ତି, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହିତ ଉକ୍ତ ଅଞ୍ଚଳର ଅର୍ଥନୀତିକୁ ବୃଦ୍ଧି କରିବ। ଏହା ସହ ୨୦୨୩-୨୪ ସୁଦ୍ଧା ଖମ୍ବେଶ୍ୱରପାଲ୍ଲୀରୁ ପୁରୁଣାକଟକ ପର୍ଯ୍ୟନ୍ତ ୮୪ କିମିରୁ ଅଧିକ ରେଳ ଲାଇନ ସଂପୂର୍ଣ୍ଣ କରିବାକୁ ପୂର୍ବତଟ ରେଳପଥ ଲକ୍ଷ୍ୟ ରଖିଥିବା ସେ ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ଯନ୍ତ୍ରୀ

ଭବାନୀପାଟଣା,୨୬।୭(ଉତ୍ତମ କୁମାର ଦାଶ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭବାନୀପାଟଣା ସରକାରୀ ଜଳ ଯୋଗାଣ ବିଭାଗ ଜିପିଏଚ୍ (ସାଧାରଣ ଜନ ସ୍ୱାସ୍ଥ୍ୟ ବିଭାଗ) ସେକ୍ସନ ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ସାହୁଙ୍କ ଘରେ ବୁଧବାର ସକାଳୁ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଛି। ଭବାନୀପାଟଣା ସହରସ୍ଥିତ ମନ୍ଦାର ବଗିଚାପଡ଼ାରେ ଥିବା ତାଙ୍କ ବାସଭବନ, ନର୍ଲା ବ୍ଲକ ବଲବସପୁର ଗ୍ରାମରେ ଥିବା ପୈତୃକ ଘର ସମେତ ସରକାରୀ ଅଫିସରେ ଏକକାଳୀନ ଚଢ଼ାଉ ଜାରି ରଖିଛି ଭିଜିଲାନ୍ସ ବିଭାଗ। ଚଢ଼ାଉ ବେଳେ ଭବାନୀପାଟଣା ସହରରେ ୧ କୋଟି ୧୦ ଲକ୍ଷର ୩ ମହଲା ଘର, ୨ଟି ପ୍ଲଟ, ୧ କୋଟି ୫୪ ଲକ୍ଷର ବ୍ୟାଙ୍କ, ଡାକ ବୀମା ରାଶି ଜମା, ନଗଦ ୨ ଲକ୍ଷ ୬୫ ହଜାର ଟଙ୍କା, ସୁନା ୪୪୧ ଗ୍ରାମ, ରୁପା ୭ ଶହ ଗ୍ରାମ ଆଦି ଜବତ କରାଯାଇଛି। କଳାହାଣ୍ଡି, ଜୟପୁର ଓ କୋରାପୁଟ ଭିଜିଲାନ୍ସ ବିଭାଗର ଜଣେ ଅତିରିକ୍ତ ଏସ୍‌ପିଙ୍କ ସମେତ ୩ ଡିଏସ୍‌ପି, ୪ ଇନ୍ସପେକ୍ଟର ଚଢ଼ାଉରେ ସାମିଲ ହୋଇଛନ୍ତି। ବର୍ତ୍ତମାନ ବି ଚଢ଼ାଉ ଜାରି ରହିଥିବାବେଳେ ଆଗକୁ ଆହୁରି ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।



କିଶୋର ଚନ୍ଦ୍ର ସାହୁ

# ମାଧ୍ୟମିକ ସ୍କୁଲରେ ନିଯୁକ୍ତି ପାଇଲେ ୩୨୫ ଶିକ୍ଷକ




ଭୁବନେଶ୍ୱର,୨୬।୭(ଅନିଲ ଦାସ)

■ ୨୧ ବିଷୟରେ ଶିକ୍ଷାଦାନ କରିବେ
■ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
■ ଶିକ୍ଷକମାନେ ଭଲ ସେବା ଯୋଗାଇ ପାରିବେ:ମୁଖ୍ୟମନ୍ତ୍ରୀ

ରାଜ୍ୟର ବିଭିନ୍ନ ସ୍କୁଲରେ ୩୨୫ ଜଣ ଗ୍ରେଷ୍ଟ ଗ୍ରାଜୁଏଟ ଟିଚର(ଟିଜିଟି) ଯୋଗ ଦେଇଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ନିଯୁକ୍ତି ପର୍ବରେ ଏହି ଶିକ୍ଷକମାନେ ଯୋଗ ଦେଇଛନ୍ତି। ସେମାନେ ୨୧ଟି ବିଷୟରେ ଶିକ୍ଷାଦାନ କରିବେ। ଡିଗ୍ରୀ କଲେଜରୁ ଯୁକ୍ତ୨କୁ ଅଲଗା କରିବା ପରେ ପ୍ରଥମ ଥର ପାଇଁ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଉକ୍ତ ଶିକ୍ଷକମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ପିଲାମାନଙ୍କ କ୍ୟାରିୟର ଗଢ଼ିବା ପାଇଁ ଉଚ୍ଚମାଧ୍ୟମିକ ସ୍ତରରେ ପୋଷ୍ଟ ଗ୍ରାଜୁଏଟ ଟିଚରଙ୍କୁ ପ୍ରଥମ ପର୍ଯ୍ୟାୟରେ ନିଯୁକ୍ତି ଦିଆଯାଇଛି। ଏଠାରୁ ଛାତ୍ରଛାତ୍ରୀମାନେ ବିଶ୍ୱସ୍ତରୀୟ ସୁବିଧାସୁଯୋଗ ପାଇବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ପିଲାମାନେ ସେମାନଙ୍କ ନିଜ ଭବିଷ୍ୟତ ସ୍ୱପ୍ନକୁ ସାକାର କରିବାକୁ ଚାହିଁଲେ ସେମାନଙ୍କ ସଫଳତା ପଥରେ କୌଣସି ବାଧା ଉପୁଜିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଶିକ୍ଷା ସରକାରଙ୍କ ପାଇଁ ପ୍ରାଥମିକ। ୫-ଟି କାର୍ଯ୍ୟକ୍ରମରେ ରାଜ୍ୟର ୬,୮୦୦ ସ୍କୁଲ ରୂପାନ୍ତରଣ କରାଯାଇଛି। ଏହା ରାଜ୍ୟର ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷକଙ୍କ ମଧ୍ୟରେ ଏକ ନୂତନ ଉନ୍ମାଦନା ସୃଷ୍ଟି କରିଛି। ଉଚ୍ଚ ମାଧ୍ୟମିକ ଶିକ୍ଷାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟର ୧୧୦ ସ୍କୁଲକୁ ଉଚ୍ଚମାଧ୍ୟମିକ ସ୍କୁଲକୁ ଉନ୍ନୀତ କରାଯାଇଛି। ଏଥିପାଇଁ ୯୦୦ରୁ ଅଧିକ ଶିକ୍ଷକ ଓ ଅଣଶିକ୍ଷକ ପଦବୀକୁ ଅନୁମୋଦନ କରାଯାଇଛି। ଶିକ୍ଷକମାନେ ସର୍ବୋତ୍କୃଷ୍ଟ ଦକ୍ଷତା ସହ ନିଜକୁ ଅପ୍‌ଡେଟ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ୫-ଟି ବ୍ୟବସ୍ଥା ଶୈକ୍ଷିକ ଅଭିଜ୍ଞତାକୁ ବୃଦ୍ଧି କରିବାରେ ସହାୟତା କରିବ। ନବନିଯୁକ୍ତ ଶିକ୍ଷକମାନେ ନିଜର ଉଦ୍ୟମ ଦ୍ୱାରା ରାଜ୍ୟକୁ ଭଲ ସେବା ଯୋଗାଇ ପାରିବେ। ଉଚ୍ଚମାଧ୍ୟମିକ ଟପ୍ପରମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରମାନେ ଆମ ରାଜ୍ୟର ରତ୍ନ। ସେମାନେ ତାଙ୍କ କ୍ୟାରିୟରରେ ଆହୁରି ଆଗକୁ ବଢ଼ିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ଆମ ସମାଜକୁ ବଞ୍ଚିବା ପାଇଁ ଏକ ଉତ୍ତମ ସ୍ଥାନ ଦେବାର ପ୍ରୟାସ ଶିକ୍ଷାର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି ଯେ ବିଭାଗ ଆହୁରି ନୂଆ ଉଚ୍ଚ ମାଧ୍ୟମିକ ସ୍କୁଲ ଖୋଲିବାକୁ ଯୋଜନା ରଖିଛି। ଆହୁରି ଅଧିକ ପଦବୀ ଖୁବ୍‌ଶୀଘ୍ର ପୂରଣ ହେବ। ନିଜର ଲକ୍ଷ୍ୟ ପୂରଣ ପାଇଁ ଆହୁରି କଠିନ ପରିଶ୍ରମ କରିବାକୁ ସେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଶିକ୍ଷା କ୍ଷେତ୍ରରେ ହେଉଥିବା ରୂପାନ୍ତରକୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଶିକ୍ଷକମାନେ ଆହୁରି ତ୍ୱରାନ୍ୱିତ କରିପାରିବେ ବୋଲି କହିଛନ୍ତି। ବିଭାଗୀୟ ସଚିବ ସ୍ୱାଗତ ଭାଷଣ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଅନାସ୍ଥା ମୁହଁ ...

କରାଯିବାର ୧୦ ଦିନ ମଧ୍ୟରେ ହିଁ ଭୋଟିଂ କରାଯାଇଥାଏ। ଯଦି ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ ନ କରନ୍ତି, ତେବେ ସେନେଇ ସମ୍ପୃକ୍ତ ସଦସ୍ୟଙ୍କୁ ଅବଗତ କରାଯାଇଥାଏ। ଗୃହରେ ସରକାର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ନ ପାରିଲେ ପ୍ରଧାନମନ୍ତ୍ରୀଙ୍କ ସମେତ କ୍ୟାବିନେଟ ସଦସ୍ୟମାନେ ଇସ୍ତଫା ଦେଇଥାନ୍ତି। ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ୫ ଆସନ ଖାଲିପଡ଼ିଛି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ୩୩୧ ସଦସ୍ୟ ଥିବାବେଳେ ବିରୋଧୀ ଇଣ୍ଡିଆ ସଦସ୍ୟଙ୍କ ସଂଖ୍ୟା ହେଉଛି ୧୪୪। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ (ବିଜେଡି)ର ୧୨, ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ୍ ରେଡ୍ଡୀଙ୍କ ୱାଇଏସ୍‌ଆର୍ କଂଗ୍ରେସର ୨୨ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ବିଆର୍‌ଏସ୍‌ର ୯ ଏମ୍‌ପିଙ୍କ ସମେତ ଏପରି ୭୦ ସଦସ୍ୟ ରହିଛନ୍ତି, ଯେଉଁମାନେ ଉପରୋକ୍ତ ଦୁଇ ମେଣ୍ଟରେ ସାମିଲ ହୋଇନାହାନ୍ତି।

### ବଞ୍ଚିତ ବର୍ଗଙ୍କୁ ସୁବିଧାରେ ...

ଟେକ୍ନୋଲୋଜିର ପ୍ରୟୋଗ ହୋଇଛି। ୭୫ ବର୍ଷର ସୁଦୀର୍ଘ ଯାତ୍ରାରେ ହାଇକୋର୍ଟ ଅନେକ ଉଚ୍ଚସ୍ତରୀୟ ମାନକ ସ୍ଥାପନ କରିଛି। ଏଥିପାଇଁ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ତାଙ୍କ ସତୀର୍ଥମାନଙ୍କୁ ରାଷ୍ଟ୍ରପତି ପ୍ରଶଂସା କରିଥିଲେ। ଜଗନ୍ନାଥ ଦାସ, ରଙ୍ଗନାଥ ମିଶ୍ର, ରାଧାଚରଣ ପଟ୍ଟନାୟକ, ଦେବପ୍ରିୟ ମିଶ୍ର, ଗୋପାଳବଲ୍ଲଭ ପଟ୍ଟନାୟକ, ଅରିଜିତ ପଶାୟତ, ଅନଙ୍ଗ କୁମାର ପଟ୍ଟନାୟକଙ୍କ ଭଳି ଏହି ହାଇକୋର୍ଟର ବିଚାରପତିମାନେ ସୁପ୍ରିମକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇପାରିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ। ଆଇନ ବିଶାରଦମାନଙ୍କର ମଧ୍ୟ ସର୍ବଭାରତୀୟସ୍ତରରେ ଆଇନସେବା ପ୍ରତି ଅବଦାନ ରହିଛି। ଏହି ନ୍ୟାୟାଳୟର ସୁଖ୍ୟାତି ଓ ସୁନାମ ପଛରେ ଆପଣମାନଙ୍କ ନିଷ୍ଠା, କର୍ମପ୍ରବଣତା ଓ ଜ୍ଞାନର ବ୍ୟାପକତା ରହିଛି। ତେଣୁ ଆପଣମାନେ ପ୍ରଶଂସାର ପାତ୍ର। କାର୍ଗିଲ ବିଜୟ ଦିବସ କଥା ସ୍ମରଣ କରି ରାଷ୍ଟ୍ରପତି କହିଲେ, ଆଜି ଭାରତ ଇତିହାସରେ ଏକ ସ୍ମରଣୀୟ ଓ ଗୌରବର ଦିନ। ଏହି ଅବସରରେ ଦେଶବାସୀଙ୍କ ତରଫରୁ ବୀର ଯବାନମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହିତ ଯୁଦ୍ଧରେ ଆତ୍ମବଳି ଦେଇଥିବା ଅମର ଯୋଦ୍ଧାମାନଙ୍କୁ ପ୍ରଣାମ ଓ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଭାରତମାତାଙ୍କ ସେବାରେ ଆତ୍ମବଳି ଦେଇଥିବା ସୁପୁତ୍ରମାନଙ୍କ ମଧ୍ୟରେ ଓଡ଼ିଶାର ଅନେକ ବୀର ଜନ୍ମମାଟିର ଗୌରବ ବୃଦ୍ଧି କରିଛନ୍ତି। ସେମାନଙ୍କ ମଧ୍ୟରେ ମେଜର ପଦ୍ମପାଣି ଆଚାର୍ଯ୍ୟଙ୍କୁ ମହାବୀର ଚକ୍ରରେ ସମ୍ମାନିତ କରାଯାଇଥିଲା। ଏହି ସେନାନୀମାନଙ୍କ ବୀରଗାଥା ଦେଶବାସୀଙ୍କ ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିଥିବ ବୋଲି ରାଷ୍ଟ୍ରପତି କହିଥିଲେ।

ଐତିହାସିକ ବାରବାଟୀ ଦୁର୍ଗକୁ କୋଳରେ ଧରିଥିବା ବାଲିଯାତ୍ରା ଓ ତାରକସି ପାଇଁ ପ୍ରସିଦ୍ଧି ଲାଭ କରିଥିବା କଟକ ସହରକୁ ପ୍ରଣାମ କରିଥିଲେ। ପ୍ରଥମେ କଟକରେ ପହଞ୍ଚି ଶକ୍ତିସ୍ୱରୂପା ମା' କଟକ ଚଣ୍ଡୀଙ୍କୁ ଦର୍ଶନ କରି ଦେଶବାସୀ ଓ ବିଶ୍ୱବାସୀଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ସେଠାରୁ ଉତ୍କଳଗୌରବ ମଧୁସୂଦନ ଦାସ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନକୁ ଯାଇ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କଟକ ନେତାଜୀଙ୍କ ଜନ୍ମସ୍ଥଳୀ। ଏହା ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ କର୍ମସ୍ଥଳୀ ଭାବେ ସୁପରିଚିତ। ଏହି କଟକ ନଗର ଓଡ଼ିଶାର ଇତିହାସକୁ ନୂଆମୋଡ଼ ଦେଇଛି। ଏଠାରେ ୧୯୦୩ ମସିହାରେ ମଧୁବାବୁଙ୍କ ଆହ୍ୱାନ କ୍ରମେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେହି ସମ୍ମିଳନୀ ମାଧ୍ୟମରେ ସ୍ୱତନ୍ତ୍ର ରାଜ୍ୟ ଗଠନର ସ୍ୱପ୍ନ ରାଜ୍ୟବାସୀ ଦେଖିଥିଲେ। ଗୋପବନ୍ଧୁଙ୍କ ଅନୁରୋଧ କ୍ରମେ ମହାତ୍ମା ଗାନ୍ଧୀ କାଠଯୋଡ଼ିର ବାଲିରେ ଅନୁଷ୍ଠିତ ବିରାଟ ସାଧାରଣ ସଭାରେ ଯୋଗଦେଇଥିଲେ। ତା'ପରଠୁ ସ୍ୱାଧୀନତା ସଂଗ୍ରାମ ଓଡ଼ିଶାର ପୁରପଲ୍ଲୀକୁ ବ୍ୟାପିଯାଇଥିଲା। ଦେଶ ସ୍ୱାଧୀନ ହେଲା ପରେ ସେହିବର୍ଷ ଡିସେମ୍ବରରେ ଗଡ଼ଜାତ ମିଶ୍ରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକରେ ହୋଇଥିଲା। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଡ. ମହତାବ ସେହି ପ୍ରକ୍ରିୟାର ପ୍ରମୁଖ କର୍ଣ୍ଣଧାର ଥିଲେ ବୋଲି ରାଷ୍ଟ୍ରପତି ମୁର୍ମୁ କହିଥିଲେ।

ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଆଇନ, ଏସ୍‌ସି ଏସ୍‌ଟି ଉନ୍ନୟନ, ଲଘୁସଂଖ୍ୟା ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ସ୍ୱାଗତ ଭାଷଣ ଦେଇ ହାଇକୋର୍ଟର ସଫଳତାଗୁଡ଼ିକୁ ଉପସ୍ଥାପନ କରିଥିଲେ। ନ୍ୟାୟପାଳିକାରେ ଟେକ୍ନୋଲୋଜିର ପ୍ରୟୋଗ ଦ୍ୱାରା ବିଚାରାଧୀନ ମାମଲାଗୁଡ଼ିକର ସଂଖ୍ୟା ହ୍ରାସ ପାଇଥିବା ଏବଂ ନ୍ୟାୟପାଳିକାକୁ ସ୍ୱୟଂକ୍ରିୟ କରାଇବା ଦିଗରେ ଉଦ୍ୟମ କରାଯାଉଛି ବୋଲି ସେ କହିଥିଲେ। ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଧନ୍ୟବାଦ ଦେଇଥିଲେ। ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି ଧରଣୀଧର ନାୟକଙ୍କ ସମେତ ବିଚାରପତିଗଣ, ରାଜ୍ୟ ସରକାରଙ୍କ ଅଧିକାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ହାଇକୋର୍ଟ ଉପରେ ଆଧାରିତ ସ୍ୱତନ୍ତ୍ର ଡାକଟିକେଟ ଓ ୭୫ବର୍ଷ ପୂର୍ତ୍ତି ସ୍ମରଣିକା ଉନ୍ମୋଚନ ହୋଇଥିଲା।

### ୫-ଟିକୁ ଟୋନି ...

ଧାରାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ରାଜ୍ୟରେ ରୂପାନ୍ତର ପାଇଁ କାର୍ଯ୍ୟକାରୀ ହେଉଥିବା ୫-ଟି ଅଭିନବ ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। ଆସନ୍ତା ୨ ବର୍ଷ ପାଇଁ ଟିବିଆଇ ୪ ଜଣ ବିଶେଷଜ୍ଞ ଟିମ୍‌କୁ ବିନିଯୋଗ କରିବ। ଏହି ଟିମ୍ ଟିବିଆଇ ନେତୃତ୍ୱ ଅଧୀନରେ କାମ କରିବ। ଏହି ଟିମ୍ ଓଡ଼ିଶା ଟିମ୍ ସହ ମିଳିତ ଭାବେ କାର୍ଯ୍ୟ କରିବ। ଟୋନି ବ୍ଲେୟାର ୨୦୧୬ରେ ଲଣ୍ଡନଠାରେ ଟିବିଆଇ ପ୍ରତିଷ୍ଠା କରିଥିଲେ। ୪୪ଟି ଦେଶରେ ଏହା କାର୍ଯ୍ୟକ୍ଷମ ରହିଛି। ମାନବସମ୍ବଳର ବିନିଯୋଗ, ଶକ୍ତି, ବୈଦେଶିକ ନୀତି, ପୁଞ୍ଜିନିବେଶ, ଭିତ୍ତିଭୂମି, ଉତ୍ତମ ପ୍ରଶାସନ ଏବଂ ଜଳବାୟୁ ପରିବର୍ତ୍ତନ ଆଦି କ୍ଷେତ୍ରରେ ଏହା କାର୍ଯ୍ୟ କରୁଛି। ଓଡ଼ିଶାରେ ଏହି ଟିମ୍ ବିଭିନ୍ନ ଯୋଜନାର ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ସହ ଦକ୍ଷତା ବୃଦ୍ଧି, ଯୋଗାଯୋଗ କ୍ଷେତ୍ରରେ ସଂସ୍କାର, ଶିଳ୍ପକୁ ଗୁରୁତ୍ୱ, ବନ୍ଦରଭିତ୍ତିକ ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବ।

### ଭିଭିଆଇପି ଗଛ ...

ରକ୍ଷା କରିବା ଲାଗି ପ୍ରତି ସପ୍ତାହରେ କୃଷି ବିଭାଗ ଅଫିସର ସେଠାକୁ ଆସୁଛନ୍ତି। ଜିଲାପାଳଙ୍କ ତତ୍ତ୍ୱାବଧାନରେ ଭିଭିଆଇପି ଗଛର ରକ୍ଷଣାବେକ୍ଷଣ ପାଇଁ ବର୍ଷକୁ ରାଜ୍ୟ ସରକାରଙ୍କର ୧୨.୪୮ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ୨୦୧୨ରେ ଶ୍ରୀଲଙ୍କାର ଭୂତପୂର୍ବ ରାଷ୍ଟ୍ରପତି ମହିନ୍ଦା ରାଜପାକ୍‌ସେ ଏହି ଓସ୍ତ ଗଛକୁ ରୋପଣ କରିଥିଲେ। ଯେଉଁ ଗଛ ମୂଳରେ ବସି ଗୌତମ ବୁଦ୍ଧ ବୋଧିସତ୍ତ୍ୱ ପ୍ରାପ୍ତ କରିଥିଲେ ଏହି ଗଛ ତା'ର ଅଂଶ ବୋଲି ବିଶ୍ୱାସ କରାଯାଉଛି। ଏହି ବୃକ୍ଷକୁ ରାଜା ଅଶୋକଙ୍କ ଝିଅ ସଂଘମିତ୍ରା ଭାରତରୁ ଶ୍ରୀଲଙ୍କାର ଅନୁରାଧାପୁରମରେ ନେଇ ରୋପଣ କରିଥିବା ବୌଦ୍ଧ ଧର୍ମଗୁରୁ ଚନ୍ଦ୍ରରତନ କହିଛନ୍ତି। ତେବେ ଏହି ଭିଭିଆଇପି ଗଛର ଅଂଶକୁ ସାଞ୍ଚି ବୁଦ୍ଧ ୟୁନିଭର୍ସିଟିରେ ମଧ୍ୟ ଲଗାଯାଇଛି।

### ମାଧ୍ୟମିକ ଶିକ୍ଷାରେ ...

୨୭.୩ ପ୍ରତିଶତ ପିଲା ଅଧାରୁ ପାଠ ଛାଡ଼ିଛନ୍ତି। ଶ୍ରେଣୀ ବଢ଼ିଲେ ପିଲାଙ୍କ ସଂଖ୍ୟା କମୁଛି। ରାଜ୍ୟରେ ୫-ଟି ଅଧୀନରେ ସରକାରୀ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କରାଯାଇ ପିଲାଙ୍କୁ ସ୍କୁଲ ମୁହାଁ କରିବାକୁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ମାଧ୍ୟମରେ ପିଲାଙ୍କ ଉପସ୍ଥାନ ବଢ଼ାଇବା ଉଦ୍ୟମ କରାଯାଉଥିବା ରାଜ୍ୟ ସରକାର ଢେଙ୍ଗୁରା ପିଟୁଥିବାବେଳେ କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ୟୁଡିଆଇଏସ୍‌ଇ ପ୍ଲସ୍ ପକ୍ଷରୁ ମିଳିଥିବା ସୂଚନା ରାଜ୍ୟ ଶିକ୍ଷା ବ୍ୟବସ୍ଥାର ଭିନ୍ନ ଚିତ୍ର ବଖାଣୁଛି। ପ୍ରାଥମିକ ଶିକ୍ଷା ଓ ଉଚ୍ଚ ପ୍ରାଥମିକ ଶିକ୍ଷାରେ ଡ୍ରପ୍ ଆଉଟ୍ ହାର ତୁଳନାରେ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଏହି ହାର ଅଧିକ ରହିଛି। ଓଡ଼ିଶା ତଳକୁ ମେଘାଳୟ ରହିଛି। ମାଧ୍ୟମିକ ଶିକ୍ଷାରେ ଅଧାରୁ ପାଠଛାଡୁଥିବା ହାର ମେଘାଳୟରେ ୨୧.୭ ପ୍ରତିଶତ ରହିଥିବା ବେଳେ ବିହାର ୨୦.୫, ଆସାମ ୨୦.୩, ଆନ୍ଧ୍ରପ୍ରଦେଶ ୧୬.୩, ଗୁଜରାଟ ୧୭.୯, ପଞ୍ଜାବ ୧୭.୨ ଏବଂ ପଶ୍ଚିମବଙ୍ଗରେ ୧୮ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ମଣିପୁରରେ ଡ୍ରପ୍ ଆଉଟ୍ ହାର ସର୍ବାଧିକ ୧୩.୩ ପ୍ରତିଶତ ରହିଛି। ଏହା ତଳକୁ ମେଘାଳୟରେ ୯.୮ ପ୍ରତିଶତ ଓ ଅରୁଣାଞ୍ଚଳ ପ୍ରଦେଶରେ ୯.୩ ପ୍ରତିଶତ ରହିଛି। ସେହିପରି ଉଚ୍ଚ ପ୍ରାଥମିକ ଶିକ୍ଷାରେ ମେଘାଳୟର ଡ୍ରପ୍ ଆଉଟ୍ ହାର ସର୍ବାଧିକ ୧୦.୬ ପ୍ରତିଶତ ରହିଥିବାବେଳେ ଆସାମରେ ୮.୮ ପ୍ରତିଶତ ଓ ପଞ୍ଜାବରେ ୮ ପ୍ରତିଶତ ରହିଛି। ରାଜ୍ୟ ସଭାରେ ତଥ୍ୟ ଉପସ୍ଥାପନ କରି ମନ୍ତ୍ରୀ ଦେବୀ କହିଛନ୍ତି, ଭାରତ ସରକାର ୨୦୧୮-୧୯ରେ ସାମଗ୍ରିକ ଶିକ୍ଷା ଯୋଜନା ଆରମ୍ଭ କରିଥିଲେ। ପ୍ରି-ସ୍କୁଲରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ଯାଏ ପିଲାମାନେ ଯେପରି ଅଧାରୁ ପାଠପଢ଼ା ନ ଛାଡ଼ନ୍ତି ତାହା ଏହି ଯୋଜନାର ଲକ୍ଷ୍ୟ ରହିଛି। କିନ୍ତୁ ଓଡ଼ିଶାରେ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଅଧାରୁ ପାଠଛାଡୁଥିବା ପିଲାଙ୍କ ସଂଖ୍ୟା ସର୍ବାଧିକ ରହିବା ରାଜ୍ୟର ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣଙ୍କୁ କାମ କରିବାକୁ ଆଦୌ ଇଚ୍ଛା ହେବ ନାହିଁ ଏବଂ ବିଭିନ୍ନ ଝମେଲା ମଧ୍ୟରେ ଅଶାନ୍ତି ରହିବେ। ଆର୍ଥିକ ଦୁଃସ୍ଥିତି କୌଣସି ସମସ୍ୟାର କାରଣ ହୋଇପାରେ। ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ କେତେକ ସୁବିଧା ସୁଯୋଗ ପାଇବେ। ପରିବାରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ।

**ବୃଷ**
ଆଜି ଆନୁଷ୍ଠାନିକ କ୍ଷେତ୍ର, ସାଙ୍ଗଠନିକ ସ୍ଥିତି ଓ ରାଜନୀତି କ୍ଷେତ୍ରରେ ସୁଫଳ ପାଇବେ। ପୁରାତନ ତଥା କ୍ରନିକ ରୋଗରେ ଶାରୀରିକ କଷ୍ଟ ଅନୁଭବ କରିପାରନ୍ତି। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ସକାଶେ ବିଶେଷ କିଛି ଅସୁବିଧା ରହିବ ନାହିଁ।

**ମିଥୁନ**
ଯେଉଁ କାମରେ ହାତ ଦେଇଛନ୍ତି ସେହି ଚେଷ୍ଟା ନିଷ୍ଫଳ ହେବନାହିଁ। ଭାଇ, ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ଆଲୋଚନା ଫଳପ୍ରଦ ହେବ। ଆଜିର ସଭାସମିତି, କଳା, ସାହିତ୍ୟ ଓ ମନୋରଞ୍ଜନ ପ୍ରୀତିପ୍ରଦ ରହିବ। ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ**
ଆର୍ଥିକ ଦିଗରୁ ମନ ଖୁସି ହୋଇଯିବା ସାଙ୍ଗକୁ ଦୂରେଇ ଯାଉଥିବା ବନ୍ଧୁମାନଙ୍କୁ ନିକଟତର କରିପାରିବେ। କର୍ମକ୍ଷେତ୍ରରେ ନିକଟ ଅତୀତର ଘଟଣାଗୁଡ଼ିକର ସମୀକ୍ଷା କରିପାରନ୍ତି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ଖପ୍ପା ହେବାକୁ ପଡିପାରେ। ସାହିତ୍ୟ, କଳା, କ୍ରୀଡ଼ା, ସଙ୍ଗୀତ ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ**
ସକାଳୁ ବନ୍ଧୁଙ୍କ ଆହ୍ୱାନକ୍ରମେ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତଭେଦର ସମ୍ଭାବନା ରହିଛି। କିନ୍ତୁ କର୍ମକ୍ଷେତ୍ରରେ ବିଗତ ଦିନଗୁଡ଼ିକରୁ ରହିଥିବା ସମସ୍ୟା ସମାଧାନ ହୋଇଯିବ। ସାହିତ୍ୟ, ସାମ୍ବାଦିକତା, ଜୁଏଲାରି ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପ୍ରୁ ଖୁସି ରହିବେ।

**କନ୍ୟା**
ଆଜି ପାରିବାରିକ ପରିସ୍ଥିତି ଗମ୍ଭୀର ରହିପାରେ। ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରେ ଭାବପ୍ରବଣ ବଶତଃ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ବନ୍ଧୁଙ୍କୁ ପ୍ରିୟକଥା କହି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

**ତୁଳା**
ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବୁଦ୍ଧିବଳ ଖଟାଇ କାମ ହାସଲ କରିବା ଦିଗରେ ଚେଷ୍ଟିତ ହେବେ। ବନ୍ଧୁମାନଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ କମିଯାଇପାରେ।

**ବିଛା**
ବନ୍ଧୁଙ୍କ ଉପରେ ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ କ୍ଷତିରେ ପଡ଼ିବେ। ଅଯଥା କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ସାମାଜିକ ସ୍ତରରେ କିମ୍ବା ପରିବାରରେ ଅନ୍ୟମାନଙ୍କ କଥା ଓ କାମ ମନକୁ ନ ପାଇଲେ ମଧ୍ୟ କିଛି କରି ପାରିବେ ନାହିଁ। ଆକସ୍ମିକ ନିମନ୍ତ୍ରଣ ପାଇ ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି।

**ଧନୁ**
ଦୀର୍ଘଦିନର ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ। ନିଜର ପ୍ରାଧାନ୍ୟତାକୁ ଅସ୍ୱୀକାର କରିବା କାରଣରୁ ଭ୍ରାତୃ ସମ୍ପର୍କରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ଆର୍ଥିକ ଦିଗରୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**ମକର**
ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ କିଛି ହରାଇବାକୁ ପଡ଼ିପାରେ। ବନ୍ଧୁ ଓ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ପ୍ରଶଂସିତ ହେବେ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ବିଶ୍ୱାସର ସହିତ ପଡ଼ୋଶୀଙ୍କୁ ଘର କଥା କହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**କୁମ୍ଭ**
ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ ଓ ଯେଉଁ କାମରେ ବାହାରିଛନ୍ତି ସେଥିରେ ଅସୁବିଧା ହେବ ନାହିଁ। ବନ୍ଧୁ ମେଳରେ ଗାମ୍ଭୀର୍ଯ୍ୟ ରକ୍ଷା କରି ସମାଲୋଚିତ ହେବେ। ପରିବାରରେ ଅପ୍ରିୟ ସତ୍ୟକଥା ପ୍ରକାଶ କରି ଅଯଥା କଷ୍ଟ ଅନୁଭବ କରିବେ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଅତି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**ମୀନ**
ଆଜି ଦିନଟିରେ ଅର୍ଥ ଓ ସମ୍ମାନ ପାଇବାରେ ନିଜ ଲୋକଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଦୂରଯାତ୍ରାର ସୁଯୋଗ ପାଇଲେ ମଧ୍ୟ ପରିସ୍ଥିତିବଶତଃ ଯିବାକୁ ଅସାମର୍ଥ୍ୟତା ପ୍ରକାଶ କରିପାରନ୍ତି। ଅଫିସ କାମରେ ବ୍ୟସ୍ତ ରହି ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କଳା ଓ ସାହିତ୍ୟ ତଥା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

ଆଜି ଶ୍ରାବଣ (ମଳ) ଶୁକ୍ଳପକ୍ଷ ନବମୀ ଯୁକ୍ତ ଦଶମୀ ଗୁରୁବାର, ଜୁଲାଇ ୨୭ ତାରିଖ, ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ବିଶାଖା/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୨୪ ଗତେ ଘ.୦୭।୦୭ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୩୦ ଗତେ ଘ.୦୩।୪୦ ମଧ୍ୟେ ରାହୁକାଳ।

ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

# ଗଣମାଧ୍ୟମ, ଯୁବପିଢ଼ି ଗଣତନ୍ତ୍ରର ମେରୁଦଣ୍ଡ




ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ଅଶୋକ ଚୌଧୁରୀଙ୍କ ଉଦବୋଧନ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**ଛତ୍ରପୁର,୨୬।୭(ସନ୍ତୋଷ ପାଢୀ)**

ଗଣମାଧ୍ୟମ ଗଣତାନ୍ତ୍ରିକ ମୂଳଦୁଆକୁ ମଜବୁତ କରିଥାଏ। ପ୍ରଗତିଶୀଳ ବିଶ୍ୱର ସାମାଜିକ, ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ ତଥା ବୈଜ୍ଞାନିକ ସ୍ଥିତି ସମ୍ପର୍କରେ ଜ୍ଞାନ ପ୍ରସାର ପାଇଁ ଗଣମାଧ୍ୟମ ସର୍ବଶ୍ରେଷ୍ଠ ଭୂମିକା ଗ୍ରହଣ କରିଥାଏ। ସାଂପ୍ରତିକ ସମୟରେ ଦେଶର ବିକାଶରେ ଯୁବପିଢ଼ି ଗଣତ୍ରାତିକ ମୂଲ୍ୟବୋଧ ବଜାୟ ରଖିବାରେ ଅଂଶୀଦାର ହୁଅନ୍ତୁ ବୋଲି ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ବୁଧବାର ଗଞ୍ଜାମ ଜିଲା ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ କହିଛନ୍ତି। ପ୍ରତିଯୋଗିତାର ଅନ୍ୟତମ ବିଚାରକ ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କହିଥିଲେ, ଯୁବପିଢି ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ ବୋଲି କହିବା ସହ ଧରିତ୍ରୀର ଏଭଳି ପ୍ରୟାସକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଗଣମାଧ୍ୟମ ସତ୍ୟ, ନିରପେକ୍ଷ ଖବର ପରିବେଷଣ କରେ। ତେଣୁ ସମସ୍ତେ ନିୟମିତ ଖବରକଗଜ ପଢ଼ିବାକୁ ଆହ୍ୱାନ ଦେଇଥିଲେ। ଯୁବପିଢି ତଥା ଛାତ୍ରୀଛାତ୍ରଙ୍କ ମଧ୍ୟରେ ମେଧାଶକ୍ତି ବୃଦ୍ଧି କରିବା ସହ ରାଷ୍ଟ୍ରର ଉଜ୍ଜ୍ୱଳ ଭବିଷ୍ୟତ ସକାଶେ ଏଭଳି ପ୍ରତିଯୋଗିତା ସ୍ୱାଗତଯୋଗ୍ୟ। ଏହା ଉତ୍ତମ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ପିଙ୍କିରାଣୀ ଦେଇ ଅତିଥି ଭାବେ ଯୋଗଦେଇ ଭାରତର ବିକାଶ ଯୁବପିଢିମାନଙ୍କ ହାତରେ ନ୍ୟସ୍ତ ବୋଲି କହିଥିଲେ। ଗଣମାଧ୍ୟମର ମୂଲ୍ୟବୋଧକୁ ବୁଝିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ।

ବକ୍ତୃତା ପ୍ରତିଯୋଗିତାରେ ମୋଟ ୧୨ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଯୁକ୍ତ ୨ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ର ଶେଖ ମୁର୍ସିଦ ଅହମଦ ପ୍ରଥମ, ଯୁକ୍ତ ୩ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ରୀ କ୍ଷଣପ୍ରଭା ପଣ୍ଡା ଦ୍ୱିତୀୟ ଓ ଯୁକ୍ତ ୨ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ର ବଦ୍ରିନାଥ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରାରମ୍ଭରେ ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିବାସହ ଧରିତ୍ରୀର ୫୦ ବର୍ଷ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଗଣତନ୍ତ୍ରରେ ଗଣମାଧ୍ୟମ ଓ ଯୁବସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଯୁବପିଢ଼ି ଆଗେଇ ଆସିଲେ ସମାଜ ତଥା ଦେଶର ଅଗ୍ରଗତି ହେବ। ଧରିତ୍ରୀ ସର୍ବଦା ନିରପେକ୍ଷ ଓ ନିର୍ଭୀକ ଖବର ପ୍ରସାରଣ କରିଆସୁଛି ଏବଂ ଯୁବପିଢିଙ୍କୁ ଗୁରୁତ୍ୱ ଦେଇ ଆସୁଛି ବୋଲି ରଥ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଲକ୍ଷ୍ମୀନାରାୟଣ ସାହୁ, ସହକାରୀ ପ୍ରଫେସର ରାଜବାଳା ତ୍ରିପାଠୀ, ବ୍ରହ୍ମପୁର ସଂସ୍କରଣ ଡେସ୍କ ମୁଖ୍ୟ ସରୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ଶେଷରେ ସହ ସମ୍ପାଦକ ସନ୍ତୋଷ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ପ୍ରସାରଣ ବିଭାଗର ମଳୟ କୁମାର ସାହୁ, ଜିଲା ପ୍ରତିନିଧି ସନ୍ତୋଷ କୁମାର ପାଢୀ, ବ୍ରହ୍ମପୁର ଖବରଦାତା ସ୍ମୃତି ରଞ୍ଜନ ମହାଲିକ, ବରିଷ୍ଠ ଖବରଦାତା ସୁବାସ ଚନ୍ଦ୍ର ପାଢୀ, ଗଞ୍ଜାମ ବ୍ଲକ ଖବରଦାତା ବିଦ୍ୟାଧର ସାହୁ, ବ୍ରହ୍ମପୁର ଫଟୋ ସାମ୍ବାଦିକ ସମୀର ରଥ, ଖବରକାଗଜ ବିତରକ କେ.ରମେଶ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେତାଙ୍କ ମୁହଁରୁ



ଗଣମାଧ୍ୟମ ଓ ଗଣତନ୍ତ୍ର ଉଭୟକୁ ସୁଦୃଢ଼ କରିବାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମର ନିରପେକ୍ଷତା ହିଁ ସମାଜକୁ ଉତ୍ତମ ସନ୍ଦେଶ ପ୍ରଦାନ କରିଥାଏ। ଏହାଦ୍ୱାରା ବିଶେଷକରି ଯୁବପିଢ଼ି ଉପକୃତ ହୋଇଥାନ୍ତି। ତେଣୁ ଗଣମାଧମ ନିର୍ଦ୍ଦିଷ୍ଟ ଦଳ କିମ୍ବା ସରକାରର ନିୟନ୍ତ୍ରଣରେ ନ ରହି ନିରପେକ୍ଷ ଭାବେ କାର୍ଯ୍ୟ କରିବା ଆବଶ୍ୟକ।

**- ଶେଖ ମୁର୍ସିଦ ଅହମଦ (ପ୍ରଥମ)**



ଗଣତନ୍ତ୍ର ସର୍ବୋଚ୍ଚ, ସର୍ବୋତ୍ତମ ଓ ସର୍ବଶ୍ରେଷ୍ଠ ଶାସନ। ଗଣତନ୍ତ୍ର ସୁଦୃଢ କରିବାରେ ଗଣମାଧମ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଯୁବପିଢ଼ି ହିଁ ରାଷ୍ଟ୍ର ଗଠନରେ ବିଶେଷ ସହାୟକ ହୋଇଥାନ୍ତି। ବର୍ତ୍ତମାନ ଗଣତନ୍ତ୍ରର ବିକାଶ ପାଇଁ ଯୁବପିଢ଼ିର ଜରୁରୀ ହୋଇପଡ଼ିଛି।

**- କ୍ଷଣପ୍ରଭା ପଣ୍ଡା(ଦ୍ୱିତୀୟ)**



ଦୁର୍ନୀତିମୁକ୍ତ, ସ୍ୱଚ୍ଛ ଶାସନ ଏବଂ ଉତ୍ତମ ଗଣତନ୍ତ୍ର ସୃଷ୍ଟି କରିବାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧମ, ଯୁବପିଢ଼ି ଗଣତନ୍ତ୍ରର ମେରୁଦଣ୍ଡ। ଗଣମାଧମ ନିରପେକ୍ଷ ହେବା ସହ ଯୁବପିଢ଼ି ସଚେତନ ହୋଇପାରିଲେ ଏକ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିବ।

**- ବଦ୍ରିନାଥ ମିଶ୍ର (ତୃତୀୟ)**

### ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର



ଲିଜା ରାଣୀ ଗୌଡ



ସ୍ନେହା ରାଣୀ ସାହୁ



ଜସ୍ମିନ୍ ସାମନ୍ତରାୟ



ପବିତ୍ର ମୁଦୁଲି



ଆର୍. ଧବଳେଶ୍ୱର ରେଡ୍ଡୀ



ମମତା ନାହାକ



ସ୍ମୃତି ସନ୍ଧ୍ୟା ପ୍ରିୟଦର୍ଶନୀ



ଆରୋଷି ମାଝୀ



ଶିବାନନ୍ଦ ଆର୍ଯ୍ୟ

# 'ଡାକ୍ତରୀ ଏକ ବୃତ୍ତି ନୁହେଁ, ବ୍ରତ'

## ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ରାଷ୍ଟ୍ରପତି

**କଟକ,୨୬।୭(କାର୍ତ୍ତିକ ସାହୁ)**

ଡାକ୍ତରମାନେ ସେବା ବଳରେ ରୋଗୀଙ୍କୁ ଜୀବନ ଦାନ ଦିଅନ୍ତି। ସେବା ପ୍ରତି ଆନ୍ତରିକତା ନ ଥିଲେ, ସମାଜ ପ୍ରତି ପ୍ରତିବଦ୍ଧତା ନ ଥିଲେ ବା ଦୁଃଖୀ ମଣିଷର ଆଖିରୁ ଲୁହ ପୋଛିଦେବା ପାଇଁ ମନରେ ପ୍ରେରଣା ନ ଥିଲେ ଜଣେ ଭଲ ଡାକ୍ତର ହୋଇପାରିବେ ନାହିଁ। ଡାକ୍ତର ତାଙ୍କ ପାଠରେ ପ୍ରବୀଣ ହେବା ସହିତ ତାଙ୍କ ମନରେ ଲୋକଙ୍କ ପ୍ରତି ଦରଦ ରହିବା ଦରକାର। ଡାକ୍ତରୀ ଏକ ବୃତ୍ତି ନୁହେଁ, ବରଂ ଏହା ଏକ ବ୍ରତ। ଡାକ୍ତର ହେବା ପାଇଁ ପିଲାମାନେ ଯେଉଁ ବ୍ରତ ଧାରଣ କରିଥାନ୍ତି, ତାହା ଜୀବନ ସାରା ପାଳନ କରିଥାନ୍ତି ବୋଲି ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ।

ଭାରତୀୟ ସଂସ୍କୃତିରେ ନରସେବାକୁ ନାରାୟଣ ସେବା ବୋଲି କୁହାଯାଇଛି। ପୀଡ଼ିତ ଲୋକଙ୍କ ଯନ୍ତ୍ରଣାକୁ ମୁକ୍ତ କରିବାଠାରୁ ଆରମ୍ଭକରି ତାଙ୍କ ଦୁଃଖ, ଦୁର୍ଦ୍ଦଶା ଦୂର କରିବା ସବୁଠାରୁ ବଡ଼ କାମ। ଶାସକ, ପ୍ରଶାସକ, ଇଞ୍ଜିନିୟର, ଅଧ୍ୟାପକମାନେ ଲୋକଙ୍କ ସେବା କରିପାରିବେ, ମାତ୍ର ତାଙ୍କୁ ଯନ୍ତ୍ରଣାରୁ ମୁକ୍ତ କରିପାରିବେ ନାହିଁ। ଗାଁ ଗହଳିରେ ଲୋକେ ଡାକ୍ତର, ଓକିଲ ଓ ଶିକ୍ଷକଙ୍କୁ ଭଗବାନ ମାନନ୍ତି। ଡାକ୍ତରମାନେ ନିଷ୍ଠାର ସହିତ ସେବା କରି ରୋଗୀଙ୍କୁ ଭଲ କରିପାରନ୍ତି। ଭଗବାନ୍‌ଙ୍କୁ ଆମେ ଦେଖିନାହୁଁ, କିନ୍ତୁ ଡାକ୍ତରମାନେ ହେଉଛନ୍ତି ଚଳନ୍ତି ଠାକୁର। ପୂର୍ବାପେକ୍ଷା ମାତୃ ଓ ଶିଶୁ ମୃତ୍ୟୁହାର ବହୁ ପରିମାଣରେ ହ୍ରାସ ପାଇଛି। ଡାକ୍ତରଙ୍କ ସେବା ଯୋଗୁ ବହୁ ମୂଲ୍ୟବାନ୍ ଜୀବନ ବଞ୍ଚିଯାଉଛି। ଯେତେବେଳେ କୋଭିଡ-୧୯ ବିଶ୍ୱକୁ ଦୋହଲାଇ ଦେଇଥିଲା ସେତେବେଳେ ଭାରତୀୟ ଚିକିତ୍ସକମାନେ ନିଜ ଜୀବନକୁ ଭ୍ରୂକ୍ଷେପ ନ କରି ଓ ପରିବାରକୁ ଛାଡ଼ି ଯେଉଁ ସେବା କଲେ, ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ରାଷ୍ଟ୍ରପତି କହିଛନ୍ତି। ମେଡିକାଲ ପିଲାମାନେ ଗବେଷଣା କ୍ଷେତ୍ରକୁ ମଧ୍ୟ ଆସିବା ଦରକାର।



ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ ଦେଉଛନ୍ତି।

ପିଲାମାନେ ଭଲ ଗବେଷଣା କରିପାରିଲେ ନୋବେଲ ପୁରସ୍କାର ପାଇପାରିବେ ବୋଲି ରାଷ୍ଟ୍ରପତି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ୨୦୪୭ରେ ଭାରତ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ। ସେତେବେଳକୁ ଭାରତ ପୂର୍ଣ୍ଣ ବିକଶିତ ଦେଶ ହେବା ଲକ୍ଷ୍ୟରେ କାମ କରିବା ଦରକାର। ଏହି ମେଡିକାଲ କଲେଜ ପ୍ରତିଷ୍ଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନ ଅତୁଳନୀୟ। ଏକ ଛୋଟ ତୀର୍ଥଯାତ୍ରୀ ଡାକ୍ତରଖାନାରୁ ଆରମ୍ଭ ହୋଇ ଆଜି ଏହା ଦେଶରେ ପୂରା ନାମ କରିଛି। ସବୁ ବର୍ଗର ଲୋକଙ୍କୁ ଏଠାରେ ନିଃଶୁଳ୍କ ଚିକିତ୍ସା ଦିଆଯାଉଛି। ଏହା ଏକ ସର୍ବଭାରତୀୟ ଅନୁଷ୍ଠାନ। ଦେଶର ବିଭିନ୍ନ ପ୍ରାନ୍ତରୁ ଡାକ୍ତରୀ ପଢ଼ିବାକୁ ପିଲାମାନେ ଏଠାକୁ ଆସୁଛନ୍ତି ବୋଲି ରାଷ୍ଟ୍ରପତି କହିଥିଲେ।

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ, ହସ୍‌ପିଟାଲ ଅର୍ଥ ହସ୍‌ପିଟାଲିଟି। ରୋଗୀଙ୍କୁ ଜଣେ ଡାକ୍ତର ନିଜ ଭିତରେ ଅନୁଭବ କରିବେ। ଡାକ୍ତର ରୋଗୀ ସ୍ତରକୁ ନ ଆସିଲେ ସେ କେବେ ଚିକିତ୍ସା କରିପାରିବେ ନାହିଁ। ତା'ହେଲେ ଯାଇ ଜଣେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳିପାରିବ ବୋଲି ରାଜ୍ୟପାଳ କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ, ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟକ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ଯାହାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା କରାଯାଉଛି। ଗତ ୧୦ ବର୍ଷରେ ୮ଟି ନୂଆ ମେଡିକାଲ କଲେଜ ଓ ୨ଟି ପୋଷ୍ଟ ଗ୍ରାଜୁଏଟ ମେଡିକାଲ କଲେଜ ପ୍ରତିଷ୍ଠା ହୋଇପାରିଛି। ରାଜ୍ୟରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ରାଜ୍ୟରୁ ପ୍ରତିବର୍ଷ ୨୨୦୦ ମେଡିକାଲ ଡାକ୍ତର ବାହାରିପାରୁଛନ୍ତି। ୨୦୨୪ ସୁଦ୍ଧା ସମସ୍ତ ଡାକ୍ତର ପଦବୀ ପୂରଣ କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି।

ଏସ୍‌ସିବି ମେଡିକାଲ କଲେଜ୍‌ର ଡିନ୍ ତଥା ପ୍ରିନ୍‌ସିପାଲ ଡ. ପ୍ରସେନ୍‌ଜିତ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ବାର୍ଷିକ ବିଶେଷାଙ୍କ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ମେଡିକାଲ କଲେଜ ତରଫରୁ ରାଷ୍ଟ୍ରପତି, ରାଜ୍ୟପାଳ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ମୃତିଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।



ପିଲାଙ୍କୁ ଚକୋଲେଟ୍ ବାଣ୍ଟୁଛନ୍ତି ରାଷ୍ଟ୍ରପତି।



ମା' କଟକ ଚଣ୍ଡୀଙ୍କୁ ରାଷ୍ଟ୍ରପତି ଦର୍ଶନ କରି ଆଶିଷ ଭିକ୍ଷା କରୁଛନ୍ତି।



ଶୈଳବାଳା ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଓ ଅଧ୍ୟାପିକାଙ୍କ ଗହଣରେ ରାଷ୍ଟ୍ରପତି।




FREE HOTEL MANAGEMENT COURSES AT SIHM, BALANGIR (ODISHA)
(ONLY FOR SUNDARGARH DISTRICT)

Eligible students belonging to all Categories from the 13 BLOCKS (BONAIGARH, HEMGIR, KOIDA KUTRA, GURUNDIA, KUARMUNDA, LAHUNIPADA, LEPHRIPADA, LATHIKATA, NUAGAON RAJGANGPUR, RAJGANGPUR MPL & BIRAMITRAPUR MPL of SUNDARGARH District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2023-24. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with english one of the subject (45% for GEN/OBC 40% for SC/ST candidates) | No Age Limit |
| 2. Diploma in Fornt Office Operation, Food Production, Housekeeping Operation, Food & Beverage Service and Bakery & Confectionery | 1½ Year | 10+2 pass or equivalent | |
| 3. Craftsmanship Certificate Course in Food Production | 06 Months | 10th pass | |
| 4. Craftsmanship Certificate Course in Food & Beverage Service | 1½ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, TITILAGARH ROAD, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484
SIHM NCHMCT

"ବସ୍ତୁମାନଙ୍କର ଏକ ଚେତନା ରହିଛି – ଏକ ଜୀବନ ରହିଛି– ଯାହା ମଣିଷ ବା ପ୍ରାଣୀମାନଙ୍କ ଭିତରେ ରହିଥିବା ଜଣାଶୁଣା ଚେତନା ନୁହଁ। ଏହା ଆହୁରି ଗୋପନ ଓ ବାସ୍ତବ। ସେଥିପାଇଁ ଭୌତିକ ବସ୍ତୁ ପ୍ରତି ଆମର ସମ୍ମାନ ରହିବା ଉଚିତ ଏବଂ ଆମେ ତାକୁ ଯଥାର୍ଥ ଭାବେ ବ୍ୟବହାର କରିବା ଉଚିତ। –ଶ୍ରୀଅରବିନ୍ଦ



# କିଏ ଲାଭ ପାଇବ



କନ୍‌ଷ୍ଟାଣ୍ଟିନ୍ ସୋନିନ୍

ନିକଟରେ ଭିଲିନିୟସ୍‌ରେ ନାଟୋ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରୁଷିଆ ସହ ଯୁଦ୍ଧ ଶେଷହେବା ପରେ ୟୁକ୍ରେନ୍‌କୁ ନାଟୋରେ ଗ୍ରହଣ କରାଯିବ ବୋଲି ସଙ୍କଳ୍ପ ନିଆଯାଇ ସମ୍ମିଳନୀ ଉଦ୍‌ଯାପନ ହୋଇଥିଲା। ଏହି ମିଳିତ ମଞ୍ଚରେ ଅଧିକାଂଶ ନାଟୋ ଦେଶ ୟୁକ୍ରେନ୍‌କୁ ଏକ ଆଶାବାଦୀ ସଦସ୍ୟ ଭାବରେ ଦେଖୁଛନ୍ତି। କିନ୍ତୁ ନାଟୋରେ ଏହି ଦେଶର ତୁରନ୍ତ ଯୋଗଦାନ ଉପରେ ସହମତି ପ୍ରକାଶ ପାଇବା କଷ୍ଟକର ହୋଇଛି। ଦେଖିବାକୁ ଗଲେ ୟୁକ୍ରେନ୍ ଏବଂ ନାଟୋର ଏବକାର ସଦସ୍ୟମାନେ ୟୁକ୍ରେନ୍ ସଦସ୍ୟତାରୁ ଲାଭ ପାଇପାରିବେ ନାହିଁ। କିନ୍ତୁ ମିଳିତ ମଞ୍ଚର ବିସ୍ତାରକୁ ରୋକିବା ବାହାନାରେ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିବା ରୁଷିଆ ଏହି ସମ୍ଭାବନାରୁ ଅନେକ କିଛି ଲାଭ କରିବାର ଅଛି। ନାଟୋରେ ୟୁକ୍ରେନ୍‌ର ଯୋଗଦାନ ବିଷୟ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ତାଙ୍କ ସାଥୀମାନଙ୍କ ପାଇଁ ଏକ ଖରାପ ଖବର ହୋଇଥିବାବେଳେ ଏହା ରୁଷିଆର ନାଗରିକଙ୍କ ପାଇଁ ଅତ୍ୟଧିକ ଲାଭଦାୟକ ହୋଇପାରେ।

ଯୁଦ୍ଧର କ୍ଷତି ଦିଗକୁ ଦେଖାଯାଉ। ୟୁକ୍ରେନ୍ ବିରୋଧରେ ରୁଷିଆ ଆକ୍ରମଣର ପ୍ରତ୍ୟକ୍ଷ କ୍ଷତି ହିସାବ କରିବା କଷ୍ଟସାଧ ହୋଇଥିଲେ ବି ପାରମ୍ପରିକ ଆକଳନଗୁଡ଼ିକ ଏହି ସଂଘର୍ଷର ବ୍ୟାପକ ଅର୍ଥନୈତିକ ପରିମାଣ ଦର୍ଶାଇଛନ୍ତି। ବିଗତ ୨୦ ବର୍ଷ ହେଲା ରୁଷିଆ ଅନେକ କୋଟି ଡଲାରର ସାମରିକ ଉପକରଣ ଯଥା ଶେଲ୍, ଟ୍ୟାଙ୍କ୍, ହୱାଇଜର, ଯୁଦ୍ଧବିମାନ ଏବଂ ହେଲିକପ୍ଟର ଉତ୍ପାଦନରେ; ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅତ୍ୟାବଶ୍ୟକ ସେବାରେ ସଂସାଧନକୁ ଉପଯୋଗ କରିବାରେ ବ୍ୟୟ କରିଆସିଛି। ବର୍ଷ ବର୍ଷ ଧରି ପୁଟିନ୍‌ଙ୍କ ଶାସନ ରୁଷିଆର ଅର୍ଥ ବ୍ୟବସ୍ଥାକୁ ବୈଶ୍ୱିକ ଆର୍ଥିକ ବଜାରରୁ ଅଲଗା କରିବା ଲାଗି ଚାହିଁଆସିଛି। ଫଳସ୍ୱରୂପ,୨୦୦୦ ଦଶକର ଶେଷରୁ ରୁଷିଆର ଅର୍ଥ ବ୍ୟବସ୍ଥା ଦୁର୍ବଳ ହୋଇଛି, ଯାହା ଲିଓନିଡ୍ ବ୍ରେଜ୍‌ନେଭ୍‌ଙ୍କ ସମୟରେ ସୋଭିଏତ୍ ସଂଘର ଲମ୍ବା ସମୟ ଧରି ଆର୍ଥିକ ମାନ୍ଦାବସ୍ଥାକୁ ସ୍ମରଣ କରାଇଦିଏ। ୨୦୦୯ରୁ ୨୦୨୨ ମଧ୍ୟରେ ରୁଷିଆ ଉତ୍ପାଦନ ଓ ଆୟରେ ଯାହା ହରାଇଥିଲା ତାହା ତା'ର ଜିଡିପିର ୧୦–୧୫% ଥିଲା ଏବଂ ୟୁକ୍ରେନ୍ ଉପରେ ଏହା ଆକ୍ରମଣ କରିବା ଯୋଗୁ ଦେଶର ଆର୍ଥିକ ସମସ୍ୟା ବଢ଼ିଛି ଓ ୨୦୨୨ରେ ଜିଡିପିରେ ୨–୩% ହ୍ରାସ ହେବା ସହ ଖୁଚୁରା ବିକ୍ରି ୬.୭% ହ୍ରାସ ପାଇଛି। ୟୁକ୍ରେନ୍ ଯୁଦ୍ଧ ପ୍ରସ୍ତୁତି କୋଟି କୋଟି ଟଙ୍କା ଖର୍ଚ୍ଚ କରିଛି। ଫଳରେ ଅର୍ଥନୀତିରେ ହୋଇଥିବା ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ କ୍ଷତି ଭରଣା କରିବା ଲାଗି ରୁଷିଆକୁ ଅନେକ ଦଶନ୍ଧି ଲାଗିଯାଇପାରେ। ଏହା ନିଶ୍ଚିତ ଯେ, ୟୁକ୍ରେନ୍‌କୁ ନାଟୋରେ ମିଶାଇଲେ ରୁଷିଆକୁ ଅନ୍ୟ ଦିଗରୁ ଲାଭ ମିଳିପାରେ, କିନ୍ତୁ ପୁଟିନ୍‌ଙ୍କ ଦ୍ୱାରା ଅର୍ଥନୀତିରେ ହୋଇଥିବା କ୍ଷତି ଦୂରହୋଇପାରିବ ନାହିଁ। ଯୁଦ୍ଧ ସମାପ୍ତ ହେବା ପରେ ସାମରିକ ଉତ୍ପାଦନକୁ ପ୍ରାଧାନ୍ୟ ଦେଇ ଅର୍ଥନୈତିକ ଅଭିବୃଦ୍ଧି କରିବା ଅଧିକ କଷ୍ଟସାଧ ହେବ। କିନ୍ତୁ ୟୁକ୍ରେନ୍‌ର ନିରାପତ୍ତା ସୁନିଶ୍ଚିତ କରିବା ଦ୍ୱାରା ରୁଷିଆ ଏହାର ଅର୍ଥନୈତିକ ପୁନରୁଦ୍ଧାରକୁ ତ୍ୱରାନ୍ୱିତ କରିପାରିବ। ଏହାସହ ବୈଶ୍ୱିକ ବଜାରରେ ଏହାକୁ ଶୀଘ୍ର ସାମିଲ କରିବା ସହଜ ଓ ନିରାପଦ ହେବ । ଆର୍ଥିକ କ୍ଷତି ନିଶ୍ଚିତ କରିବ ଯେ, ଯୁଦ୍ଧ ପରେ ଭବିଷ୍ୟତରେ ରୁଷିଆ ଆଉ କୌଣସି ଆକ୍ରମଣକୁ ପାଣି ଯୋଗାଇବ ନାହିଁ।



ପୁଟିନ୍‌ଙ୍କ ଷ୍ଟାଲିନ୍‌ବାଦୀ ମୋଡ଼କୁ ଲକ୍ଷ୍ୟ କରାଯାଉ। ସୋଭିଏତ୍ ଏକଚ୍ଛତ୍ରବାଦୀ ଶାସକ କିପରି ବ୍ୟକ୍ତିଗତ ଶକ୍ତି ହାସଲ କରିବା ପାଇଁ ବାହ୍ୟ ବିପଦକୁ ଉପଯୋଗ କରିଥିଲେ ତାହା ଜୋସେଫ୍ ଷ୍ଟାଲିନ୍‌ଙ୍କ ଜୀବନୀରେ ଐତିହାସିକ ଷ୍ଟିଫେନ୍ କୋଟକିନ୍ ପ୍ରତିପାଦିତ କରିଥିଲେ। ବିରୋଧୀ ଦଳକୁ ନିଷେଧ କରିବା ଏବଂ ନିଜ କମ୍ୟୁନିଷ୍ଟ ପାର୍ଟି ଭିତରେ ଥିବା ଅସନ୍ତୋଷକୁ ଦମନ କରିବା ପାଇଁ ଷ୍ଟାଲିନ୍ ଲଗାତର ବୈଦେଶିକ ଆକ୍ରମଣ ଓ ରାଜତନ୍ତ୍ରବାଦୀ ବିଦ୍ରୋହକୁ ଦର୍ଶାଇବା ସହ ଏକାଧିକ କୁଳୀନ ବର୍ଗଙ୍କୁ ହଟାଇ ନାଗରିକଙ୍କୁ ଆତଙ୍କିତ କରିଥିଲେ। ଯିଏ ତାଙ୍କୁ ଚ୍ୟାଲେଞ୍ଜ କରିଥିଲେ ତାଙ୍କୁ ବିଦେଶୀ ଶକ୍ତିର ଏଜେଣ୍ଟ ବୋଲି ଦର୍ଶାଇଥିଲେ। ଯଦିଓ ଷ୍ଟାଲିନ୍‌ଙ୍କ ମୃତ୍ୟୁ ପରେ ୧୯୫୩ରେ ୟୁଏସ୍‌ଏସ୍‌ଆର୍‌ର ନିଷ୍ଠୁର ଦମନ କିଛି ମାତ୍ରାରେ ହ୍ରାସ ପାଇଥିଲା, ତଥାପି ତାଙ୍କ ଶାସନର ଅବିଶ୍ୱାସ ଓ ସନ୍ଦେହ ଅନେକ ପିଢ଼ି ଯାଏ ରହିଗଲା। ଫଳରେ ପରବର୍ତ୍ତୀ ସୋଭିଏତ୍ ନେତାମାନେ ବିଚ୍ଛିନ୍ନତାବାଦୀ ନୀତି ଏବଂ କ୍ଷମତାରେ ରହିବା ପାଇଁ ସାମରିକ ଶକ୍ତିକୁ ବ୍ୟବହାର କରିଥିଲେ। ହେଲେ ଏହି ଦୃଷ୍ଟିକୋଣ ବିଫଳ ହେଲା। ସାମରିକ କ୍ଷେତ୍ରରେ ଅତ୍ୟଧିକ ବ୍ୟୟ ୧୯୯୧ରେ ସୋଭିଏତ୍ ୟୁନିୟନର ପତନର ଏକ ମୁଖ୍ୟ କାରଣ ହେଲା। ଲକ୍ଷ ଲକ୍ଷ ଲୋକ ରୁଟି, ଅଣ୍ଡା ଏବଂ ଚିନି ପାଇଁ ଧାଡ଼ିରେ ଅପେକ୍ଷା କରିଥିବାବେଳେ ୟୁଏସ୍‌ଏସ୍‌ଆର୍ ଟ୍ୟାଙ୍କ୍ ଏବଂ କ୍ଷେପଣାସ୍ତ୍ର ଉତ୍ପାଦନ ପାଇଁ ଅତ୍ୟଧିକ ସଂସାଧନ ବ୍ୟବହାର କରିଥିଲା। ସୋଭିଏତ୍ ସାମରିକ–ଶିଳ୍ପ ସମ୍ବନ୍ଧ ଦ୍ୱାରା ପରିଚାଳିତ ଦୃଢ଼ ରାଜନୈତିକ ଶକ୍ତି ଯୋଗୁ ପ୍ରତିରକ୍ଷା ଖର୍ଚ୍ଚ ବହୁତ ବଢ଼ିଯାଇଥିଲା। ଶେଷରେ ସରକାରୀ ଆଦେଶ ଦ୍ୱାରା ସାମରିକ ବଜେଟ ହ୍ରାସ କରାଯାଇ ନ ଥିଲା, ବରଂ ରାଜ୍ୟ ବିଲୋପ ହେବା ଯୋଗୁ ଏହା ଘଟିଥିଲା।

ଷ୍ଟାଲିନ୍‌ଙ୍କ ପଦ୍ଧତିରେ ପୁଟିନ୍ ଏକ ନୂତନ ବିଷୟ ଯୋଡ଼ିଛନ୍ତି। ଷ୍ଟାଲିନ୍ ଦଳର ନେତାମାନଙ୍କୁ ଠିକ୍ ରଖିବା ପାଇଁ ଭୟଭୀତ କରୁଥିବାବେଳେ ପୁଟିନ୍ ଲୋଭ ଦେଖାଇ ମିଲିଟାରି ଖର୍ଚ୍ଚ ବଳରେ ନିଜର ସହଯୋଗୀଙ୍କୁ କୋଟିପତି କରିଛନ୍ତି। ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଯୋଜନା କରି ତାହାକୁ କାର୍ଯ୍ୟକାରୀ କରିଥିବା ପୁଟିନ୍‌ଙ୍କଠାରୁ ଆରମ୍ଭକରି ପ୍ରତିରକ୍ଷା ମନ୍ତ୍ରୀ ସରୋଜ ଶୋଏଗୁ, ସୁରକ୍ଷା ପରିଷଦ ସଚିବ ନିକୋଲାଇ ପାତ୍ରୁଶେଭଙ୍କ ପର୍ଯ୍ୟନ୍ତ ଏବଂ ବିଭିନ୍ନ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ପରିବାର ଗତ ୧ ଦଶନ୍ଧି ମଧ୍ୟରେ ଅତ୍ୟଧିକ ଧନୀ ହୋଇଛନ୍ତି। ୟୁକ୍ରେନ୍ ଯୁଦ୍ଧର ପ୍ରଥମ ବର୍ଷରେ ରୁଷିଆର ସାମରିକ–ଶିଳ୍ପ ସମ୍ବନ୍ଧରେ ବ୍ୟାପକ ଦୁର୍ନୀତି ପ୍ରକାଶ ପାଇଛି। ତଥାପି, ଏହି ଦୁର୍ନୀତିରୁ ଲାଭବାନ୍ ହୋଇଥିବା ସମସ୍ତ ପ୍ରମୁଖ ବ୍ୟକ୍ତି ନିଜ ପଦବୀରେ ଦୃଢ଼ ହୋଇ ରହିଛନ୍ତି।

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଷ୍ଟିଫେନ୍ ୱାଲ୍ଟ ଏବଂ ଶିକାଗୋ ବିଶ୍ୱବିଦ୍ୟାଳୟର ଜନ୍ ମିର୍‌ସାଇମରଙ୍କ ପରି ବୈଦେଶିକ ବ୍ୟାପାର ବିଶେଷଜ୍ଞ ଯୁକ୍ତି ବାଢ଼ିଛନ୍ତି ଯେ ନାଟୋର ବିସ୍ତାର ଉପରେ ରୁଷିଆର ଆଭିମୁଖ୍ୟ ୟୁକ୍ରେନ୍ ଏବଂ ଅନ୍ୟ ପଡ଼ୋଶୀ ଦେଶ ପାଇଁ ଏକ ପରିଣାମ ହେବ। ରୁଷିଆ ପ୍ରକୃତରେ ନାଟୋ ବିସ୍ତାରକୁ ୟୁକ୍ରେନ୍ ଉପରେ ଆକ୍ରମଣର ଏକ ଯଥାର୍ଥ କାରଣ ବୋଲି କହିଥିବାବେଳେ ସେପ୍ଟେମ୍ବର ୨୦୨୨ରେ ୟୁକ୍ରେନ୍‌ର ୪ଟି ଅଞ୍ଚଳକୁ ତା' ସହ ମିଶାଇବା ପ୍ରମାଣ କରିଛି ଯେ ଏହି ଯୁଦ୍ଧ ବିଜୟ ଲାଭ ପାଇଁ କରାଯାଇଛି। ରୁଷିଆର ଅଧିକାରୀମାନେ ଦେଶ ଭାବରେ ୟୁକ୍ରେନ୍‌ର ଅସ୍ତିତ୍ୱକୁ ନିୟମିତ ଅସ୍ୱୀକାର କରିଆସୁଛନ୍ତି, ଯେପରି ନାଜି ଏବଂ ସୋଭିଏତ୍ ଅଧିକାରୀମାନେ ୧୯୩୯ରେ ପୋଲାଣ୍ଡକୁ ସ୍ୱୀକୃତି ହେବାକୁ ମନା କରିଦେଇଥିଲେ। ବାସ୍ତବତା ହେଉଛି, ୟୁକ୍ରେନ୍ ବିରୋଧରେ ଯୁଦ୍ଧ ନାଟୋର ପୁନଃ ସମ୍ପ୍ରସାରଣକୁ ଶକ୍ତି ଯୋଗାଇଛି। ଅନ୍ୟପକ୍ଷରେ ଆକ୍ରମଣ ପରେ ଫିନ୍‌ଲାଣ୍ଡ ଓ ସୁଇଡେନ୍ ଦୀର୍ଘଦିନର ନିରପେକ୍ଷତା ଛାଡ଼ି ତୁରନ୍ତ ନାଟୋରେ ଯୋଗଦେବାକୁ ଆଗଭର ହେଲେ। ଫିନ୍‌ଲାଣ୍ଡ ଏପ୍ରିଲରେ ଯୋଗ ଦେଇଥିବାବେଳେ ଏବଂ ସୁଇଡେନ୍ ଆସନ୍ତା କୌଣସି ମାସରେ ସାମିଲ ହେବାକୁ ପାଗ ଭିଡୁଛି। ଯୁଦ୍ଧକ୍ଷେତ୍ରରେ ରୁଷିଆ ଅସୁବିଧାର ସମ୍ମୁଖୀନ ହେଉଥିବା ସମୟରେ ନାଟୋରେ ୟୁକ୍ରେନ୍‌ର ସମ୍ଭାବ୍ୟ ଯୋଗଦାନର ଗୁରୁତ୍ୱ ରହିପାରେ, କିନ୍ତୁ ଯୁଦ୍ଧ ସମାପ୍ତ ହେବା ପରେ ଏହାର ଉପଯୋଗିତା ହ୍ରାସ ପାଇବ।

ୟୁକ୍ରେନ୍ ସମେତ ଏହାର ମିତ୍ର ସଦସ୍ୟମାନେ ଯେଉଁମାନେ ୟୁକ୍ରେନ୍‌ର ନାଟୋ ସଦସ୍ୟତା ଉପରେ ନିଷ୍ପତ୍ତି ନେଉଛନ୍ତି, ସେମାନେ ବିଚାର କରିବା ଉଚିତ ଯେ, ରୁଷିଆର ସ୍ୱାର୍ଥ ହିଁ ଶେଷ କଥା ହୋଇପାରେ। କିନ୍ତୁ ନାଟୋରେ ୟୁକ୍ରେନ୍‌ର ଯୋଗଦାନରୁ ରୁଷିଆକୁ ବାସ୍ତବରେ ଲାଭ ହେବ। ପ୍ରଥମେ, ୟୁକ୍ରେନ୍‌ର ସୁରକ୍ଷାକୁ ଦୃଢ଼ କରିବା ଦ୍ୱାରା ରୁଷିଆ ସମେତ ପଡ଼ୋଶୀ ଦେଶଗୁଡ଼ିକର ସୁରକ୍ଷାକୁ ବଢ଼ାଇଦେବ। ଦ୍ୱିତୀୟରେ ରୁଷିଆର ସାମ୍ରାଜ୍ୟବାଦ ବିଫଳ ହେଲେ ଏହା ରୁଷିଆର ନାଗରିକଙ୍କୁ ଆରାମ ପ୍ରଦାନ କରିବ, ଯେଉଁମାନେ ପୁଟିନ୍‌ଙ୍କ ଗର୍ବର ମୂଲ୍ୟ ବହନ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନାଟୋରେ ୟୁକ୍ରେନ୍‌ର ଯୋଗଦାନ ବିଚ୍ଛିନ୍ନତାବାଦ ଏବଂ ସାମରିକବାଦ ଉପରେ ନିର୍ଭର କରି କ୍ଷମତା ଧରି ରଖିବାକୁ ଚେଷ୍ଟା କରୁଥିବା ଭବିଷ୍ୟତର ଷ୍ଟାଲିନ୍ କିମ୍ବା ପୁଟିନ୍‌ଙ୍କ ବିରୋଧରେ ଏକ ପ୍ରତିରୋଧକ ଭାବରେ କାର୍ଯ୍ୟ କରିପାରିବ।

**ପ୍ରାଧ୍ୟାପକ, ହାରିସ୍ ସ୍କୁଲ ଅଫ୍ ପବ୍ଲିକ ପଲିସି (ଶିକାଗୋ ବିଶ୍ୱବିଦ୍ୟାଳୟ)**

# ଅନୁଚିତ ଧନ



ଯତିଦାନନ୍ଦ ଦାଶ

ଆଜିକାଲି ମଣିଷ ଧନ ଉପାର୍ଜନ କରିବାର ପ୍ରୟାସକୁ ଏକ କର୍ତ୍ତବ୍ୟ ରୂପେ ଧରି ନେଇଛି। ପ୍ରକୃତରେ ଦେଖିବାକୁ ଗଲେ, ଧନ ଉପାର୍ଜନ କରିବାକୁ କାହାକୁ ବା ଭଲ ନ ଲାଗିବ ? କାରଣ ଆଜିର ନୀତି ହେଲା ଧନ ଯେଉଁଠି, ମାନ ସେଇଠି। ଧନ ଉପାର୍ଜନର ଦୁଇଟି ବାଟ ଅଛି। ଯଥା– ଉଚିତ ଧନ ଉପାର୍ଜନ ଏବଂ ଅନ୍ୟଟି ଅନୁଚିତ ଧନ ଉପାର୍ଜନ। ଯେଉଁ ଧନ ସତ ଉପାୟରେ, ନିଜର ପରିଶ୍ରମ ଏବଂ ବୁଦ୍ଧିବଳରେ ଉପାର୍ଜିତ ହୋଇଥାଏ, ତାକୁ ଉଚିତ ଧନ ବୋଲି ଧରିନେବା। ଠିକ୍ ସେହିପରି ଯେଉଁ ଧନ ଅସତ୍ ଉପାୟ ଅବଲମ୍ବନ କରି ଅନ୍ୟକୁ ଦୁଃଖ ଏବଂ କଷ୍ଟ ଦେଇ ଅର୍ଜନ କରାଯାଇଥାଏ, ତାହାକୁ ଅନୁଚିତ ଧନ ବୋଲି ସାଧାରଣତଃ ବିଚାରକୁ ନିଆଯାଏ। ଅନୁଚିତ ଧନର ବ୍ୟାଖ୍ୟା କରିବାକୁ ଯାଇ ଆଚାର୍ଯ୍ୟ ଚାଣକ୍ୟଙ୍କର ନୀତିର ଷୋଡ଼ଶ ଅଧ୍ୟାୟର ଅନୁଚ୍ଛେଦ (୧୧) ରେ ଥିବା ଶ୍ଳୋକଟିକୁ ଏଠାରେ ଅବତାରଣା କରୁଛି। ''ଅତିକ୍ଲେଶେନ ଯେ ଚାର୍ଥାଃ ଧର୍ମସ୍ୟାତିକ୍ରମେଣତୁ, ଶତ୍ରୁଣାଂ ପ୍ରଣିପାତନେ ତେ ହ୍ୟର୍ଥାଃ ନ ଭବନ୍ତୁ ମେ।'' ଆଚାର୍ଯ୍ୟ ଏଠାରେ ଅନୁଚିତ ଧନକୁ ତିରସ୍କାର କରିବାକୁ ଯାଇ କହିଛନ୍ତି, ଯେ ଅନ୍ୟକୁ ଦୁଃଖୀ କରାଇ, ଅଧର୍ମ ଦ୍ୱାରା ବା ଶତ୍ରୁମାନଙ୍କ ଶରଣାପନ୍ନ ହେବା ଫଳରେ ମିଳିଥିବା ଧନ ମୋତେ ପ୍ରାପ୍ତ ନ ହେଉ। ଉକ୍ତ ଶ୍ଳୋକଟିର ଅର୍ଥରୁ ଏହା ପ୍ରତିପାଦିତ ହେଉଛି ଯେ, ଯେଉଁ ଧନ ଅନ୍ୟ ବ୍ୟକ୍ତିଙ୍କୁ ଦୁଃଖୀ କରାଇ ପ୍ରାପ୍ତ ହୋଇଛି, ଯାହା ଚୋରି, ତସ୍କରି, କଳାବଜାରୀ ଆଦି ଅବୈଧ ରୀତିରେ ଉପାର୍ଜନ କରାଯାଇଛି ବା ଦେଶର ଶତ୍ରୁଙ୍କ ମାଧ୍ୟମରେ ଅର୍ଜନ କରାଯାଇଛି, ସେପରି ଧନ ଅନୁଚିତ ଧନ ଭାବେ ଗଣ୍ୟ କରାଯାଇଥାଏ। ଜଣେ ବୁଦ୍ଧିମାନ୍ ଏବଂ ଶିକ୍ଷିତ ବ୍ୟକ୍ତି ପକ୍ଷରେ ସେପରି ଧନ ଗ୍ରହଣ କରିବା ଉଚିତ ନୁହେଁ। ମୂର୍ଖ ବ୍ୟକ୍ତି ଦ୍ୱାରା ଅନୁଚିତ ଧନ ଅର୍ଜନ କରାଗଲେ, ତା'ର କିଛି ମୂଲ୍ୟ ନ ଥାଏ। କାରଣ ସେ ଧନର ପ୍ରକୃତ ଉପଯୋଗିତା ଜାଣି ନ ଥାଏ। ସେହିପରି କୃପଣ ମହାଜନ ଗରିବକୁ କଷ୍ଟଦେଇ ଅନୁଚିତ ଧନ ଉପାର୍ଜନ କରି ଟ୍ରେଜେରିରେ ସାଇତି ରଖେ, ଯେଉଁ ଧନ ସମାଜର କୌଣସି କାମରେ ଲାଗେ ନାହିଁ।

ସାଧାରଣତଃ ଅନୁଚିତ ଅର୍ଥ ଉପାର୍ଜନ ୨ ପ୍ରକାରରେ ହୋଇଥାଏ। ଯଥା (୧) ପ୍ରତ୍ୟକ୍ଷ ଉପାର୍ଜନ, (୨) ପରୋକ୍ଷ ଉପାର୍ଜନ। ପ୍ରତ୍ୟକ୍ଷ ଅନୁଚିତ ଉପାର୍ଜନ ହେଲା ସିଧାସଳଖ ଲୋକଠାରୁ କିମ୍ବା କମ୍ପାନୀଠାରୁ ବା ଠିକାଦାରଙ୍କଠାରୁ ଲାଞ୍ଚ ନେବା ଇତ୍ୟାଦି। ଏ ପ୍ରକାରର ଉପାର୍ଜନ ପ୍ରତ୍ୟକ୍ଷଭାବେ ଚୋରି ସହ ସମାନ। ଏହାଦ୍ୱାରା ଦେଶର ପ୍ରତ୍ୟକ୍ଷ ଭାବରେ ରାଜସ୍ୱ କ୍ଷତି ହେବା ସଙ୍ଗେ ସଙ୍ଗେ ବିକାଶରେ ଅବନତି ଘଟିଥାଏ। ଦ୍ୱିତୀୟ ଅନୁଚିତ ଧନ ଉପାର୍ଜନ ହେଲା ପରୋକ୍ଷରେ ଚୋରି କରିବା ଯଥା – ସାଇବର ଠକେଇ, ବ୍ୟାଙ୍କ ଫ୍ରଡ୍, ବଡ଼ ବଡ଼ ଜିଏସ୍‌ଟି ଏବଂ ଆୟକର ଠକେଇ ଇତ୍ୟାଦି। ଏ ପ୍ରକାର ପରୋକ୍ଷ ଉପାର୍ଜନ ଦେଶର ପ୍ରଭୂତ କ୍ଷତି ଘଟାଇଥାଏ। ବିପୁଳ ପରିମାଣର ରାଜସ୍ୱ କ୍ଷତି ଘଟିଥାଏ। ଏଗୁଡ଼ିକ ସାଧାରଣତଃ ଶିକ୍ଷିତ ଓ ଖଳ ବୁଦ୍ଧିମାନ୍ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରରୋଚିତ ହୋଇଥାଏ। ଏହାଦ୍ୱାରା ଦେଶ ବା ଜାତିର ଅବନତି ଛଡ଼ା ଅନ୍ୟ କୌଣସି ବାଟ ନ ଥାଏ। ଆଜିକାଲି ଗଣମାଧ୍ୟମରେ ଦୈନିକ ଏ ପ୍ରକାର ଠକେଇ ମାଧ୍ୟମରେ ଅନୁଚିତ ଧନ ଉପାର୍ଜନର ଘଟଣାମାନ ଦେଖିବାକୁ ମିଳୁଛି। ଯେତେ ସାବଧାନତା ଅବଲମ୍ବନ କଲେ ବି ଏ ପ୍ରକାର (ପରୋକ୍ଷ ଉପାର୍ଜନ)ର ସ୍ରୋତ ଥମୁନି, ବରଂ ନଦୀର ଧାର ପରି ବହିଚାଲିଛି ଏବଂ ସମାଜର କ୍ଷତି ଘଟାଇ ଚାଲିଛି। କିଛି କିଛି ବଡ଼ ବଡ଼ ଅରବପତି ଏ ପ୍ରକାର ଧନ ଅର୍ଜନ କରି ବିଦେଶ ପଳାଇଯିବାର ଉଦାହରଣର ମଧ୍ୟ ଅଭାବ ନାହିଁ। ଯଥା – ନୀରବ ମୋଦି ଏବଂ ବିଜୟ ମାଲ୍ୟା ଆଦିଙ୍କ ବ୍ୟାଙ୍କ ଘୋଟାଲାରୁ ଏହାର ପ୍ରମାଣ ମିଳେ। ପାଠକେ, ଏ ସବୁ ଘଟଣାର ମୂଳରେ ଲୋକଙ୍କ ମଧ୍ୟରେ ସାଧୁତା ଏବଂ ସୁସଙ୍ଗଠିତ କର୍ମ ତତ୍ପରତାର ଅଭାବ, ଯାହା ଫଳରେ ଦେଶର କ୍ଷତି ଘଟିଚାଲିଛି। ଧନୀ ଓ ଖଳଲୋକ ଧନୀ ହୋଇ ଚାଲିଲା ବେଳେ ଗରିବ ଗରିବ ହୋଇ ରହିଯାଉଛି। ସମାଜ ଓ ଦେଶରେ ଆର୍ଥିକ ଅସମାନତା ଦେଖିବାକୁ ମିଳୁଛି। ମୁଦ୍ରାସ୍ଫୀତି ବଢ଼ିବାରେ ଲାଗିଛି। ଅର୍ଥନୀତି ନିମ୍ନଗାମୀ ହେବାରେ ଲାଗିଛି।ତେଣୁ ଅନୁଚିତ ଧନ ବା କଳାଧନ ଲୋକ, ସମାଜ ଏବଂ ମୋଟାମୋଟି ଭାବରେ ଦେଶ ପାଇଁ ବହୁତ କ୍ଷତିକାରକ।

**ମୋ : ୯୯୩୮୧୮୧୩୨୦**

## ଏଇ ଭାରତରେ

ଉତ୍ତରପ୍ରଦେଶ ସୋନଭଦ୍ରର ଦ୍ୱାଦଶ ଶ୍ରେଣୀ ଦିବ୍ୟାଙ୍ଗ ଛାତ୍ର ଇନ୍ଦ୍ରେଶ କୁମାର। ସେ ଏକ ନିଆରା ଉଦ୍ଭାବନ କରିଛନ୍ତି। ଏହା ହେଉଛି ଏକ ହେଲ୍‌ମେଟ, ଯାହା ସଡ଼କ ଦୁର୍ଘଟଣାକୁ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ହେଲ୍‌ମେଟର ବିଶେଷତ୍ୱ ହେଉଛି ତାହାକୁ ଚାଳକ ନ ପିନ୍ଧିବା ପର୍ଯ୍ୟନ୍ତ ବାଇକ ଷ୍ଟାର୍ଟ ହେବ ନାହିଁ। ଏଥିସହ ଯଦି ବାଇକ ଚଳାଉଥିବା ବ୍ୟକ୍ତି ମଦ୍ୟପାନ କରିଛନ୍ତି ତେବେ ଦୁର୍ଗନ୍ଧ ଯୋଗୁ ବି ବାଇକ ଷ୍ଟାର୍ଟ ହେବ ନାହିଁ। ଇନ୍ଦ୍ରେଶ କୁହନ୍ତି, ଏହି ହେଲ୍‌ମେଟ ପିନ୍ଧିବା କାରଣରୁ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବ ଓ ମଦ୍ୟପାନ କମ୍ ହୋଇପାରିବ। ଇନ୍ଦ୍ରେଶ କୁମାର ସୋନଭଦ୍ରର ରୋବର୍ଟସଗଞ୍ଜ ବ୍ଲକ ମଧୁପୁର ଗାଁର ବାସିନ୍ଦା। ସେ ସୋନଭଦ୍ରର ଚୁରକ ଜୟ ଜ୍ୟୋତି ଇଣ୍ଟର କଲେଜର ଛାତ୍ର। ସେ ଚାଲିବାକୁ ଅସମର୍ଥ। ତାଙ୍କ ଗୋଡରେ ୫୦ ପ୍ରତିଶତ ଅକ୍ଷମତା ଅଛି। ଏହା ସତ୍ତ୍ୱେ ସେ ଏପରି ହେଲ୍‌ମେଟ ଉଦ୍ଭାବନ କରିଥିବାରୁ ଉତ୍ତରପ୍ରଦେଶ ପରିବହନ ମନ୍ତ୍ରୀ ଦିନଶଙ୍କର ସିଂ ତାଙ୍କୁ ସମ୍ମାନିତ କରିବା ସହ ୫୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରିଛନ୍ତି। ଇନ୍ଦ୍ରେଶ କୁମାର ବର୍ତ୍ତମାନ ତାଙ୍କ ଉଦ୍ଭାବନକୁ ପେଟେଣ୍ଟ କରିବାକୁ ପ୍ରସ୍ତୁତ ହେଉଛନ୍ତି। ମଦ୍ୟପାନ କରି ବାଇକରୁ ଖସିପଡ଼ି ତାଙ୍କ ପିତା ଆହତ ହେବା ପରେ ଏଭଳି ହେଲ୍‌ମେଟ ତିଆରି କରିବାର କଳ୍ପନା ତାଙ୍କ ମନରେ ଆସିଥିଲା। ପରେ ବହୁ ଗବେଷଣା କରି ସେ ଏହାକୁ ତିଆରି କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨୭ ଜୁଲାଇ ୧୯୯୮

- ସୁପ୍ରିମ୍‌କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ରଙ୍ଗନାଥ ମିଶ୍ର ଏବଂ ବିଶିଷ୍ଟ ଐତିହାସିକ ମନ୍ମଥନାଥ ଦାସଙ୍କ ନିର୍ବାଚନକୁ ଚାଲେଞ୍ଜ କରି ହାଇକୋର୍ଟରେ ପିଟିସନ ଦାଏର।
- ରୁଷର ସଂଘୀୟ ଗୋଇନ୍ଦା ସେବା (ଏଫ୍‌ଏସ୍‌ବି)ର ମୁଖ୍ୟ ପଦବୀରେ ଭ୍ଲାଡିମୀର ପୁଟିନ୍‌ଙ୍କୁ ନିଯୁକ୍ତି ପ୍ରଦାନ।
- ଇରାନ ପକ୍ଷରୁ ୧୩ ଶହ ଲକ୍ଷଭେଦୀ କ୍ଷମତା ବିଶିଷ୍ଟ ଏକ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ରକୁ ସଫଳତାର ସହ ପରୀକ୍ଷା କରିଛି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | 1 | | | |
| | | | 7 | | | | 3 | 1 |
| | | | 9 | | 3 | | | |
| | | | | | | | | |
| | | | | | 9 | | 4 | 6 |
| 4 | 6 | | | | | | 7 | 2 |
| 3 | | | | | | 1 | | |
| | 4 | | | 7 | | 8 | 5 | |
| | | | 4 | | 8 | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 3 | 8 | 9 | 7 | 5 | 4 | 1 |
| 5 | 7 | 1 | 2 | 3 | 4 | 9 | 8 | 6 |
| 4 | 9 | 8 | 5 | 1 | 6 | 7 | 2 | 3 |
| 3 | 1 | 5 | 7 | 4 | 8 | 2 | 6 | 9 |
| 9 | 4 | 2 | 6 | 5 | 3 | 8 | 1 | 7 |
| 7 | 8 | 6 | 1 | 2 | 9 | 3 | 5 | 4 |
| 8 | 5 | 7 | 3 | 6 | 1 | 4 | 9 | 2 |
| 1 | 2 | 4 | 9 | 7 | 5 | 6 | 3 | 8 |
| 6 | 3 | 9 | 4 | 8 | 2 | 1 | 7 | 5 |

ଗତକାଲିର ଉତ୍ତର

# ଝିଣ୍ଟିକା ମାରି ବଣି ପୋଷିବା



ହରିଶଙ୍କର ମିଶ୍ର

ରାଜ୍ୟ ସରକାର ବିଗତ ୨୩ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ପର୍ଯ୍ୟନ୍ତ କାର୍ଯ୍ୟକାରୀ କରି ସମାଜର ଅନେକ ବର୍ଗର ଲୋକଙ୍କୁ କେବଳ ସରକାରୀ ମାଗଣା ଯୋଜନାରେ ଅନ୍ତର୍ଭୁକ୍ତ କରିନାହାନ୍ତି ବରଂ ରାଜ୍ୟରେ କାର୍ଯ୍ୟରତ କିଛି ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଉଦାର ହୋଇଛନ୍ତି। ଏହାଦ୍ୱାରା ବାର୍ଷିକ ଅନ୍ୟୂନ ୫୦୦୦ କୋଟି ଟଙ୍କା ରାଜ୍ୟ ତହବିଲକୁ ଭାରାକ୍ରାନ୍ତ କରୁଛି ଏବଂ ରାଜ୍ୟର ବେକାର ଯୁବତୀ ଯୁବକଙ୍କ ନିଯୁକ୍ତି ପ୍ରଭାବିତ ହୋଇଛି। ଯୋଜନାର କାର୍ଯ୍ୟକାରିତାର ଉପଯୁକ୍ତ ତଦାରଖ ଏବଂ ଅଧିକାରୀ ବା କର୍ମଚାରୀଙ୍କୁ ଠିକ୍ ପରିଚାଳନା କରିପାରିଲେ ସରକାରଙ୍କ ଦକ୍ଷତା ସହ ଲୋକ କଲ୍ୟାଣ ଉଦ୍ଦେଶ୍ୟ ସଫଳ ହୋଇଥାଏ। ୨୦୦୦ ମସିହା ଏବଂ ଆଜିର ତାରିଖରେ ଯଦି ସରକାରୀ କର୍ମଚାରୀଙ୍କ ମଧ୍ୟରେ ତୁଳନା କରାଯାଏ ତେବେ ଦକ୍ଷତା ଓ ପ୍ରତିବଦ୍ଧତାର ବ୍ୟାପକ ଅବକ୍ଷୟ ନିଶ୍ଚିତ ହୋଇଛି ଏବଂ ପ୍ରଶାସନ ପାଖରେ ସରକାର ଅବନମିତ ହେଉଥିବା ସ୍ପଷ୍ଟ ହେଉଛି ।

ଏକଦା ସରକାରୀ କର୍ମଚାରୀଙ୍କୁ ଦରମା ଦେବାକୁ ଅସମର୍ଥ ସରକାର ଖଣି ଆୟ ଓ କେନ୍ଦ୍ର ଅନୁଦାନ, କର୍ମଚାରୀଙ୍କ ସଂଖ୍ୟା ହ୍ରାସ ଯୋଗୁ ଆର୍ଥିକ ସ୍ୱଚ୍ଛଳ ହୋଇଗଲେ। କିନ୍ତୁ ଅନେକ ଚାକିରିର ମୂଳପଦବୀ ସଂଖ୍ୟା ହ୍ରାସ ସତ୍ତ୍ୱେ ଲକ୍ଷାଧିକ ପଦବୀ ପୂରଣ ପରିବର୍ତ୍ତେ ଚୁକ୍ତିଭିତ୍ତିକ, ଆଉଟ ସୋର୍ସିଂ ଏବଂ ଅବସରପ୍ରାପ୍ତ ଅଧିକାରୀଙ୍କୁ ନିଯୁକ୍ତି ଏବଂ କିଛି କର୍ମଚାରୀ ଓ ଅଧିକାରୀମାନଙ୍କୁ ଆର୍ଥିକ ଲାଭର ସୁଯୋଗ ଦେଇ ସରକାର ଅଭୂତପୂର୍ବ ଉଦାହରଣ ସୃଷ୍ଟି କରିଛନ୍ତି। ୨୦୦୦ମସିହା ପୂର୍ବରୁ ପଦୋନ୍ନତିଭିତ୍ତିକ ପଦବୀ ସଂଖ୍ୟା ସୀମିତ ଥିଲା। କ୍ରମେ କ୍ରମେ ସରକାର କର୍ମଚାରୀଙ୍କ ଚାପ ବା ସନ୍ତୁଷ୍ଟୀକରଣ ନୀତି ଆପଣାଇ ପଦୋନ୍ନତିଭିତ୍ତିକ ପଦବୀ ସଂଖ୍ୟା ବଢ଼ାଇ ଦେଲେ। ଯାହା କି ରାଜ୍ୟର ପ୍ରତ୍ୟେକ ବିଭାଗର ଏପରିକି ସର୍ବଭାରତୀୟ ସେବାର ପଦବୀ ତାଲିକା ସ୍ପଷ୍ଟ କରୁଛି।

ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ସର୍ବନିମ୍ନ ଦରମା ପାଉଥିବା ରାଜସ୍ୱ ନିରୀକ୍ଷକଙ୍କ ଦରମା ଗ୍ରୁପ ବି ସମତୁଲ୍ୟ କରାଗଲା। ସଚିବାଳୟର ଲଘିଷ୍ଠ ସହାୟକ ପଦବୀ ଉଚ୍ଛେଦ କରାଯାଇ ବରିଷ୍ଠ ସହାୟକଙ୍କୁ ସହକାରୀ ଉପ ବିଭାଗ ଅଧିକାରୀ ଭାବେ ମୂଳ ପଦବୀଭୁକ୍ତ କରାଗଲା। ସଚିବାଳୟ ରାଜ୍ୟର ସର୍ବୋଚ୍ଚ ନୀତି ନିର୍ଦ୍ଧାୟକ ଦପ୍ତର ଯୋଗୁ ପୂର୍ବରୁ ଅନ୍ତତଃ ୨୦ବର୍ଷର ଅଭିଜ୍ଞତା ପରେ ବରିଷ୍ଠ ସହାୟକଙ୍କୁ ଉପବିଭାଗ ଅଧିକାରୀ ଭାବେ ପଦୋନ୍ନତି ମିଳୁଥିଲା। କିନ୍ତୁ ଏବେ ୪ ବର୍ଷ ପରେ ପଦୋନ୍ନତି ଯୋଗୁ ଅଭିଜ୍ଞତା ଗୁରୁତ୍ୱହୀନ ହୋଇଛି। ନିକଟରେ ୯୪ଟି ମୂଳ ପଦବୀ ଉଚ୍ଛେଦ କରାଯାଇ ୧୨୦ଟି ବିବିଧ ବର୍ଗର ପ୍ରଥମ ଶ୍ରେଣୀ ଅଧିକାରୀ ପଦବୀ ସୃଷ୍ଟି କରାଯାଇଛି। ପ୍ରତ୍ୟେକ ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ ଉପ ନିରୀକ୍ଷକ ପରିବର୍ତ୍ତେ ନିରୀକ୍ଷକ ପଦବୀ ସୃଷ୍ଟି କରାଯାଇ ସମାନୁପାତିକ ଉପ ଓ ଅତିରିକ୍ତ ଆରକ୍ଷୀ ପଦ ସୃଷ୍ଟି କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗରେ ବହୁ ହଜାର ଶିକ୍ଷକ ପଦବୀ ଖାଲି ରହିଛି। କିନ୍ତୁ ତାହା ପୂରଣ ପରିବର୍ତ୍ତେ ବ୍ଲକ ଶିକ୍ଷାଧିକାରୀ ସହ ୨୦୧୩ ମସିହା ପର୍ଯ୍ୟନ୍ତ ରହିଥିବା ୩ଟି ଯୁଗ୍ମ ନିର୍ଦ୍ଦେଶକ ପଦବୀ ସଂଖ୍ୟା ୫୬କୁ ବୃଦ୍ଧି କରାଯାଇ ଆନୁପାତିକ ଅତିରିକ୍ତ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ଅନେକ ପଦବୀ ଚୁକ୍ତିଭିତ୍ତିକ ବା ଆଉଟ ସୋର୍ସିଂ ଦ୍ୱାରା ପରିଚାଳିତ କରାଯାଉଥିବା ବେଳେ ସ୍ୱାସ୍ଥ୍ୟ ସେବାର ମୂଳ ପଦବୀକୁ ୧ମ ଶ୍ରେଣୀ କନିଷ୍ଠ ବର୍ଗ ମାନ୍ୟତା ଦିଆଯାଇଛି। ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ପଦ ୨ୟ ଶ୍ରେଣୀ କରାଯାଇ ପଦୋନ୍ନତିଭିତ୍ତିକ ପଦବୀ ବୃଦ୍ଧି ହୋଇଛି।



୨୮।୨।୨୦୦୯ ପୂର୍ବରୁ, ଓଏଫ୍‌ଏସ୍ ଏବଂ ଓଏଏସ୍‌ର ସର୍ବୋଚ୍ଚ ପଦୋନ୍ନତିଭିତ୍ତିକ ସ୍ୱତନ୍ତ୍ର ଶାସନ ସଚିବ ପଦବୀ ଯଥାକ୍ରମେ ୨ ଓ ୪ରେ ସୀମିତ ଥାଇ ମୂଳ ପଦବୀ ୨ୟ ଶ୍ରେଣୀ ଥିଲା। ସେହିଦିନ ମୂଳ ପଦବୀରେ ଥିବା ୩୮୫ ଓଏଫ୍‌ଏସ୍ ଓ ୧୧୦୦ ଓଏଏସ୍ ଅଧିକାରୀଙ୍କୁ ପ୍ରଥମ ଶ୍ରେଣୀ କନିଷ୍ଠ ବର୍ଗ ପଦବୀଭୁକ୍ତ କରାଗଲା ଏବଂ ସମସ୍ତ ପଦୋନ୍ନତିଭିତ୍ତିକ ପଦବୀ ସଂଖ୍ୟା ମଧ୍ୟ ପ୍ରାୟ ଦୁଇଗୁଣ ବୃଦ୍ଧି କରାଗଲା। ଏଥିସହିତ ସ୍ପେସିଆଲ ଗ୍ରେଡ୍ ସୁପର ଟାଇମ ପଦବୀ ଉଚ୍ଛେଦ କରାଯାଇ ଏସ୍‌ଏଜି ପଦବୀ ସଂଖ୍ୟା ୭ ଗୁଣ ବଢ଼ାଇ ଦିଆଗଲା। ଯାହାଦ୍ୱାରା ୨ୟ ଶ୍ରେଣୀ ପଦବୀରେ କାର୍ଯ୍ୟ କରୁଥିବା ଅଧିକାରୀମାନେ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ବେତନ ଓ ସୁବିଧା ପାଇଲେ। କିନ୍ତୁ ଆବଶ୍ୟକ ପଦବୀଠାରୁ କାର୍ଯ୍ୟରତ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ହେବାରୁ ପର୍ଯ୍ୟାୟକ୍ରମେ ସେମାନଙ୍କୁ ଉପଯୁକ୍ତ ପଦବୀରେ ନିଯୁକ୍ତି ପାଇଁ ୪ବର୍ଷ ଲାଗିଲା। ବିଭାଗୀୟ ପଦୋନ୍ନତି ଓ ନିଯୁକ୍ତିଭିତ୍ତିକ ଚାକିରି ଆଶାୟୀମାନଙ୍କୁ ୭ବର୍ଷ ବଞ୍ଚିତ କରାଗଲା। ପରେ ଏହି ପଦବୀ ପୁନର୍ଗଠନ ଓଏଏସ୍ ଅଧିକାରୀଙ୍କ ପାଇଁ ୨୦୧୪, ୨୦୧୬, ୨୦୧୭, ୨୦୨୦ ଓ ୨୦୨୧ରେ ହୋଇଥିବାବେଳେ ଓଏଫ୍‌ଏସ୍ ଅଧିକାରୀଙ୍କ ପାଇଁ ୨୦୧୫, ୨୦୧୭, ୨୦୧୮, ୨୦୨୦ ଓ ୨୦୨୧ରେ ହୋଇଛି। ପଦୋନ୍ନତିଭିତ୍ତିକ ଓଏଏସ୍ ପଦବୀ ୨୦୦୯ରେ ୯୩୦ ଥିବାବେଳେ ଏବେ ୨୧୨୩ ହେବା ସହ ସ୍ୱତନ୍ତ୍ର ସଚିବ ପଦବୀ ୪ରୁ ୬୫କୁ ବୃଦ୍ଧି ପାଇଛି। ସେପରି ୨୦୦୯ ମସିହାରେ ପଦୋନ୍ନତିଭିତ୍ତିକ ଓଏଫ୍‌ଏସ୍ ପଦବୀ ୩୩୮ ଥିଲା। ଏବେ ୧୦୧୪ ହୋଇଥିବା ସ୍ଥଳେ ସ୍ୱତନ୍ତ୍ର ସଚିବ ପଦବୀ ୨ରୁ ୩୧କୁ ବୃଦ୍ଧି କରାଯାଇଛି। ସବୁଠାରୁ ତାତ୍ପର୍ଯ୍ୟ କଥା ହେଉଛି ୧୦।୮।୨୧ରେ ରାଜ୍ୟ କ୍ୟାବିନେଟ ମୋହର ଲାଗିଥିବା ପୁନର୍ଗଠନର ସଂକଳ୍ପନାମା ତା୨୩।୭।୨୦୨୧ରିଖରେ ପ୍ରକାଶ ପାଇ ୨ଜଣ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଥିଲା। ସେମାନେ ସେଇ ମାସରେ ଅବସର ନେଇଥିଲେ। ଦ୍ୱିତୀୟତଃ ଲିଭ୍ ରିଜର୍ଭ ପଦବୀ ସଂଖ୍ୟା ୨୦୧୨ ପରଠାରୁ ୧୦ଶତାଂଶ ପରିବର୍ତ୍ତେ ଉଭୟ ପଦବୀରେ ୩୮ଶତାଂଶ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୁନର୍ଗଠନ ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ଅନେକ ପ୍ରଶାସନିକ ଚଞ୍ଚକତା ମଧ୍ୟ ସୁସ୍ପଷ୍ଟ ହେଉଛି।

ପୂର୍ତ୍ତ, ନଗର ଉନ୍ନୟନ ଓ ଜଳସେଚନ ବିଭାଗରେ ରାଜ୍ୟ ଯାନ୍ତ୍ରିକ ସେବା ପଦବୀ ୩୧୩୦ ରହିଛି। କିନ୍ତୁ ୧୫।୩।୨୦୨୧ ବିଜ୍ଞପ୍ତିରେ ପଦବୀ ସଂଖ୍ୟା ସମାନ ଥାଇ ସ୍ତର ୧୨ ଓ ୧୩ର ପଦବୀ ସଂଖ୍ୟା ହ୍ରାସ ଓ ୧୪, ୧୬, ୧୭ ସ୍ତରର ସମ ସଂଖ୍ୟକ ପଦବୀ ବୃଦ୍ଧି ଯୋଗୁ ଅଧୀକ୍ଷକ ଯନ୍ତ୍ରୀ ୬୧ରୁ ୩୫୨, ମୁଖ୍ୟ ଯନ୍ତ୍ରୀ ୪୫ରୁ ୧୮୨ ଏବଂ ଯନ୍ତ୍ରୀ ମୁଖ୍ୟ ୯ରୁ ୧୪ ହୋଇଛି। ମୂଳ ପଦବୀ ସଂଖ୍ୟା ହ୍ରାସ ଯୋଗୁ ନିଯୁକ୍ତି ସଙ୍କୁଚିତ ହୁଏ। କିନ୍ତୁ ବେକାର ଯୁବତୀ ଯୁବକଙ୍କୁ କର୍ମସଂସ୍ଥାନ ପରିବର୍ତ୍ତେ ସରକାରଙ୍କର ପଦବୀ ପୁନର୍ଗଠନ ଦ୍ୱାରା ଏବେ ବେତନ ଓ ଭବିଷ୍ୟତରେ ପେନ୍‌ସନ ପାଇଁ ରାଜକୋଷକୁ ଚାପଗ୍ରସ୍ତ କରାଇବ। ସରକାରଙ୍କର ଏହି ନୀତି ଝିଣ୍ଟିକା ମାରି ବଣି ପୋଷିବା ବା ବଣି ମାରି ଶାଗୁଣା ପୋଷିବା ସହ ସମାନ ହେଉନାହିଁ କି?

**୧୧୩ ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ ଗ୍ରାହକଙ୍କୁ ଶୋଷଣ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକର ୨୪ଟି ପଞ୍ଚାୟତରେ ଅଘୋଷିତ ବିଦ୍ୟୁତ୍‌କାଟ ଏବଂ ଅହେତୁକ ବିଜୁଳି ଦର ବୃଦ୍ଧି କରି ଗ୍ରାହକମାନଙ୍କୁ ଶୋଷଣ କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟାଟା କମ୍ପାନୀ ପକ୍ଷରୁ ଜବରଦସ୍ତ ଚାଇନା ମିଟର ଲଗାଯାଇ ମାତ୍ରାଧିକ ବିଦ୍ୟୁତ୍ ବିଲ୍ ଆଦାୟ କରିବା ଗତ କିଛିବର୍ଷ ଧରି ଏକ ବ୍ୟବସାୟରେ ପରିଣତ ହୋଇଛି। ଥିଲାବାଲା ହିତାଧିକାରୀମାନେ ପୁରୁଣା ମିଟରରେ ବାଇପାସ୍ କରି ମୋଟର, ଫ୍ରିଜ, ହିଟର ଇତ୍ୟାଦି ବ୍ୟବହାର କରି ମାସକୁ ୨୦୦ରୁ ୨୫୦ ଟଙ୍କା ବିଦ୍ୟୁତ୍ ଦେୟ ଦେଉଥିବା ବେଳେ ବିପିଏଲ୍ ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କ ବାସଗୃହ ସମ୍ମୁଖରେ ଜୋରଜବରଦସ୍ତ ଚାଇନା ମିଟର ବସାଯାଇ ମାସିକ ୫ଶହରୁ ୧୨ଶହ ଟଙ୍କା ବିଦ୍ୟୁତ୍ ବିଲ୍ ପୈଠ କରିବା ପାଇଁ ବାଧ୍ୟ କରାଯାଉଛି। ଏହାକୁ ନେଇ ପ୍ରଶାସନିକ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ଅସହାୟମାନଙ୍କଠାରୁ ଚଢ଼ା ଦରରେ ବିଦ୍ୟୁତ୍ ବିଲ୍ ଆଦାୟ କରାଯିବା କେତେଦୂର ଯଥାର୍ଥ ତାହା ବିଭାଗୀୟ ମନ୍ତ୍ରୀ ତଦନ୍ତ କରିବା ଦରକାର।

**–ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତେସନ ଉଦୟ ହୋଇ ବିରାଟ ମାନବ–
ପାରାବାରେ
ବୁଦ୍‌ବୁଦ୍ ସମାନ କାହିଁ ଯାଏ ସେ ମିଳାଇ
ଅନ୍ଧକାରେ,
ଜୀବନର ସୂକ୍ଷ୍ମତମ ଏକ ଗୋଟି କଣା !
ନୂତନ ସତେଜ ସରଜନା।
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଫେରାର ଅଭିଯୁକ୍ତ ଗିରଫ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ବେଆଇନ କଫ ସିରପ ମାମଲାରେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ତୁରେକେଲା ଥାନା ମାଲିକଦୋର ଗାଁର ତ୍ରିନାଥ ରଣା (୪୫)। ଗତ ଜୁନ ୧୬ ତାରିଖରେ ଖପ୍ରାଖୋଲ ଥାନା ପେଟ୍ରୋଲିଂ ପୋଲିସ ବେଆଇନ କଫ ସିରଫ କାରବାରରେ ଜଡିତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ତ୍ରିନାଥ ଫେରାର ଥିଲେ। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୯୪/୨୩) ରୁଜୁ କରି ପୋଲିସ ତଦନ୍ତ ଚାଲିଥିଲା ବୋଲି ଫେରାର ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

## ସଂକ୍ଷେପରେ

### ଯନ୍ତ୍ରଣାରେ ଛଟପଟ ଦେବରାଜ

- ଗଛରୁ ପଡ଼ି ଭାଙ୍ଗି ଯାଇଛି ଅଣ୍ଟାହାଡ଼
- ଚିକିତ୍ସା ପାଇଁ ଟଙ୍କା ନାହିଁ
- କରିପାରୁନାହାନ୍ତି ବିଏସ୍‌କେୱାଇ କାର୍ଡର ଉପଯୋଗ



ଖପ୍ରାଖୋଲ,୨୬।୭(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧାଣ୍ଡାମୁଣ୍ଡା ପଞ୍ଚାୟତ ବେନକେରା ଗାଁର ଦେବରାଜ ବରିହା(୬୨)। ଦୁଇମାସ ତଳେ ମହୁଲ ଫଳ(ଟୋଲ) ସଂଗ୍ରହ କରୁଥିବା ବେଳେ ଗଛରୁ ପଡ଼ି ତାଙ୍କ ଅଣ୍ଟା ହାଡ଼ ଭାଙ୍ଗି ଯାଇଥିଲା। ଗ୍ରାମବାସୀଙ୍କ ସହାୟତାରେ ପାଟଣାଗଡ, ବଲାଙ୍ଗୀର ଓ ବୁର୍ଲାରେ ଚିକିତ୍ସା କରାଇଥିଲେ। ବୁର୍ଲାରେ ୧୫ ଦିନ ରହି ଚିକିତ୍ସା ପରେ ମଧ ଆରୋଗ୍ୟ ନ ହେବାରୁ ଘରକୁ ଫେରି ଆସିଛନ୍ତି। ଯନ୍ତ୍ରଣାରେ ସେ ଛଟପଟ ହୋଇ ଖଟରେ ପଡି ରହିଛନ୍ତି। ସ୍ତ୍ରୀ ବାସନ୍ତୀ ପରଘରେ ମୂଲ ଲାଗି ଯାହା ଆଣୁଛନ୍ତି ସେଥିରେ ଘର ଚଳୁଛି। ଗଛରୁ ପଡ଼ିଲା ପରେ ଟଙ୍କା ପାଇଁ ଦାଦନ ଖଟି ଯାଇଥିବା ପୁଅ ଓ ବୋହୂ ବିଶେଷ କିଛି ଟଙ୍କା ସଂଗ୍ରହ କରି ପାରି ନାହାନ୍ତି। ଫଳରେ ଏବେ ଅର୍ଥାଭାବରୁ ତାଙ୍କର ଉଚ୍ଚତର ଚିକିତ୍ସା ହୋଇ ପାରୁ ନାହିଁ। ପାଖରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ(ବିଏସ୍‌କେୱାଇ)ଥିଲେ ବି ତାର ବ୍ୟବହାର ସେ କିପରି କରାଯିବ ତାହା ଜାଣି ପାରୁ ନାହାନ୍ତି। ପ୍ରଶାସନ ଦେବରାଜଙ୍କ ଚିକିତ୍ସା ପାଇଁ ସହଯୋଗ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବୃକ୍ଷରୋପଣ କାର୍ଯ୍ୟକ୍ରମ

ଦେଓଗାଁ,୨୬।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିବାହାଲି ଗ୍ରାମରେ ୱାଇସିଡିଏ ଓ ରିଲାଏନ୍ସ ଫାଉଣ୍ଡେସନ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରିଲାଏନ୍ସ ଫାଉଣ୍ଡେସନର ସନ୍ତୋଷ ଖଣ୍ଡାଇ, ଶୈଳେନ୍ଦ୍ର ଇକ୍କା, ସଞ୍ଜୟ ଗୁରୁ, ପ୍ରକାଶ ନାଏକ, ଉମେଶ ସୁନା, ୱାଇସିଡିଏ ଅନୁଷ୍ଠାନର ଶୁଭ୍ରାଂଶୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ପରେ ଗାଁ ନିକଟ ଜଙ୍ଗଲରେ ସାଗୁଆନ, ଶିଶୁ, ନିମ୍ବ, ଜାମୁନ, ଆତ, ପିଜୁଳି, ଗମ୍ଭାରୀ ଆଦି ଗଛ ଲଗାଯାଇଥିଲା । ପ୍ରତିଗଛକୁ ଯତ୍ନ ନେବାପାଇଁ ଉପସ୍ଥିତ ଗ୍ରାମବାସୀଙ୍କ ମଧରେ ଶପଥ ପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ଏସଏଚଜି ସଦସ୍ୟା, ୱାର୍ଡ ସଭ୍ୟ ନିତ୍ୟାନନ୍ଦ ଭୂଏ, ସିଆରପି ସିଏମ, ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଦିଲୀପ ସେଠ, ସମ୍ପାଦକ କୁଶ ସାହୁ, ଗଣେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### କାର୍ଗିଲ ବିଜୟ୍ ଦିବସ ଉପଲକ୍ଷେ ରକ୍ତଦାନ ଶିବିର

ନୂଆପଡ଼ା,୨୬।୭(ମକାରୁ ବେମାଲ): ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ ଆନୁକୂଲ୍ୟରେ କାରଗିଲ ବିଜୟ୍ ଦିବସ ଉପଲକ୍ଷେ ବୁଧବାର ସ୍ଥାନୀୟ ପୋଲିସ ପଡିଆ କଲ୍ୟାଣ ମଣ୍ଡପଠାରେ ରରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳ ଜିଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା, ଧନୀରାମ ସାହୁ, ରାଜେଶ ନିଗମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିର ଉଦଘାଟନ କରିଥିଲେ। କାର୍ଗିଲ ବିଜୟ୍ ଦିବସରେ ଶହୀଦ ବୀର ଯବାନମାନଙ୍କୁ ୨୧ ତୋପ ସାଲାମୀ ଦେଇ ଶ୍ରଦ୍ଧାଞ୍ଜଳୀ ଦେବା ସ୍ଥାନରେ ୨୧ ୟୁନିଟ ରକ୍ତଦାନ କରି ଶହୀଦ ବୀର ଯବାନମାନଙ୍କୁ ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପିତ କରିଛନ୍ତି। ନୂଆପଡା ଟାଉନ ସଭାପତି ଉମେଶ ସହିସ, ଟେକରାମ ସାହୁ, ନାରାୟଣ ସାହୁ, ଖରିଆର ରୋଡ ଟାଉନ ସଭାପତି ଗୋଲି ତିୱାରୀ, କୋମନା ବ୍ଲକ ସଭାପତି ମୁରଲିଧର ଭୋଇ, ମନୋଜ ଡାଗା, କିଶୋର କୁମାର ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ନିମ୍ନମାନର କାମ, ଅସ୍ଥାୟୀ କଲୋନୀରେ ପାଣି ଗଳୁଛି

ବଲାଙ୍ଗୀର,୨୬।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ

- ଅଧପନ୍ତରିଆ ପ୍ରକଳ୍ପ ଶୀଘ୍ର ସମ୍ପୂର୍ଣ୍ଣ କର: ନରସିଂହ
- ଚାଉଳ ଦୁର୍ନୀତି ଅନୁସନ୍ଧାନ ରିପୋର୍ଟ ବିଳମ୍ବ ଯୋଗୁ କ୍ଷୋଭ



ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ବୈଠକରେ ଜିଲାପାଳ ଚଞ୍ଚଳ ରାଣାଙ୍କ ଉପସ୍ଥିତିରେ ବିଧାୟକ ନରସିଂହ ମିଶ୍ର ସମୀକ୍ଷା କରୁଛନ୍ତି।

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକ ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଥିଲା। କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଆଡିସନାଲ ଏସ୍‌ପି ସୁରେଶ ନାଏକଙ୍କ ସମେତ ଜିଲା ଏବଂ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ବିଧାୟକ ମିଶ୍ର ଲୋୟର ସୁକ୍‌ତେଲ ଡ୍ୟାମ୍ ନିର୍ମାଣ, ବିସ୍ଥାପିତଙ୍କ କ୍ଷତିପୂରଣ ଏବଂ ଥଇଥାନ ଉପରେ ସମୀକ୍ଷା କରିଥିଲେ। ବିସ୍ଥାପିତ ହେଉଥିବା ଲୋକଙ୍କ କ୍ଷତିପୂରଣ ଏବଂ ଥଇଥାନକୁ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ମଙ୍ଗଳବାର ଝାଙ୍କରପାଲି ଥଇଥାନ କଲୋନୀ ପରିଦର୍ଶନ ବେଳେ ଅସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣରେ କିଭଳି ନିମ୍ନମାନର କାମ ହୋଇଛି ସେ ଦେଖିକରି ଆସିଛନ୍ତି ବୋଲି କହିଥିଲେ। ଲୋକଙ୍କ ପାଇଁ ଯେଉଁ ଅସ୍ଥାୟୀ ଘର ତିଆରି ସେଥିରୁ ପାଣି ଗଳୁଛି। ସେଠାରେ ରହିବେ କିପରି ବୋଲି ପ୍ରଶ୍ନ କରିଥିଲେ। ପ୍ରକଳ୍ପ ଥଇଥାନ ଅଧିକ୍ଷଣ ଯନ୍ତ୍ରୀ ଜିତେନ୍ଦ୍ର ପାଣିଗ୍ରାହୀଙ୍କୁ ତାଗିଦ୍ କରି ବିସ୍ଥାପିତଙ୍କ ସମସ୍ୟାକୁ ହାଲୁକା ଭାବେ ନିଅନ୍ତୁ ନାହିଁ ବୋଲି କହିଥିଲେ। ଅଧିକ୍ଷଣ ଯନ୍ତ୍ରୀ ପାଣିଗ୍ରାହୀ ଯାହା କିଛି ତ୍ରୁଟି ଅଛି ଦିନେ ଦୁଇଦିନ ମଧ୍ୟରେ ଦୂର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଲୋକଙ୍କ କ୍ଷତିପୂରଣ ରାଶିକୁ ନେଇ କୋର୍ଟରେ ମାମଲା ଥିବା କିଛି ସମସ୍ୟା ବ୍ୟତୀତ ସାମୂହିକ ଓ ବ୍ୟକ୍ତିଗତ ସମସ୍ୟାଗୁଡିର ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା।

ଲୋୟର ସୁକ୍‌ତେଲରୁ ପାଇପ ଯୋଗେ କେବେ ସୁଦ୍ଧା ଜଳସେଚନ ହେବ ବୋଲି ବିଧାୟକ ମିଶ୍ରଙ୍କ ପ୍ରଶ୍ନରେ ୨୦୨୪ ମସିହା ଆରମ୍ଭ ସୁଦ୍ଧା ଲୋଇସିଂହା ଏବଂ ବଲାଙ୍ଗୀର ବ୍ଲକ୍‌ର ୬୦୨୪ ଏକର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ ବୋଲି ବୈଠକରେ ଉପସ୍ଥିତ ଯନ୍ତ୍ରୀ କହିଥିଲେ। ଆଲୋଚନା ସମୟରେ ଛତାମଖନା ଅନ୍ତଃ ଜଳ ସଂରକ୍ଷଣ ବ୍ୟାରେଜ୍ କାମ ଆସନ୍ତା ଜାନୁୟାରୀ ସୁଦ୍ଧା ଶେଷ ହେବ ବୋଲି ବିଭାଗୀୟ ଯନ୍ତ୍ରୀ ଉତ୍ତର ରଖିଥିଲେ। ତା’ସହ ସୋନ୍‌ଗଡ ନଦୀ ଉପରେ ଭୁଡିଆରବାହାଲ, ସିକୁଁଆ ଏବଂ ଜରାସିଂହା ଠାରେ ଏକ ବ୍ୟାରେଜ୍ ନିର୍ମାଣର ଆଲୋଚନା ହୋଇଥିଲା। ବିଧାୟକ ମିଶ୍ର ଆହୁରି ମଧ କହିଥିଲେ ଯେ, ସରକାରଙ୍କ ଏକ ନୂଆ ଯୋଜନା ଅନୁଯାୟୀ ପ୍ରତ୍ୟେକ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ଅନୁଦାନ ଆସୁଛି। ନିର୍ଦ୍ଦେଶନାମା ମୁତାବକ ଏହି ଅନୁଦାନ ପାଇଁ ପ୍ରକଳ୍ପ ଗୁଡିକର ପ୍ରସ୍ତାବ ଯେହେତୁ ବିଭିନ୍ନ ସ୍ତରର ଜନପ୍ରତିନିଧି ଏବଂ ସାଧାରଣ ଜନତା ଦେଇପାରିବେ ଏବଂ ଏହି ଅନୁଦାନ ଶିକ୍ଷା ଉନ୍ନତି ପାଇଁ ମଧ ଖର୍ଚ୍ଚ ହୋଇପାରିବ। ତେଣୁ ଅନୁଦାନ ରାଶିର ୫୦ ପ୍ରତିଶତ ଶିକ୍ଷାଭିତ୍ତିଭୂମିର ବିକାଶ ପାଇଁ ଖର୍ଚ୍ଚ ହେଉ। ଏଥିପାଇଁ ଏକ ବିଧିବଦ୍ଧ ପ୍ରସ୍ତାବ ପାରିତ ହୋଇପାରିଲେ ଅଞ୍ଚଳର ବିକାଶ ହୋଇପାରିବ କହିଥିଲେ। ଜିଲା ମଙ୍ଗଳ ଅଧିକାରୀଙ୍କ ଅଧିନରେ ଆସୁଥିବା ରାମଚନ୍ଦ୍ରପୁର ଏବଂ ଚୁଡାପାଲି ଉଚ୍ଚ ମାଧ୍ୟମିକ ସ୍କୁଲ ହଷ୍ଟେଲ ନିର୍ମାଣରେ ନିମ୍ନମାନର କାମର ତଦନ୍ତ କରାଯାଇ ଦୋଷୀବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି କରାଯାଇନାହିଁ ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ଲକ୍ଷ୍ମୀଯୋର ପ୍ରକଳ୍ପ କାମ ବିଭାଗୀୟ ଯନ୍ତ୍ରୀଙ୍କର ଅବହେଳା ଯୋଗୁଁ ଆରମ୍ଭ ହୋଇପାରୁ ନ ଥିବା ଆଲୋଚନା ହେବା ସହ ପ୍ରକଳ୍ପର ଉପର ମୁଣ୍ଡରୁ ହାତୀଶାଳପଡା ପର୍ଯ୍ୟନ୍ତ ଖାଲିଥିବା ସ୍ଥାନରେ ବନ୍ୟା ପ୍ରତିରୋଧୀ ହିଡ, ରାସ୍ତା, ନାଳ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ବିଧାୟକ ମିଶ୍ର କହିଥିଲେ। ଆଲୋଚନାବେଳେ ଅନୁଦାନ ପଡିରହିଥିବା ପ୍ରକଳ୍ପ ଯଥା ନୂତନ ଜିଲାପାଳ କାର୍ଯ୍ୟାଳୟ, ଆୟୁର୍ବେଦ ମହାବିଦ୍ୟାଳୟ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣକୁ ତ୍ୱରାନ୍ୱିତ କରିବା ଏବଂ ଶିକ୍ଷା ବିଭାଗର ଜାଗାକୁ ଜବରଦଖଲମୁକ୍ତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଯୋଗାଣ ବିଭାଗ ଆଲୋଚନାବେଳେ ପୌରାଞ୍ଚଳରେ ଚାଉଳ ବଣ୍ଟନ ଦୁର୍ନୀତର ଅନୁସନ୍ଧାନ ରିପୋର୍ଟର ବିଳମ୍ବକୁ ନେଇ ବିଧାୟକ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ। ପୌରାଞ୍ଚଳର ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସେ ୫୦୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍ ଯୋଗାଇ ଦେବାକୁ ଚିଠି ଲେଖିଥିବା ଜଣାଇଥିଲେ। ପୌର ନିର୍ବାହୀ ଅଧିକାରୀଙ୍କୁ ସହରର ଡ୍ରେନେଜ୍ ଅବ୍ୟବସ୍ଥା ସୁଧାରିବାକୁ କହିଥିଲେ। କୃଷି ବିଭାଗର ଆଲୋଚନାବେଳେ ଚଳିତ ଖରିଫଋତୁ ପାଇଁ ଚାଷୀଙ୍କୁ କିଭଳି ପର୍ଯ୍ୟାପ୍ତ ସାର ଏବଂ ବିହନ ଯୋଗାଇବେ ସେନେଇ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ।

## ନିୟମିତ ଓମ୍‌ଫେଡ କ୍ଷୀର ଯୋଗାଣ ଦାବି

ଲାଠୋର, ୨୬।୭(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଲାଠୋରରେ ଥିବା ଓମଫେଡ଼ କ୍ଷୀର ପାର୍ଲରକୁ ନିୟମିତ କ୍ଷୀର ଯୋଗାଣ ହେଉନି। ଏଥିଯୋଗୁ ଲୋକେ କ୍ଷୀର ତଥା ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟ ପାଇ ନ ପାରି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛୋଟ ପିଲାମାନେ କ୍ଷୀର ପାଇ ପାରୁ ନାହାନ୍ତି। ଲାଠୋର ମାର୍କେଟରେ ଏକ ଓମଫେଡ଼ କ୍ଷୀର ଏଜେନ୍ସି ରହିଛି। ସମ୍ପୃକ୍ତ ଏଜେନ୍ସିକୁ ଭବାନୀପାଟଣା ପ୍ଲାଣ୍ଟରୁ କ୍ଷୀର, ଦହି, ପନିର ଇତ୍ୟାଦି ଯୋଗାଣ ହେଉଛି। ଗତ ଏକ ବର୍ଷ ହେବ ପରିବହନ ଅସୁବିଧା ଦର୍ଶାଇ ସପ୍ତାହର ମଙ୍ଗଳବାର, ଗୁରୁବାର ଏବଂ ଶନିବାର ଯୋଗାଣ ଦିଆଯିବ ବୋଲି ଏଜେନ୍ସିକୁ କୁହାଯାଉଛି। ଆଗୁଆ ଟଙ୍କା ଜମା କଲା ପରେ ମଧ ନିୟମିତ ସାମଗ୍ରୀ ଯୋଗାଣ ଦିଆ ଯାଉନାହିଁ। ଯେତେବେଳେ ବି ଆସୁଛି ତାହା ମଧ୍ୟାହ୍ନ ୧୨ ଟାରେ ତ ଆଉ କେବେ ବସ୍‌ରେ ପଠାଇ ଦିଆଯାଉଛି। ବେଳେ ବେଳେ କ୍ଷୀର ଖରାପ ମଧ ହୋଇ ଯାଉଛି। ପ୍ଲାଣ୍ଟ ମ୍ୟାନେଜରଙ୍କୁ କହିଲେ ମାର୍କେଟିଙ୍ଗ ମ୍ୟାନେଜରଙ୍କୁ କୁହନ୍ତୁ ବୋଲି କୁହାଯାଉଛି। ମାର୍କେଟିଙ୍ଗ ମ୍ୟାନେଜରଙ୍କୁ ପଚାରିଲେ ପରିବହନ ଏଜେନ୍ସିକୁ କୁହ ବୋଲି କହି ହଇରାଣ କରାଯାଉଛି। ପ୍ଲାଣ୍ଟ ମ୍ୟାନେଜର ଅନିରୁଦ୍ଧ ମଜୁମଦାରଙ୍କୁ ପଚାରିବାରେ ମାର୍କେଟିଙ୍ଗ ମ୍ୟାନେଜରଙ୍କୁ ଯୋଗାଯୋଗ କରନ୍ତୁ କହିଥିଲେ। ଓମଫେଡ଼ ଚେୟାରମ୍ୟାନ ତଥା ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

# ମଦବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡିଲେ



ବୈଠକରେ ବଜରଙ୍ଗ ଦଳ ସଦସ୍ୟ ଓ ମହିଳା।

ଦେଓଗାଁ,୨୬।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ଶୋଭାଯାତ୍ରାରେ ବାହାରିଲେ ମହିଳା, ବଜରଙ୍ଗ ଦଳ କର୍ମକର୍ତ୍ତା**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସାଲେପାଲିରେ ଦେଶୀ ଓ ବିଦେଶୀ ମଦର ଅବାଧ କାରବାର ଚାଲିଛି। ମଦବିକ୍ରି ବନ୍ଦ କରିବା ପାଇଁ ସ୍ଥାନୀୟ ବଜରଙ୍ଗ ଦଳ ସଦସ୍ୟ ଓ ମହିଳାମାନେ ଗାଁରେ ଏକ ସଚେତନତା ଶୋଭାଯାତ୍ରା କରିଥିଲେ। ପରେ ଗାଁ ମଣ୍ଡପରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଗାଁରେ ଦେଶୀ ଓ ବିଦେଶୀ ମଦ ସମେତ ସମସ୍ତ ପ୍ରକାର ନିଶାଦ୍ରବ୍ୟ ବିକ୍ରି ଉପରେ ରୋକ ଲଗାଇ ନିଶାମୁକ୍ତ କରିବାପାଇଁ ସଙ୍କଳ୍ପ ନିଆଯାଇଥିଲା। ପ୍ରତିଦିନ ବେଆଇନ ଭାବେ ଗ୍ରାମରେ ମଦ, ଗଞ୍ଜେଇ ବିକ୍ରି ଦ୍ୱାରା ପିଲାଙ୍କ ଉପରେ କୁପ୍ରଭାବ ପକାଉଛି। ସ୍କୁଲ ଛାତ୍ରୀମାନେ ଯିବା ଆସିବା ସମୟରେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଗାଁରେ ବିକ୍ରି କରୁଥିବା ସମସ୍ତ କୁଟିଆଙ୍କୁ ସଭାକୁ ଡକାଇ ଯାଇଥିଲା। ବୈଠକର ନିଷ୍ପତ୍ତିକ୍ରମେ ଆସନ୍ତା ଅଗଷ୍ଟ ୧ତାରିଖରୁ ଗାଁରେ ମଦବିକ୍ରି ବନ୍ଦ କରିବାପାଇଁ କୁଟିଆଙ୍କୁ ଚେତାବନୀ ଦିଆଯାଇଥିଲ। ଦେଓଗାଁ ଥାନା ମଦ କାରବାର ରୋକିବାରେ ଗ୍ରାମବାସୀଙ୍କ କଥା ପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସାଲେପାଲିକୁ ନିଶାମୁକ୍ତ ଗ୍ରାମ କରିବା ପାଇଁ ସମସ୍ତଙ୍କ ନିଷ୍ପତ୍ତିକ୍ରମେ ସ୍ଥାନୀୟ ସରପଞ୍ଚ ବଲ୍ଲଭି ସାହୁଙ୍କୁ ଏ ଦିଗରେ ସହଯୋଗ କରିବା ସକାଶେ ଦାବିପତ୍ର ଦିଆଯାଇଥିଲା। ବୈଠକରେ ହେମନ୍ତ ସାହୁ, ଦଶରଥ ସାମଲ, ବସୁଦେବ ଭୋଇ, ଲକ୍ଷ୍ମୀକାନ୍ତ ଷଡଙ୍ଗୀ, ମୋହନ ଲାଲ ସାମଲ, ଭବାନୀ ଶଙ୍କର ସାମଲ, ଦିନେଶ କୁମାର ସାହୁ, କୈଳାସ ବେହେରା, ଅବିନାଶ ସାମଲ, ଦୁଷ୍ମନ୍ତ ଷାଣ୍ଢେ, ଶକ୍ତି ସାହୁ, ରୂପେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଛତୁଚାଷ ସମ୍ପର୍କିତ ତାଲିମ ଶିବିର

ପଲମ,୨୬।୭(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ବଡଧାରପୁରଠାରେ ଆମ ଜଙ୍ଗଲ ଯୋଜନା ପକ୍ଷରୁ ଛତୁଚାଷ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡଧାରପୁର ସରପଞ୍ଚ ପର୍ଶୁରାମ ହରପାଲ, ସମ୍ମାନିତ ଅତିଥି ଭାବେ ଶାନ୍ତପୁର ବନପାଳ ଭବାନୀଶଙ୍କର ପରିଛା, ମିଶନ ଶକ୍ତି ନର୍ଲା ବ୍ଲକ ସଂଯୋଜକ ରୋହିତ ବିଶ୍ୱାଳ, ବନରକ୍ଷି ସୁଶ୍ରୀ ମମତା ଶବର ଯୋଗଦେଇ ଛତୁଚାଷ ଦ୍ୱାରା କିପରି ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ନେଇ ବୁଝାଇଥିଲେ। ଶିବିରରେ ବଡଧାରପୁର, ହାତୀମୁଣ୍ଡା, ରାତୁଲ, ସାନଧାରପୁର, ଟିଁକିରାପଡା, ଧୁର୍କୁଟି ବନ ସୁରକ୍ଷା ସମିତି ଅଧୀନ ୫୭ଜଣ ବେରୋଜଗାର ଯୁବତୀଯବକ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ଅଂଶ ଗ୍ରହଣ କରି ଛତୁଚାଷ ବିଷୟରେ ତାଲିମ ଗ୍ରହଣ କରିଥିଲେ। ତାଲିମ ଦାତା ଭାବେ ଡବ୍ଲ୍ୟୁଏସିସି ଭୁବନେଶ୍ୱରରୁ ଆସିଥିବା ଅବିନାଶ ପ୍ରଧାନ ଓ ଜଗଦିଶ କିଶାନ ତାଲିମ ପ୍ରଦାନ କରିଥିଲେ। ଆମ ଜଙ୍ଗଲ ଯୋଜନା ଦଳପତି ସୁବାଷ ଚନ୍ଦ୍ର ନାଏକ ଓ ଜିଲା ଦକ୍ଷତା ବିକାଶ ସଂଯୋଜକ ଗିଖିରାମ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆମ ଜଙ୍ଗଲ ଯୋଜନା ବିକାଶ ଅଧିକାରୀ ଉମେଶ ଚନ୍ଦ୍ର ଗଉଡ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ରୋମାଞ୍ଚଳ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମଦାନ କରି କାରଗିଲ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଲୋଇସିଂହା, ୨୬।୭(ସୁଶାନ୍ତ ବାରିକ)

କାରଗିଲ ବିଜୟକୁ ବୁଧବାର ଚବିଶ ବର୍ଷ ପୂରିଛି । ଏହି ପରିପ୍ରେକ୍ଷୀରେ ନିଆରା ଢଙ୍ଗରେ କାରଗିଲ ବିଜୟ ଦିବସ ପାଳନ କରିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗହ୍ୟୁମାନ ଫାଉଣ୍ଡେସନ। ଜୟ ଯବାନ ଜୟ କିଷାନ ନାରା ଦେଇ ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ କୁଟରାପାଲି ଗ୍ରାମର ଜଗଲ ପଟିଆଙ୍କ ଖେତରେ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ପହ୍ଲା ରୋପଣ କରି ବୀର ସହୀଦ ଯବାନଙ୍କୁ ଶ୍ରଦ୍ଧାଳି ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ପ୍ରତିଷ୍ଠାତା ସୋମନାଥ ମିଶ୍ର, କାର୍ଯ୍ୟକାରୀ ସଭାପତି ମୁକେଶ ପଧାନ, ଲୋଇସିଂହା ଶାଖା ସଭାପତି ଅଜୟ ବେହେରା, ସମ୍ପାଦକ ଜଗଦପତି ଦାନୀ, ରୋଶନ ମହେର, କୁଟୁରାପାଲି ଶାଖା ସଂଯୋଜକ ଧୀରୁ ଥନାପତି, ଆଗଲପୁର ଶାଖା ସଂଯୋଜକ ସଂଯୋଗ ସାହୁଙ୍କ ସମେତ ବହୁ ସଦସ୍ୟ ଏଥିରେ ସାମିଲ ହୋଇଥିଲେ । ସେମାନେ କହିଛନ୍ତି କାରଗିଲ ଯୁଦ୍ଧରେ ଦୀର୍ଘ ୨ ମାସ ଲଢେଇ କରି ଆମର ବୀର ସୈନିକମାନେ ପରାକ୍ରମ ଦେଖାଇ ବିଜୟ ବାନା ଉଡାଇଥିଲେ । ଆଜିଦିନଟି ଆମ ପାଇଁ ଗର୍ବ ଓ ଗୌରବର ଦିନଟିଏ। ସୈନିକଙ୍କ ପରି କୃଷକ ମଧ୍ୟ ଖେତରେ ଖଟୁଛି। ଲାଭକ୍ଷତି ବିଚାର ନକରି ହାଡଭଙ୍ଗା ପରିଶ୍ରମ କରି ନିଜକୁ ବଳିଦାନ ଦେଇ ସାରା ଦୁନିଆକୁ ଖାଦ୍ୟ ଯୋଗାଉଛି ଚାଷୀ। ଶ୍ରଦ୍ଧାଞ୍ଜଳି ଅର୍ପଣ ନକରି ସୈନିକ ବିଚାର ନେଇ ବଞ୍ଚୁଥିବା ଚାଷୀର ଖେତରେ ଶ୍ରମଦାନ କରିକାରଗିଲ ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିବା ପ୍ରତିଷ୍ଠାତା ମିଶ୍ର କହିଛନ୍ତି।



ଜଣେ ଚାଷୀଙ୍କ କ୍ଷେତରେ ପହ୍ଲା ରୋଇ ସ୍ୱେଚ୍ଛାସେବୀ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।

## ଏନ୍‌ଏସି ଦାବିରେ ସରକାରୀ କାର୍ଯ୍ୟାଳୟ ବନ୍ଦ

ଲୋଇସିଂହା, ୨୬।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋସିଂହାକୁ ଏନଏସି ଘୋଷଣା ଦାବିରେ ବୁଧବାର ଲୋଇସିଂହା ଓ ବୁର୍ଡା ଅଞ୍ଚଳରେ ସରକାରୀ ଓ ବେସରକାରୀ କର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥଲା। ଏଥିଯୋଗୁ ବିଭିନ୍ନ କାର୍ଯ୍ୟାଳୟକୁ ଆସୁଥିବା ଜଣସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଲୋଇସିଂହାକୁ ଏନଏସି ଘୋଷଣା ଦାବିରେ ଆଞ୍ଚଳିକ ବିକାଶ ପରିଷଦ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗତ କିଛି ମାସ ହେଲା ମାସର ଶେଷ ବୁଧବାର ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ଅଞ୍ଚଳିକ ବିକାଶ ପରିଷଦ ସକ୍ରୀୟ ସଭ୍ୟ କୁନା ଭୋଇ, ଲାଲମନ ନାଗଙ୍କ ନେତୃତ୍ୱରେ ଲୋଇସିଂହାରେ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ଯାଇ ପିକେଟିଂ କରି ବନ୍ଦ କରିଥିଲେ। ସେହିପରି ବୁର୍ଡାରେ ସରପଞ୍ଚ ସୁଦୀପ କୁମାର ସା, ଗୋପବନ୍ଧୁ ସାହୁ, ଶିବ ସାହୁ, ଗୋବିନ୍ଦ ଚିନ୍ଦା ପ୍ରମୁଖ ବିଭିନ୍ନ କାର୍ଯ୍ୟାଳୟ ସାଙ୍ଗକୁ ଦେଶି ଓ ବିଦେଶୀ ମଦ ଦୋକାନ ଆଗରେ ପିକେଟିଂ କରିବନ୍ଦ କରିଥିଲେ । ବନ୍ଦରୁ ଶିକ୍ଷାନୁଷ୍ଠାନ ବାଦ୍ ଦିଆଯାଇଛି।




ଲୋଇସିଂହା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଆନ୍ଦୋଳନକାରୀ ବନ୍ଦ କରୁଛନ୍ତି।

# ଚିନିକଳ ଚାଲୁ ନକଲେ ଆନ୍ଦୋଳନ

ଦେଓଗାଁ,୨୬।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ବ୍ଲକ କଂଗ୍ରେସ କିଷାନ ସେଲ ତରଫରୁ ରାସ୍ତା ଅବରୋଧ କରାଯାଇଛି।

- ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସୂତାକଳ ସ୍ଥାପନ ଦାବି
- ୨୬ ନଂ ଜାତୀୟ ରାଜପଥ ଅବରୋଧ
- ତିନି ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ

ବଲାଙ୍ଗୀର ଜିଲା ଦେଓଗାଁ ବସ୍‌ଷ୍ଟାଣ୍ଡଠାରେ ଜିଲା କିଷାନ ସେଲ କଂଗ୍ରେସ ଓ ବ୍ଲକ କଂଗ୍ରେସ ପକ୍ଷରୁ ବନ୍ଦ ପଡିଥିବା ଚିନିକଳର ପୁନଃ ଚାଲୁ ଓ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସୂତାକଳ ସ୍ଥାପନ ଦାବିନେଇ ଦୁଇ ଘଣ୍ଟା ଧରି ୨୬ ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। କଂଗ୍ରେସ କର୍ମକର୍ତ୍ତା, ଭିଲେଜର୍ସ ଇଣ୍ଡିଆ ପାର୍ଟି, ପଶ୍ଚିମ ଓଡିଶା ସେବା ସଂଘ ତଥା ଚିନିକଳ କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ଚିନିକଳ ପୁନଃ ଚାଲୁ ଓ ସୂତାକଳ ସ୍ଥାପନ ଦାବି ଉପରେ ନାରାବାଜି କରିଥିଲେ । ଆଗାମୀ ଦିନରେ ଏହି ଶିଳ୍ପ ଚାଲୁ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏପରିକି ଅଞ୍ଚଳର ଅର୍ଥନୈତିକ, ସାମାଜିକ ଓ ସଂଗଠିତ ବିକାଶ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ଅଞ୍ଚଳର ବିକାଶ ପାଇଁ ଚିନିକଳ ପୁନଃ ଉଦ୍ଧାର ସକାଶେ ଉଦ୍ୟମ କରିବା ଉଚିତ ବୋଲି କର୍ମଚାରୀ ସଂଘ ସଭାପତି ସୁବଳ ରଣା ଦାବିପତ୍ର ଦେବା ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ । ଏହି ପ୍ରସଙ୍ଗରେ ଅଞ୍ଚଳର ତିନୋଟି ସଂଗଠନ ଭିଆଇପି, ଚିନିକଳ କର୍ମଚାରୀ ସଂଘ ଓ ବ୍ଲକ କଂଗ୍ରେସ ପକ୍ଷରୁ ପୃଥକ ଭାବେ ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ଜିଲା କିଷାନ ସେଲ ସଭାପତି ସାନନ୍ଦ ମିଶ୍ର, ରାଜ୍ୟ କିଷାନ ସେଲ ସମ୍ପାଦକ ସରୋଜ ରଥ, ମନୀଷ ମିଶ୍ର, ଅସିତ ମିଶ୍ର, ଜିଲା କଂଗ୍ରେସ କମିଟି ସମ୍ପାଦକ ତଥା ହାତୀସରା ପଞ୍ଚାୟତ ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ବ୍ଲକ କଂଗ୍ରେସ କିଷାନ ସେଲ ସଭାପତି ପ୍ରଦ୍ୟୁମ୍ନ କିଶୋର ସାହୁ, ମନବୋଧ ହରପାଲ, ମୟ ପ୍ରଧାନୀ, ପ୍ରଫୁଲ୍ଲ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ଛାତ୍ର ସଭାପତି ସମୀର ସାହୁ, ଜନ୍ମେଜୟ ସାହୁ, ଆର୍ତ୍ତ ଘିଭେଲା, ମହଲେଇ ସରପଞ୍ଚ ଚିତ୍ତ ରଞ୍ଜନ ସାହୁ, ଜରାସିଂହା ସମିତି ସଭ୍ୟ ଅମିତ ତ୍ରିପାଠୀ, ପିଣ୍ଟୁ ପୋଢ, ଡୋଲାମଣି ବାଗ ତଥା ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

## ସଂକ୍ଷେପରେ

### ଶିଶୁଙ୍କୁ ପୁଷ୍ଟପୋଷକତା ଆର୍ଥିକ ସହାୟତା

ସୋନପୁର,୨୬।୭(ମୃତ୍ୟୁଞ୍ଜୟ ଶତପଥୀ): ସରକାରଙ୍କ ମିଶନ ବାତ୍ସଲ୍ୟ ଅଧୀନରେ ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପୁଷ୍ଟପୋଷକତା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବାପା ମୃତ୍ୟୁବରଣ କରିଥିବା ଅସହାୟ ପରିବାରର ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ତଥା ପୁଷ୍ଟିକର ଖାଦ୍ୟ ନିମନ୍ତେ ଜିଲାପାଳ ବିମଲେନ୍ଦୁ ରାଏ ଏହି ପୁଷ୍ଟପୋଷକତା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ବୀରମହାରାଜପୁର ବ୍ଲକ ହନୁମାନପାଲି ଗ୍ରାମର ଶାନ୍ତି ମେହେରଙ୍କ ଝିଅ କ୍ରିଷ୍ଣା ଓ ଡୁଙ୍ଗୁରିପାଲି ବ୍ଲକ ମହୁଲପାଲି ଗ୍ରାମର ସୁସ୍ମିତା ସାହୁଙ୍କ ଝିଅ ଆଦ୍ୟାଶା ଉଭୟଙ୍କୁ ୪୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସହାୟତା ନିମନ୍ତେ ଉଭୟ ପରିବାର ପାଇଁ ୪୮,୦୦୦ ଟଙ୍କା ଲେଖାଏଁ ମଞ୍ଜୁର ହୋଇଥିବା ବେଳେ ପ୍ରତିମାସ ଜଣ ପ୍ରତି ୪୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଜଣାପଡିଛି । ଏହି ଅବସରରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯକ୍ରମରେ ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର, ସାମାଜିକ କର୍ମୀ ରୁଦ୍ର ପ୍ରସନ୍ନ ମିଶ୍ର, ପରାମର୍ଶଦାତା ପ୍ରଶାନ୍ତ ମାହାକୁଡ, ଏସ. ମିଶ୍ର, ଥବିର କାଲସାଏ, ବିଶେଶ୍ୱର ହୋତା ଓ ସରିତା ସୁନା ସହଯୋଗ କରିଥିଲେ।

### ଖବରଦାତାଙ୍କ ପିତୃ ବିୟୋଗ

ତରଭା,୨୬।୭(ମାନଭଞ୍ଜନ ମିଶ୍ର): ସ୍ଥାନୀୟ ଶ୍ରୀହରି ବିଦ୍ୟାନିକେତନର ମ୍ୟାନେଜିଂ ଡ଼ାଇରେକ୍ଟର ତଥା ଏକ ଖବରକାଗଜର



ତରଭା ପ୍ରତିନିଧି ଡ. ରାଜେଶ ମେହେରଙ୍କ ପିତା ବିଶି ମେହେର (୭୨)ଙ୍କ ମଙ୍ଗଳବାର ସନ୍ଧ୍ୟା ୬ଟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସୋମବାର ବିଶି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ବଲାଙ୍ଗୀର ଓ ପରେ ଭୁବନେଶ୍ୱର ଡାକ୍ତରଖାନାକୁ ନିଆଯାଇଥିଲା ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ମଲ୍ଲିଫୁଲ ମେହେର, ପୁତ୍ର ରାଜେଶ, ରଜତ, ବୋହୂ, ଝିଅ ଜ୍ୱାଇଁଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ବୁଧବାର ପୂର୍ବାହ୍ନରେ ତାଙ୍କର ମର ଶରୀର ତରଭାସ୍ଥିତ ବାସଭବନକୁ ଅଣାଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ରାଜେଶ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମେହେର ଜଣେ ବନ୍ଧୁବତ୍ସଳ ତଥା ଧର୍ମପରାୟଣ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ।

# ଖରିଫ୍‌ରେ ୧,୨୮,୦୦୦ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟ

**ସୁବର୍ଣ୍ଣପୁର ଜିଲା**

■ଧାନ ଚାଷ ହ୍ରାସ କରି ପନିପରିବା ଚାଷ, ଉଦ୍ୟାନ କୃଷି ପାଇଁ ଯୋଜନା

ସୋନପୁର,୨୬।୭(ନି.ପ୍ର.)




ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

୨୦୨୩-୨୪ ଖରିଫ୍ ଋତୁରେ କୃଷିପ୍ରଧାନ ସୁବର୍ଣ୍ଣପୁର ଜିଲାରେ ୧, ୨୮,୦୦୦ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଯାହା ଗତବର୍ଷର ଲକ୍ଷ୍ୟ ହାସଲଠାରୁ ୮ ହେକ୍ଟର କମ୍। ସେହିପରି ଗତ ଖରିଫରେ ୨୫,୭୯୩ ହେକ୍ଟର ଜମିରେ ପନିପରିବା ଚାଷ ହୋଇଥିବା ବେଳେ ଚଳିତ ଥର ୨୯,୨୬୦ ହେକ୍ଟର ଜମିରେ ପନିପରିବା ଚାଷ ପାଇଁ ଯୋଜନା ହୋଇଛି । ଯାହା ଗତବର୍ଷର ଲକ୍ଷ୍ୟ ଧାର୍ଯ୍ୟ ଠାରୁ ୩,୪୬୭ ହେକ୍ଟର ଅଧିକ। ସେହିପରି ୫୪୦ ହେକ୍ଟର ଡିପ ଜମିରେ ଚଳିତ ଥର ଉଦ୍ୟାନ କୃଷି ପାଇଁ ଯୋଜନା ହୋଇଛି। ତେବେ ପନିପରିବା ଚାଷ ଓ ଉଦ୍ୟାନ କୃଷି କାର୍ଯ୍ୟରେ କୃଷି ବିଭାଗର ଧାର୍ଯ୍ୟ ଲକ୍ଷ୍ୟର ବାସ୍ତବତାକୁ ନେଇ ନାନା ପ୍ରଶ୍ନ ଉଠିଛି । ଏହି ଲକ୍ଷ୍ୟ ନିକଟରେ ପହଞ୍ଚିବା ଆଦୌ ସମ୍ଭବ ନୁହଁ ବୋଲି ଜିଲାର ଅଗ୍ରଣୀ କୃଷକମାନେ ମତ ଦେଇଛନ୍ତି।

ବୁଧବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀ ଏ ବିଷୟରେ ସୂଚନା ଦେଇଛନ୍ତି । ଜିଲାପାଳ ବିମଲେନ୍ଦୁ ରାୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ରାୟ ଜିଲାରେ ଥିବା ଭିତ୍ତିଭୂମି ଓ ସମସ୍ତ ବୈଷୟିକ ଜ୍ଞାନ କୌଶଳ ଉପଯୋଗରେ ଖରିଫ ଚାଷ ଲକ୍ଷ୍ୟକୁ ସଫଳତାର ସହ ହାସଲ କରିବା ପାଇଁ କୃଷି ଅଧିକାରୀମାନେ ବଦ୍ଧପରିକର ହେବା ପାଇଁ ପରାମର୍ଶ ଦେଇଥିଲେ । ଗତ ଖରିଫରେ ୭୭,୩୮୯ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଓ ଦେଶୀ ଧାନ ଚାଷ କରା ଯାଇଥିବା ବେଳେ ଚଳିତ ଥର ୭୦,୫୦୦ ହେକ୍ଟର ଜମିରେ ଧାନ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଚଳିତ ଖରିଫ୍‌ରେ ୧୬,୦୫୦ ହେକ୍ଟର ଜମିରେ ଡାଲି ଜାତୀୟ, ୪,୦୨୦ ହେକ୍ଟର ଜମିରେ ତୈଳବୀଜ, ୫,୭୮୦ହେକ୍ଟର ଜମିରେ ତନ୍ତୁ ଜାତୀୟ, ୨୯,୩୬୦ହେକ୍ଟର ଜମିରେ ପନିପରିବା, ୧୦୦୦ହେକ୍ଟର ଜମିରେ ମସଲା ଜାତୀୟ, ୨୦ହେକ୍ଟର ଜମିରେ ଆଖୁ ଚାଷ ଓ ୫୪୦ ହେକ୍ଟର ଜମିରେ ଉଦ୍ୟାନ କୃଷି କରାଯିବାର ଲକ୍ଷ୍ୟ ରଖାଯାଇଛି। ଚଳିତ ଖରିଫ୍‌ରେ ୧, ୨୧,୮୮୫ ହେକ୍ଟର ଜମିକୁ ବୃହତ୍, କ୍ଷୁଦ୍ର, ମଧ୍ୟମ, ବୃହତ୍ ଉଠା ଜଳସେଚନ, ଉଠା ଜଳସେଚନ, ଡଗ୍ ୱେଲ ଓ ଅନ୍ୟାନ୍ୟ ଉତ୍ସରୁ ଜଳଯୋଗାଣ କରାଯିବ। ଅଣଜଳସେଚିତ ଜମିରେ ଆଦ୍ରତାରେ ମୁଗ, ବିରି ଓ କୋଳଥ ଚାଷ କରାଯିବା ବୋଲି ସୂଚନା ଦିଆଯାଇଥିଲା । ଜିଲାର ୬୬ଟି ପ୍ୟାକ୍ସ ଓ ୧୭୬ପ୍ରାଇଭେଟ୍ ଡିଲରଙ୍କ ମାଧ୍ୟମରେ ୧୧,୧୦୦ କୁଇଣ୍ଟାଲ ଧାନ, ୨୭୦ କୁଇଣ୍ଟାଲ ହରଡ, ୧୭୦ କୁଇଣ୍ଟାଲ ମୁଗ, ୧୦୦ କୁଇଣ୍ଟାଲ ବିରି, ୧୧.୨ କୁଇଣ୍ଟାଲ ମକ୍କା ଓ ୨୭୫ କୁଇଣ୍ଟାଲ ବାଦାମ ବିହନ ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ହୋଇଛି । ସେହିଭଳି ହେକ୍ଟର ପ୍ରତି ୮୧.୪୨ କିଲୋଗ୍ରାମ ହିସାବରେ ମୋଟ ୧୦,୪୨୧ମେଟ୍ରିକ୍ ଟନ୍ ଏନପିକେ ସାର ବ୍ୟବହାର କରିବାକୁ ଲକ୍ଷ୍ୟ ରହିଛି । ଜିଲାରେ ଥିବା ମୃତ୍ତିକା ପରୀକ୍ଷାଗାରରେ ମାଟି ନମୂନା ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଗାଇ ଦିଆଯିବ। ସେହିପରି ଚାଷୀଙ୍କୁ ଟ୍ରାକ୍ଟର, ପାୱାର ଟିଲର, ରୋଟାଭେଟର, ଟ୍ରାନ୍ସପ୍ଲାଣ୍ଟର ଓ ପମ୍ପସେଟ୍ ଦିଆଯିବାକୁ ଯୋଜନା ରହିଛି। ସମବାୟ ବ୍ୟାଙ୍କ, ଷ୍ଟେଟବ୍ୟାଙ୍କ, ୟୁଜିବି ଓ ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କ ଜରିଆରେ ଚାଷୀଙ୍କୁ କୃଷି ଋଣ ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଜୈବିକ ସାର, ରୋଗପୋକ ନିୟନ୍ତ୍ରଣ, ଅଧିକ ଅମଳକ୍ଷମ ଓ ଶଙ୍କରଜାତୀୟ ବିହନ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାରେ ସମ୍ପ୍ରସାରଣ ସଂସ୍କାର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଓ ରାଷ୍ଟ୍ରୀୟ ଖାଦ୍ୟ ନିରାପତ୍ତା ମିଶନରେ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଡିଡିଏମ ନାବାର୍ଡ ସତ୍ୟ ସ୍ୱରୂପ ବେଦାନ୍ତ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ବିଶ୍ୱରଞ୍ଜନ ପଟ୍ଟନାୟକ, ବୀରମହାରାଜପୁର କୃଷି ଜିଲା ଅଧିକାରୀ ବିଭୁତି ଭୂଷଣ କର, ଡୁଙ୍ଗୁରିପାଲି କୃଷି ଜିଲା ଅଧିକାରୀ ବିପିନ ବିହାରୀ ଉଦ୍‌ଗାତା, ସୋନପୁର କୃଷି ଜିଲା ଅଧିକାରୀ ଦିଲ ରଞ୍ଜନ ମହାଲିକ, ମୃତ୍ତିକା ସଂରକ୍ଷଣ ବିଭାଗର ଉପ ନିର୍ଦ୍ଦେଶକ ଦେବରାଜ ଦାସ, ସୋନପୁର ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ହୃଷୀକେଶ ଦାସ, ବୀରମହାରାଜପୁର ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ବିଦ୍ୟାଧର ଦାସ, କୃଷି ବିଭାଗର ସମସ୍ତ ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀ ଏବଂ ଜଳସେଚନ ବିଭାଗର ଅଧିକାରୀ ବୃନ୍ଦ ଯୋଗ ଦେଇଥିଲେ।

## ବିଭିନ୍ନ ଯୋଜନା ନେଇ ସମୀକ୍ଷା

ବୌଦ୍ଧ,୨୬।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପରିଷଦ ମାସିକ ସମୀକ୍ଷା ବୈଠକ ବୁଧବାର ଦିନ ପଞ୍ଚାୟତ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଓ ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀଙ୍କ ଆବାହକତ୍ୱରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ପରିଷଦ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ ଘର ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଆମ ଓଡିଶା ନବୀନ ଓଡିଶା, ଜୀବିକାମିଶନ ଆଦି ଉପରେ ସମୀକ୍ଷା କରାଯାଇଥିଲା। ଜିଲାରେ ୧୮୭୪୬ ଅସମ୍ପୂର୍ଣ୍ଣ ଆବାସ ଗୃହ ମଧ୍ୟରୁ ଚଳିତବର୍ଷ ୩୫୯ ଗୋଟି ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅନ୍ୟ ଆବାସଗୁଡିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କରିବାକୁ ତାଗିଦ କରାଯାଇଥିଲା। ମୋ ଘର ଯୋଜନାରେ ଜିଲାରେ ୩୫୦୧ ଆବେଦନକାରୀ ପଞ୍ଜୀକୃତ କରିଥିବା ବେଳେ ସେଥିରୁ ୨୭୨୨ ଜଣ ଗୃହ ଋଣ ପାଇଁ ଆବେଦନ କରିଛନ୍ତି । ଆମ ଓଡିଶା ନବୀନ ଓଡିଶା ଯୋଜନାର ଖସଡା ପ୍ରସ୍ତୁତ କରାଯିବା ଉପରେ ଆଲୋଚନା ହୋଇଥିଲା। ଜିଲାରେ ଚତୁର୍ଥ ପର୍ଯ୍ୟାୟରେ ୧୯ ଗୋଟି ଉଚ୍ଚ ବିଦ୍ୟାଳୟକୁ ୫-ଟି ରୂପାନ୍ତରିତକରଣ କରାଯିବା ନେଇ ସୂଚନା ଦିଆଯାଇଥିଲା। ବୌଦ୍ଧ ବିଡିଓ ଅବିନାଶ ପାଣ୍ଡିଆ, କନ୍ଧମାଳ ବିଡିଓ କଳାକୃଷ୍ଣ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଖେଳ ପଡ଼ିଆରୁ ଜବରଦଖଲ ଉଚ୍ଛେଦ

ଅମରପାଲି,୨୬।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ସୁବଳୟା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ଚିକ୍ରାପଡା ଗ୍ରାମର ଖେଳପଡିଆରୁ ପ୍ରଶାସନ ଜବରଦଖଲ ଉଚ୍ଛେଦ କରିଛି । ପ୍ରକାଶ ଯେ, ଚିକ୍ରାପଡା ଗ୍ରାମରେ ଥିବା ଖେଳପଡିଆରେ ଗ୍ରାମର ଯୁବକମାନେ କ୍ରିକେଟ, ଫୁଟବଲ ଖେଳ ଖେଳିଥାନ୍ତି। ଏହାସହିତ ସ୍କୁଲର ପ୍ରତ୍ୟେକ ଖେଳ, ଡ୍ରିଲ୍ ଆଦି କାର୍ଯ୍ୟକ୍ରମ ମଧ୍ୟ ଉକ୍ତ ପଡିଆରେ କରାଯାଏ । ମାତ୍ର କିଛି ଦିନ ହେଲା ଗ୍ରାମର କେତେଜଣ ବ୍ୟକ୍ତି ଖେଳ ପଡିଆର କିଛି ଅଂଶ ଜବରଦଖଲ କରିଥିଲେ । ଏନେଇ ଗ୍ରାମରେ ବୈଠକ ବସି ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଜବରଦଖଲ କରିଥିବା ଜାଗା ଛାଡିବାକୁ କୁହାଯାଇଥିଲା। ସେମାନେ ଏହା ନ ମାନିବାରୁ ଏନେଇ ଗ୍ରାମବାସୀ ଓ ଯୁବକମାନେ ଉକ୍ତ ଖେଳପଡିଆରୁ ଜବରଦଖଲ ଉଚ୍ଛେଦ କରିବାକୁ



ଖେଳ ପଡିଆରୁ ଜବରଦଖଲ ଉଚ୍ଛେଦ ବେଳେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ବୀରମହାରାଜପୁର ତହସିଲଦାର ଓ ସୁବଳୟା ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଦାବି କରାଯାଇଥିଲା । ତହସିଲ ତରଫରୁ ଗ୍ରାମର ୧୦ଜଣ ଜବରଦଖଲକାରୀଙ୍କୁ ୧୫ ଦିନ ଭିତରେ ଉକ୍ତ ଜାଗା ଛାଡିବାକୁ ନୋଟିସ କରାଯାଇଥିଲା । ସେମାନେ ଉକ୍ତ ଜମି ଛାଡି ନ ଥିବାରୁ ପ୍ରଶାସନ ତରଫରୁ ବୁଧବାର ଜେସିବି ଲଗାଇ ଜବରଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ବୀରମହାରାଜପୁର ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡାଙ୍କ ସମେତ ସୁବଳୟା ରାଜସ୍ୱ ନିରୀକ୍ଷକ ଜୟଶ୍ରୀ ମେଣ୍ଡିଲି,ଏସଆଇ ଦୀପ୍ତିରଞ୍ଜନ ଦିଗାଲ,ଏଏସଆଇ ଗୌରହରି ମେହେର, କୃଷ୍ଣଚନ୍ଦ୍ର ସିନ୍ଧ୍ରିଆଙ୍କ ସମେତ ପୋଲିସ ପ୍ରଶାସନ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଫୁଟ୍‌ବଲ ଲିଗ୍‌ରେ ଭାଗ ନେବା ପାଇଁ ପ୍ରସ୍ତୁତି ବୈଠକ

ବିନିକା,୨୬।୭(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ତରଫରୁ ପ୍ରଥମ କରି ଜିଲାସ୍ତରୀୟ ସୁପର ଲିଗ୍ ଫୁଟବଲ ଅନୁଷ୍ଠିତ ହେବ। ଏଥିପାଇଁ ସ୍ଥାନୀୟ ବିନିକା ସ୍ପୋର୍ଟସ କ୍ଲବଠାରେ ମଙ୍ଗଳବାର ସଭାପତି ସୋମନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଥଲେଟିକ ଆସୋସିଏସନ ସାଧାରଣ ସମ୍ପାଦକ ପୀୟୁଷ ପଣ୍ଡା, ଫୁଟବଲ ସମ୍ପାଦକ ରଞ୍ଜୁ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ଦିଲୀପ ଗୁରୁ, ଗୌରୀଶ୍ୟାମ ପଣ୍ଡା, କୃଷ୍ଣ ବାଗ, କଲିମ ମହମ୍ମଦ, ପୁରେନ୍ଦ୍ର ନାଏକ, ବିକାଶ ପଣ୍ଡା, ରାଜୀବ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରୁ ପ୍ରତିଭା ଚୟନ ସହ ଉନ୍ନତମାନର ଖେଳ ପ୍ରଦର୍ଶନ କରିବାକୁ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଜିଲାସ୍ତରରେ ହେବାକୁ ଥିବା ଫୁଟବଲ ସୁପର ଲିଗ୍ ପାଇଁ ଚରଦା ହାଇସ୍କୁଲ ପଡ଼ିଆରେ ବିନିକା ବ୍ଲକସ୍ତରୀୟ ଜୋନ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ନିଆଗଲା। ଏହି ଜୋନରେ ବ୍ଲକର ବିଭିନ୍ନ ପଞ୍ଚାୟତ ତଥା ଏନଏସି ଅଞ୍ଚଳରୁ ଖେଳାଳିମାନେ ନିଜର ନାମ ପଞ୍ଜୀକରଣ କରି ଭାଗନେଇ ପାରିବେ। ଜୋନସ୍ତରୀୟ ଚାମ୍ପିୟନ ଦଳ ଜିଲାସ୍ତରୀୟ ସୁପର ଲିଗ୍‌ରେ ଖେଳି ପାରବ । ବ୍ଲକ ଆବାହକ ଜିତେନ୍ଦ୍ରିୟ ଥନାପତି, ଉପସ୍ଥିତ ଟିମ୍ ମ୍ୟାନେଜର ଓ କୋଚମାନଙ୍କୁ ପ୍ରତିଯୋଗିତା ପରିଚାଳନାର ନିୟମାବଳୀ ଉପରେ ଆଲୋକପାତ କରିଥିଲେ। ଶେଷରେ ସ୍ପୋର୍ଟସ କ୍ଲବ ସମ୍ପାଦକ ମନୋଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ବୌଦ୍ଧ,୨୬।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଶିକ୍ଷା ବିଭାଗରେ ପଦୋନ୍ନତିକୁ ନେଇ ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷାଅଧିକାରୀଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଛି । ବୁଧବାର ଜିଲାର ଲେବଲ-୫(ବି)ରୁ ଲେବଲ-୪କୁ ପଦୋନ୍ନତି ପାଇଁ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କୁ ତୁରନ୍ତ ପଦୋନ୍ନତି ପ୍ରଦାନ କରିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଗୁରୁବାରଠାରୁ ଜିଲା ଶିକ୍ଷାଧିକାରୀଙ୍କ ଅଫିସ ସମ୍ମୁଖରେ ଧାରଣା ଦେବାକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଚେତାବନୀ ଦେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ନ ଥିବାରୁ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ସାମାଜିକ ସମୀକ୍ଷା ପାଇଁ କର୍ମଶାଳା




କର୍ମଶାଳାରେ ଉପସ୍ଥିତ ସମୀକ୍ଷକବୃନ୍ଦ।

ତରଭା,୨୬।୭(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦରେ ସମସ୍ତଙ୍କ ପାଇଁ ବାସଗୃହ ଯୋଜନାର ସାମାଜିକ ସମୀକ୍ଷା ପାଇଁ ହିତଧାରକ କର୍ମଶାଳା ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସହରାଞ୍ଚଳ ପ୍ରଶାସନ (ୟୁଏଲବି), ବିଜ୍ଞାପିତ ଅଞ୍ଚଳ ପରିଷଦ ତରଭା, ସ୍ୱତନ୍ତ୍ର ସୁବିଧା ସଂସ୍ଥା (ଆଇଏଫଏ), ଲାଇଫ୍ ଏକାଡେମୀ ଅଫ ଭୋକେସନାଲ ଷ୍ଟଡିଜ (ଏଲଏଭିଏସ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ଏନଏସିର ନିର୍ବାହୀ ଅଧିକାରୀ ନିରଞ୍ଜନ ନାଏକ ଅଧ୍ୟକ୍ଷତା କରିଥିଲେ। ନିରପେକ୍ଷ ସହାୟକ ସଂସ୍ଥାର କ୍ଷେତ୍ର ଅଧିକାରୀ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସାମାଜିକ ସମୀକ୍ଷକ ଲକ୍ଷ୍ମୀକାନ୍ତ ପାଇକରାୟ, ପ୍ରୋଜେକ୍ଟ କୋର୍ଡିନେଟର ଲୋକନାଥ ମହାନ୍ତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆରର ସଦସ୍ୟ ସୁଶାନ୍ତ ସା ସମୀକ୍ଷା କରିଥିଲେ। ୨୦୧୭-୧୮ ମସିହା ପାଇଁ ତରଭା ଏନଏସିକୁ ୨୬୩ଟି ଆବାସ ଗୃହ ନିର୍ମାଣର ଟାର୍ଗେଟ ଦିଆଯାଇଥିବା ବେଳେ ୨୫୪ଟି ଗୃହ ସମ୍ପୂର୍ଣ୍ଣ ହୋଇ ପରିଥିବାରୁ ସମୀକ୍ଷକ ପାଇକରାୟ ପ୍ରଶଂସା କରିଥିଲେ। କର୍ମଶାଳାରେ ଉପସ୍ଥିତ ଥିବା ୱାର୍ଡ ନଂ ୩ର ସ୍ୱାଧୀନ କାଉନସିଲର ଗୁଲାପୀ ବର୍ମା ତରଭା ଏନଏସିରେ କାର୍ଯ୍ୟକାରୀ ହୋଇଥିବା ଆବାସ ଯୋଜନାର ରୂପାୟନରେ ସନ୍ତୋଷ ପ୍ରକାଶ କରିଥିଲେ। ଏନଏସିର ବରିଷ୍ଠ କିରାଣି ନାରାୟଣ ମେହେର, ବିଶ୍ୱରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦିଗଶିରା ଗଣ୍ଡାପଡ଼ାବାସୀଙ୍କ ପାଣି ସମସ୍ୟା ଦୂରହେଲା

ଡୁଙ୍ଗୁରିପାଲି,୨୬।୭ (ଦୀନବନ୍ଧୁ ସୁନା )

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗଣ୍ଡାପଡ଼ାକୁ ଜଳଯୋଗାଣ ପାଇଁ ଯାଇଥିବା ପାଇପ ଲାଇନ ଫାଟିଯିବା ଫଳରେ ଦୀର୍ଘ ଦିନ ଧରି ଜଳଯୋଗାଣ ବ୍ୟାହତ ହୋଇଥିଲା। ଡୁଙ୍ଗୁରିପାଲି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ପଟେଲ ଗଣ୍ଡାପଡ଼ାକୁ ଯାଇ ପାଇପ ଫାଟି ଯାଇଥିବା ସ୍ଥାନ ଦେଖିଥିଲେ। ପୁରୁଣା ପାଇପ ହେବା ଦ୍ୱାରା ପାଇପ ଫାଟିବା ସମସ୍ୟା ଲାଗି ରହିଥିବା ଯନ୍ତ୍ରୀ ପରିଲକ୍ଷିତ କରିଥିଲେ। ନୂତନ ପାଇପ ସଂଯୋଗ ହେଲା ପରେ ପାଣି ସମସ୍ୟା ଦୂର ହେବା ସହ ବର୍ତ୍ତମାନ ପାଣି ଠିକ୍ ଭାବେ ମିଳୁଥିବା ପଡ଼ାବାସୀ ବୁଧବାର ପ୍ରକାଶ କରିଛନ୍ତି। ପାଣି ସମସ୍ୟା ଦୂର ପାଇଁ ଡୁଙ୍ଗୁରିପାଲି ଲକ୍ଷେଘର ଗଣ୍ଡା ସମାଜ ଓ ଯୁବ ଗୋଷ୍ଠୀ, ପଡ଼ାବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ । ଡୁଙ୍ଗୁରିପାଲି ଲକ୍ଷେ ଘର ସମାଜର ସଭାପତି ନିତେଇ ପାଲ, ଡୁଙ୍ଗୁରିପାଲି ଜୋନ ସଭାପତି ରଥ କୁମ୍ଭାର, ଲକ୍ଷ୍ମଣ ଭରାସାଗର, ଅଭିରାମ, ହରିଚନ୍ଦ୍ର, ଲଳିତ ପ୍ରମୁଖ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ଯେ, ଗତ ୨୧ ତାରିଖ ଧରିତ୍ରୀର ସମ୍ବଲପୁର ସଂସ୍କରଣରେ ପ୍ରକାଶିତ ‘ହରିଜନପଡ଼ାବାସୀ ପାଇଲେ ପାଇପ ପାଣି’ ଶୀର୍ଷକ ଖବର ପ୍ରକାଶ ପାଇଛି। ଏ ନେଇ ସେମାନେ ପ୍ରତିକ୍ରିୟା ରଖିଛନ୍ତି ଯେ, କେନ୍ଦ୍ର ସରକାର ଗୃହ ବିଭାଗର ଚିଠି ସଂଖ୍ୟା ବିସି ୧୨୦୨୫/୪୪/୮୦/ଏସି ଏବଂ ବିସିଡିଆଇ /ଆଇଭି ତା.୧୦/୧୨/୧୯୮୨ ସୋସିଆଲ ଜଷ୍ଟିସ ଏବଂ ଏମପାୱାରମେଣ୍ଟ ବିଭାଗ ଚିଠି ସଂଖ୍ୟା.୧୨୦୨୫/୧୪/୯୦ ଏସସିଡି (ଆରଆଇ ସେଲ), ତା.୧୬/୦୮/୧୯୯୦ ରାଷ୍ଟ୍ରପତିଙ୍କ ଆଦେଶ ଧାରା ୩୪୧ ଅନୁସାରେ ହରିଜନ ଶବ୍ଦ ଅସାମ୍ବିଧାନିକ। ଏଣୁ ଆଗାମୀ ଦିନରେ ହରିଜନ ଶବ୍ଦ ବ୍ୟବହାର ନ କରି ଲକ୍ଷେଘର ଗଣ୍ଡାସମାଜ ବ୍ୟବହାର କରିବା ପାଇଁ ପ୍ରେସ ବିବୃତିରେ ଜଣାଇଛନ୍ତି। ଗଣ୍ଡାପଡ଼ାର ପାଣି ସମସ୍ୟା ଦୂର ପାଇଁ ଡୁଙ୍ଗୁରିପାଲି ବ୍ଲକ ଲକ୍ଷେଘର ଗଣ୍ଡା ସମାଜ ମଧ୍ୟ ଗୁରୁତ୍ୱ ଦେଇଥିବା ପ୍ରକାଶ କରିଛନ୍ତି।

# ଗଞ୍ଜେଇ, କାର୍ ଜବତ: ଜଣେ ଗିରଫ

ଅମରପାଲି/ସୋନପୁର,୨୬।୭
(ପୀତାମ୍ବର ସାହୁ/ମୃତ୍ୟୁଞ୍ଜୟ ଶତପଥୀ)

**ଛତିଶଗଡକୁ ଚାଲାଣ ହେଉଥିଲା ଗଞ୍ଜେଇ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅବକାରୀ ଥାନା ପକ୍ଷରୁ ସୋନପୁର-ସମ୍ବଲପୁର ରାସ୍ତାର ବିଶିପଡା ନିକଟରେ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣକାରୀଙ୍କ ଉପରେ ବୁଧବାର ଚଢାଉ ହୋଇଛି। ମେଟାଲିକ୍ ରଙ୍ଗର ଏକ ହୁଣ୍ଡାଇ ସାଣ୍ଟ୍ରୋ କାର(ନଂ ଓଆର୧୫ଏଲ-୧୬୨୨)ରେ ବୌଦ୍ଧ ଜିଲାର ବାଉଁଶୁଣୀ ଅଞ୍ଚଳରୁ ଛତିଶଗଡକୁ ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ ହେଉଥିଲା। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ଛତିଶଗଡ ରାଜ୍ୟ ରାଇଗଡ ଜିଲା ମୁଣ୍ଡେଗା ଅଞ୍ଚଳର ରିଷବ ନିଶାଦ(୨୯)ଙ୍କୁ ଗିରଫ କରାଯାଇଛି । କାର ତନଖି ସମୟରେ ଜରି ବ୍ୟାଗ୍‌ରୁ ୨୦ କିଲୋ ୪୦୦ଗ୍ରାମ ଗଞ୍ଜେଇ ମିଳିଥିଲା। ବିଭାଗ ପକ୍ଷରୁ କାର୍ ଓ ଗଞ୍ଜେଇ ଜବତ ହୋଇଛି। ଏ ସମ୍ପର୍କରେ ବୀରମହାରାଜପୁର ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ପ୍ରକାଶ ସା, ରାଧାକାନ୍ତ ଭୋଇ, ସବ୍ ଇନ୍ସପେକ୍ଟର ସୁମିତ୍ରା ହେମ୍ବ୍ରମ, ସୁଧୀର ମିଶ୍ର, ଏଏସଆଇ ପ୍ରଶାନ୍ତ କୁମାର ପରିଡା ଓ ଟିମ୍ ଏହି ଚଢାଉରେ ସାମିଲ ଥିଲେ।



ଜବତ କାର, ଗଞ୍ଜେଇ ଓ ଅଭିଯୁକ୍ତ।

# ଅବ୍ୟବସ୍ଥାରେ ଚାଲିଛି ପ୍ରାଥମିକ ବିଦ୍ୟାଳୟ

ଅମରପାଲି,୨୬।୭(ପୀତାମ୍ବର ସାହୁ)

**୨କୋଠରିରେ ପଢୁଛନ୍ତି ୫ଟି ଶ୍ରେଣୀର ଛାତ୍ରୀଛାତ୍ର**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉପାନ୍ତ ଦୁର୍ଜନତୈଲା ସରକାରୀ ପ୍ରାଥମିକ ବିଦ୍ୟାଳୟ ନା ନା ଅବ୍ୟବସ୍ଥାରେ ଚାଲିଛି। ଆଦିବାସୀବହୁଳ ଗ୍ରାମରେ ପ୍ରାଥମିକ ଶିକ୍ଷା ଯୋଗାଇ ଦେବା ଉଦ୍ଦେଶ୍ୟରେ ୨୦୦୩ ମସିହାରେ ଉକ୍ତ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଅଧିକାଂଶ ଆଦିବାସୀ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ଦୁର୍ଜନତୈଲା ସମେତ ପ୍ରାୟ ୨କିମି ଦୂରରେ ଥିବା ଗନିଆଁ ଜଙ୍ଗଲ ଅଞ୍ଚଳରୁ ମଧ୍ୟ ଏହି ସ୍କୁଲକୁ ଛାତ୍ରୀଛାତ୍ର ପାଠ ପଢିବାକୁ ଆସିଥାନ୍ତି। ତେବେ ପାଞ୍ଚଟି ଶ୍ରେଣୀ ପାଇଁ ମାତ୍ର ଦୁଇଟି କୋଠରୀ ରହିଛି। ସ୍କୁଲରେ ଅଫିସ ଗୃହ ନାହିଁ। ଦୁଇଟି କୋଠରୀରେ



ଦୁର୍ଜନତୈଲା ସରକାରୀ ପ୍ରାଥମିକ ବିଦ୍ୟାଳୟ।

୫ଟି ଶ୍ରେଣୀର ପାଠପଢା ହେବା ସହିତ ଅଫିସ କାର୍ଯ୍ୟ ଚାଲିଥାଏ। ତେଣୁ ପିଲାଙ୍କ ପାଠପଢାରେ ଅସୁବିଧା ହେଉଥିବା ଦେଖିବାକୁ ମିଳୁଛି। ସୁରକ୍ଷା ପାଇଁ ସବୁ ସ୍କୁଲରେ ଏବେ ପାଚେରି କରାଯାଉଥିବା ବେଳେ ଏଠାରେ ସ୍ଥାୟୀ ପାଚେରି ନାହିଁ। ପାଚେରି କହିଲେ ତାରଜାଲିର ବାଡ଼ ଦିଆଯାଇଛି। ଶ୍ରେଣୀ କୋଠରୀଗୁଡିକର ଚଟାଣ ପଲସ୍ତରା ଉଠିଗଲାଣି। ସରକାର ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ ନାରା ଦେଇ ସ୍କୁଲଗୁଡିକ ରୂପାନ୍ତରିକରଣ କରୁଥିବା ବେଳେ ଉକ୍ତ ସ୍କୁଲ ପ୍ରତି ପ୍ରଶାସନର ଅବହେଳା ଜଳଜଳ ହୋଇ ଦେଖାଯାଉଛି। ସ୍କୁଲରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଏନେଇ ଉକ୍ତ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ନାଏକଙ୍କୁ ପଚାରିବରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ବାଧ ହୋଇ ଦୁଇଟି ଶ୍ରେଣୀରେ ପାଞ୍ଚଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବସାଇ ପାଠ ପଢାଉଛୁ ବୋଲି ପ୍ରକାଶ କରିଛନ୍ତି। ଯଥାଶୀଘ୍ର ନୂତନ ଶ୍ରେଣୀଗୃହ ଓ ଶିକ୍ଷକ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରୁଛନ୍ତି।

**ଭାଜପା ପକ୍ଷରୁ କାର୍‌ଗିଲ ବିଜୟ ଦିବସ**

ବ୍ରଜରାଜନଗର(ବିଜୟ ବରାଡ): ଭାଜପା ମଣ୍ଡଳ ସଭାପତି ରୁକ୍ମଣ ଧୁରୁଆଙ୍କ ନେତୃତ୍ୱରେ ୱାର୍ଡ ନଂ.୨୦ଠାରେ କାର୍ଗିଲ ବିଜୟ ଦିବସ ପାଳନ କରାଯାଇଛି। କର୍ମକର୍ତ୍ତାମାନେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଦେଇ ଏହି ଦିବସ ପାଳନ କରିଥିଲେ। ଏଥିରେ ବିଶଜିତ ଷଡ଼ଙ୍ଗୀ, ଅନିଲ ନାୟକ, ରତନ ଜସୱାଲ, କୃଷ୍ଣା ମୁରାରୀ ସିଂହ, ଚେତନ ସିଂହ, ସରୋଜ ସାହୁ, ପ୍ରହ୍ଲାଦ ଗରୁଡ଼, ଭାରତୀ ବାରିକ, କୁନ୍ତୀ ମେହେର, ପ୍ରେମଶୀଳା ଗରୁଡ, ଗାୟତ୍ରୀ ପଣ୍ଡା, ରଞ୍ଜିତା ଯାଦବ, ରଘୁମଣି ସାହୁ, ଚନ୍ଦ୍ରମଣି ସାମଲ, ଅଜୟ ସିଂହ, ଯୁଗଲ ଖଣ୍ଡେଡ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗଛରେ ପିଟିହେଲା ବାଇକ୍, ୨ ଗୁରୁତର

ବଡ଼ଗାଁ,୨୬।୭( ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପାମରା ପଞ୍ଚାୟତ ଉଦାରମା ଗାଁ ନିକଟ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଏକ ବାଇକ୍ ନିୟନ୍ତ୍ରଣ ହରାଇ ଗଛରେ ପିଟି ହୋଇଥିଲା। ଏଥିରେ ଚାଳକ ଓ ଆରୋହୀ ଗୁରୁତର ହୋଇଥିଲେ। ସେମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦର ସ୍ୱେତ ସେଖ(୧୭) ଓ ସାହାରୁକ ସେଖ (୧୮)। ଉଭୟଙ୍କୁ ପ୍ରଥମେ ବଡ଼ଗାଁ ଏବଂ ପରେ ରାଉରକେଲାର ଏକ ମେଡିକାଲକୁ ପଠାଯାଇଛି। ଦୁହେଁ ତୁଡାଲଗାରେ ରହି ଅଞ୍ଚଳର ବିଭିନ୍ନ ଗ୍ରାମରେ ରାଜମିସ୍ତ୍ରୀ କାମ କରୁଥିଲେ। କାମ ସାରି ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା।

### ମାରୱାଡି ସମାଜ ପକ୍ଷରୁ ଭାଗବତ ସପ୍ତାହ

ବ୍ରଜରାଜନଗର,୨୬।୭(ବିଜୟ ବରାଡ): ବ୍ରଜରାଜନଗର ପୌର କଲ୍ୟାଣ ମଣ୍ଡପଠାରେ ବୁଧବାର ମାରୱାଡି ମହିଳା ସମିତି ପକ୍ଷରୁ ଶ୍ରୀମଦ୍ ଭାଗବତ ସପ୍ତାହ ଆରମ୍ଭ ହୋଇଛି। ଏଥିରେ ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି ମୁଖ୍ୟଅତିଥି ଓ ନଗରପାଳ ଯାଜ୍ଞସେନୀ ଓରାମ, ଉପନଗରପାଳ ଗୋପାଳ ସିତାନୀ, ଇବ୍ ଭେଲି ମହାପ୍ରବନ୍ଧକ ଆର୍.ଏସ୍. ଗୁପ୍ତା, ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚୈତନ୍ୟ କିଶୋର କଟାର ଜୀ ମହାରାଜ ଶ୍ରୀମଦ୍ ଭାଗବତ ମହାତ୍ମ୍ୟ ଉପରେ କହିଥିଲେ। ଏହି ଉପଲକ୍ଷେ ପୂର୍ବାହ୍ନରେ ପଣ୍ଡିତ ଚୈତନ୍ୟ କିଶୋର କଟାର, କର୍ତ୍ତା ଦେବେନ୍ଦ୍ର ଡୋଲିଆ ଓ ପିଙ୍କି ଡୋଲିଆଙ୍କ ସମେତ ୫୧ଜଣ ମହିଳା ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ଏକ କଳସ ଯାତ୍ରାରେ କଲ୍ୟାଣ ମଣ୍ଡପକୁ ଆସିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ମହିଳା ସମିତି ସଭାପତି ସୁମନ ଅଗ୍ରୱାଲ, ସଚିବ ସିମି ରଙ୍ଗଟା, ଉପସଭାନେତ୍ରୀ ଅନୀତା ଅଗ୍ରୱାଲ ଓ କୋଷାଧକ୍ଷ ବରଖା ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

# ସୁନ୍ଦରଗଡ଼ରେ ବଢୁଛି ଅନ୍‌ଲାଇନ ଠକେଇ

ସୁନ୍ଦରଗଡ଼,୨୬।୭(ଜୟନାରାୟଣ ମେଣ୍ଡୁଲି)

ବିଭିନ୍ନ ଗଣମାଧ୍ୟମ, ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତା ସୃଷ୍ଟି କରା ଯାଉଥିଲେ ମଧ୍ୟ ମୋବାଇଲ ବ୍ୟବହାରକାରୀଙ୍କ ଛୋଟ ଛୋଟ ଭୁଲ ପାଇଁ ଏବେ ଅନଲାଇନ ଟଙ୍କା ଠକେଇ ଘଟଣା ବଢ଼ିବାରେ ଲାଗିଛି। ସାଇବର ଠକଙ୍କ ଠକେଇର ଶିକାର ହେଉଥିବା ଲୋକେ ପୋଲିସର ଦ୍ୱାରସ୍ଥ ହେଉଛନ୍ତି। ସୁନ୍ଦରଗଡ଼ ସହରରେ ସୋମବାର ଏଭଳି ୪ଟି ଅନଲାଇନ ଟଙ୍କା ଠକେଇ ଘଟଣା ଘଟିଥିବାର ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା ମଧ୍ୟରେ ସୁନ୍ଦରଗଡ଼ ମୁଖ୍ୟ ଡାକଘର ସମ୍ମୁଖରେ ଇଟିଲି ବ୍ୟବସାୟ କରୁଥିବା ଜଗନ୍ନାଥ ସାହୁଙ୍କ ସହ ଘଟିଛି। ସେ ଅପରାହ୍ନରେ ଘରେ ବିଶ୍ରାମ ନେଉଥିଲାବେଳେ ତାଙ୍କୁ ଏକ ନମ୍ବରରୁ ଫୋନ ଆସିଥିଲା, ଯେଉଁଥିରେ ତାଙ୍କର ଗିଫ୍ଟ ଭାଉଚର ଲାଗିଥିବା ନେଇ କହିବା ସହ କିଛି ମୋବାଇଲରେ ଅପସନ ପ୍ରଦାନ କରିବାକୁ କହିଥିଲେ। ଏହା ଜଗନ୍ନାଥ କରିବା ପରେ ତୁରନ୍ତ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପ୍ରଥମେ ୧୪ ହଜାର ଟଙ୍କା କଟିବା ମେସେଜ ଆସିଥିଲା, ପରେ ଫୋନରେ ଶୀଘ୍ର ତୁମ ସମସ୍ତ

**ସଚେତନ ରହିବାକୁ ପରାମର୍ଶ**

ଟଙ୍କା ଫେରିପାଇବ କହି ଦ୍ୱିତୀୟ ଫୋନ ଆସିଥିଲା ଏବଂ ଆଉ କିଛି ବ୍ୟାଙ୍କ ସୂଚନା ଦିଅନ୍ତୁ କହିଥିଲେ। ପ୍ରଥମେ ଜଗନ୍ନାଥ ଏହା ବୁଝି ନ ପାରି ତାଙ୍କ ପୁଅ ଶିବମକୁ ଦେଇଥିଲେ। ସେ ଟଙ୍କା ଫେରିପାଇବା ଆଶାରେ ମୋବାଇଲ ଯୋଗେ ଆଉ କିଛି ସୂଚନା ପ୍ରଦାନ କରିବା ପରେ ପୁନର୍ବାର ୩୦ହଜାର ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ କଟିଗଲା। ତଥାପି ସେ ଟଙ୍କା ଫେରି ପାଇବା ନେଇ ଆଶା ରଖିଥିଲେ। ସକାଳ ପର୍ଯ୍ୟନ୍ତ ଟଙ୍କା ନ ଫେରି ପାଇବାରୁ ଠକାମୀର ଶିକାର ହୋଇଥିବା ଜାଣି ଟାଉନ ଥାନାରେ ଏକ ଏତଲା ଦେଇଥିଲେ। ସେହିପରି ଏକ ବିଦ୍ୟାଳୟ ଶିକ୍ଷୟିତ୍ରୀଙ୍କ ଆକାଉଣ୍ଟରୁ ୨୦ ହଜାର, ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କ ଆକାଉଣ୍ଟରୁ ଓ ଶିକ୍ଷକଙ୍କ ଆକାଉଣ୍ଟରୁ ଅନୁରୂପଭାବେ ଅନଲାଇନ ଟଙ୍କା ଠକେଇ ହୋଇଥିବା ନେଇ ଟାଉନ ଥାନାରେ ରିପୋର୍ଟ ହୋଇଛି। ଏହାକୁ ନେଇ ପୋଲିସ ଅନୁସନ୍ଧାନ ଆରମ୍ଭ କରିବା ସହିତ ଏଭଳି ଅଜଣା ବ୍ୟକ୍ତିଙ୍କ ଫୋନ କଲ କିମ୍ବା ମେସେଜ ପ୍ରତି ସତର୍କ ରହିବାକୁ ଜନସାଧାରଣଙ୍କୁ ପୋଲିସ ଅନୁରୋଧ କରିଛି।

# ଗାଁ ମୁହାଁ ହାତୀପଲ, ଲୋକେ ଆତଙ୍କିତ


୧୯ ଟିକିଆ ହାତୀପଲ।

କୁତ୍ରା,୨୬।୭(ଦେବାଶିଷ ସାହୁ,ଅଶୋକ ଷଡ଼ଙ୍ଗୀ)

ଝାଡ଼ଖଣ୍ଡ ଆଞ୍ଚଳରୁ ଆସିଥିବା ୧୯ ଟିକିଆ ହାତୀପଲ ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଜଙ୍ଗଲ ପାର୍ଶ୍ୱବର୍ତ୍ତି ଗ୍ରାମ ଗୁଡିକରେ ଆତଙ୍କ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି। ହାତୀ ଆକ୍ରମଣରେ ବହୁ ଧନଜୀବନ ହାନି ଘଟୁଛି। ନୂଆଗାଁ ଅଞ୍ଚଳରେ ହାତୀପଲ ୪ ଟି ଘର ଭାଙ୍ଗିଛନ୍ତି। ବୁଧବାର ଭୋରୁ ହାତୀପଲ ବିଜୁ ଏକ୍ସପ୍ରେସ୍ ୱେ ପାର ହୋଇ ବର୍ତ୍ତମାନ ମହାବୀର ପାହାଡ ସ୍ଥିତ ଜଙ୍ଗଲକୁ ଚାଲିଯାଇଥିବା ଜଣାପଡିଛି। ଏହାକୁ ନେଇ ବର୍ତ୍ତମାନ ଜଙ୍ଗଲ ପାର୍ଶ୍ୱ ବର୍ତ୍ତି ଲୋକେ ଆତଙ୍କିତ ଅବସ୍ଥାରେ ଥିବା ଜଣାପଡିଛି। ତେବେ ଗୋଟିଏ ହାତୀ କନ୍ୟାଶ୍ରମ ପଛପଟ ଜଙ୍ଗଲରେ ଅଛି। ଏହି ହାତୀ ଉପରେ ବନ କର୍ମଚାରୀମାନେ ନଜର ରଖିଛନ୍ତି।

# ଇଞ୍ଜିନିୟରଙ୍କ ସହଯୋଗରେ ହେଉଛି ବୀଜବପନ, ବୃକ୍ଷରୋପଣ


କ୍ଲବ ସଦସ୍ୟମାନେ ପର୍ବତରେ ବୀଜବପନ କରୁଛନ୍ତି।

ବଡ଼ଗାଁ,୨୬।୭(ଅଶୋକ ଷଡଙ୍ଗୀ)

ଜଳବାୟୁ ପରିବର୍ତ୍ତନ ଯୋଗୁ ଭୂତଳ ଜଳ ହ୍ରାସ ଓ ଚାଷ ଉପରେ ଗଭୀର ପ୍ରଭାବ ପଡୁଛି। ଠିକ୍ ସମୟରେ ବର୍ଷା ନ ହେବା, ଅନିୟମିତ କିମ୍ବା ଅତ୍ୟଧିକ ବର୍ଷା ଘୋର ଅସୁବିଧାରେ ପକାଉଛି। ଏଭଳି ପରିସ୍ଥିତିରେ ପରିବେଶକୁ ସୁଧାରିବା ପାଇଁ ଏକମାତ୍ର ବିକଳ୍ପ ବୃକ୍ଷ ରୋପଣ। ଏହାକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ପ୍ରାନ୍ତରେ କିଛି ସଚେତନ ବ୍ୟକ୍ତି ବୃକ୍ଷରୋପଣ ଓ ବୀଜବପନ ଉପରେ କାର୍ଯ୍ୟ କରୁଛନ୍ତି। ଏହିପରି ଜଣେ ବ୍ୟକ୍ତି ହେଲେ ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଚେମଠାପଡା ଗାଁର ଇଞ୍ଜିନିୟର ଅଜେକ କୁମାର୍ ପ୍ରଧାନ। ପରିବେଶ ଉପରେ ରୁଚି ରଖୁଥିବା ପ୍ରଧାନ ସାମ୍ପ୍ରତିକ ପରିସ୍ଥିତିକୁ ବୁଝିପାରି ୪ ବର୍ଷ ହେଲା ଯୁବକମାନଙ୍କ ସହଯୋଗରେ ଆରମ୍ଭ କରିଛନ୍ତି ବୃକ୍ଷରୋପଣ ଓ ବୀଜବପନ କାର୍ଯ୍ୟକ୍ରମ। ମଙ୍ଗଳବାର ଚେମଠାପଡାର ଆଜାଦ୍ ହିନ୍ଦ୍ କ୍ଲବର ୨୦ ଯୁବକ ବୀଜ ବପନ ପାଇଁ ମହାବୀର ପର୍ବତ ଅଭିମୁଖେ ଯାତ୍ରା କରିଥିଲେ। ପର୍ବତ ତଳି ବୁରବୁଡା ଶିବ ମନ୍ଦିରରେ ପୂଜାର୍ଚ୍ଚନା କଲାପରେ ମନ୍ଦିର ପରିସରରେ ଇଞ୍ଜିନିୟର ପ୍ରଧାନ, ୯୦ ବର୍ଷୀୟ ଭୀମସେନ ପଟେଲ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଫୁଲ ଗଛ ଲଗାଇଥିଲେ। ପରେ ଯୁବକମାନେ ପାହାଡ଼ ଚଢ଼ି ବୀଜ ବପନ କରିଥିଲେ। ଏହି ବୀଜ ବପନ ପାଇଁ ଚେମଠାପଡାର ଗୀତାଞ୍ଜଳି ପ୍ରଧାନ ୫ ବସ୍ତା ଆମ୍ବ ମଞ୍ଜି, ଅଧ ବସ୍ତା ପଣସ ମଞ୍ଜି ଯୋଗାଇ ଦେଇଥିବାବେଳେ ଅନୁରାଧା ପ୍ରଧାନ ଗୋଟିଏ ବସ୍ତା ପେସ୍ତା ବାଦାମ ମଞ୍ଜି, ଭେସାଲଭାଡି ଗାଁର ସୁନିଲ ଡିଲା ଏକ ବସ୍ତା ଆମ୍ବ ମଞ୍ଜି, ସୁରତରାମ ପ୍ରଧାନ ୨ ବସ୍ତା ପଣସ ମଞ୍ଜି, ଚନ୍ଦ୍ରମଣି ପ୍ରଧାନ ଏକ ବସ୍ତା ଆମ୍ବ ଓ ଅଧ ବସ୍ତା ଜାମୁ କୋଳି ମଞ୍ଜି, ବଫେଇ ଗ୍ରାମର ଭୀମସେନ ପଟେଲ ୪ କେଜି ପଣସ ମଞ୍ଜି ଯୋଗାଇ ଦେଇଥିଲେ। ଏହା ସହିତ ଗ୍ରାମର ପିଲାମାନଙ୍କ ସହଯୋଗରେ ବସନ୍ତ ଗୌଡ ୨ ବସ୍ତା ନିମ୍ବ ଓ ୨ ବସ୍ତା ଜାମୁ ମଞ୍ଜି ଦେଇଥିଲେ। ପୂର୍ବ ବର୍ଷ ଗୁଡିକରେ ବୁଣା ଯାଇଥିବା ବୀଜରୁ ହୋଇଥିବା ବୃକ୍ଷ ଗୁଡ଼ିକର ଯତ୍ନ ନେଇଥିଲେ। ପର୍ବତରେ ବୀଜ ବପନ ଯୋଗୁଁ ପ୍ରାୟ ୨ ହଜାର ନିମ୍ବ ଓ ଅନ୍ୟାନ୍ୟ ଗଛ ହୋଇଥିବା ଯୁବକ ମାନେ ଦେଖିଥିଲେ। ଏହି ବୀଜ ବପନ କାର୍ଯ୍ୟରେ କେଦାର ସା, ବସନ୍ତ ଗୌଡ, ଉପେନ୍ଦ୍ର ରାଉତିଆ, ବିଦ୍ୟାଧର କରାଲି, ଭଜମନ ସା, ଶ୍ୟାମସୁନ୍ଦର କମାର, ଖଗେଶ୍ୱର ପ୍ରଧାନ, ଛତ୍ରପତି କମାର, ସୁମନ୍ତ ପ୍ରଧାନ, ସୁଦର୍ଶନ ସା, ବିକାଶ ପ୍ରଧାନ, ଚନ୍ଦ୍ରମଣି ପ୍ରଧାନଙ୍କ ସହ ଯୁବକମାନେ ସାମିଲ ହୋଇଥିଲେ।

# ୨ଗୋଷ୍ଠୀ ମଧ୍ୟରେ ଉତ୍ତେଜନା, ବ୍ୟାପକ ପୋଲିସ ମୁତୟନ

ରାଜଗାଙ୍ଗପୁର,୨୬।୭(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ମହରମ ପର୍ବ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ରାତି ପ୍ରାୟ ୧୦ଟାରେ କଥା କଟାକଟିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବା ସହ ପଥର ମାଡ଼ ମଧ୍ୟ ହୋଇଥିଲା। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବିଭିନ୍ନ ଛକ ଜାଗା ମାନଙ୍କରେ ବ୍ୟାପକ ପୋଲିସ ମୁତୟନ କରାଯିବା ସହ ପେଟ୍ରୋଲିଂ ଜାରି ରହିଛି। ଉଭୟ ଗୋଷ୍ଠୀର ୯ ଜଣ ଗିରଫ ହୋଇଥିବା ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସହରରେ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ସୂଚନା ଯୋଗ୍ୟ,ମଙ୍ଗଳବାର ସନ୍ଧ୍ୟାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହେବା ପରେ ମଧ୍ୟ ଏହି ଘଟଣା ଘଟିଛି ।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ


ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

ଲହୁଣୀପଡା,୨୬।୭(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡିଶା ପକ୍ଷରୁ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଲହୁଣୀପଡା ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀ କିଷାନ, ସମ୍ମାନିତ ଅତିଥିଭାବେ କୁମାର ଗୌତମ ବାରିକ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦୀକ୍ଷିତ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥିମାନେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ସମ୍ପର୍କରେ ସଚେତନତା ମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶୁସମା ମାହାନ୍ତ, ମଞ୍ଜୁବାଳା ମାହାନ୍ତ, ସୁନିତା ମାହାନ୍ତ, ସସ୍ମିତା ମାହାନ୍ତ ପ୍ରମୁଖ ଆଚାର୍ଯ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏଥିରେ ଅଭିଭାବିକା ଅଭିଭାବକମାନେ ଉପସ୍ଥିତ ଥିଲେ। ସଭା ଶେଷରେ ଯମୁନା ମାହାନ୍ତ ଧନ୍ୟବାଦ ଦେଇଥିଲେ।

# ଖବର ପ୍ରସାରଣ ପରେ ନିର୍ମାଣ ହେଲା ରାସ୍ତା

କୁଆଁରମୁଣ୍ଡା,୨୬।୭(ମହେନ୍ଦ୍ର କୁମାର ସାହୁ)

**ଧରିତ୍ରୀ ପ୍ରଭାବ**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ କାଲୋସିହିରିଆ ପଞ୍ଚାୟତ ଯୋଯୋ ବସ୍ତିରେ ନିର୍ମାଣ ହୋଇଥିବା ଢଳେଇ ରାସ୍ତାଟି ସମ୍ପୂର୍ଣ୍ଣ ନିମ୍ନମାନର ହୋଇଥିବା ନେଇ ଗତ ୨୧ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇଥିଲା। ଏହାପରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ତଣ୍ଡଗଣିବା ସ୍ୱରୁପ ତୁରନ୍ତ ଉକ୍ତ ରାସ୍ତାକୁ ଭାଙ୍ଗି ପୁନଃନିର୍ମାଣ କରିଛନ୍ତି। ରାସ୍ତାଟି ନୂତନଭାବେ ନିର୍ମାଣ ହେଲା ପରେ ସ୍ଥାନୀୟ ଆଦିବାସୀ ଖୁସିବ୍ୟକ୍ତ କରିଛନ୍ତି।


ନିର୍ମାଣ ହୋଇଥିବା ନୂତନ ରାସ୍ତା।

# ପେଟ୍ରୋଲ ପମ୍ପରେ ଲୁଟ ବିଫଳ

ସୁନ୍ଦରଗଡ,୨୬।୭(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଭଷ୍ମା ଥାନାଠାରୁ ଅଳ୍ପ ଦୂରରେ ଥିବା ପେଟ୍ରୋଲ ପମ୍ପରୁ ମଙ୍ଗଳବାର ବିଳମ୍ବିତ ରାତିରେ ବନ୍ଧୁକ ମୁନରେ ଟଙ୍କା ଲୁଟ ଉଦ୍ୟମ ବିଫଳ ହୋଇଛି। ପୋଲିସ ସୂଚନା ମୁତାବକ, ମଙ୍ଗଳବାର ବିଳମ୍ବିତ ରାତିରେ ୫ରୁ ୬ ଜଣ ଦୁର୍ବୃତ୍ତ ଆସି ଡ୍ୟୁଟିରେ ଥିବା ୨କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଟଙ୍କା ନେବାକୁ ଉଦ୍ୟମ କରିଥିଲେ। ପରେ ପୋଲିସ ଆସୁଥିବା ଭୟରେ ସେମାନେ ଫାଙ୍କା ଗୁଳିଚାଳନା କରି ସେଠାରୁ ଖସି ପଳାଇଥିଲେ। ଖବର ପାଇ ଭଷ୍ମା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାଗାଜିନ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଗ୍ରାମବାସୀଙ୍କ ତହସିଲଦାରଙ୍କୁ ଦାବିପତ୍ର

ବଡ଼ଗାଁ, ୨୬।୭(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପଟୁଆବେଡା ଗ୍ରାମବାସୀ ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି। ସରକାରୀ ଜମି ଜବରଦଖଲ କରିଥିବା ବ୍ୟକ୍ତିଙ୍କୁ ଉଚ୍ଛେଦ କରିବାକୁ ଏହି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ପଟୁଆବେଡା ଗ୍ରାମର କ୍ଷୀର ବେହେରା ଗ୍ରାମର କୀର୍ତ୍ତନ ମଣ୍ଡପ ଜମି ଓ ସମ୍ମୁଖ ମୁଖ୍ୟ ରାସ୍ତା ଜମିକୁ ତାଙ୍କର ବୋଲି ଦାବିକରି କୀର୍ତ୍ତନ ମଣ୍ଡପକୁ ଭାଙ୍ଗି ଦେଇଥିଲେ। ସେଠାରେ ଘର କରିବା ସହିତ ରାସ୍ତା ଉପରେ ପାଚେରୀ ଦେଇ ଅବରୋଧ କରିଥିଲେ। ଏହା ଉପରେ ଗ୍ରାମବାସୀ ଥାନା ଅଧିକାରୀ ଓ ତହସିଲଦାରଙ୍କୁ ଜଣାଇଥିଲେ। ଗତ ୨୧ ତାରିଖ ପୋଲିସ ଉପସ୍ଥିତିରେ ତହସିଲଦାରଙ୍କ ସହିତ ୫ ଜଣ ରାଜସ୍ୱ ନୀରିକ୍ଷକ ଜମି ମାପ କଲାପରେ ତାହା ସରକାରୀ ଜମି ଜଣାପଡିଥିଲା। ସେହି ସ୍ଥାନରେ କ୍ଷୀର ବେହେରା କରିଥିବା ଘରକୁ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାଲୋ, ୱାର୍ଡ ମେମ୍ବର ମୁକ୍ତା ସା, ଝସକେତନ୍ ବେହେରା, ସୁନିଲ ନାଏକ, ନକୁଲ ନାଏକ, କ୍ଷେତ୍ର ମୋହନ ପ୍ରଧାନ ପ୍ରମୁଖ ଗ୍ରାମବାସୀ ମଙ୍ଗଳବାର ତହସିଲଦାରଙ୍କୁ ଲିଖିତ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୫ ମସିହାରେ କ୍ଷୀର ବେହେରା କୀର୍ତ୍ତନ ମଣ୍ଡପକୁ ଭାଙ୍ଗି ସେଠାରେ ଘର ତିଆରି କରିଥିଲେ। ଗ୍ରାମବାସୀ ସରକାରୀ ଜମିରେ ମଣ୍ଡପ ଥିବାରୁ ଭାଙ୍ଗିବାକୁ ମନା କରିଥିଲେ ମଧ୍ୟ ଶୁଣି ନ ଥିଲେ। ଏକ ମାସ ପୂର୍ବେ ଘର ସମ୍ମୁଖ ମୁଖ୍ୟ ରାସ୍ତା ଉପରେ କାଠଗଣ୍ଡି ପୋତି ତାଙ୍କର ଜମି ବୋଲି ଦାବି କରିଥିଲେ। ପ୍ରଥମେ କୀର୍ତ୍ତନ ମଣ୍ଡପକୁ ଭାଙ୍ଗି ଘର କରିବା ଓ ପରେ ରାସ୍ତା ଅବରୋଧ କରିବା ଦେଖି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ରାସ୍ତା ଅବରୋଧ ନ କରିବାକୁ କହିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଲୋକେ ସମସ୍ୟାରେ ପଡ଼ିବାରୁ କେତେକ ବ୍ୟକ୍ତି ରାସ୍ତାରେ ପୋତିଥିବା କାଠ ଗୁଡିକୁ ବାହାର କରିଦେଇଥିଲେ। ଏହା ଉପରେ କ୍ଷୀର ବେହେରା ଥାନାରେ ଅଭିଯୋଗ କରିବାରୁ ପୋଲିସ ଗ୍ରାମର ଝସକେତନ୍ ବେହେରା, ଲଳିତା ବେହେରା, କନ୍ଦର୍ପ ସା, କ୍ଷେତ୍ରମୋହନ ପ୍ରଧାନ ଓ ସୁଲୋଚନା ନାଏକଙ୍କ ନାମରେ ମାମଲା ରୁଜୁ କରିଥିଲା। ଜମି ମାପ ନ ହେବା ପର୍ଯ୍ୟନ୍ତ ରାସ୍ତାକୁ ଅବରୋଧ ନ କରିବାକୁ ପୋଲିସ କ୍ଷୀର ବେହେରାଙ୍କୁ କହିଥିଲେ। କିନ୍ତୁ ପୋଲିସର କଥାକୁ ଭ୍ରୁକ୍ଷେପ ନ କରି ଗତ ୨୦ ତାରିଖ କ୍ଷୀର ବେହେରା ରାସ୍ତା ଉପରେ ପାଚେରୀ ନିର୍ମାଣ କରି ଅବରୋଧ କରିଥିଲେ। ଏହାଦେଖି ଗ୍ରାମବାସୀ ଥାନା ଅଧିକାରୀ ଓ ତହସିଲଦାରଙ୍କୁ ଜଣାଇବାରୁ ପୋଲିସ ଉପସ୍ଥିତିରେ ତହସିଲଦାର ଏବଂ ପାଞ୍ଚ ଜଣ ରାଜସ୍ୱ ନୀରିକ୍ଷକ ଜମି ମାପ କଲାପରେ ସେହି ସ୍ଥାନଟି ସରକାରୀ ଜମି ହୋଇଥିବା ଜଣାପଡିଥିଲା। ଏହା ପରେ ଗ୍ରାମବାସୀ ବୈଠକ କରି ଯେଉଁ କୀର୍ତ୍ତନ ମଣ୍ଡପକୁ ଭାଙ୍ଗି ଘର କରାଯାଇଛି ତାକୁ ଉଚ୍ଛେଦ କରି ସେଠାରେ ସରକାରଙ୍କ ପକ୍ଷରୁ ମିଳିଥିବା ୬ ଲକ୍ଷ ଟଙ୍କାରେ ମଣ୍ଡପ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ତହସିଲଦାରଙ୍କୁ ଦିଆଯାଇଛି।

**ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଉ**


କୁଆଁରମୁଣ୍ଡା ବଜାରରେ ଜଣେ ନାବାଳିକା ନିଜର ପେଟପାଟଣା ପାଇଁ ଦୁଃସାହସିକ କଳା ପ୍ରଦର୍ଶନ କରୁଛନ୍ତି।

# ୫୦ ଚାଷୀଙ୍କୁ ଉନ୍ନତମାନର ରାଶି ବିହନ ପ୍ରଦାନ

ବଡ଼ଗାଁ,୨୬।୭( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ବିର୍ସୁ ଗ୍ରାମର ଚାଷୀଙ୍କୁ ନେଇ ପଞ୍ଚବଟୀ ଜୟ ମହାବୀର ଏଫପିଓ ଗଠିତ ହୋଇଛି। ଏଥିରେ ୫୦ ଚାଷୀଙ୍କୁ ୪୫ ଏକର ଜମିରେ ରାଶି ଚାଷ ପାଇଁ ଉନ୍ନତମାନର ବିହନ ଯୋଗାଇ ଦିଆଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ଡା. ମନୋଜ ଜେନା, ଜୀବନ ଜୀବିକା ମ୍ୟାନେଜର ଚକ୍ରଧର ପୃଷେଟ, କୃଷି ଉତ୍ପାଦକ ସଂଗଠନର ସଭାପତି କୈଳାସ ଖର୍ସେଲ, ସ୍ଥାନୀୟ ନାଏବ ସରପଞ୍ଚ, କର୍ମକର୍ତ୍ତା ଝସକେତନ ବେହେରା, ଗଣେଶ କିଷାନ ଚାଷୀଙ୍କୁ ଚାଷ ସମ୍ବନ୍ଧରେ ବୁଝାଇବା ସହିତ ବିହନ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଓ ସେବକ ଅନୁଷ୍ଠାନର ସହଯୋଗିତାରେ ଚାଷୀଙ୍କୁ ରାଶି ଚାଷ ପାଇଁ ପ୍ରୋତ୍ସାହିତ କରାଯାଇଛି। ମହାବୀର ପର୍ବତ ତଳି ଅଞ୍ଚଳର ୬ ଏକର ଗୋଡା ଜମିରେ କ୍ଷେତ୍ର ପ୍ରଦର୍ଶନ ଉଦ୍ଦେଶ୍ୟରେ ଚାଷ କରିବା ପାଇଁ ସ୍ଥିର କରାଯାଇଛି। ଆଗାମୀ ଦିନରେ ଆବଶ୍ୟକ ଅନୁସାରେ ବିହନ ପ୍ରଦାନ ଓ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୃଷି ସମ୍ବନ୍ଧୀୟ ତାଲିମ୍ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ମହୁ ଚାଷ, ଛତୁଚାଷ ସହିତ ବିଭିନ୍ନ କୃଷି ଉପକରଣ ଉପରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ତାଲିମ୍ ଦେଇ ସେମାନଙ୍କ ଆର୍ଥିକ ଉନ୍ନତି ପାଇଁ କାମ କରାଯିବ ବୋଲି ଆୟୋଜିତ କାର୍ଯକ୍ରମରେ ଆଲୋଚନା ହୋଇଥିଲା।



ଚାଷୀଙ୍କୁ ରାଶି ବିହନ ପ୍ରଦାନ କରାଯାଉଛି।

# ସରକାରୀ କଲେଜରେ କାର୍‌ଗିଲ ବିଜୟ ଦିବସ

ସୁନ୍ଦରଗଡ,୨୬।୭(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ କଲେଜରେ କାର୍‌ଗିଲ ବିଜୟ ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଶହୀଦ ଜବାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ କଲେଜର ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଗଣିତ ବିଭାଗର ବରିଷ୍ଠ ଅଧ୍ୟାପକ ଆଲୋକ କୁମାର ନାଏକ କାରଗିଲ ଯୁଦ୍ଧରେ ଭାରତୀୟ ଜବାନଙ୍କ ସାହସିକତା ଓ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଏହି ବିଜୟ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଭାରେ ସଂସ୍କୃତ ବିଭାଗର ସହକାରୀ ପ୍ରଫେସର ଡ.ବିନୋଦ ବିହାରୀ ମଲ୍ଲିକ, ରାଜନୀତି ବିଭାଗର ଅଧ୍ୟାପକ ଡ.ରତ୍ନେଶ ରଞ୍ଜନ କାରଗିଲ ଯୁଦ୍ଧରେ ଭାରତୀୟ ଜବାନଙ୍କ ବୀରତ୍ୱର ଗାଥା ଉପରେ ଆଲୋଚନା କରି ଶହୀଦ ଜବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ୨ ଶିକ୍ଷାର୍ଥୀ ମଧ୍ୟ କାରଗିଲ ଯୁଦ୍ଧ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଜାତୀୟ ସମର ଶିକ୍ଷାର୍ଥୀ, ଯୁବରେଡକ୍ରସ, ଜାତୀୟ ସେବା ଯୋଜନା ଏବଂ ଇକୋ କ୍ଲବର ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ। ପରିଶେଷରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶମାତୃକା ପ୍ରତି ଉତ୍ସର୍ଗୀକୃତ ମନୋଭାବ ଜାଗରଣ ପାଇଁ ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା।


କାରଗିଲ ବିଜୟ ଦିବସ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ରାଜ୍ୟ ବିଜେଡି ସମ୍ପାଦକଙ୍କ ଚପଟଖଣ୍ଡା ପରିଦର୍ଶନ

ନର୍ଲା,୨୬।୭(ସନ୍ତୋଷ ପାତ୍ର): କଳାହାଣ୍ଡି ଜିଲା ନର୍ଲାସ୍ଥିତ ଚପଟଖଣ୍ଡାଠାରେ ବହୁ ପ୍ରତିକ୍ଷିତ ଇଲେକ୍ଟ୍ରି ଲୋକୋମୋଟିଭ ଇଞ୍ଜିନ ୱାର୍କଶପ ନିର୍ମାଣ ହେବାକୁ ଥିବା ଜମି ଅଧିଗ୍ରହଣ ଏବଂ ଅର୍ଥ ଅଭାବ ଯୋଗୁ ବର୍ଷ ବର୍ଷ ଧରି ବିଳମ୍ବ ହେବାରେ ଲାଗିଛି। ଏପରି ସ୍ଥଳେ ୨୦୨୪ରେ ସାଧାରଣ ନିର୍ବାଚନ ହେବକୁ ଥିବା ବେଳେ ବୁଧବାର ରାଜ୍ୟ ବିଜେଡ଼ି ସମ୍ପାଦକ ଚିତ୍ତରଜନ ମଣ୍ଡଳ (ବାବୁଲି) ଅଚାନକ ନର୍ଲାସ୍ଥିତ ଚପଟଖଣ୍ଡା ଗ୍ରସ୍ତ କରି ସ୍ଥାନୀୟ ଲୋକଙ୍କ ସହିତ ରେଳ ପ୍ରକଳ୍ପ ନେଇ ବିଭିନ୍ନ ଆଲୋଚନା କରିଛନ୍ତି। ହେବାକୁ ଥିବା ରେଳପ୍ରକଳ୍ପକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବି ବୋଲି ମତ ଦେଇଛନ୍ତି। ଆଗାମୀ ଦିନରେ ଅଞ୍ଚଳର ଅନେକ ସମସ୍ୟା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମାଧନ ହୋଇପାରିବ ବୋଲି ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

### ରାସ୍ତା କଡ଼ରେ ବିପଦସଙ୍କୁଳରେ ପଡ଼ିଛି କାଠଗଣ୍ଡି



ଖଡ଼ିଆଳ,୨୬।୭(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳଠାରୁ ନୂଆପଡା ରାସ୍ତା ସାନମହେଶ୍ୱର ଗାଁ ନିକଟ ୩୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ଦୀର୍ଘ ଦିନ ହେଲା ବିପଦସଙ୍କୁଳ ଅବସ୍ଥାରେ କାଠଗଣ୍ଡି ପଡିରହିଛି। ଉକ୍ତ ରାସ୍ତା ଦେଇ ନିର୍ବାଚନ ଜନପ୍ରତିନିଧିଙ୍କଠୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ଏପରିକି ଖୋଦ ଜିଲାପାଳ ତଥା ଏସ୍‌ପି ମଧ ଯାଆସ କରୁଛନ୍ତି। ହେଲେ ବିପଦସଙ୍କୁଳ ଅବସ୍ଥାରେ ପଡିରହିଥିବା କାଠଗଣ୍ଡି ଉପରେ କାହାରି ନଜର ପଡୁନାହିଁ। ଜାତୀୟ ରାଜପଥ କଡ଼ରେ କାଠଗଣ୍ଡି ପଡ଼ିଥିବା ଯୋଗୁ ଅନେକ ସମୟରେ ଉକ୍ତ ସ୍ଥାନରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହା ସତ୍ତ୍ୱେ ମଧ ଜାତୀୟ ରାଜପଥ ବିଭାଗ ନା ଜିଲା ପ୍ରଶାସନର ନଜର ପଡୁଛି। ଜାତୀୟ ରାଜପଥ ଦେଇ ପ୍ରତିଦିନ ଶହଶହ ସଂଖ୍ୟାରେ ଯାନବାହନ ଚଳାଚଳ କରୁଛି। କୌଣସି ମୁହୂର୍ତ୍ତରେ ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟି ନିରିହ ଲୋକଙ୍କ ଜୀବନ ତାହାକୁ ଏଡାଇ ଦିଆ ଯାଇ ନ ପାରେ। ଜିଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ଜାତୀୟ ରାଜପଥ କଡ଼ରେ ପଡିରହିଥିବା ବିପଦସଙ୍କୁଳ କାଠଗଣ୍ଡି ଉଠାଇବାକୁ ଦାବି ହେଉଛି।

# ଆଦିବାସୀଙ୍କ ଉପରେ ଅତ୍ୟାଚାର ବନ୍ଦ କର

ନୂଆପଡ଼ା,୨୬।୭(ମକାରୁ ବେମାଲ)

- ମଣିପୁର ହିଂସା ଘଟଣା ନେଇ ବିକ୍ଷୋଭ
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଦାବିପତ୍ର ପ୍ରଦାନ କରାଯାଉଛି।

ମଣିପୁରରେ ଦୁଇ କୁକି ଆଦିବାସୀ ଝିଅଙ୍କୁ ଶାରିରିକ ନିର୍ଯାତନା ଦେଇ ଉଲଗ୍ନ କରି ରାଜ ରାସ୍ତାରେ ଚଳାଇବା, ଉତ୍ତର ପ୍ରଦେଶରେ ଏକ ଆଦିବାସୀ ଯୁବକ ଉପରେ ପରିଶ୍ରା କରିଥିବା ଦୋଷୀ ଉପରେ ଶୀଘ୍ର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ୟୁସିସିକୁ ରାଜଗୌଡ ସାଂସ୍କୃତିକ ସମାଜ ଓ ଗୌଡୱାନା ଛାତ୍ରୀଛାତ୍ର ସଂଘ ନୂଆପଡା ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଏହାର ପ୍ରତିବାଦରେ ଜିଏସୟୁ ସଭାପତି ହରିଶ୍ଚନ୍ଦ୍ର ମାଝିଙ୍କ ନେତୃତ୍ୱରେ ବୁଧବାର ସ୍ଥାନୀୟ ପୋଲିସ ପଡିଆଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମଣିପୁର ଘଟଣାକୁ ୨ ମାସରୁ ଉର୍ଦ୍ଧ୍ୱ ହୋଇଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଆଦିବାସୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଘଟଣା ବିଷୟରେ ଥାନାରେ ଏତଲା ଦେଲା ପରେ ମଧ୍ୟ ପୋଲିସ ବର୍ତ୍ତମାନ ସୁଦ୍ଧା ଦୋଷୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଏକ କ୍ଷୋଭର ବିଷୟ। ଦୁଇ କୁକି ଆଦିବାସୀଙ୍କୁ ଶାରୀରିକ ନିର୍ଯାତନା ଦେଇ ଉଲଗ୍ନ କରି ରାଜରାସ୍ତାରେ ଚଲାଇ ଅଣଆଦିବାସୀଙ୍କ ଦ୍ୱାରା ହତ୍ୟା କରାଯାଇଥିଲା। ଉତ୍ତର ପ୍ରଦେଶରେ ଏକ ଆଦିବାସୀ ଯୁବକଙ୍କ ଉପରେ ପରିଶ୍ରା କରିବା ଘଟଣାକୁ ଆଦିବାସୀମାନଙ୍କୁ ସକ୍ତ ଆଘାତ ଲାଗିଛି। ଆଦିବାସୀମାନଙ୍କ ଉପରେ ଅମାନୁସାଙ୍ଗିକ ଅତ୍ୟାଚାର କରାଯାଉଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଏକ ଲଜ୍ୟା ଜନକ ଅଟେ। କେନ୍ଦ୍ର ସରକାରଙ୍କ ପାରଗତା ଓ ଆଦିବାସୀ ବିରୋଧି ହୋଇଥିବା ଯୋଗୁ ଆଦିବାସୀଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ବଢି ଚାଲିଛି ବୋଲି କୁହାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିକ କାର୍ଯ୍ୟକାରୀ ହେଉଥିବା ୟୁସିସିକୁ ଆଦିବାଦୀମାନେ ତୀବ୍ର ବିରୋଧ କରିଛନ୍ତି। ପ୍ରତ୍ୟେକ ଜାତିର ଅନେକ ଭାଷାଭାଷି ଲୋକ ଅଛନ୍ତି। ଦେଶର ଧର୍ମ ସମ୍ପ୍ରଦାୟ ସାମାଜିକ ବିବାହ, ଛାଡପତ୍ର, ଉପାସନା, ପୋଷ୍ୟ ସନ୍ତାନ, ସମ୍ପତି ମାଳିକାନା, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଏକ ଆଇନ ଅନୁଯାୟୀ ସମାନ ହେବା ଆଦିବାସୀମାନଙ୍କ ପାଇଁ ପ୍ରଯୁର୍ଯ୍ୟ ନୁହେଁ। ୟୁସିସିକୁ ରଦ୍ଦ କରାଯାଉ ଯାହା ଦ୍ୱାରା ଆଦିବାସୀ ଐତିହ, ସଂସ୍କୃତି, ରାଜନୀତି ପରମ୍ପରା, ପୂଜା ପଦ୍ଧତି ଇତ୍ୟାଦି ସମସ୍ତ ଅଦୃଶ୍ୟ ହୋଇଯିବ। ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରିବା ସହ ସମଗ୍ର ଭାରତର ଆଦିବାସୀ ସମ୍ପ୍ରଦାୟକୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି।


**ବାଲୁକା କଳାରେ ହଳ ଲଙ୍ଗଳ:** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଅଧୀନ ଗ୍ରାମର ଆନ୍ତର୍ଜାତିକ ଯୁବ ବାଲୁକା ଶିଳ୍ପୀ ଓମ ପ୍ରକାଶ ସାହୁ ବାଲୁକା କଳା ମାଧ୍ୟମରେ ଚାଷୀ ହଳ କରୁଥିବା ଦୃଶ୍ୟକୁ ନିଖୁଣ ଭାବେ ଅଙ୍କନ କରି ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ଉଦ୍ୟମ କରିଛନ୍ତି। **ଫଟୋ: ପ୍ରଦୀପ କୁମାର ସାହୁ**

# ଆୟୁଷ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

କେସିଙ୍ଗା,୨୬।୭(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଶିରୋଲ ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଆୟୁଷ ବିଭାଗ ପକ୍ଷରୁ ଜିଲା ଆୟୁର୍ବେଦିକ ଚିକିତ୍ସା ଅଧିକାରୀ ସରୋଜ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୁଷ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିରୋଲ ସରପଞ୍ଚ ଝରଣା ବାଗ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଆୟୁଷ ବିଭାଗ ପକ୍ଷରୁ ଶିରୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ଓ କନ୍ତେଶିର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ପ୍ରଥମେ ଶିରୋଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରୀଛାତ୍ରମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା। ଯୋଗ ଶିବିରରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଆୟୁଷ ବିଭାଗ ନିର୍ଦ୍ଦେଶକ୍ରମେ ସ୍କୁଲ ପରିସରରେ ଆୟୁର୍ବେଦ ବୃକ୍ଷ ଯଥା ତୁଳସୀ, ବେଲବୃକ୍ଷ ସହ ବିଭିନ୍ନ ଆୟୁର୍ବେଦ ବୃକ୍ଷ ରୋପଣ


ଆୟୁଷ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଯୋଗ ଶିକ୍ଷା ଦିଆଯାଉଛି।

**ଛାତ୍ରୀଛାତ୍ରଙ୍କୁ ଦିଆଗଲା ଚିକିତ୍ସା, ସ୍କୁଲରେ ରହିବ ଆୟୁର୍ବେଦ ବୃକ୍ଷ**

କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ଚିକିତ୍ସା ଅଧିକାରୀ ମିଶ୍ର ଅନୁରୋଧ କରିଥିଲେ। ଉକ୍ତ ସ୍କୁଲ ୯୫ଜଣ ଛାତ୍ରୀଛାତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ମାସିକ ଋତୁ ସମସ୍ୟା, କାଛୁ କୁଣ୍ଡିଆ, ଆଖିଧରା ରୋଗ, କୋଭିଡ୍, ମାନସିକ, ବୌଦ୍ଧିକ ବିକାଶ ଆଦି ବିଷୟରେ ଛାତ୍ରୀଛାତ୍ରଙ୍କୁ ଆୟୁଷ ଡାକ୍ତର ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ହୋମିଓପ୍ୟାଥିକ ମେଡ଼ିକାଲ ଅଫିସର ଆଭାମଞ୍ଜରୀ ନାୟକ, ଡ଼ ଜ୍ୟୋତି ମିଶ୍ର, ଡ଼.ସରିତା ତ୍ରିପାଠୀ, ଡ଼.ତୁଳସୀ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ରୋଗ ବିଷୟ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପ୍ରାଧନ ଶିକ୍ଷକ ପ୍ରଳୟ ମହାପାତ୍ର ପରିଚାଳନା କରିଥିଲେ। ଏହି ଉପଲକ୍ଷେ ସ୍କୁଲରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା।

# କ୍ଲାସରୁମ ଛାତରୁ ଗଳୁଛି ପାଣି

**ପାଙ୍ଗା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ରୁପ୍ରାରୋଡ୍,୨୬।୭(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ କୁର୍ମେଲ ପଞ୍ଚାୟତ ପାଙ୍ଗା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲାସ ରୁମ ଛାତରୁ ପାଣି ଗଳୁଛି। ଫଳରେ କୋଠରିରେ ପାଣି ଜମି ରହୁଥିବା ଓ କାନ୍ଥ ବିପଦ ସଙ୍କୁଳରେ ଥିବା ଅଭିଯୋଗ ହେଉଛି। କେତେ ବେଳେ ଯେ ଭୁଷୁଡି ପଡିବ କହି ହେଉନାହିଁ। ପ୍ରାୟ ଗତ ଏକ ବର୍ଷ ଉପରେ ହେବ ଏହି ସମସ୍ୟା ଲାଗି ରହିଥିବାରୁ କାନ୍ଥରେ ପାଣି ପଡ଼ି ଫାଟ ସୃଷ୍ଟି କରି ଇଟା ଖସିବାରେ ଲାଗିଛି। ଛାତ ତଳୁ କଂକ୍ରିଟ ଅତଡ଼ା ଖସୁଛି। ସ୍ୱଳ୍ପ ବର୍ଷାରେ ଛାତରୁ ପାଣି ଝରୁଛି। ଫଳରେ ଛାତ୍ରୀଛାତ୍ରମାନେ ଅନେକ ସମୟରେ ବାରଣ୍ଡାରେ ବସି ପଢୁଥିବା ଦେଖାଯାଉଛି। ଏହି ସମସ୍ୟା ନେଇ ପରିଚାଳନା କମିଟି ସଭାପତି ତ୍ରିନାଥ ପାତ୍ର ଓ ପ୍ରଧାନ ଶିକ୍ଷକ ବିଭିନ୍ନ ସମୟରେ ଶିକ୍ଷା ବିଭାଗ ଅଧିକାରୀମାନଙ୍କୁ ଅବଗତ କରାଇଛନ୍ତି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ, ବିଡିଓ, ସରପଞ୍ଚଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଥିଲେ ମଧ ସ୍କୁଲ ସମାଧାନ ହୋଇନାହିଁ। ପୁଣି କନିଷ୍ଠ ଯନ୍ତ୍ରୀ ସ୍କୁଲକୁ ତିନିଥର ଯାଇ ମାପକରି ଆସିଥିବା ପରିଚାଳନା କମିଟି ସଦସ୍ୟମାନେ ଜଣାଇଛନ୍ତି। ପାଙ୍ଗା ସ୍କୁଲ ସମାଧାନ ହୋଇପାରି ନ ଥିବାରୁ ସ୍କୁଲ କମିଟି ଅସନ୍ତୋଷ ପ୍ରକାଶ କରିଛନ୍ତି।

# ବିକାଶ ୱାଇସଡମ୍ ପାର୍କରେ କାରଗିଲ ବିଜୟ ଦିବସ


ଛାତ୍ରମାନଙ୍କ ଦ୍ୱାରା ଦେଶଭକ୍ତି ମୂଳକ ନୃତ୍ୟ ପରିବେଷଣ କରାଯାଉଛି।

ଭବାନୀପାଟଣା,୨୬।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ୱଇସଡମ ପାର୍କରେ ବୁଧବାର କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଭବାନୀପାଟଣାର ନିର୍ଦ୍ଦେଶକ ଡି.ଶ୍ୟାମ, ଏକାଡେମିକ ଇନ ଚାର୍ଜ ଡି.ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର ବିଦ୍ୟାର୍ଥୀମାନଙ୍କୁ ରାଷ୍ଟ୍ରଭକ୍ତି ସମ୍ପର୍କରେ ମାର୍ଗଦର୍ଶନ କରାଇଥିଲେ। ଏକାଡେମୀକ ଇନଚାର୍ଜ ଡି. ବିଜୟା କାର୍ଗିଲ ବୀଜୟ ଦିବସ ପାଳନର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ଦ୍ଦେଶକ ଡି. ଶ୍ୟାମ ସମସ୍ତଙ୍କ ହୃଦୟରେ ରାଷ୍ଟ୍ରଭକ୍ତି ଜାଗ୍ରତ କରିବା ତଥା ଦେଶ, ଜାତିର ସମ୍ମାନ ଓ ସୁରକ୍ଷା ଦିଗରେ ଗୁରୁତ୍ତ୍ୱାରୋପ କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସନୀୟ ଦେଶ ଭକ୍ତି ମୂଳକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ସଫଳ ରୂପାୟନ କରିବାରେ ସହାୟକ ହୋଇଥିଲା। ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ସହଯୋଗ କରିଥିଲେ।

# ଭୂମି ସମ୍ମାନରେ ସମ୍ମାନିତ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ



ଖଡ଼ିଆଳ,୨୬।୭(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲାପାଳ ହେମକାନ୍ତ ସାଏ ସମ୍ମାନ ଜନକ ଭୂମି ସମ୍ମାନରେ ସମ୍ମାନିତ ହେବା ସହିତ ରାଷ୍ଟ୍ରପତିଙ୍କଠାରୁ ମେଡାଲ ଗ୍ରହଣ କରିଥିବାରୁ ତାଙ୍କୁ ଜିଲାର ସମସ୍ତ ବ୍ଲକ ଉପାଧ୍ୟକ୍ଷ ଭେଟି ସମ୍ବର୍ଦ୍ଧିତ କରିଛନ୍ତି। ଜମି ଜମା ସଂକ୍ରାନ୍ତୀୟ କମ୍ପ୍ୟୁଟରୀକରଣ କରିବାରେ ଦେଶରେ ଅଗ୍ରଣୀ ସ୍ଥାନ ଅଧିକାର କରିଥିବା ଯୋଗୁ ଗତ ସପ୍ତାହରେ ନୂଆପଡ଼ା ଜିଲାପାଳ ହେମକାନ୍ତ ସାଏ ଏହି ଗୌରବ ସମ୍ମାନିତ ହୋଇଥିଲେ। ନୂଆପଡା ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ସିନାପାଲି ଉପାଧ୍ୟକ୍ଷା ମିନା ଘିଭେଲା, କୋମନା ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଖଡିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଓ ବୋଡ଼େନ ବ୍ଲକ ଉପାଧ୍ୟକ୍ଷ ରଞ୍ଜିତା ମାଝି ପ୍ରମୁଖ ଜିଲାପାଳ ସାଏଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହିତ ସମ୍ବର୍ଦ୍ଧିତ କରିଛନ୍ତି। ଏହା ସହିତ ଜିଲାର ବିକାଶ ପାଇଁ ଆଲୋଚନା କରିଥିବା ଜଣାପଡ଼ିଛି।

# କଳାହାଣ୍ଡି ଜିଲା: ବାଟବଣା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା

ଭବାନୀପାଟଣା,୨୬।୭(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ବାଟବଣା ହୋଇଛି ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା। ଏହି ଯୋଜନାରେ ଛାତ୍ରୀଛାତ୍ର ତାଲିମ ତ ପାଉଛନ୍ତି ମାତ୍ର ସେମାନଙ୍କ ଥଇଥାନ ବ୍ୟବସ୍ଥା ନେରାଶ୍ୟଜନକ। ୨୦୨୨-୨୩ରେ ୮୯୦ଜଣଙ୍କ ମଧ୍ୟରୁ ୩୦୬ ଅର୍ଥା୍ ୩୪ ପ୍ରତିଶତ ଥଇଥାନ ହୋଇଛନ୍ତି। ଜିଲାର କର୍ଲାମୁଣ୍ଡା ବ୍ଲକରେ ଥଇଥାନ ହାର ଶୂନ ରହିଛି। ତାଲିମପ୍ରାପ୍ତ ଛାତ୍ରୀଛାତ୍ର ଥଇଥାନ ବ୍ୟବସ୍ଥା ହେଉ ନ ଥିବାରୁ ଅପରସ୍ଥିତି ଦେଖାଦେଉଛି। ଅନେକ ଛାତ୍ରୀଛାତ୍ର ମାନସିକ ଚିନ୍ତାରେ ମଧ ରହୁଥିବା ନଜିର ରହିଛି। ୨୦୨୦-୨୧ରେ ୧୩ଟି ବ୍ଲକରୁ ୧୨୦୭ଜଣଙ୍କ ମଧ୍ୟରୁ ୨୪୮ଜଣଙ୍କୁ ଓ ୨୦୨୧-୨୨ରେ ୧୩୮ଜଣଙ୍କୁ ନିଯୁକ୍ତି ମିଳିଛି। ଏପଟେ ନିଯୁକ୍ତି ମିଳୁ ନ ଥିବାରୁ ଅନେକ ଛାତ୍ରୀଛାତ୍ର ରାଜ୍ୟ ବାହାରକୁ ଚାକିରି ଅନ୍ୱେଷଣରେ ଚାଲିଯାଉଥିବା ଦେଖିବାକୁ ମିଳୁଛି। ଛାତ୍ରୀଛାତ୍ରମାନେ ଏହି ଯୋଜନାରେ ଲାଭ ଉଠାଇବା ପାଇଁ ତାଲିମ ପୂର୍ବରୁ ଯେତିକି ଆଗ୍ରହ ଦେଖାଉଛନ୍ତି ତାଲିମ ପରେ ସେମାନଙ୍କ ଆଶା ମଉଳିବାରେ ଲାଗିଛି। ଜିଲାରେ ବେଦାନ୍ତ କାରଖାନା, ପ ରାୟଗଡ଼ା ଜିଲାରେ ଅବସ୍ଥିତ ଉତ୍କଳ ଆଲୁମିନା କାରଖାନା, ଘରୋଇ ଉଦ୍ୟୋଗ ଓ ସରକାରୀ ପ୍ରତିଷ୍ଠାନରେ ନିଯୁକ୍ତି ସୁଯୋଗ କମ ଥିବା ଯୋଗୁ ଛାତ୍ରଛାତ୍ରୀଙ୍କ ନିରାଶ ହେଉଛନ୍ତି। ଏ ସମ୍ପର୍କରେ ଓର୍ମାସ ଡେପୁଟି ସିଇଓ ଜଜ୍ କେର୍କେଟାଙ୍କୁ ପଚାରିବାରୁ ବିଭିନ୍ନ କମ୍ପାନିମାନଙ୍କ ଆବଶ୍ୟକତା ଅନୁଯାୟୀ ନିଯୁକ୍ତି ଦିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଅନୁଦାନ ଆସି ନ ଥିବାରୁ ବର୍ତ୍ତମାନ ଏହି ଯୋଜନା ବନ୍ଦ ରହିଛି ବୋଲି ସେ କହିଛନ୍ତି।

# ବେହେରା-ଛଞ୍ଚାଣବାହାଆଲି ରାସ୍ତା ଶୋଚନୀୟ

ବେହେରା,୨୬।୭ (ଭୁପେଶ ତିୱାରୀ)

**ନିର୍ମାଣର ବର୍ଷେ ନ ପୂରୁଣୁ ମେଟାଲ ଉଠିଛି**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା-ଛଞ୍ଚାଣବାହାଆଲି ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ମରଣଯନ୍ତା ପାଲଟିଛି। ୫ କି.ମି. ଏହି ରାସ୍ତା ଗତ କିଛି ବର୍ଷ ତଳେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଯାଇ ନିର୍ମାଣ ହୋଇଥିଲା। ନିର୍ମାଣର ବର୍ଷେ ନ ପୂରୁଣୁ ରାସ୍ତାରୁ ପିଚୁ ମେଟଲ ଉଠି ଖାଲଖମା ସୃଷ୍ଟି ହେବା ପରେ ଗତବର୍ଷ ମରାମତି ହୋଇଥିଲା। ହେଲେ ୬ ମାସ ମଧରେ ରାସ୍ତା ଅବସ୍ଥା ପୂର୍ବ ଅବସ୍ଥାକୁ ଫେରି ଆସିଥିବା ନେଇ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗ ଅବହେଳା ଓ ଅଧିକାରୀଙ୍କ ଲାଭଖୋର ନୀତି ଯୋଗୁ ନିମ୍ନମାନର ରାସ୍ତା ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏବେ ବର୍ଷା ଆରମ୍ଭ ହୋଇଥିବା ବେଳେ ରାସ୍ତା ମଝିରେ ବଡ଼ବଡ଼ ଗାତ ହୋଇ ଅଣ୍ଟୁଏ ପାଣି ଜମି ରହିଛି। ଫଳରେ ଯାତାୟାତରେ ଲୋକେ ଅସୁବିଧା ଭୋଗୁଛନ୍ତି। ଏପରି କି ବିଭିନ୍ନ ସମୟରେ ଦୁର୍ଘଟଣା ଘଟିଥିବା ନଜିର ରହିଛି। ଗତ ଶୁକ୍ରବାର ଦୁଇ ବାଇକ୍ ଆରୋହୀ ରାସ୍ତା ମଝିର ଆଣ୍ଠୁଏ ପାଣିରେ ପଶିଯାଇ ଦୁର୍ଘଟଣା ଗ୍ରସ୍ତ ହୋଇ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହାକୁ ନେଇ ଅଞ୍ଚଳର କିଛି ବ୍ୟକ୍ତି ରାସ୍ତା ଉପରେ କଣ୍ଟା ଦେଇ ଲୋକଙ୍କୁ ରାସ୍ତା ମଝିରେ ଗାତ ଥିବା ସତର୍କ କରାଉଥିବା ଦେଖିବାକୁ ମିଳିଥିଲା। ଏପରିକି ଛାତ୍ରୀଛାତ୍ର ମଧ ଲୋକଙ୍କୁ ସତର୍କ ଓ ସଚେତନା ଦେବା ସହ ପ୍ରତିବାଦ କରିଥିଲେ। ଏହି ରାସ୍ତା ପଡ଼ୋଶୀ ଛତିଶଗଡ ଓ ନବରଙ୍ଗପୁର ଜିଲାକୁ ସଂଯୋଗ କରୁଥିବା ବେଳେ ଦୈନନ୍ଦିନ ଶହ ଶହ ଗାଡ଼ିମଟର ଯିବା ଆସିବା କରିଥାଏ। ଏପରିକି ଏହି ରାସ୍ତା ଦେଇ ପ୍ରତିଦିନ ଭୁବନେଶ୍ୱର ଓ କଟକ ଏକ ବେସରକାରୀ ବସ ସହ ଭବାନୀପାଟଣାଠାରୁ ପ୍ରତିଦିନ ସରକାରୀ ଓ ବେସରକାରୀ ବସ ଯାତାୟାତ କରିଥାଏ। ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି ବ୍ଲକ ଓ ଜିଲା ପ୍ରଶାସନ ବହୁବାର ଏ ରାସ୍ତା ଦେଇ ଯାତାୟାତ କରୁଛନ୍ତି। ହେଲେ ରାସ୍ତା ଉପରେ କାହାର ନଜର ନ ପଡିବା ଦୁର୍ଭାଗ୍ୟ ବୋଲି ବୁଦ୍ଧିଜୀବୀମାନେ ସମାଲୋଚନା କରୁଛନ୍ତି। ତୁରନ୍ତ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ନ ଥିଲା।


ବେହେରା-ଛଞ୍ଚାଣବାହାଆଲି ରାସ୍ତା ମରଣଯନ୍ତା ପାଲଟିଛି।

# ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଭବାନୀପାଟଣା,୨୬।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାରେ ୭୭ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ କୁମାର ଗୁରୁ, ସିଡିଏମ୍‌ଓ ଡାକ୍ତର ଜିସି ରାଉତଙ୍କ ସମେତ ନିମନ୍ତ୍ରିତ ବିଭିନ୍ନ ଶିକ୍ଷାନଷ୍ଠାନ କର୍ମକର୍ତ୍ତା, ଦିବସ ପାଳନ ସହ ସଂପୃକ୍ତ ବିଭାଗୀୟ ଅଧିକାରୀ, ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଡିଆଇପିଆର୍‌ଓ ମନୋଜ କୁମାର ବେହେରା ଦିବସ ପାଳନର କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ୧୪।୮।୨୦୨୩ ରିଖ ମଧ୍ୟରାତ୍ରରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ। ସ୍ୱାଧୀନତା ଦିବସ ୧୫।୮।୨୦୨୩ ସକାଳ ୪.୩୦ରେ ରାମଧୂନ, ସକାଳ ସାଢ଼େ ୬ଟାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ପ୍ରଭାତ ଫେରି ସହ ସହରସ୍ଥିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ସାଢ଼େ ୭ଟାରେ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ଓ ସକାଳ ସାଢ଼େ ୮ଟାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ସହ ଉଦବୋଧନ କାର୍ଯ୍ୟକ୍ରମ ରହିଛି। ବ୍ୟାରିକେଡିଂ, ରାସ୍ତା ଓ ନାଳନର୍ଦ୍ଦମା ସଫା, ଟ୍ରାଫିକ ନିୟନ୍ତ୍ରଣ, ସାମୁହିକ ପରେଡ, ଅଭିବାଦନ ମଞ୍ଚ ସଜ୍ଜିତ, ବିଭିନ୍ନ ଅନୁଷ୍ଠାନରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ, ଅବକାରୀ, ବିଭିନ୍ନ ପ୍ରତିଯୋଗିତା, ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ଓ ଝୋଟି ପ୍ରତିଯୋଗିତା, ଜିଲାପାଳ ଏକାଦଶ ଓ ସାମ୍ବାଦିକ ଏକାଦଶ ମଧ୍ୟପ୍ରଦର୍ଶନୀ ଫୁଟବଲ ମ୍ୟାଚ, ପିଇବା ପାଣି, ପ୍ରାଥମିକ ଚିକିତ୍ସା, ଆମ୍ବୁଲାନ୍ସ, କୋଠା ବାଡି ଆଲୋକ ସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସୂଚାରୁରୂପେ ନିର୍ବାହ କରିବା ପାଇଁ ସମ୍ପୃକ୍ତ ଆର୍‌ଏଣ୍ଡବି, ପୌର ପରିଷଦ, ସ୍ୱାସ୍ଥ୍ୟ, ପୋଲିସ, ଉଦ୍ୟାନ ବିଭାଗ, କ୍ରୀଡା ବିଭାଗ, ପିଏଚଡି, ଯୋଗାଣ ବିଭାଗ, ଅବକାରୀ ବିଭାଗ, ଶିକ୍ଷା ବିଭାଗ, ସମାଜ କଲ୍ୟାଣ, ସଂସ୍କୃତି ବିଭାଗ ଅଧିକାରୀ ଓ ଦାତା ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇଛି। ଚଳିତବର୍ଷ ବିଭିନ୍ନ ସ୍କୁଲ କଲେଜରୁ ୩୮ଟି ପ୍ଲାଟୁନ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପରେଡ ଅଭ୍ୟାସ ପାଇଁ ପ୍ରତ୍ୟେକ ପ୍ଲାଟୁନ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଉପସ୍ଥିତ ରହି ପରେଡ ଅଭ୍ୟାସ କରିବେ ବୋଲି କୁହାଯାଇଥିଲା।


ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଆଲୋଚନା କରାଯାଉଛି।

**ଚଳିତବର୍ଷ ବିଭିନ୍ନ ସ୍କୁଲ, କଲେଜରୁ ୩୮ ପ୍ଲାଟୁନ ସାମିଲ**

## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନାଚେନ ଝାମ୍ପିନେଲେ

**ଭେଡେନ, ୨୬।୭(ସୁଦନ ମହାକୁର):** ବରଗଡ ଜିଲା ଭେଡେନରେ ବୁଧବାର ଦୁର୍ବୃତ୍ତମାନେ ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପିନେଇ ଫେରାର ହୋଇଯାଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଗୀତା ପଣ୍ଡା। ବରଗଡରେ ରହୁଥିବା ଗୀତା ତାଙ୍କ ସ୍ୱାମୀ ନରୋତ୍ତମ ପଣ୍ଡାଙ୍କ ସହ କୌଣସି କାମରେ ସୁବର୍ଣ୍ଣପୁର ଜିଲା ବାବୁପାଲିକୁ ବାଇକରେ ଯାଉଥିବା ବେଳେ ଭେଡେନ ଛକରେ ଅଟକି ଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଗୀତାଙ୍କ ବେକରୁ ସୁନାଚେନ ଝାମ୍ପି ନେଇ ଦ୍ରୁତଗତିରେ ପଳାଇ ଯାଇଥିଲେ। ତାଙ୍କ ଚିତ୍କାର ଶୁଣି ପାଖରେ ଥିବା କେତେକ ଯୁବକ ଲୁଟେରାଙ୍କ ପିଛା କରିଥିଲେ ହେଁ ସେମାନଙ୍କୁ ଧରି ପାରି ନ ଥିଲେ। ଅଭିଯୋଗ ପରେ ଭେଡେନ ଥାନା ଅଧିକାରୀ ପ୍ରେମଜିତ ଦାଶ ଓ ପୋଲିସ ଟିମ୍ ବିଭିନ୍ନ ରାସ୍ତାକୁ ସିଲ୍ କରି ତନାଘନା ଚଳାଇଥିଲେ। ବିଭିନ ସ୍ଥାନରେ ଲାଗିଥିବା ସିସି ଟିଭି କ୍ୟାମେରା ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଉଦ୍ୟମ କରାଯାଉଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ଘରୋଇ ବସ୍ ଜବତ

**ବରଗଡ଼,୨୬।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭେଡ଼େନରୁ ବରଗଡ଼ ଦେଇ କଟକ-ଭୁବନେଶ୍ୱର ଚାଲୁଥିବା ଏକ ଘରୋଇ ଯାତ୍ରୀବାହୀ ବସ୍(ଓଡି୦୨ଆର୍ ୭୦୦୭)କୁ ବୁଧବାର ଆଞ୍ଚଳିକ ପରିବହନ ବିଭାଗ ଜବତ କରିଛି । ଯାଞ୍ଚବେଳେ ଉକ୍ତ ବସ୍‌ରେ ବିଭିନ୍ନ ଆବଶ୍ୟକ କାଗଜାତ ଠିକ୍ ନଥିବାବେଳେ ଉଦ୍ଦିଷ୍ଟ ଟ୍ୟାକ୍ସ ମଧ୍ୟ ବସ୍ ମାଲିକ ଦେଇ ନଥିବା ଜଣାପଡ଼ିଥିଲା। ଏହାପରେ ଆଞ୍ଚଳିକ ପରିବହନ ବିଭାଗ ସମ୍ପୃକ୍ତ ବସ୍‌କୁ ଜବତ କରିଥିଲା ।

### ମହରମ ସପ୍ତମୀ ତିଥିରେ କାର୍ଯ୍ୟକ୍ରମ

**ବରଗଡ଼,୨୬।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ର କୁରେଶିପଡ଼ାରେ ହୁସେନୀ ଏକତା କମିଟି ପକ୍ଷରୁ ମହରମର ସପ୍ତମୀ ତିଥିରେ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୁରେଶିପଡ଼ାସ୍ଥିତ ଜମାମବାଡ଼ାରେ ବରଗଡ଼ ଜାମା ମସଜିଦର ମୌଲାନା ସମସୁଦ୍ଦିନ ରିଜବୀ ଏହି ପବିତ୍ର ପର୍ବ ଉପରେ ଆଲୋକପାତ କରିଥିଲେ। ଏହା ସହିତ ବିଶ୍ୱଶାନ୍ତି ପାଇଁ ସେ ସାମୁହିକ ମନ୍ତ୍ରପାଠ କରିଥିଲେ। ମସ୍‌ଜିଦ ଅଧ୍ୟକ୍ଷ ଶେଖ୍ ଅସଗର, ଏମଡ଼ି ବାବୁଲୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଖବରଦାତା ଏମଡ଼ି ଅସଲମ, ରାଜ ଶର୍ମା ଏବଂ ଏମଡ଼ି ନିଜାମଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କୁରେଶିପଡ଼ାର ବହୁ ଯୁବକ ଉପସ୍ଥିତ ଥିଲେ।

### ହସ୍ତଶିଳ୍ପ ସଂପର୍କିତ ଜିଲାସ୍ତରୀୟ ମନିଟରିଂ କମିଟି ବୈଠକ

**ବୌଦ୍ଧ,୨୬।୭( ଅଜିତ କୁମାର ବାରିକ):** ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଦିନ ହସ୍ତଶିଳ୍ପ ସଂପର୍କିତ ଜିଲାସ୍ତରୀୟ ମନିଟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ହସ୍ତଶିଳ୍ପ ବିଭାଗର ଉପ ନିର୍ଦ୍ଦେଶକ ବିଷ୍ଣୁପଦ ମାରେଣ୍ଡିଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବୌଦ୍ଧ ଜିଲାର ହସ୍ତଶିଳ୍ପ ଓ କାରିଗରମାନଙ୍କ ଦକ୍ଷତା ବୃଦ୍ଧି ସଂପର୍କରେ ଆଲୋଚନା କରାଯିବା ସହ ଯୋଜନା ପ୍ରସ୍ତୁତ କରାଯାଇଥିଲା । ବର୍ତ୍ତମାନ ସମୟରେ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଜିଲାର କାରିଗରମାନଙ୍କ ଦ୍ୱାରା ହସ୍ତଶିଳ୍ପ ପ୍ରସ୍ତୁତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାସହ ବୌଦ୍ଧ ଜିଲାରେ ହସ୍ତଶିଳ୍ପ ବଜାର ସ୍ଥାପନା ନେଇ ଆଲୋଚନା କରାଯାଇଥିଲା। ଜିଲାର ଟେରାକୋଟା ଓ ବାଉଁଶ କାରିଗରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ତାଲିମ ଶିବିରମାନ ଆୟୋଜନ କରିବାକୁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଲିଡ୍ ବ୍ୟାଙ୍କ ମ୍ୟାନେଜର ରବୀନ୍ଦ୍ର କୁମାର ସେଠୀ, ଓରମାସର ଶିବାଜୀ ଦାସ, ମାଷ୍ଟର ଟ୍ରେନର ବୈକୁଣ୍ଠ ବିହାରୀ ପୃଷ୍ଟି, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଲିୟାରସିଂଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ରାସ୍ତାକଡ଼ରେ ମାଓବାଦୀ ପୋଷ୍ଟର

- ଶହୀଦ ସପ୍ତାହ ପାଳନ ପାଇଁ ଆହ୍ୱାନ
- ଠିକାଦର, ଜନପ୍ରତିନିଧିଙ୍କୁ ଚେତାବନୀ

**ପାଇକମାଲ,୨୬।୭(ବଡ଼ ଶତପଥି)**

ବରଗଡ଼ ଜିଲା ପାଇକମାଲ ଥାନା ଅଞ୍ଚଳରେ ମାଓବାଦୀମାନେ ଦୀର୍ଘଦିନ ବ୍ୟବଧାନ ପରେ ସେମାନଙ୍କ ଉପସ୍ଥିତି ଜାହିର୍ କରିଛନ୍ତି । ବୁଧବାର ସକାଳୁ ଜାମସେଠ ଗ୍ରାମର ବସଷ୍ଟାଣ୍ଡ ନିକଟ ବୁଲାଣୀ ରାସ୍ତା ପାର୍ଶ୍ୱରେ ମାଓବାଦୀ ପୋଷ୍ଟର ଦେଖିବାକୁ ମିଳିଛି। ପୋଷ୍ଟରଗୁଡ଼ିକ ଓଡ଼ିଆ ଏବଂ ହିନ୍ଦୀଭାଷାରେ ଲେଖାଯାଇଛି। ଓଡ଼ିଆ ଭାଷାରେ ଲେଖାଥିବା ପୋଷ୍ଟରରେ ଆସନ୍ତା ୨୮ରୁ ଅଗଷ୍ଟ ମାସ ୩ ପର୍ଯ୍ୟନ୍ତ ଗାଁ ଗାଁରେ ଶହୀଦ୍ ସପ୍ତାହ ପାଳନ କରିବାକୁ ମାଓବାଦୀମାନେ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ସେହିପରି ହିନ୍ଦୀଭାଷାରେ ଲେଖାଥିବା ପୋଷ୍ଟରରେ ଦୁର୍ନୀତିଗ୍ରସ୍ତ ଲୋକଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ଏଥିରେ ସରପଞ୍ଚ, ସମିତିସଭ୍ୟ ଏବଂ ଠିକାଦାରଙ୍କୁ ଟାର୍ଗେଟ୍ କରାଯାଇଛି। ଜେସିବି ମେଶିନ ବଦଳରେ ଶ୍ରମିକଙ୍କୁ ଲଗାଇ କାମ କରିବା ଏବଂ ଦୈନିକ ୪୦୦ ଟଙ୍କା ଲେଖାଏଁ ମଜୁରୀ ଦେବାକୁ ଠିକାଦାରଙ୍କ ଉଦ୍ଦେଶ୍ୟରେ ପୋଷ୍ଟରରେ ଲେଖାଯାଇଛି। ସେହିପରି ସରପଞ୍ଚ, ସମିତିସଭ୍ୟ, ୱାର୍ଡ଼ସଭ୍ୟଙ୍କ ଉଦ୍ଦେଶ୍ୟରେ ଲେଖାଥିବା ପୋଷ୍ଟରରେ ଠିକାକାମରେ ମୁଣ୍ଡ ନ ପୂରାଇ ଜନସେବା କରିବା ପାଇଁ କୁହାଯାଇଛି । ଏହାର ଖିଲାପ୍ କଲେ ସମ୍ପୃକ୍ତ ଠିକାଦାର, ସରପଞ୍ଚ, ସମିତିସଭ୍ୟ, ୱାର୍ଡ଼ସଭ୍ୟଙ୍କୁ ପ୍ରଜାକୋର୍ଟରେ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପୋଷ୍ଟରରେ ପାଇକମାଳ ବ୍ଲକର ମିଠାପାଲି, ବରତୁଣ୍ଡା, ଜାମସେଠ, ଛିନ୍ଦେଇକେଲା, ମାଣ୍ଡୋସିଲ, ଝାରବନ୍ଧ ପଞ୍ଚାୟତର ନାମ ରହିଛି। କିଛିଲୋକ ଗୁଣ୍ଡାଗର୍ଦ୍ଦି କରି ମହିଳାଙ୍କ ଉପରେ ଅତ୍ୟାଚାର କରୁଥିବା ସତ୍ତ୍ୱେ ପୋଲିସ ମାମଲା ରୁଜୁ କରୁ ନାହିଁ, ଏଭଳି ସ୍ଥଳେ ସମ୍ପୃକ୍ତ ଲୋକେ ଗୁଣ୍ଡାଗର୍ଦ୍ଦି ନ ଛାଡ଼ିଲେ ସେମାନଙ୍କୁ ମଧ୍ୟ ପ୍ରଜାକୋର୍ଟରେ ଦଣ୍ଡିତ କରାଯିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଷ୍ଟର ତଳେ ବଲାଙ୍ଗିର-ବରଗଡ଼-ମହାସମୁଦ ଡିଭିଜନ ମାଓବାଦୀ କମିଟି ବୋଲି ଲେଖାଯାଇଛି। ଖବର ପାଇ ବୁଧବାର ସକାଳୁ ପାଇକମାଳ ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ପୋଷ୍ଟରଗୁଡ଼ିକୁ ଜବତ ସହିତ ତଦନ୍ତ କରୁଛି।



ଜାମସେଠ ବସଷ୍ଟାଣ୍ଡ ନିକଟ ରାସ୍ତାକଡ଼ରେ ମାଓବାଦୀ ପୋଷ୍ଟର ।

# ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତିକୁ ଗୁରୁତ୍ୱ

**ପଦ୍ମପୁର, ୨୬।୭(ପ୍ରଦୀପ୍ତ ଦାଶ)**

ଆଗାମୀ ସାଧାରଣ ନିର୍ବାଚନ ଓ ବିଧାନ ସଭା ନିର୍ବାଚନ ପାଇଁ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ବୁଧବାର ପଦ୍ମପୁର ଉପଜିଲାପାଳଙ୍କ ସଭାକକ୍ଷରେ ଏକ ପ୍ରାକ୍ ପରିମାର୍ଜନ ସର୍ବେକ୍ଷଣ ପାଇଁ ତାଲିମ କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର ଯୋଗଦେଇ ଉପଖଣ୍ଡର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ମହାବିଦ୍ୟାଳୟ ଅଧକ୍ଷମାନଙ୍କୁ ନିର୍ବାଚନ ସଂକ୍ରାନ୍ତୀୟ ଗୁରୁ ଦାୟିତ୍ୱ ସମ୍ପାଦନ ପାଇଁ ଉତ୍ସାହିତ କରିଥିଲେ। ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରାଯାଇ ପାରିବା ଦିଗରେ ବିଶେଷ ଧ୍ୟାନ ଦେଇ ଦାୟିତ୍ୱ ନିର୍ବାହ କରିବାକୁ କୁମ୍ଭାର ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ ଇଲେକ୍ଟୋରାଲ ଲିଟ୍ରେସି କ୍ଲବ ଗଠନ କରାଯାଇ ଭୋଟଦାନର ଅଧିକାର ବାବଦରେ ସଚେତନତା ସୃଷ୍ଟି କରାଯିବ। ମହାବିଦ୍ୟାଳୟ ଓ ବିଦ୍ୟାଳୟମାନେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରି ଅଧିକରୁ ଅଧିକ ଜନସଚେତନତା ସୃଷ୍ଟି କରିପାରିବେ। ପଦ୍ମପୁର ଉପଖଣ୍ଡର ପ୍ରତିଟି ନୂଆ ଭୋଟର ଯେପରି ଭୋଟର ତାଲିକାରେ ଯୋଡ଼ିହେବେ ଓ ଭୋଟଦାନ କରି ନିଜର ଗଣତାନ୍ତ୍ରିକ ଦାୟିତ୍ୱ ନିର୍ବାହ କରିବେ ସେ ଉପରେ ଉପଜିଲାପାଳ ବିଶେଷ ଗୁରୁତ୍ୱ ଦେଇଥିଲେ। ତାଲିକାରୁ ମୃତ ବ୍ୟକ୍ତିଙ୍କ ନାମ ଯେପରି କଟାଯାଇ ପାରିବ ସେ ଉପରେ ଆଲୋଚନା କରାଯାଇଥିଲା। ଟେକ୍ନୋଲୋଜିକୁ ଗୁରୁତ୍ୱ ଦେଇ 'ଭୋଟର୍ ହେଲ୍ପଲାଇନ ମୋବାଇଲ ଆପ୍ଲିକେସନ ମାଧ୍ୟମରେ କିଭଳି ଭାବରେ ଜନସାଧାରଣ ନିଜେ ନିଜ ପରିବାରର ସବିଶେଷ ବିବରଣୀ ଦେଇପାରିବେ ସେ ପ୍ରକ୍ରିୟାକୁ ମଧ ସମସ୍ତଙ୍କୁ ପାୱାରପଏଣ୍ଟ ମାଧ୍ୟମରେ ଦର୍ଶାଯାଇଥିଲା। ଏହି ଅବସରରେ ସହକାରୀ ଜିଲାପାଳ ମନୋରଞ୍ଜନ ନାୟକ ଯୋଗଦେଇ ଏହି ଇଲେକ୍ଟୋରାଲ ଲିଟ୍ରେସି କ୍ଲବର ଗୁରୁତ୍ୱ ଓ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ତୁଷାରକାନ୍ତ ପଧାନ ପାୱାର ପଏଣ୍ଟ ମାଧ୍ୟମରେ ଏହି ପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ।

# ପଞ୍ଚାୟତ ସମିତି ବୈଠକ ବର୍ଜନ କଲେ ସରପଞ୍ଚ

**ପଦ୍ମପୁର ୨୬।୭ (ପ୍ରଦୀପ୍ତ ଦାଶ)**

ବରଗଡ ଜିଲା ରାଜବୋଡାସମର ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଗ୍ରାମ ପଞ୍ଚାୟତରେ ସେମାନଙ୍କୁ ଅଣଦେଖା କରି ଉନ୍ନୟନ କାମକୁ ପ୍ରଶାସନ ମନମୁଖୀଭାବେ କରିଥିବାରୁ ସରପଞ୍ଚମାନେ ଆପତ୍ତି କରିଥିଲେ। କେହି ପ୍ରତିକ୍ରିୟା ନ ରଖିବାରୁ ସମସ୍ତ ସରପଞ୍ଚ ବୈଠକରୁ ବାହାରକୁ ଚାଲି ଆସିଥିଲେ। ସରପଞ୍ଚ ସଂଘର କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇ ବିଚାର ବିମର୍ଶ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି।

ଗତ ପଦ୍ମପୁର ବିଧାନ ସଭା ଉପନିର୍ବାଚନ ବେଳେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ୧ କୋଟି ଟଙ୍କାର ଉନ୍ନୟନ କାମ କରାଯିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ଉକ୍ତ ପାଣ୍ଠି କାମରେ ସରପଞ୍ଚଙ୍କ ସମ୍ପୃକ୍ତି ରଖାଗଲା ନାହିଁ। ଦ୍ୱିତୀୟତଃ ୫୦ ଲକ୍ଷ ଟଙ୍କା ବ୍ୟୟରେ ପ୍ରତ୍ୟେକ ପଞ୍ଚାୟତରେ କାମ କରାଯିବ। ସେଥିରେ ମଧ ସରପଞ୍ଚମାନଙ୍କୁ ଅଣଦେଖା କରାଯାଉଛି। ଜନ ପ୍ରତିନିଧିମାନଙ୍କୁ ବାରମ୍ବାର ଅଣଦେଖା କରିବା ଉଚିତ ହେଉନାହିଁ। ଏପରି କାମ କ୍ରମାଗତ ଭାବେ ଲାଗି ରହିଲେ ସରପଞ୍ଚ ସଂଘ ରାସ୍ତାକୁ ଓହ୍ଲାଇବ ବୋଲି ସଂଘ ସଭାପତି ଆନନ୍ଦ ବେହେରା, ସମ୍ପାଦକ ଚୈତନ୍ୟ ଲୋହାର, ଉପ ସଭାପତି ଦମୟନ୍ତୀ ପାଣ୍ଡେ, କୋଷାଧ୍ୟକ୍ଷ ଐଶ୍ୱର୍ଯ୍ୟା ପୁରୋହିତ, ସରପଞ୍ଚ ସଂଘ ସଦସ୍ୟ ଭାସ୍କର ଭୁଏ, ଦିନେଶ ସେଟ, ପ୍ରତ୍ୟୁଷ ଭୋଇ, ସଂକର୍ଷଣ ନାଗ, ପଙ୍କଜିନୀ ବେହେରା, ଚଞ୍ଚଳା ଦାଶ, ଟଙ୍କଧର ସ୍ୱାଇଁ, ଟିକେଶ୍ୱରୀ ସେଟ ପ୍ରମୁଖ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚମାନେ।

**ପାଣ୍ଠି ବିନିଯୋଗରେ ଅଣଦେଖା ଅଭିଯୋଗ ଆଣିଲେ**

### ବାଇକ୍ -ଅଟୋ ଧକ୍କା: ୨ ଗୁରୁତର

**ଅମରପାଲି,୨୬।୭ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ସୁବଳୟା-ଖଣ୍ଡହତା ରାସ୍ତାର ଗୁଡିପାଲି ନିକଟରେ ବୁଧବାର ପୂର୍ବାହ୍ନରେ ବାଇକ୍ ଓ ଅଟୋ ମଧରେ ମୁହାଁମୁହିଁ ଧକ୍କା ହୋଇ ୬ ଜଣ ଆହତ ହୋଇଛନ୍ତି । ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ପ୍ରକାଶ ଯେ, ଖଣ୍ଡହତା ନିକଟସ୍ଥ ନୂଆଁପାଲିରୁ ଏକ ଅଟୋ ଯୋଗେ ସମ୍ବଲପୁର ଜିଲା କଦଳିଗଡ ନିକଟସ୍ଥ ନୂଆପଡାକୁ ଟଙ୍କଧର ପଧାନଙ୍କ ପରିବାର ଲୋକେ ଝିଅକୁ ଶାଶୁ ଘର ଛାଡିବାକୁ ଯାଉଥିଲେ। ଏହି ସମୟରେ ସୁବଳୟା ପଟରୁ ଏକ ବାଇକ୍ ଯୋଗେ ଖଣ୍ଡହତା ଗାଁର ଦେବେନ୍ଦ୍ର ପଧାନ ଏବଂ ତାଙ୍କ ସ୍ତ୍ରୀ ଆସୁଥିବା ସମୟରେ ଗୁଡିପାଲି ନିକଟରେ ଅଟୋ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକ୍ ରାସ୍ତାରେ ଛିଟିକି ପଡିଥିବା ବେଳେ ଅଟୋ ରାସ୍ତା ତଳକୁ ଖସି ପଡ଼ି ଓଲଟି ପଡିଥିଲା । ଅଟୋରେ ବସିଥିବା ଟଙ୍କଧରଙ୍କ ନାବାଳକ ପୁଅ ସମେତ ୬ଜଣ ଆହତ ହୋଇଥିଲେ । ଖବର ପାଇ ସୁବଳୟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନା ପଠାଇଥିଲା ।

# ୩ଘଣ୍ଟାରେ କାର୍‌ଚୋରକୁ ଧରିଲା ପୋଲିସ

**ପଦ୍ମପୁର ୨୬।୭ (ପ୍ରଦୀପ୍ତ ଦାଶ)**


ଅଭିଯୁକ୍ତ ସହିତ ପୋଲିସ କର୍ମଚାରୀ।

କାର ଚୋରିର ତିନି ଘଣ୍ଟା ପରେ ଚୋରକୁ ଧରିଛି ପଦ୍ମପୁର ଥାନା ପୋଲିସ। ୨୫ତାରିଖରେ ସ୍ଥାନୀୟ ଶାନ୍ତି ନଗରର ଅର୍ଜୁନ ଦେବତା ଅନ୍ୟ ଦିନ ପରି ଅପରାହ୍ନ ୧ଟାରେ ତାଙ୍କ ହୁଣ୍ଡାଇ କ୍ରେଟା ଓଡି ୧୭ ଆର ୭୭୮୮କୁ ନିଜ ଗ୍ୟାରେଜରେ ରଖିଥିଲେ। ୫ଟାରେ ଗ୍ୟାରେଜରେ ଗାଡି ନ ଥିବାରୁ ସେ ଖୋଜାଖୋଜି କର ପାଇ ନ ଥିଲେ। ପରେ ଥାନାକୁ ଯାଇ ଗାଡି ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ଥାନା ଅଧିକାରୀ ମମତା ନାଏକ ଏକ ମାମଲା ପଞ୍ଜିକରଣ କରି ପଦ୍ମପୁର ସହରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ବନ୍ଦ କରି ଚେକିଂ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘ ୩ ଘଣ୍ଟା ପରେ ବରଗଡ ରୋଡରୁ କାର ସହ ଚୋରକୁ ଧରିଥିଲା ପୋଲିସ। ଅଭିଯୁକ୍ତ ପତ୍ରାପାଲି ଗ୍ରାମର ସୁରଥ ଲୁହାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି।

# ସାଧନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ


ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ଅତିଥିବୃନ୍ଦ ।

**ବରଗଡ଼,୨୬।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ବୁଧବାର ପଞ୍ଚାୟତ ସାଧନ କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲାପାଳ ମୋନିଷା ବାନାର୍ଜୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋୟଲ, ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆଲୋକ ନାଏକ ଉପସ୍ଥିତ ଥିଲେ।

# ଫସଲବୀମାକୁ ନେଇ ବୈଠକ

**ବରଗଡ଼,୨୬।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବୁଧବାର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର ଅମାତ, ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଅଧିକାରୀ ସୋନାଲିକା ସାହୁ, ଲକ୍ଷ୍ମଣ ଛୁରିଆ, ରିଲାଏନ୍ସ ଇନସ୍ୟୁରାନ୍ସର ସହପରିଚାଳକ ରାଜେଶ କୁମାର ମିଶ୍ର, ପଦ୍ମପୁର ସହକାରୀ କୃଷି ଅଧିକାରୀ ଅମୀୟ ସାହୁ, ଅଲେଖ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦାନ କରିଥିଲେ। ଉପରୋକ୍ତ ଅଧିକାରୀମାନେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସମ୍ପର୍କୀତ କ୍ରପକଟିଂ, ଉଦ୍ଦିଷ୍ଟ ଫର୍ମ ପୂରଣ, ଉନ୍ନତ କିସମର ଧାନ ବିହନ, ଧାନବୁଣା ଯନ୍ତ୍ର ଆଦି ଉପରେ ସୂଚନା ଦେଇଥିଲେ। ବୀମା ଅଧିକାରୀ ମିଶ୍ର ଭାଗଚାଷୀମାନେ ୧୦୦ ଟଙ୍କା ବଦଳରେ ୧୦ଟଙ୍କିଆ ଏଗ୍ରିମେଣ୍ଟ ପେପର ବ୍ୟବହାର କରିବା, ଜଣେ ଚାଷୀଙ୍କ ଜମିକୁ ଅନ୍ୟଜଣେ ଚାଷୀଙ୍କ ନାମରେ ବୀମାଭୁକ୍ତ ନ କରିବା, ଜମିରେ ଧାନକଟା ହୋଇ ନଷ୍ଟ ହୋଇଥିଲେ ୧୪ଦିନ ମଧ୍ୟରେ ଜଣାଇବା ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଟପ୍ପୋ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସମ୍ପର୍କରେ ଆବଶ୍ୟକ କାଗଜାତ୍ ସହିତ ନିର୍ଭୁଲଭାବେ ଫର୍ମ ପୂରଣ କରି ଆସନ୍ତା ୩୧ତାରିଖ ସୁଦ୍ଧା ବୀମା ଅର୍ଥ ଜମା କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ସହକାରୀ କୃଷି ଅଧିକାରୀ ରାଜୀବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।


ବୈଠକରେ ବିଭାଗୀୟ ଅଧିକାରୀ ଏବଂ ଚାଷୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଡାକ୍ତରୀ ଛାତ୍ରଙ୍କୁ ବଢ଼ିଲା ସହଯୋଗର ହାତ

**ସରଣ୍ଡା,୨୬।୭(ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଭେଡେନ ବ୍ଲକ ମାନପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଛତ୍ରପତି ପ୍ରଧାନ କଟକ ଏସସିବିରେ ବିଡିଏସ ପାଠ୍ୟକ୍ରମର ତୃତୀୟ ବର୍ଷର ଛାତ୍ର। ଚଳିତ ବର୍ଷ ଛତ୍ରପତି ମେଡିକାଲ ପ୍ରବେଶିକା ପରୀକ୍ଷାରେ ୫୮୧ ମାର୍କ ରଖିଛନ୍ତି। ତାଙ୍କର ର୍ୟାଙ୍କ ୮୨ ରହିଛି। ଏମବିବିଏସ୍ ପଢିବାରେ ଏବେ ଅର୍ଥ ବାଧକ ସାଜିଛି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ତାଙ୍କୁ ସହଯୋଗର ହାତ ବଢାଇଛନ୍ତି ଅତାବିରା ଏନଏସିର କଂଗ୍ରେସ କାଉନସିଲର ଦୀପକ ରାୟ। କାଉନସିଲର ରାୟ ବୁଧବାର ଛତ୍ରପତିଙ୍କ ଘରକୁ ଯାଇ ତାଙ୍କ ମା'ବାପାଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି। ବିଡିଏସ ନାମଲେଖା ବେଳେ ଛତ୍ରପତି ବଣ୍ଡ ସାଇନ କରିଥିବା ୧ଲକ୍ଷ ଟଙ୍କା ସହ ରିଆଡମିଶନ ଓ ଛାତ୍ରାବାସ ଦେୟ ବାବଦକୁ ମୋଟ ୧ ଲକ୍ଷରୁ ଅଧିକ ଟଙ୍କା ଆବଶ୍ୟକ କରୁଛନ୍ତି। ଛତ୍ରପତିଙ୍କ ବାପା ଆଦିତ୍ୟ ପ୍ରଧାନ ଶ୍ରମିକଭାବେ କାମ କରୁଥିବା ବେଳେ ମା' ପଦ୍ମା ପ୍ରଧାନ ଘରେ ଜଳଖିଆ ତିଆରି କରି ବିକ୍ରି କରୁଛନ୍ତି। ସେମାନଙ୍କ ପକ୍ଷରେ ଏତେ ଟଙ୍କା ଦେବା ଅସମ୍ଭବ ଥିଲା। କଲେଜରୁ ଟିସି ମିଳିପାରିଲେ ସେ ଏମବିବିଏସ୍ କାଉନସେଲିଂରେ ଭାଗ ନେଇପାରିବେ। ସେଥିପାଇଁ କଲେଜକୁ ୧ଲକ୍ଷରୁ ଅଧିକ ଟଙ୍କା ଦେବାକୁ ପଡ଼ିବ। ଏବିଷୟରେ ଜାଣିବା ପରେ କାଉନସିଲର ରାୟ ତାଙ୍କୁ ୫୦ ହଜାର ଟଙ୍କା ସାହାଯ୍ୟ କରିଛନ୍ତି।


ଛତ୍ରପତିଙ୍କ ମା'ବାପାଙ୍କୁ କାଉନସିଲର ଦୀପକ ରାୟ ସହାୟତା ରାଶି ପ୍ରଦାନ କରୁଛନ୍ତି।

# ସଂଗ୍ରାମୀ ସ୍ମୃତିବନ ଅନ୍ୟମାନଙ୍କ ପାଇଁ ଉଦାହରଣ

**ବରଗଡ଼,୨୬।୭(ପ୍ରେମାନନ୍ଦ ଖମାରୀ)**

- ଠିକ୍ ବର୍ଷକତଳେ ସ୍ଥାପିତ ହୋଇଥିଲା ସଂଗ୍ରାମୀ ସ୍ମୃତିବନ
- ସ୍ମୃତିବନରେ ରହିଛି ୧୫୩ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି
- ଚାରାକୁ ପୂଜାର୍ଚ୍ଚନା କରାଯାଇ ପ୍ରଥମ ଜନ୍ମବାର୍ଷିକୀ ପାଳନ

ଦେଶ ମାତୃକାର ସ୍ୱାଧୀନତା ପାଇଁ ଅନେକ ସଂଗ୍ରାମୀଙ୍କ ଅବଦାନ ଅତୁଳନୀୟ ଓ ଅବର୍ଣ୍ଣନୀୟ । ବ୍ରିଟିଶ କବଳରୁ ଦେଶକୁ ମୁକ୍ତ କରିବା ପାଇଁ ଅନେକ ସଂଗ୍ରାମୀ ଶହୀଦ ହୋଇଛନ୍ତି । ସ୍ୱାଧୀନତା ସଂଗ୍ରାମ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି। ଏଭଳିସ୍ଥଳେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ ସାଉଁଟିବା ପାଇଁ ବରଗଡ଼ ସାମ୍ବାଦିକ ସଂଘ ସଂଗ୍ରାମୀ ସ୍ମୃତିବନ ସ୍ଥାପନା କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି। କେବଳ ସେତିକି ନୁହେଁ, ସଂଗ୍ରାମୀ ସ୍ମୃତିବନ ସ୍ଥାପନା ଭଳି ବରଗଡ଼ ସାମ୍ବାଦିକ ସଂଘର ନିଆରା ପ୍ରୟାସକୁ ପାଥେୟ କରି ଆଜି ରାଜ୍ୟ ଏବଂ ଦେଶରେ ଅନୁରୂପ ପ୍ରସ୍ତାବ ନିଆଯାଉଛି ବୋଲି ବୁଧବାର କାର୍‌ଗିଲ୍ ବିଜୟ ଦିବସରେ ବରଗଡ଼ ବ୍ଲକ ବଗେଇବିରା ନିକଟ କଜିଲିବିଜିଲି ପାହାଡ଼ ପାଦଦେଶ ତଥା ବୈଷ୍ଣୋଦେବୀ ମନ୍ଦିରର ଅନତିଦୂରରେ ରହିଥିବା ସଂଗ୍ରାମୀ ସ୍ମୃତିବନର ପ୍ରଥମ ଜନ୍ମ ବାର୍ଷିକୀ ପାଳନ ସମାରୋହରେ ମତପ୍ରକାଶ ପାଇଛି ।

ସମାରୋହରେ ଅଧ୍ୟକ୍ଷତା କରି ବରଗଡ଼ ସାମ୍ବାଦିକ ସଂଘର ସଭାପତି ଶଙ୍କର ବଲ୍ଲଭ ମିଶ୍ର ସଂଗ୍ରାମୀ ସ୍ମୃତିବନର ଜନ୍ମ ବାର୍ଷିକୀ ପାଳନର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ । ସେ କହିଥିଲେ, ଗତବର୍ଷ ଠିକ୍ ଆଜିକାର ଦିନରେ କାରଗିଲ ବିଜୟ ଦିବସରେ ବରଗଡ଼ ସାମ୍ବାଦିକ ସଂଘର ଉଦ୍ୟମ ଏବଂ ସ୍ଥାନୀୟ ବନ ବିଭାଗର ସହଯୋଗରେ ସଂଗ୍ରାମୀ ସ୍ମୃତିବନ ସ୍ଥାପନା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବରଗଡ଼ ଜିଲାର ୧୫୩ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମରୁ ମାଟି ଅଣାଯାଇଥିଲା ଏବଂ ପ୍ରତ୍ୟେକ ସଂଗ୍ରାମୀଙ୍କ ନାମରେ ଗୋଟିଏ ଲେଖାଏଁ ଚାରାରୋପଣ କରାଯାଇଥିଲା । ତେବେ ସେହି ଚାରାଗୁଡ଼ିକୁ ତଥା ସଂଗ୍ରାମୀ ସ୍ମୃତିବନକୁ ଏକବର୍ଷ ହୋଇଯାଇ ଥିବାବେଳେ ପ୍ରଥମ ଜନ୍ମବାର୍ଷିକୀ ପାଳନ କରୁଛି ବୋଲି ମିଶ୍ର କହିଥିଲେ। ଏହି କ୍ରମରେ କେକ୍ କଟାଯାଇ ଥିବାବେଳେ ସ୍ମୃତିବନରେ ରହିଥିବା ବୃକ୍ଷଚାରାକୁ ପୂଜାର୍ଚ୍ଚନା ସହିତ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସେହି ସ୍ମୃତିବନର ଜନ୍ମବାର୍ଷିକୀ ପାଳନ ଅବସରରେ ଚାରାରୋପଣ କରାଯାଇଥିଲା ।

ସେହିପରି କାର୍ଯ୍ୟକ୍ରମରେ ବରଗଡ଼ ବନଖଣ୍ଡର ସହକାରୀ ବନ ସଂରକ୍ଷକ(ଏସିଏଫ୍) ରାଜେନ୍ଦ୍ର କୁମାର ଗୋଚ୍ଛାୟତ ଯୋଗଦେଇ ବରଗଡ଼ ସାମ୍ବାଦିକ ସଂଘର ଏଭଳି ନିଆରା ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରତ୍ୟେକ ସଂଗ୍ରାମୀ ପୀଠରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ରହିଥିବାବେଳେ ଆଜାଦୀ କା ଅମୃତ ମହୋତ୍ସବରେ ୧କୋଟି ଚାରାରୋପଣ ପାଇଁ ସରକାର ନିଷ୍ପତ୍ତି ନେଇଥିବା ଗୋଚ୍ଛାୟତ କହିଥିଲେ। ଏହି ଅବସରରେ ସଂଗ୍ରାମୀ ସ୍ମୃତିବନରେ ଲଗାଯାଇଥିବା ଚାରାଗୁଡ଼ିକର ଯତ୍ନ ନେଉଥିବା ୪ବନ କର୍ମଚାରୀ ପଥର୍ଲାର କାର୍ତ୍ତିକ ସାହୁ, ଗୁଡ଼େଶିରାର ରୋହିତ ବାରିକ, ବାନ୍ଧୁଟିକ୍ରାର ଲଳିତ ପ୍ରଧାନ ଏବଂ ଅମ୍ବାପାଲିର ବିମଳ ମହାନନ୍ଦଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଉପସଭାପତି ବୀରେନ୍ଦ୍ର ପ୍ରଧାନ, ସହସମ୍ପାଦକ ପ୍ରବୀଣ କୁମାର ସାହୁ, ବରିଷ୍ଠ ସଦସ୍ୟ ଉମେଶ ବିଶ୍ୱାଳ, ଦିପକ ଶର୍ମା, ରବି ପଣ୍ଡା, ଜି.ଭି ରାଓ, ଲଲାଟେନ୍ଦୁ ଦାଶ, ଧ୍ରୁବ କର୍ମୀ, ସୁଦାମ ଭୋଇ, ପ୍ରଦୀପ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ସଂଗ୍ରାମୀ ସ୍ମୃତିବନର ଚାରାଗୁଡ଼ିକର ଯତ୍ନ ନେଉଥିବା ବନ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।



## ଆଜି କ'ଣ କେଉଁଠି

ରାଉରକେଲା
- ରାଉରକେଲା ଶ୍ରମ ବିଭାଗରେ ଯୁଗ୍ମ ଶୁଣାଣି, ଶ୍ରମବିଭାଗ କାର୍ଯ୍ୟାଳୟ,ଉଦିତ ନଗର, ସକାଳ ୧୧ଟା।
- ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ଆଇଟିଡିଏ ସଭାଗୃହ, ସକାଳ ୧୧ଟା।
- ଅଖିଳ ଭାରତୀୟ ଶିକ୍ଷା ସମାଗମ, ଏନ୍ଆଇଟି ରାଉରକେଲା, ସକାଳ ୧୧ଟା।

## ସିଇଆର୍ ବାର୍ଷିକ ଉତ୍ସବରେ ଯୋଗଦେଲେ ରାଉରକେଲାର ବୈଜ୍ଞାନିକ ଓଜସ ମହାପାତ୍ର

ରାଉରକେଲା, ୨୬ା୭(ସଙ୍ଗୀତା ଜେନା): ଦକ୍ଷିଣ ରାଉରକେଲାର ମୂଳବାସିନ୍ଦା ତଥା ସମ୍ପ୍ରତି ନ୍ୟୁଜିଲ୍ୟାଣ୍ଡରେ ରହୁଥିବା ତଥା କମ୍ପାନୀ ଫେବ୍ରନର ସିଇଓ ଓଜସ ମହାପାତ୍ର ବୁଧବାର ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଂଟୋନୀ ଆଲବିନେସ୍ ଓ ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ କ୍ରିସ ହିପକିନ୍ସ ଏମପିଙ୍କ ସିଇଆର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ସୂଚନା ମିଳିଛି। କ୍ଲୋଜ ଇକୋନୋମି ରିଲେସନ(ସିଇଆର୍)ର ୪୦ତମ ବାର୍ଷିକ ଉତ୍ସବରେ ଏହି ନିମନ୍ତ୍ରଣ ମିଳିଛି ମହାପାତ୍ରଙ୍କୁ। ଏ ନେଇ ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କୋଭିଡ୍ ଯୋଦ୍ଧା ତଥା ସେଲ ଆଇଜିଏଚର ପୂର୍ବତନ ନିର୍ଦ୍ଦେଶକ ଡା. ରାସବିହାରୀ ମହାପାତ୍ରଙ୍କ ପୁଅ ବୈଜ୍ଞାନିକ ଓଜସ ମହାପାତ୍ର ଖ୍ୟାତିସମ୍ପନ୍ନ ସିରମ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ଦୁଇ ଦେଶ ସିଇଆର କାର୍ଯ୍ୟକ୍ରମ ନ୍ୟୁଜିଲ୍ୟାଣ୍ଡ ୱେଲିଂଟନରେ ଆୟୋଜିତ କରୁଛନ୍ତି।



ଓଜସ ମହାପାତ୍ରଙ୍କ ସହ ଦୁଇ ପ୍ରଧାନମନ୍ତ୍ରୀ।



ରାଉରକେଲା ବିଶ୍ରା ଛକରେ ଜର୍ଜ ସେନା ପକ୍ଷରୁ ବୁଧବାର ବିକ୍ଷୋଭ କରାଯାଉଛି।

# ଜର୍ଜ ସେନାର ବିକ୍ଷୋଭ

ରାଉରକେଲା, ୨୬ା୭(ସଙ୍ଗୀତା ଜେନା)

### ମଣିପୁର ଆଦିବାସୀଙ୍କ ଉପରେ ଅତ୍ୟାଚାର ପ୍ରତିବାଦ

ମଣିପୁରରେ ଆଦିବାସୀଙ୍କ ଉପରେ ହୋଇଥିବା ଅତ୍ୟାଚାର ବିରୋଧରେ ବୁଧବାର ପୂର୍ବାହ୍ନରେ ଗର୍ଜିଛି ଜର୍ଜ ସେନା। ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ଦ୍ୱାରା ଆହୁତ ଜର୍ଜ ସେନା ଦ୍ୱାରା ବିଶ୍ରା ଛକରେ ବିକ୍ଷୋଭ କରାଯାଇଥିଲା। ମଣିପୁରରେ ବସବାସ କରୁଥିବା କୁକି ଆଦିବାସୀଙ୍କୁ ଅକଥନୀୟ ଅତ୍ୟାଚାର କରାଯାଇଛି। ଏଥିରେ ୧୫୦ରୁ ଅଧିକ ଆଦିବାସୀଙ୍କ ପ୍ରାଣହାନୀ ହୋଇ ସାରିଲାଣି। ଏମାନଙ୍କ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଦାସୀନ। ଯାହାଦ୍ୱାରା କୁକି ଆଦିବାସୀଙ୍କ ସମ୍ପତି ଛାରଖାର ହୋଇଗଲାଣି। ଏଥିପାଇଁ ସ୍ୱର ଉତ୍ତୋଳନ ଅତ୍ୟନ୍ତ ଜରୁରୀ ବୋଲି ବିକ୍ଷୋଭରେ ଜର୍ଜ ସେନାର ପୁରୋଧା ଜର୍ଜ ତିର୍କୀ ବକ୍ତବ୍ୟରେ କହିଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ସମେତ ୧୦ଜଣ ନେତାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଶେଷରେ ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ମଣିପୁର କୁକି ଆଦିବାସୀଙ୍କ ୫ ହଜାର ଗୃହଦାହ ସାଙ୍ଗକୁ ୬୩ ହଜାର ଲୋକଙ୍କୁ ରିଲିଫ କ୍ୟାମ୍ପକୁ ଯିବା ଲାଗି ବାଧ୍ୟ କରାଯାଇଛି। ଏହି ବର୍ବର କାଣ୍ଡର ପୋଲିସ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କାହାକୁ ଗିରଫ କରାଯାଇନାହିଁ। ମାନବିକତା, ଆଦିବାସୀ ଜନଜାତିର ସୁରକ୍ଷା, ରାଷ୍ଟ୍ରପତି ଶାସନ ଲାଗୁ, ଅଭିଯୁକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ବଳାତ୍କାରୀମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ଆସି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ରୋହିତ ଯୋଶେଫ ତିର୍କୀ, ସୁଲେମାନ କାଉଡିଆ, ପ୍ରକାଶ ସାହୁ, ସାଜିଦ ଆଲମ, ମହେଶ ସାହୁ, ସଞ୍ଜୟ ଜେସୱାଲ, ମଝିଆ ପ୍ରଧାନ, ଦିଲ୍ଲୀପ ଲାହରୀ, ଶୈଳେଶ ତିୱାରୀ, ଟୁଟୁ ନନ୍ଦ, ମନମୋହନ ଓରାମ, କଲ୍ୟାଣୀ ପୂର୍ତ୍ତି, ନିହାର ଦାସ, ଅନୁପ ସାହୁ, ତେଜ କୁମାରୀ ନନ୍ଦ ସମେତ ଶତାଧିକ କର୍ମକର୍ତ୍ତା ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ କରିଥିଲେ।

### କଂଗ୍ରେସ କର୍ମୀଙ୍କ ଉପସ୍ଥିତି

ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀଙ୍କ ପ୍ରତି ଅନୁରାଗ ଥିବା ଦେଖାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପ୍ରତି ରାଉରକେଲା କଂଗ୍ରେସ ଜିଲାର ପଦପଦବୀ ମଣ୍ଡନ କରୁଥିବା କର୍ମକର୍ତ୍ତାଙ୍କୁ ଦେଖିବାକୁ ମିଳିଥିଲା। ଏ ନେଇ ଚର୍ଚ୍ଚା ସରଗରମ ରହିଛି।

## ସାମାଜିକ ବିକାଶ ନେଇ ରୋଟାରୀ କ୍ଲବ ସମର୍ପିତ

ରାଉରକେଲା,୨୬ା୭(ବିପ୍ଲବ ରଞ୍ଜନ ଦାଶ)

ସମାଜସେବା କ୍ଷେତ୍ରରେ ରୋଟାରୀ କ୍ଲବ ଅଫ ରାଉରକେଲା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ୧୩ବର୍ଷ ଧରି ରୋଟାରୀ କ୍ଲବ ଅଫ୍ ରାଉରକେଲା ସହରର ସାମାଜିକ କ୍ଷେତ୍ରରେ, ବିକାଶ କ୍ଷେତ୍ରରେ ସର୍ବଦା କାମ କରି ଆସୁଛି। ରୋଟାରୀ କ୍ଲବ ଅଫ୍ ରାଉରକେଲା ୧୩ତମ ପଦସ୍ଥାପନା ସମାରୋହ ହୋଟେଲ ସେଣ୍ଟ୍ରାଲ ପାର୍କଠାରେ ମହାସମାରୋହରେ ପାଳନ କରିଛି। ରୋଟାରିଆନ ସରିତା ମଲ୍ଲିକଙ୍କ ସଂଯୋଜନାରେ ପଦସ୍ଥାପନା ସମାରୋହରେ ଡିଜି-୨୩୨୪ ମନଜିତ ସିଂ ଅରୋରା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ରୋଟାରୀ କ୍ଲବ ଅଫ୍ ରାଉରକେଲାର ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବିଷୟରେ ଅଭିଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିଡିଜି ଏଫ୍.ସି ମହାନ୍ତି ଯୋଗଦେଇ ରୋଟାରୀର କର୍ମକର୍ତ୍ତାଙ୍କୁ ସାମାଜିକ କ୍ଷେତ୍ରରେ ନିଜର ନୈତିକ ଦାୟିତ୍ୱବୋଧକୁ ନିଷ୍ଠାପର ଭାବରେ ତୁଲାଇବାକୁ କହିଥିଲେ। ତତ୍ପରେ ରୋଟାରୀ କ୍ଲବର ବିଦାୟୀ ସଭାପତି ରୋଟାରିଆନ ଆନାବେଲ ଡିସୌଜା ସ୍ୱାଗତ ଭାଷଣ ଏବଂ ବିଦାୟୀ ସମ୍ପାଦକ ରୋଟାରିଆନ ପିଉ ଗୁହା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଦାୟୀ ସଭାପତି ଓ ସମ୍ପାଦକ ଦ୍ୱୟ ୨୦୨୩-୨୪ ବର୍ଷର ନୂତନ ସଭାପତି ରୋଟାରିଆନ ପୁତୁଲ ରାହୁଲ ଏବଂ ସମ୍ପାଦକ ରୋଟାରିଆନ ଅର୍ଚ୍ଚନା ମହାନ୍ତିଙ୍କୁ ତାଙ୍କର ଦାୟିତ୍ୱଭାର ହସ୍ତାନ୍ତର କରିଥିଲେ। ଦାୟିତ୍ୱଭାର ଗ୍ରହଣ କରିଥିବା ସଭାପତି ଓ ସମ୍ପାଦକଙ୍କୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଦ୍ୱୟ ଶପଥପାଠ କରାଇଥିଲେ। ସମାରୋହରେ ସହରର ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କୁଞ୍ଜବିହାରୀ ରାଉତ, ସୁବ୍ରତ ଚୌଧୁରୀ, ସତ୍ୟାନନ୍ଦ ବେହେରା, ବିପ୍ଲବ ରଞ୍ଜନ ଦାଶ, ବସନ୍ତ କୁମାର ଦାସ, ସମାଜସେବୀ ହେମନ୍ତ ତାଣ୍ଡିଆ, ଛାତ୍ରୀ ଶ୍ରଦ୍ଧା ନାୟକ, ଶିକ୍ଷାବିତ ବୈଷ୍ଣବଚରଣ ମହାପାତ୍ର ଓ ସୂର୍ଯ୍ୟ ନାରାୟଣ ଦାସଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ନୂତନ ଦାୟିତ୍ୱ ନେଇଥିବା ସଭାପତି ରାହୁଲ ଆଗାମୀ ଦିନର କାର୍ଯ୍ୟ ଏବଂ ତାଙ୍କର ଲକ୍ଷ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରୋଟାରିଆନ ବୀଣାପାଣି ରଥ ସ୍ତୁତି ବନ୍ଦନା କରିଥିଲେ। ଉପଦେଷ୍ଟା ଡା. ଅଞ୍ଜନ ମୈତ୍ର ସମାରୋହରେ ବକ୍ତବ୍ୟ ରଖିଥିଲେ। ରୋଟାରିଆନ ଦିଲ୍ଲୀପ କୁମାର ଭୋଇ ଓ ନିବେଦିତା ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ରୋଟାରିଆନ ଡ. ଆଲେକଜାଣ୍ଡର ଡିସୌଜା, ଅଞ୍ଜଳୀ ଶତପଥି, କୁଲଜିତ କୌର, ସନ୍ଧ୍ୟାରାଣୀ ବରାଲ, ପୁନମ କପୁର, ସନ୍ଧ୍ୟା ସାହୁ, ଚମ୍ପାବତୀ, ଦିବାକର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ରୋଟାରୀ କ୍ଲବର ସଭାପତି ଡ. ପୀତବାସ ମିଶ୍ର, ପିଏଜି ପ୍ରତାପ ବେହେରାଙ୍କ ସମେତ ସହରର ବିଭିନ୍ନ ରୋଟାରୀ କ୍ଲବର ସଭାପତି ଓ ସମ୍ପାଦକ ସମ୍ମିଳିତ ହୋଇଥିଲେ।




ସମାରୋହରେ ସହରର ସମସ୍ତ ରୋଟାରୀ କ୍ଲବ ସଭାପତି ଓ ସମ୍ପାଦକ।

## ଠିକା ଶ୍ରମିକଙ୍କୁ ବକେୟା ଦରମା, ପିଏଫ୍ ଦାବିରେ ବିକ୍ଷୋଭ

ରାଉରକେଲା, ୨୬ା୭(ସଙ୍ଗୀତା ଜେନା)

ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ (ଆର୍ଏସ୍ସିଏଲ)ର ପାନପୋଷ ମାର୍କେଟ କମିଟି, ମିନିଷ୍ଟାଡ଼ିୟମ ଓ ଡ୍ରେନେଜ ଆଦି କରୁଥିବା ଦୁଇଟି କମ୍ପାନୀର କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ୩ ମାସର ବକେୟା ଦରମା, ୮ଜଣ କର୍ମଚାରୀଙ୍କ ପିଏଫ୍ ଟଙ୍କା ତଥା ଫାଇନାଲ ଦରମା ମିଳି ନ ଥିବା ଅଭିଯୋଗ ହୋଇଥିଲା। ଏହି କ୍ରମରେ ହିନ୍ଦ ମଜଦୁର ସଭା ପକ୍ଷରୁ ବୁଧବାର ପୂର୍ବାହ୍ନରେ ଆର୍ଏମ୍ସି ଲାଇବ୍ରେରି ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଗୁରୁବାର ଶ୍ରମ ବିଭାଗ, ଯୁଗ୍ମ ଶ୍ରମ କାର୍ଯ୍ୟାଳୟରେ ଏହାର ଶୁଣାଣି ହେବାକୁ ଅଛି। ସମସ୍ୟାର ସମାଧାନ ପନ୍ଥା ବାହାର କରିବାକୁ ଦାବି ହୋଇଥିଲା। ହିନ୍ଦ ମଜଦୁର ସଭାର ଦିଗମ୍ବର ମହାନ୍ତି, ଶ୍ରମିକ ନେତା ରମେଶ ସାହୁ, ନିରାକାର ପଣ୍ଡା, ଜଗବନ୍ଧୁ ଜେନା, ଦିଲ୍ଲୀପ ଜେନା, ଦୀପନ ତନ୍ତୀ, ଉମେଶ ମଲ୍ଲିକ, ମାନସ ରଞ୍ଜନ ପତି, ଚନ୍ଦ୍ରକାନ୍ତ କୁମାର, କିଶୋର ଦୀପ, ଅନୀଲ ଦୀପ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଆର୍ଏମ୍ସି ଲାଇବ୍ରେରି ସମ୍ମୁଖରେ ବିକ୍ଷୋଭ।

## ଆର୍ଏମ୍ସି ପକ୍ଷରୁ ଲୋକଙ୍କୁ କୋଲ୍ଡ ଷ୍ଟୋରେଜ ପରିବା ମିଳିବ



ଆର୍ଏମ୍ସି କମିଶନର ଇ-ବାହନ ଉଦ୍ଘାଟନ କରୁଛନ୍ତି।

ରାଉରକେଲା, ୨୬ା୭(ସଙ୍ଗୀତା ଜେନା)

### ଇ- ବାହନ ଉଦ୍ଘାଟିତ

ସ୍ଥାନୀୟ କୃଷକମାନଙ୍କ ଦ୍ୱାରା ପ୍ରସ୍ତୁତ ପନିପରିବା, ଫୁଲ, ଫଳ ଆଦି ନଷ୍ଟ ହେବ ନାହିଁ। ଏହା ପାଇଁ ଆର୍ଏମ୍ସି ପକ୍ଷରୁ ୨ଟି ଶୀତଳ ଭଣ୍ଡାର ବା କୋଲ୍ଡ ଷ୍ଟୋରେଜ କାର୍ଯ୍ୟକ୍ଷମ ହୋଇଛି। ଆଗାମୀ ଦିନରେ ଆହୁରି ୨ଟି ଶୀତଳଭଣ୍ଡାର ହେବ ବୋଲି ସୂଚନା ମିଳିଛି। ଇସ୍ପାତ ସହରରେ ଲୋକେ ଏଣିକି ତଟକା ଓ ସବୁଜ ପନିପରିବା, ଫୁଲଫଳ ଇତ୍ୟାଦି ଘର ଦ୍ୱାର ମୁହଁରେ ପାଇବେ। ଏ ନେଇ ଆର୍ଏମ୍ସି ପକ୍ଷରୁ ବୁଧବାର ପୂର୍ବାହ୍ନରେ ଇ-ବାହାନ ଉଦ୍ଘାଟିତ ହୋଇଛି। ଲୋକଙ୍କୁ ସୁବିଧାରେ ପନିପରିବା ଯୋଗାଇବା ସହ ପରିବା ନଷ୍ଟ ହେବାରୁ ଏହା ବଞ୍ଚାଇବ। ବଳକା ପରିବା ଶୀତଳଭଣ୍ଡାରରେ ପୁନଃ ସଂରକ୍ଷିତ କରାଯାଇପାରିବ। ପ୍ରଥମ ପର୍ଯ୍ୟାୟରେ ୨ଟି ଇ-ବାହନ ଉଦ୍ଘାଟିତ ହୋଇଛି। ଏହାକୁ ଆରଏମ୍ସି କମିଶନର ଡ. ଶୁଭଙ୍କର ମହାପାତ୍ର ଉଦ୍ଘାଟନ କରିଥିଲେ। ୟୁଏନଡିପି ପ୍ରତିନିଧି ବେଭିନ ଟମ, ମହେଶ୍ୱେତା ତିଗାଙ୍କ ସମେତ ଶୀତଳଭଣ୍ଡାର ପରିଚାଳନା କରୁଥିବା ମା' ତାରିଣୀ ଗ୍ରୁପ ଓ ଜୟ ମାତାଦି ଗ୍ରୁପ ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଛେଣ୍ଡ ଭିଏସଏସ ମାର୍କେଟରେ ଥିବା ଶୀତଳଭଣ୍ଡାରରେ ୧୦ ମେଟ୍ରିକ ଟନ ଓ ଟ୍ରାଫିକ ଛକରେ ଥିବା ଶୀତଳଭଣ୍ଡାରରେ ୩୦ ମେଟ୍ରିକ ଟନ କ୍ଷମତା ରହିଛି। ଆଗାମୀ ଦିନରେ ଆମ୍ବାଗାନ ଓ ପାନପୋଷରେ ୨ଟି ଶୀତଳ ଭଣ୍ଡାର ଅତିରିକ୍ତ ନିର୍ମାଣ ହେବ ବୋଲି ସୂଚନା ମିଳିଛି।

## ବାଳସୁଧାର ଗୃହର ୧୦୦ବାଳକଙ୍କୁ ଜୀବନ ବଞ୍ôବାର ମାର୍ଗ ଦେଖାଇଲା ରୋଟାରୀ କ୍ଲବ

ରାଉରକେଲା, ୨୬ା୭(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ବାଳସୁଧାର ଗୃହଠାରେ ଶିଶୁ ସୁଲଭ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ରୋଟାରୀ କ୍ଲବ ରାଉରକେଲା ପକ୍ଷରୁ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ରାଉରକେଲା ବାଳ ସୁଧାର ଗୃହର ମୁଖ୍ୟ ଶୈକ୍ଷିକ ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ତ୍ରିପାଠୀ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ରାଉରକେଲାର ବରିଷ୍ଠ ସଦସ୍ୟ ପରଭେଜ ଅରୋରାଙ୍କ ସମେତ ଅନ୍ୟ ସଦସ୍ୟଗଣ ସମ୍ମିଳିତ ରହିଥିଲେ। କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ଡ. ଏସ. କେ ପାଣି, ଏବିଇଓ କେ.ପତି ଏବଂ ମିଷ୍ଟର ସଞ୍ଜିବ ପ୍ରମୁଖ ଯୋଗଦେଇ ବାଳସୁଧାର ଗୃହର ୧୦୦ଜଣ ବାଳକଙ୍କୁ ବଞ୍ôବାର ବିଷୟିକ ପ୍ରେରଣାଦାୟୀ କଳା ଶିଖାଇଥିଲେ। ପ୍ରେରଣାଦାୟୀ କାହାଣୀ ସହିତ ନୃତ୍ୟ, ସଙ୍ଗୀତ, ଗୀତ ଓ କ୍ରୀଡା ମାଧ୍ୟମରେ ସୁଧାରଗୃହର ବାଳକଙ୍କୁ ଜୀବନ ବଞ୍ôବା ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମ ପ୍ରସ୍ତୁତିରେ ବାଳସୁଧାର ଗୃହର ବରିଷ୍ଠ ସଦସ୍ୟ ଶୁଭ୍ରଜିତ ସାହୁ, ବିକାଶ ରଞ୍ଜନ ସେଠୀ ପ୍ରମୁଖ ସହଯୋଗୀ ରହିଥିଲେ।




କାର୍ଯ୍ୟକ୍ରମରେ ସମ୍ମିଳିତ ଅତିଥି।

## ରାଉରକେଲାର ସସ୍ମିତା ହେଲେ ବିଜୟିନୀ

ରାଉରକେଲା,୨୬ା୭
(ବିପ୍ଲବ ରଞ୍ଜନ ଦାଶ)

### ମିସେସ୍ ନୟନତାରା-୨୦୨୩ ସୁନ୍ଦରୀ ପ୍ରତିଯୋଗିତା

କଳା ପ୍ରତିଭା ପ୍ରଦର୍ଶନର କୌଣସି ସୀମା ନ ଥାଏ। କଳା ଦକ୍ଷତା ସମ୍ପନ୍ନ ବ୍ୟକ୍ତି କଳା ପ୍ରତିଭା ଦକ୍ଷତାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ। ରାଉରକେଲା ସେକ୍ଟର-୧ ,ଏ-୪୭ରେ ରହିଥିବା ଜଣେ ପ୍ରତିଭାଶାଳୀ ମହିଳା ହେଲେ ସସ୍ମିତା ଜେନା(୩୨)। ସେ ଖୋର୍ଦ୍ଧା ଗୁରୁକୁଳ ରିସୋର୍ଟରେ ଆୟୋଜିତ ମିସେସ ନୟନତାରା-୨୦୨୩ ପ୍ରତିଯୋଗିତାରେ ନିଜ ଦକ୍ଷତାର ପାରଦର୍ଶିତାରେ ମିସେସ ନୟନତାରା-୨୦୨୩ ମୁକୁଟ ଲାଭ କରି ବିଜୟିନୀ ହୋଇଛନ୍ତି। ସସ୍ମିତା ରାଉରକେଲା କଲେଜର ପ୍ରାଣୀବିଜ୍ଞାନ ବିଭାଗର ଅଧ୍ୟାପିକା ଅଛନ୍ତି। ଆୟୋଜିତ ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରରୁ ୨ଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ସସ୍ମିତା ନିଜର ପ୍ରତିଭା ,ସୌନ୍ଦର୍ଯ୍ୟ ଓ ବୁଦ୍ଧିମତା ବଳରେ ସେମି ଫାଇନାଲ ରାଉଣ୍ଡରେ ଶ୍ରେଷ୍ଠ ୧୫ ପ୍ରତିଯୋଗୀଙ୍କ ମଧ୍ୟରେ ନିଜ ସ୍ଥାନ ସୁରକ୍ଷିତ କରିଥିଲେ। ଫାଇନାଲ ରାଉଣ୍ଡରେ ୧୪ପ୍ରତିଯୋଗୀଙ୍କୁ ପଛରେ ପକାଇ ମୁକୁଟ ହାସଲ କରିଥିଲେ। ବିଜୟୀ ଟାଇଟଲ ପ୍ରଦାନ ସମାରୋହରେ କଲିକତାରେ ଅବସ୍ଥାପିତ ଚାଇନାର ରାଷ୍ଟ୍ରଦୂତ ଝା ଲିଉ ମୁଖ୍ୟଅତିଥି ଏବଂ ନୟନତାରାର ପ୍ରତିଷ୍ଠାତା ଶାଶ୍ୱତ ଯୋଶୀ, ଓଡିଶୀ ନୃତ୍ୟଶିଳ୍ପୀ ଅମ୍ରିତା ଓ ସମାଜସେବୀ ପ୍ରୀୟଦର୍ଶୀ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ବିଜୟନୀ ମୁକୁଟ ସହିତ ବିଜୟୀ ଟାଇଟଲ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଧ୍ୟାପିକା ତାଙ୍କର ଏହି ସଫଳତାର ଶ୍ରେୟ ତାଙ୍କ ବାପା ସୁଦର୍ଶନ ଜେନା ଓ ଟାଟା କମ୍ପାନୀରେ କାର୍ଯ୍ୟ କରୁଥିବା ତାଙ୍କର ସ୍ୱାମୀ ପ୍ରେମାନନ୍ଦ ସାହୁଙ୍କ ପ୍ରେରଣାକୁ ଶ୍ରେୟ ଦେଇଛନ୍ତି।



ଶାଶ୍ୱତ ଯୋଶୀ ସସ୍ମିତାଙ୍କୁ ଟାଇଟଲ ଓ ପୁରସ୍କାର ପ୍ରଦାନ କରୁଛନ୍ତି।

# ଡ୍ରେନ୍ ନିର୍ମାଣ କାର୍ଯ୍ୟରେ ବାଧକ ଜବରଦଖଲ

ରାଉରକେଲା,୨୬ା୭(ବିପ୍ଲବ ରଞ୍ଜନ ଦାଶ)

ସ୍ମାର୍ଟସିଟି ରାଉରକେଲା ସହରର ୧୦ଟି ପ୍ରମୁଖ ଡ୍ରେନ ମଧ୍ୟରେ ନିଷ୍କାଷିତ ହେଉଥିବା ବର୍ଷାଜଳ ସହରବାସୀଙ୍କର ମୁଣ୍ଡବିନ୍ଧା ସାଜୁଥିଲା। ଡ୍ରେନଗୁଡ଼ିକର ଅବସ୍ଥା ଶୋଚନୀୟ ଥିବା କାରଣରୁ ବର୍ଷାଜଳ ନିୟନ୍ତ୍ରଣ କରିବାରେ ମହାନଗର ନିଗମର ସମସ୍ତ ପ୍ରୟାସ ଫେଲ୍ ମାରୁଥିଲା। ସହରବାସୀ ବର୍ଷାଜଳ ନିଷ୍କାସନ ନେଇ ଆର୍ଏମ୍ସିକୁ ଘେରୁଥିଲେ। ମାତ୍ର ଆର୍ଏମ୍ସି ଡ୍ରେନଗୁଡ଼ିକର ଶୋଚନୀୟ ଅବସ୍ଥା କାରଣରୁ ସହରବାସୀଙ୍କ ସମସ୍ୟାର ସମାଧାନ କରି ପାରୁ ନ ଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ସହରର ଅସଜଡା ଏବଂ ଶୋଚନୀୟ ହୋଇପଡିଥିବା ୧୦ଟି ବୃହତ୍ତ ଡ୍ରେନର ଉନ୍ନତିକରଣ, ଅଳିଆ ପାଣିର ନିୟନ୍ତ୍ରଣ ଏବଂ ସୁଗମ ନିଷ୍କାଷନ ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଥିଲା। ୧୦ଟି ଅସଜଡା ଡ୍ରେନର ଉନ୍ନତିକରଣ କାର୍ଯ୍ୟ ସ୍ମାର୍ଟସିଟି ପ୍ରାଇଭେଟ ଲିମିଟେଡ ପକ୍ଷରୁ ବିଭିନ୍ନ ଠିକା ସଂସ୍ଥାକୁ ଦିଆଯାଇଥିଲା। ନିର୍ମାଣ କାର୍ଯ୍ୟକୁ ୬ଭାଗରେ ବିଭକ୍ତ କରାଯାଇ ଠିକା ସଂସ୍ଥାମାନଙ୍କୁ ୨୦୨୩ ସେପ୍ଟେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ରୁପଟ୍ରୋଲ ଡ୍ରେନ୍ ପାଇଁ ୨୭କୋଟି ୪୭ଲକ୍ଷ, ସରକାରୀ କଲେଜରୁ ବାସନ୍ତୀ କଲୋନୀ ଡ୍ରେନ ପାଇଁ ୯କୋଟି ୧୩ଲକ୍ଷ, ମଧୁସୂଦନପାଲ୍ଲୀ-ମାଲଗୋଦାମ-ପାୱାର ହାଉସ ରୋଡ ଓ ରେଳବାଇ କଲୋନୀ-ଇସ୍ପାତ ହୋଟେଲ ଡ୍ରେନ ପାଇଁ ୯କୋଟି ୩୪ଲକ୍ଷ, ଗୋପବନ୍ଧୁପାଲ୍ଲୀ-ଗାନ୍ଧୀରୋଡ-ବିଶ୍ରାଛକ ଓ ନାଲା ରୋଡ ଡ୍ରେନକୁ ୯କୋଟି ୩୭ଲକ୍ଷ, ସିଭିଲ ଟାଉନଶିପ ଡ୍ରେନକୁ ୧୦କୋଟି ୫୪ଲକ୍ଷ, ରିବକ ଶୋରୁମ-ଡିଏଭି ପୋଖରୀ-ହନୁମାନ ବାଟିକା ଡ୍ରେନ ୧୧କୋଟି ୮୨ଲକ୍ଷ ବ୍ୟୟବରାଦ ମଞ୍ଜୁର ହୋଇଥିଲା। ମାତ୍ର ୧୦ଟି ଡ୍ରେନ ନିର୍ମାଣ କାର୍ଯ୍ୟରୁ ଏପର୍ଯ୍ୟନ୍ତ ମାତ୍ର ୬ଟି ଡ୍ରେନ ନିର୍ମାଣ ହୋଇଥିବାବେଳେ ବାକି ଡ୍ରେନ ଅସମ୍ପୂର୍ଣ୍ଣ ରହିଛି। ଡ୍ରେନ ପାଖାପାଖି ଅଞ୍ଚଳ ଜବରଦଖଲ ହୋଇଥିବାରୁ ନିର୍ମାଣ କାର୍ଯ୍ୟରେ ବାଧକ ସାଜୁଥିବା କୁହାଯାଉଛି। ଠିକା ସଂସ୍ଥାମାନେ ଶ୍ରମିକଙ୍କୁ ଶୋଷଣ କରୁଥିବା ମଧ୍ୟ ଏହାର ଏକ କାରଣ ସାଜିଛି। ସୂଚନା ମୁତାବକ ଏକ ଠିକା ସଂସ୍ଥା ୩୩ଜଣରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ୩ ମାସ ହେଲା ସେମାନଙ୍କ ୧୨ଲକ୍ଷ ଟଙ୍କା ପ୍ରାପ୍ୟରାଶି ପ୍ରଦାନ କରି ନ ଥିବା ଅଭିଯୋଗ ହେଉଛି। ଫଳରେ ଶ୍ରମିକମାନେ କାର୍ଯ୍ୟରୁ ନିବୃତ ରହିବା ମଧ୍ୟ ଏଥିପାଇଁ ଏକ ମୁଖ୍ୟକାରଣ ବୋଲି ଦର୍ଶାଯାଉଛି। ଏନେଇ ସ୍ମାର୍ଟସିଟି ଦାୟିତ୍ୱ ତୁଲାଉଥିବା ଆରଏମ୍ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଲେ, ସହରର ୧୦ ଡ୍ରେନ ନିର୍ମାଣ ଅବଧି ୨୦୨୩ ସେପ୍ଟେମ୍ବର ଯାଏଁ ଥିଲା। ବର୍ତ୍ତମାନ ୬ଟି ଡ୍ରେନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ମୋଟାମୋଟି ଭାବରେ ଡ୍ରେନ ନିର୍ମାଣର ୮୦ଭାଗ କାର୍ଯ୍ୟ ସରିଯାଇଛି। ଆଗକୁ ଡ୍ରେନ ନିର୍ମାଣ ପରିସରରୁ ଜବରଦଖଲ ହଟାଇ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦିଗରେ ବିହିତ ପଦକ୍ଷେପ ନିଆଯିବ। ଏନେଇ ଜିଲା ଶିଳାଞ୍ଚଳ ଶ୍ରମିକ ସଭାର ସମ୍ପାଦକ ଜଗବନ୍ଧୁ ଜେନା କୁହନ୍ତି, ୩ମାସ ହେଲା ସ୍ମାର୍ଟସିଟି ପକ୍ଷରୁ ଚୁକ୍ତି ଲାଭ କରି ସିଭିଲ କାର୍ଯ୍ୟରେ ନିୟୋଜିତ ଥିବା ଏକ ଠିକା ସଂସ୍ଥା ୩୩ଜଣ ଶ୍ରମିକଙ୍କୁ ୩ମାସର ୧୨ଲକ୍ଷ ଟଙ୍କା ପ୍ରାପ୍ୟରାଶି ଦେଉନାହିଁ। ସମ୍ପୃକ୍ତ ଠିକା ସଂସ୍ଥା ଶ୍ରମିକଙ୍କୁ ଶୋଷଣ କରୁଛି ବୋଲି ଉଲ୍ଲେଖ କରିଥିଲେ। ପ୍ରାପ୍ୟ ନ ମିଳିବା ପର୍ଯ୍ୟନ୍ତ କାମ କରାଇଦେବୁ ନାହିଁ ବୋଲି କହିଛନ୍ତି।



ସହରର ଅସମ୍ପୂର୍ଣ୍ଣ ଏକ ଡ୍ରେନ।

## ପଶ୍ଚିମ ଓଡ଼ିଶା ଯବାନ ପରିଷଦ ପକ୍ଷରୁ କାରଗିଲ ବିଜୟ ଦିବସ

ରାଉରକେଲା,୨୬ା୭(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଛେଣ୍ଡ କଲୋନୀ ସୈନିକ ଭବନ ନିକଟବର୍ତ୍ତୀ କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଙ୍ଗଠନ ରାଜ୍ୟ କାର୍ଯ୍ୟାଳୟରେ କାରଗିଲ ବିଜୟ ଦିବସ ବୁଧବାର ପାଳିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ଯବାନ ବିକାଶ ପରିଷଦ ପକ୍ଷରୁ କାରଗିଲ ବିଜୟ ଦିବସ ଆୟୋଜିତ ହୋଇଥିଲା। କାରଗିଲ ଯୁଦ୍ଧରେ ଦେଶ ନିମନ୍ତେ ଜୀବନକୁ ଉତ୍ସର୍ଗୀକୃତ କରିଥିବା ଶହୀଦ ଯବାନଙ୍କର ଅମରାବଳୀ ସ୍ମୃତିଚାରଣ କରିବା ସହି ଶହୀଦ ଯବାନମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହା ପରେ ଶହୀଦମାନଙ୍କ ନିମନ୍ତେ ଗୋଟିଏ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ପଶ୍ଚିମ ଓଡ଼ିଶାର ଅବସରପ୍ରାପ୍ତ ସେନା ପରିବାର ବର୍ଗଙ୍କ ସହିତ ପୂର୍ବତନ ଅବସରପ୍ରାପ୍ତ ସୈନିକ ଚକ୍ରାନ୍ତ ଜେନା, କେନ୍ଦ୍ରୀୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଲାକ୍ରା, ରାଜ୍ୟ ସଭାନେତ୍ରୀ ଲଳିତା ପ୍ରେମଶିଲା ଲାକ୍ରା, ଅଖିଳ ଭାରତୀୟ କ୍ଷେତ୍ରୀୟ ମହାସଂଘ ରାଜ୍ୟ ପ୍ରଭାରୀ ସି ପ୍ରତାପ ସିଂ ପ୍ରମୁଖ ସମ୍ମିଳିତ ହୋଇଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର
- ଜିଲା ଯୁବ କଂଗ୍ରେସର ସମ୍ବର୍ଦ୍ଧନା ସଭା, ଜିଲା କଂଗ୍ରେସ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା
- ପୂର୍ବତନ ବିଧାୟିକା ସୈରେନ୍ଦ୍ରୀ ନାୟକ ଜନ୍ମବାର୍ଷିକୀ, ସାମ୍ବାଦିକ ଭବନ, ସନ୍ଧ୍ୟା ୬ଟା ।

## ସଂକ୍ଷେପରେ

### ଭାଉଜଙ୍କୁ ଗାଳିଗୁଲଜ, ଦିଅର ଗିରଫ

ନାକଟିଦେଉଳ,୨୬।୭(ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ଥାନା ବିନ୍ଧପୁର ଗ୍ରାମରେ ଭାଉଜଙ୍କୁ ଗାଳିଗୁଲଜ କରିବା ସହ ନିଜ ମା'ବାପାଙ୍କୁ ମାରପିଟ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ (୪୫)। ପୋଲିସ ସୂଚନା ଅନୁସାରେ କୌଣସି କାରଣକୁ ନେଇ କୃଷ୍ଣଚନ୍ଦ୍ର ବାରମ୍ବାର ତାଙ୍କ ଭାଉଜ ସୁଜାତା ପ୍ରଧାନଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ଏହାସହ ନିଜ ମା'ବାପାଙ୍କୁ ମାରପିଟ କରି ଜୀବନରେ ମାରିଦେବାକୁ ଧମକ ଦେଉଥିଲେ। ତେବେ ଏଥିରେ ଅତିଷ୍ଠ ହୋଇ ବୁଧବାର ଭାଉଜ ସୁଜାତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୧୯/୨୩) ରୁଜୁ କରି କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲା। ଆଇପିସି ଦଫା ୪୪୭, ୨୯୪, ୩୨୩, ୫୦୬ରେ ତାଙ୍କୁ ରେଢ଼ାଖୋଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୃପା ବାଗ କହିଛନ୍ତି।



### ତଲାବିରା କୋଇଲା ଖଣିରେ ଚକ୍ଷୁ ପରୀକ୍ଷା ଶିବିର

ରେଙ୍ଗାଲି,୨୬।୭ (ଦେବବ୍ରତ ପଣ୍ଡା): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା କୋଇଲା ଖଣିରେ ମା' ସମଲେଶ୍ୱରୀ ମଲ୍ଟି ୟୁଟିଲିଟି ଭେହିକିଲ ଓନର ଆସୋସିଏଶନ ଓ କଲ୍ୟାଣି ଟ୍ରାନ୍ସପୋର୍ଟ ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। କୋଇଲା ପରିବହନ ରାସ୍ତାର ୟୁନିୟନ ଅଫିସ ପ୍ରାଙ୍ଗଣରେ ଆୟୋଜିତ ଶିବିରରେ ପ୍ରାୟ ୨ ଶହ ଜଣ ଆଖି ପରୀକ୍ଷା କରାଇଥିଲେ। ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଆୟୋଜନରେ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର କିଶୋର ପତି, ସଭାପତି ପଦ୍ମଲୋଚନ ଧର, ସରୋଜ ପଧାନ, ପିତାମ୍ବର ବିଶ୍ୱାଳ ସହଯୋଗ କରିଥିଲେ ।

### ସେବା ପକ୍ଷରୁ ଛତା, ତାରପୋଲିନ ପ୍ରଦାନ

ସମ୍ବଲପୁର,୨୬।୭(ଶୁଭାଶିଷ ପାଢ଼ୀ): ସମ୍ବଲପୁରରେ ଲଗାଣ ବର୍ଷା ଯୋଗୁ ତଳି ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅସହାୟ ଅବସ୍ଥାରେ ଥିବା ଲୋକଙ୍କୁ ସାହାଯ୍ୟ ପାଇଁ ଜିଲାର ଅନ୍ୟତମ ସାମାଜିକ ସଂଗଠନ ସେବା ଆଗକୁ ଆସିଛି। ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିରେ ସେବାର ସଭାପତି ଦୀପକ ପାଣ୍ଡେଙ୍କ ନେତୃତ୍ୱରେ ଏକ ଟିମ୍ ହୀରାକୁଦ ମହମ୍ମଦପୁର ଯାଇଥିଲେ। ସେଠାରେ ପ୍ରାୟ ୧୦୦ ଜଣଙ୍କୁ ଛତା, ଚପଲ ଓ ତାରପୋଲିନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ ସଲିଲା ପଣ୍ଡା, ଡ. ୱାଇ.ପି. ସାହୁ, ସଭ୍ୟ ପ୍ରକାଶ ପାଣ୍ଡେ, ପ୍ରଭାକର ଚାଆଁର, କଳ୍ପନା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ପୁଅ ମୃତ୍ୟୁର ପ୍ରତିଶୋଧରେ ହତ୍ୟା

**ଗୁଣି ସନ୍ଦେହରେ ହତ୍ୟା ଘଟଣା**

**୨ ଅଭିଯୁକ୍ତ ଗିରଫ**

ସମ୍ବଲପୁର,୨୬।୭(ଶୁଭାଶିଷ ପାଢ଼ୀ)



ପୋଲିସ ଗିରଫ କରିଥିବା ଅଭିଯୁକ୍ତ ।

ସମ୍ବଲପୁର ଜିଲା କିସିଣ୍ଡା ଥାନା ଡିମିରିକୁଦା ଗ୍ରାମରେ ଗତ ସୋମବାର ରାତିରେ ଗୁଣି ସନ୍ଦେହରେ ଶୁକ୍ରୁ ମାଝି (୫୫)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୃତକ ଶୁକ୍ରୁଙ୍କ ପଡୋଶୀ ସଞ୍ଜୁ ମାଝି (୩୨) ଓ ଧଲପୁର ଗ୍ରାମର ରାଇସିଂ ପରେକ (୪୮)। ଏମାନେ ସମ୍ପର୍କରେ ମାମୁଁ ଭଣଜା ବୋଲି ଜଣାପଡିଛି। ସେମାନଙ୍କ ନିକଟରୁ ରକ୍ତଲଗା ଖଟପୁଆ (କାଠ) ଜବତ ହୋଇଛି। ପ୍ରମାଣିତ ନ ହେଲେ ମଧ୍ୟ ଅଭିଯୁକ୍ତ ଗୁଣିଗାରେଡି ସନ୍ଦେହ କରି ହତ୍ୟା କରିଛନ୍ତି। ମାତ୍ର ୪ଦିନ ପୂର୍ବରୁ ଅଭିଯୁକ୍ତ ସଞ୍ଜୁଙ୍କ ୪ ବର୍ଷର ପୁଅର ମୃତ୍ୟୁ ଘଟିଥିଲା। ସେହି ଦିନଠାରୁ ଉଭୟ ପରିବାର ଭିତରେ ଗଣ୍ଡଗୋଳ ଲାଗି ରହିଥିଲା। ଶୁକ୍ରୁ ଘରେ ପୂଜାପାଠ କରୁଥିଲେ। ତେଣୁ ତନ୍ତ୍ର ସାଧନ କରି ପୁଅକୁ ମାରିଦେଇଥିବା ସନ୍ଦେହ କରି ହତ୍ୟା କରିଥିବା ରେଢାଖୋଲ ଏସ୍‌ଡିପିଓ ପି.କେ. ମେହେର କହିଛନ୍ତି।

ସୂଚନାଯୋଗ୍ୟ, ସୋମବାର ରାତିରେ ଡିମିରିକୁଦା ଗ୍ରାମର ଶୁକ୍ରୁ ଓ ତାଙ୍କ ସ୍ତ୍ରୀ ରତନୀ ରୋଷେଇ କରୁଥିବାବେଳେ ଅଭିଯୁକ୍ତମାନେ ଘର ଭିତରକୁ ପଶି ଶୁକ୍ରୁଙ୍କୁ ଆକ୍ରମଣ କରିଥିଲେ। ଫଳରେ ଜୀବନ ବଞ୍ଚାଇପାରିଥିଲେ। ଘଟଣାସ୍ଥଳରେ ପୋଲିସ ସାଇଣ୍ଟିଫିକ ଟିମ, ରେଢାଖୋଲ ଏସ୍‌ଡିପିଓ ମେହେର, କିସିଣ୍ଡା ଥାନା ଅଧିକାରୀ ଅଞ୍ଜଳି କୁମାର ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ଥାନାରେ ୫୫/୨୩ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହି ଘଟଣା ଏବେ ଜିଲାରେ ଆଲୋଡନ ସୃଷ୍ଟି କରିଛି। ୪ ବର୍ଷର ପୁଅକୁ ହରାଇ ପୁରା ପରିବାର ଭାଙ୍ଗି ପଡିଥିଲା। ବାପା ସଞ୍ଜୁଙ୍କ ମନରେ ଝଡ଼ାଫୁଙ୍କା, ତନ୍ତ୍ର ସାଧନ କରାଯାଇ ହତ୍ୟା କରାଯାଇଥିବା ନେଇ ସନ୍ଦେହ ଜାତ ହେଲା। ଶେଷରେ ଅପରାଧ କରିବାକୁ ସେ ପଛେଇ ନ ଥିଲେ। ସନ୍ଦେହ କରି ଶୁକ୍ରୁଙ୍କୁ ପିଟିପିଟି ହତ୍ୟା କଲେ ବୋଲି ପୋଲିସ କହିଛି।

# ମଣିପୁର ହିଂସା: ପ୍ରୋଗ୍ରେସିଭ ସମ୍ବଲପୁରର ପ୍ରତିବାଦ



ଜିଏମ୍‌ୟୁ ସମ୍ମୁଖରେ ମଣିପୁର ହିଂସାର ପ୍ରତିବାଦ ।

ସମ୍ବଲପୁର,୨୬।୭ (ଶୁଭାଶିଷ ପାଢ଼ୀ)

ମଣିପୁରରେ ଘଟିଚାଲିଥିବା ହିଂସା ଘଟଣାର ପ୍ରତିବାଦ କରିଛି ପ୍ରୋଗ୍ରେସିଭ ସମ୍ବଲପୁର। ଏହାକୁ ନେଇ ସଂଗଠନ ପକ୍ଷରୁ ବୁଧବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏହି ପ୍ରତିବାଦ ସଭା ହୋଇଥିଲା। ଏଥିରେ କର୍ମକର୍ତ୍ତାମାନେ ଦର୍ଶାଇଥିଲେ, ମଣିପୁରରେ ହିଂସା, ନୃଶଂସ ହତ୍ୟା, ମହିଳାମାନଙ୍କ ଉପରେ ନିର୍ଯାତନାକୁ ପ୍ରତିହତ କରିବାରେ ସ୍ଥାନୀୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଦୀର୍ଘ ଦୁଇ ମାସରୁ ଅଧିକ ହେବ ସେଠାରେ ନାରକୀୟ କାଣ୍ଡ ଚାଲିଛି। କେନ୍ଦ୍ର ସରକାର ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଭାଜପା ନେତୃତ୍ୱରେ ଚାଲିଥିବା ଏନ୍‌ଡିଏ ସରକାର ଦେଶର ସାର୍ବଭୌମତ୍ୱ ରକ୍ଷା କରିବାରେ ବିଫଳ ହୋଇଛନ୍ତି। କେନ୍ଦ୍ର ସରକାର ନିଜର ଭୁଲ ସୁଧାରିବା ସହ ମଣିପୁରରେ ଶାନ୍ତି ଫେରାଇ ଆଣିବାକୁ ପ୍ରଚେଷ୍ଟା କରନ୍ତୁ ଏବଂ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି କହିଥିଲେ। ମଣିପୁର ହିଂସାକୁ ନେଇ ସାରା ଭାରତରେ ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ପ୍ରଧାନମନ୍ତ୍ରୀ କାହିଁକି ଚୁପ ରହିଛନ୍ତି ବୋଲି ପ୍ରଶ୍ନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା, ଯୁବ ଛାତ୍ର, ମହିଳା ଉପସ୍ଥିତ ରହିଥିଲେ। ଶ୍ରମିକ ନେତା ଗୋକୁଳ ମେହେର, ଚାଷୀ ନେତା ଅଶୋକ ପ୍ରଧାନ, ସରୋଜ ମହାନ୍ତି, ଶିବ ନନ୍ଦ, ମିଳନ ହୋତା, ରାଜାରାମ ପାଢ଼ୀ, ପ୍ରକାଶ ଡାଙ୍ଗ, ମହେଶ୍ୱର ଷଣ୍ଢ, ଲଳିତ ପଟ୍ଟନାୟକ, ମହେଶ ସାୟତା, ଚୁମନ ପ୍ରଧାନ, ନିଖିଲ ବାବୁ ଉପସ୍ଥିତ ଥିଲେ। ସେହିପରି ପ୍ରଦ୍ୟୁମ୍ନ ଦାସ, ନିରୋଜ ଛତ୍ରିଆ, ସୁଧାଂଶୁ ମହାନ୍ତି, ଧରିତ୍ରୀ ମିର୍ଦ୍ଧା, ଚନ୍ଦ୍ର କଳା ଛୁରିଆ, ସ୍ୱରୂପା ସର, ସାଇ କ୍ରିତି ବାବୁ ପ୍ରମୁଖ ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, ମଣିପୁର ମୁଖ୍ୟମନ୍ତ୍ରୀ ଓ ମଣିପୁର ଝିଅ ଭାବରେ ମୁଖା ପରିଧାନ କରି ପ୍ରତିବାଦରେ ଭାଗ ନେଇଥିଲେ ।

# ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଆବେଦନ ଅବଧି ବୃଦ୍ଧି ଦାବି

ସମ୍ବଲପୁର,୨୬।୭(ଶୁଭାଶିଷ ପାଢ଼ୀ)

ରାଜ୍ୟ ସରକାର ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାରେ ପଞ୍ଜିକରଣ ସମୟସୀମା ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଓଜେୟୁ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଏହି ଦାବିପତ୍ର ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଆଗାମୀ ଅଗଷ୍ଟ ୭ ତାରିଖ ସୁଦ୍ଧା ଆବେଦନ ପାଇଁ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶ ଜାରି କରିଛି । ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲା ଶାଖା ସଭାପତି ହିମାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ସରୋଜ ସାହୁ, ରାଜ୍ୟ ଉପସଭାପତି ସୁଶାନ୍ତ ମହାପାତ୍ର, ସାଧବ ପ୍ରଧାନ, ବରିଷ୍ଠ ସାମ୍ବାଦିକ ଶିବ ପ୍ରସାଦ ମେହେର, ଶ୍ରବଣ ପତି, ସମୀର ଷଡ଼ଙ୍ଗୀ, ରାଜେଶ ବିଭାର, ସତ୍ୟଜିତ ମହାପାତ୍ର, ଲଳିତ ଶର୍ମା, ସୁବ୍ରତ ପାଢ଼ୀ, ମାନସ ନାୟକ, ନିଉଟନ ରାୟ, ନବୀନ ଦାଶ, ଗୁଣମଣୀ ବିଶ୍ୱାଳ, ଚୈତନ୍ୟ କୁମାର ନାୟକ, ଅମଳେନ୍ଦୁ ନାୟକ, ହରି ଶଙ୍କର ମିଶ୍ର, ମାନସ ସାହୁ, କୁନ୍ଦୁରୁ ଦାଶ, ନିଲୁ ସାହୁ, ଅନିଲ ଶ୍ରୀରାମକା ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକଙ୍କୁ ପେନ୍‌ସନ୍ ବୀମାଭୁକ୍ତ କରିବା, ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ, ମୃତ ସାମ୍ବାଦିକ ପରିବାରକୁ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ୪ ଲକ୍ଷ ଟଙ୍କା ପ୍ରଦାନ ରାଶିକୁ ବୃଦ୍ଧି କରି ୧୫ ଲକ୍ଷ ଟଙ୍କା କରିବା, ଯାତାୟାତ ସମୟରେ ରିହାତି ଦେବା ସହ ଟୋଲଟାକ୍ସ ଛାଡ଼ କରିବା, ରାଜ୍ୟରେ ସାମ୍ବାଦିକ ଆବାସ ଯୋଜନା ପ୍ରଣୟନ ଆଦି ୧୦ଦଫା ଦାବି ଶୀଘ୍ର କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରାଯାଇଛି ।

## ଏମ୍‌ସିଏଲ୍ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଆଶ୍ରମରେ ସାମଗ୍ରୀ ବଣ୍ଟନ

ସମ୍ବଲପୁର,୨୬।୭(ବି.ଶଙ୍କର)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ସମ୍ବଲପୁର ଜିଲା ଫୁଲଝରନ ଆଶ୍ରମରେ ସାମଗ୍ରୀ ବଣ୍ଟନ କରାଯାଇଛି। ଅନ୍ତେବାସୀଙ୍କୁ ସ୍କୁଲ ବ୍ୟାଗ, ଖାତା, କଲମ ଆଦି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୮୨ଜଣ ପିଲା ଉପସ୍ଥିତ ଥିଲେ। ଜାଗୃତି ମହିଳା ମଣ୍ଡଳ ସଭାନେତ୍ରୀ ପଦ୍ମଜା ସିଂ, ଉପାଧ୍ୟକ୍ଷ ସରିତା ପଟେଲ, ରଶ୍ମି ବେହୁରା, ଅଞ୍ଜଳି ବାପାଟ ସଚିବ ବିନିତା ସିହ୍ନା, ଯୁଗ୍ମ ସଚିବ ଅଳକା ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଲ ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୨୬।୭(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମୋଦିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। ଏହାର ସମାଧାନ ପାଇଁ ମଙ୍ଗଳବାର ପଡାର ମହିଳାମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା, ଅଭିଭାବକ ତଥା ଅଞ୍ଚଳବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଏଥିରେ ଦର୍ଶାଯାଇଛି, ବିଦ୍ୟାଳୟର ଆଜବେଷ୍ଟସ୍ ଭାଙ୍ଗିଯାଇଥିବାରୁ ବର୍ଷାହେଲେ ଶ୍ରେଣୀଗୃହରେ ପାଣି ପ୍ରବେଶ କରୁଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବା ବେଳେ ଶ୍ରେଣୀକକ୍ଷ ଓ ବାରଣ୍ଡାରେ ପାଣି ଜମି ରହୁଛି। ଜିଲା ପ୍ରଶାସନ ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

## ନିହାଲ ସିଂଙ୍କୁ ଜିଲାପାଳଙ୍କ ଶୁଭେଚ୍ଛା

ସମ୍ବଲପୁର,୨୬।୭ (ଶୁଭାଶିଷ ପାଢ଼ୀ)

ରାଷ୍ଟ୍ରପତି ଭବନ ନୂଆଦିଲ୍ଲୀଠାରେ ଆୟୋଜିତ ଭାରତୀୟ ରେଡ଼କ୍ରସ ସୋସାଇଟିର ବାର୍ଷିକ ସାଧାରଣ ପରିଷଦ ସଭାରେ ସମାଜିକ କର୍ମୀ ନିହାଲ ସିଂଙ୍କୁ ରେଡ଼କ୍ରସ ମେରିଟ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଦିଲ୍ଲୀରୁ ଫେରିବା ପରେ ସେ ବୁଧବାର ଜିଲାପାଳ ଅନନ୍ୟା ଦାସଙ୍କୁ ସାକ୍ଷାତ କରିଥିଲେ। ଜିଲାପାଳ ଦାସ ତାଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ।

## ବିକାଶ ଦ କନ୍‌ସେପ୍ଟ ସ୍କୁଲରେ କାର୍‌ଗିଲ ବିଜୟ ଦିବସ



କାର୍‌ଗିଲ ବିଜୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

ସମ୍ବଲପୁର,୨୬।୭(ବି.ଶଙ୍କର)

ସମ୍ବଲପୁର ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲରେ ବୁଧବାର କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଦେଶର ସୀମାନ୍ତ ସୁରକ୍ଷା ନିମନ୍ତେ ଆତ୍ମବଳୀ ଦେଇଥିବା ଭାରତର ସାହସୀ ସୈନିକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି ଶହୀଦ ସୈନିକମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଜନତାଙ୍କ ସୁରକ୍ଷା ପାଇଁ ଯବାନମାନେ ନିଜ ଜୀବନକୁ ବାଜି ଲଗାଇଥିବାରୁ ସେମାନେ ନମସ୍ୟ ଓ ପୂଜ୍ୟ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ପ୍ରଦର୍ଶନ ଏବଂ କାରଗିଲ ବିଜୟ ଦିବସକୁ ନେଇ ବିଷୟବସ୍ତୁ ପ୍ରସ୍ତୁତ କରାଯାଇଥିଲା । ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଓ ଏକାଡେମିକ ଡାଇରେକ୍ଟର ଜି. ରାମକ୍ରିଷ୍ଣା ଛାତ୍ରୀଛାତ୍ରଙ୍କୁ ଦେଶପ୍ରେମରେ ଉଦବୁଦ୍ଧ ହେବାକୁ ପରାମର୍ଶ ଦେଇଥିଲେ।

## ହିଣ୍ଡାଲ୍‌କୋ କର୍ମଚାରୀଙ୍କ ଦ୍ୱାରା ୫ହଜାର ମଞ୍ଜି ବଲ ପ୍ରସ୍ତୁତ



କର୍ମଚାରୀମାନେ ବିହନ ବଲ ତିଆରି କରୁଛନ୍ତି ।

ସମ୍ବଲପୁର,୨୬।୭(ବି.ଶଙ୍କର)

ହୀରାକୁଦ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଫ୍ଲାଟ ରୋଲ ପ୍ରଡକ୍ଟ) ବୃକ୍ଷରୋପଣ ପାଇଁ ଅଭିନବ କାର୍ଯ୍ୟକ୍ରମ ହାତକୁ ନେଇଛି। କମ୍ପାନୀର କର୍ମଚାରୀମାନେ ୫ହଜାର ମଞ୍ଜି ବଲ ପ୍ରସ୍ତୁତ କରିଛନ୍ତି। ଏହାକୁ ବୃକ୍ଷରୋପଣ ପାଇ ସମ୍ବଲପୁରର ଏନ୍‌ଏସ୍‌ଏସ୍ ଦଳ ମାଧ୍ୟମରେ ବଣ୍ଟନ କରାଯିବ। ହିଣ୍ଡାଲ୍‌କୋ ଏଫ୍‌ଆର୍‌ପିର ମୁଖ୍ୟ ସୁମିତ୍ର ରାୟଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ର ଅଂଶଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ଇଆର୍ ମୁଖ୍ୟ ଦୀପକ ମହାନ୍ତି, ସିଏସ୍‌ଆର୍ ମୁଖ୍ୟ ସୁକାନ୍ତ ମହାପାତ୍ର ଓ ଜୀତେଶ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ଯୁଗ୍ମ ସଭାପତି ମାନବ ସମ୍ବଳ କ୍ରୀଷ୍ଣା ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

କୁଚିଣ୍ଡା,୨୬।୭(ବିରଞ୍ଚି ଦର୍ଜା)



ବୈଠକରେ ଅଧିକାରୀ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ।

କୁଚିଣ୍ଡା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ବିଭୂତି ଭୂଷଣ ନାୟକ ଏଥିରେ ଅଧକ୍ଷତା କରିଥିଲେ। ସମସ୍ତ ଶିକ୍ଷାନୁଷ୍ଠାନ ସହ ସରକାରୀ ବେସରକାରୀ ଅନୁଷ୍ଠାନରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇ ବିଭାଗୀୟ ଅଧିକାରୀ ଏ ଦିଗରେ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ପରେଡ ପ୍ରସ୍ତୁତି, ବିଭିନ୍ନ ପ୍ରତିଯୋଗିତା, ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ମୁକୁନ୍ଦି ଷ୍ଟାଡିୟମରେ ସାମୂହିକ ପତାକା ଉତ୍ତୋଳନ ପୂର୍ବକ ପୁରସ୍କାର ବିତରଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା ବେଳେ ଏହାର ଆୟୋଜନ ପାଇଁ ପୂର୍ତ୍ତବିଭାଗ ଓ ସୁରକ୍ଷା ପାଇଁ ପୋଲିସ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ବୈଠକରେ ଆଇଟିଡିଏ ପିଏ ହେମ ସାଗର ଭୋଇ, ଏସ୍‌ଡିପିଓ ଅମିତାଭ ପଣ୍ଡା, ବିଡିଓ ନିରଞ୍ଜନ ସା, ସହକାରୀ ଜିଲାପାଳ ଲୋଚନ ଶବର, ଆଇଆଇସି ଚନ୍ଦ୍ର ମୋହନ ସିଂ, ଘରୋଇ ବସ୍ ୟୁନିୟନ, ସାମ୍ବାଦିକ ସଂଘ, ବ୍ୟବସାୟୀ ସଂଘ, ମାରୱାଡି ଯୁବମଞ୍ଚ ଙ୍କ ସମେତ ବିଭିନ୍ନ ସ୍କୁଲ, କଲେଜ ଓ ସଂଗଠନର ପ୍ରତିନିଧି ଯୋଗ ଦେଇଥିଲେ।

# 'ମହିଳାଙ୍କୁ ବିଦ୍ରୋହ ନୁହେଁ, ବ୍ୟବହାର କୁଶଳତା ଜରୁରୀ'

ସମ୍ବଲପୁର,୨୬।୭(ଶୁଭାଶିଷ ପାଢ଼ୀ)




ଶକ୍ତି ସଂଗଠନର ସଂଯୋଜିକା ଓ ଅନ୍ୟମାନେ ।

ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଓ ଧନୁପାଲି ଶ୍ରୀଗଣେଶ ବିଦ୍ୟାଳୟର ମହିଳାମାନଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହିଳା ଗବେଷକ, ଶିକ୍ଷୟିତ୍ରୀ, ଗବେଷଣା ଛାତ୍ରୀ, ଅଧ୍ୟାପିକାଙ୍କ ପାଇଁ ସର୍ବଭାରତୀୟ ସ୍ତରରେ କାମ କରୁଥିବା ଶକ୍ତି ଅନୁଷ୍ଠାନର ରାଷ୍ଟ୍ରୀୟ ସଂଯୋଜିକା ବିନ୍ଦୁ ସୁରଜ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମେ ସେ ଭିସୁଟ୍‌ରେ ଅଧ୍ୟାପିକା ଓ ଗବେଷଣା ଛାତ୍ରୀମାନଙ୍କ ସହ ମହିଳା ସଶକ୍ତୀକରଣ ଉପରେ ଆଲୋଚନା କରଥିଲେ। ପ୍ରଫେସର ସଞ୍ଜୟ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିନ୍ଦୁ ସୁରଜ କହିଥିଲେ, ବିଦ୍ରୋହ ନୁହଁ ବରଂ ବ୍ୟବହାର କୁଶଳତା ଦ୍ୱାରା ସହଜରେ ମହିଳାମାନଙ୍କ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଅପରାହ୍ନରେ ଧନୁପାଲି ଶ୍ରୀ ଗଣେଶ ସରକାରୀ ବିଦ୍ୟାଳୟର ଛାତ୍ରୀ ଓ ଅଧ୍ୟାପିକାମାନଙ୍କୁ ସ୍ୱାସ୍ଥ୍ୟ ଓ ପୋଷଣ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ମହିଳାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ ଅଭ୍ୟାସଗୁଡ଼ିକୁ ପ୍ରକୃତି ସହ ଖାପଖାଇଲା ପରି କରିବା ପାଇଁ ମତ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିସୁଟ୍‌ର ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଡ. ପିୟୁଷ ରଞ୍ଜନ ଦାସ ଜୀବନରେ ସର୍ଜନାତ୍ମକ ଚିନ୍ତାର ମହତ୍ୱ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।

# ଦାଦାବଟି ମାଗି ଗିରଫ ହେଲେ ଲୋକନାଥ

ସମ୍ବଲପୁର,୨୬।୭ (ଶୁଭାଶିଷ ପାଢ଼ୀ)



ଗିରଫ ଲୋକନାଥ ।




ଜବତ ପରିଚୟପତ୍ର ।

**ପଦସ୍ଥ ଅଧିକାରୀଙ୍କ ପରିଚୟପତ୍ର ଜବତ**

ଦାବାବଟି ମାଗିବା ଅଭିଯୋଗରେ ଧନୁପାଲି ଥାନା ଧନୁପାଲି ଛକର ଲୋକନାଥ ମହାନ୍ତିଙ୍କୁ ପୋଲିସ ପୁଣି ଥରେ ଗିରଫ କରିଛି। ଦୁଇଜଣଙ୍କ ଅଭିଯୋଗ କ୍ରମେ ପ୍ରାୟ ଦୁଇଦିନ ହେବ ପୋଲିସ ତାଙ୍କ ପିଛା କରୁଥିବା ବେଳେ ବୁଧବାର ସନ୍ଧ୍ୟାରେ ସମ୍ବଲପୁର ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ଅଫିସ ନିକଟରୁ ପୋଲିସ ତାଙ୍କୁ କାବୁ କରିଥିଲା। ତାଙ୍କଠାରୁ ପୋଲିସ ପୋଷ୍ଟାଲ ଅଧିକାରୀ, ଆୟକର ବିଭାଗ ଅତିରିକ୍ତ କମିଶନର, ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଥିବା ପରିଚୟ ପତ୍ର ଜବତ କରିଛି। ଚଢାଉରେ ହୀରାକୁଦ ଏସ୍‌ଡିପିଓ ସତ୍ୟବ୍ରତ ଦାସ ଓ ଏକ ଟିମ୍ ସାମିଲ ଥିଲେ। ଏସ୍‌ଡିପିଓ ଦାସ କହିଛନ୍ତି, ଲୋକନାଥ ଦୁଇଦିନ ହେବ ହୀରାକୁଦ ଓ ବୁର୍ଲା ଥାନା ଅଞ୍ଚଳର ଦୁଇଜଣ ଠିକାଦାରଙ୍କଠାରୁ ଟଙ୍କା ଦାବି କରିଥିଲେ। ସେମାନେ ଅଭିଯୋଗ କରିବା ପରେ ପୋଲିସ ଟିମ୍ ଗଠନ କରାଯାଇ ଗିରଫ କରାଯାଇଛି। ଗିରଫ ପରେ ଜଣାପଡିଛି ଯେ, ଲୋକନାଥଙ୍କ ନାମରେ ପୂର୍ବରୁ ୭ରୁ ଅଧିକ ମାମଲା ରହିଛି। ସେ ଜଣେ ପେସାଦାର ଅପରାଧୀ। ଲୋକଙ୍କ ବିଶ୍ୱାସ ଜିଣିବା ପାଇଁ ସାମାଜିକ ଗଣମାଧ୍ୟମ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମରେ ମର୍ଫ କରି ବିଭିନ୍ନ ରାଜନେତା, ପ୍ରଶାସନିକ ଅଧିକାରୀଙ୍କ ସହ ଫଟୋ ଉଠାଇ ପୋଷ୍ଟ କରୁଥିଲେ। ଯୁବବର୍ଗଙ୍କୁ ଚାକିରି କରାଇଦେବାକୁ କହି ଟଙ୍କା ନେଉଥିଲେ। ପ୍ରାୟ ୧୦ବର୍ଷ ହେବ ସେ ଲୋକଙ୍କୁ ଠକୁଥିଲେ। ଟଙ୍କା ନେବା ପରେ ସେ ପୁଣି ଅନ୍ୟ ଲୋକଙ୍କୁ ମୋହରା କରୁଥିଲେ। ସହଯୋଗ କରି ଅଭିଯୋଗ କରନ୍ତୁ, ପୋଲିସ ନିଶ୍ଚିତ ଭାବେ ସହଯୋଗ କରିବ ବୋଲି ଏସ୍‌ଡିପିଓ ଦାସ କହିଛନ୍ତି।

## ସଂକ୍ଷେପରେ

### ଗଣେଶ ଜିଲା ଯୁବ କଂଗ୍ରେସ ସଭାପତି ନିର୍ବାଚିତ

**ଲୋଇସିଂହା,୨୬ା୭(ସୁଶାନ୍ତ ବାରିକ):** ଜାତୀୟ ଯୁବ କଂଗ୍ରେସ ତରଫରୁ ଜିଲା ଏବଂ ବ୍ଲକ ସଭାପତି ପଦବୀ ପାଇଁ ଏପ୍ରିଲ ୭ରୁ ମେ ୧୦ପର୍ଯ୍ୟନ୍ତ ଅନଲାଇନ ଭୋଟିଂ ଅନୁଷ୍ଠିତ ହୋଇଥିଲା। ବୁଧବାର ଏହାର ଫଳାଫଳ ପ୍ରକାଶ ପାଇଛି। ଆଗଲପୁର ବ୍ଲକ ଭରସୁଜାର ପୂର୍ବତନ ସରପଞ୍ଚ ଗଣେଶ ସାହୁ ଜିଲା ଯୁବ କଂଗ୍ରେସ ସଭାପତି ନିର୍ବାଚିତ ହୋଇଛନ୍ତି। ୧୮ରୁ ୩୫ ବର୍ଷର ୯ହଜାର ୩୫୨ଯୁବକ ମତଦାନ କରିଥିଲେ। ଗଣେଶ ୫ ହଜାର ୬୧୧ ଖଣ୍ଡ ଭୋଟ ପାଇଥିଲେ। ବେକାର ଯୁବତୀ ଯୁବକଙ୍କ କର୍ମ ସଂସ୍ଥାନ ଏବଂ ମଦ ବିରୋଧୀ ଅଭିଯାନକୁ ଜୋରଦାର କରାଯିବ ବୋଲି ନବ ନିର୍ବାଚିତ ସଭାପତି ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେହିପରି ଲୋଇସିଂହା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଭାବେ ସଞ୍ଜୀବ ନାଗ ନିର୍ବାଚିତ ହୋଇଛନ୍ତି। ଯୁବ ସମାଜ ଏବଂ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସଂଗଠନ ପ୍ରତି ଗୁରୁତ୍ୱ ଦେଇ କାମ କରିବି ବୋଲି ସଞ୍ଜୀବ କହିଛନ୍ତି। ନବ ନିର୍ବାଚିତ ପଦାଧିକାରୀଙ୍କୁ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା ଶୁଭେଚ୍ଛା ଜଣାଇଛନ୍ତି।


ଗଣେଶ ସାହୁ


ସଞ୍ଜୀବ ନାଗ

# ଚଢ଼ିଗଲା ଟ୍ରକ୍, ସ୍କୁଟି ଆରୋହୀ ମୃତ


ଉତ୍ତ୍ୟକ୍ତ ଲୋକେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି।


ଲୋକେ ଜାଳିଦେଇଥିବା ଟ୍ରକ।

- ଫେରାର ମାରୁଥିବା ଟ୍ରକ୍‌କୁ ଜାଳିଦେଲେ ଉତ୍ତ୍ୟକ୍ତ ଲୋକ
- ମୃତକଙ୍କ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଦାବିରେ ରାସ୍ତାରୋକୋ
- ବିଳମ୍ବରେ ପୋଲିସ, ପ୍ରଶାସନିକ ଅଧିକାରୀ ପହଞ୍ଚିବାକୁ ନେଇ ବିକ୍ଷୋଭ

**ବଲାଙ୍ଗୀର, ୨୬ା୭**
**(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ବଲାଙ୍ଗୀର ସହର ଉପକଣ୍ଠ ମାଧିଆପାଲି ଗାଁ ନିକଟରେ ବୁଧବାର ଅପରାହ୍ଣ ପ୍ରାୟ ୫ଟାରେ ଏକ ସ୍କୁଟି ଆରୋହୀଙ୍କ ଉପରେ ଏକ ଟ୍ରକ୍ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ପୁଇଁତଳା ଥାନା ଅନ୍ତର୍ଗତ ଖମାରମୁଣ୍ଡା ଗାଁର ରବି ନାରାୟଣ ନନ୍ଦ (୫୪)। ମୃତ ନନ୍ଦ ବଲାଙ୍ଗୀର ସହରର ଏକ ପ୍ରିଣ୍ଟିଂ ପ୍ରେସ୍‌ରେ କାମ କରୁଥିଲେ। କୋଚିଂ ସେଣ୍ଟରରେ ନିଜ ଝିଆରୀଙ୍କୁ ଛାଡ଼ିବା ପାଇଁ ସେ ଘରକୁ ଯାଉଥିଲେ। ତେବେ ମାଧିଆପାଲିଠାରେ ତାଙ୍କୁ ଏକ ଦ୍ରୁତଗାମୀ ଟ୍ରକ୍ ପଛପଟରୁ ଧକ୍କା ଦେଇଥିଲା। ଭାରସାମ୍ୟ ହରାଇ ପଡ଼ିଯିବା ପରେ ଟ୍ରକ୍ ରବିଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍‌କୁ ନେଇ ଡ୍ରାଇଭର ଫେରାର ହେବାକୁ ଉଦ୍ୟମ କରିଥିଲେ। ପ୍ରାୟ ୧ କିଲୋମିଟର ଦୂରରେ ଉତ୍ତ୍ୟକ୍ତ ଲୋକ ପିଛା କରି ଟ୍ରକ୍‌କୁ ଅଟକାଇବା ସହ ସେଥିରେ ନିଆଁ ଲଗାଇ ଦେଇଥିଲେ। ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏହାପରେ ଲୋକେ ମାଧିଆପାଲି ଠାରେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଦୁର୍ଘଟଣାର ପ୍ରାୟ ଗୋଟିଏ ଘଣ୍ଟା ପରେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ପହଞ୍ଚିବାରୁ ସେଠାରେ ଥିବା ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ନଦେବା ପର୍ଯ୍ୟନ୍ତ ମୃତଦେହ ଉଠାଯିବ ନାହିଁ ବୋଲି ସେମାନେ ଦାବି କରିଥିଲେ। ବଲାଙ୍ଗୀର ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା, ଟାଉନ୍ ଥାନା ଅଧିକାରୀ ବିଶ୍ୱଜିତ ମନବୋଧ, ପୁଇଁତଳା ଥାନା ଅଧିକାରୀ ଅନିତା ପ୍ରଧାନ ଓ ପୋଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ମୃତଦେହକୁ ଲୋକେ ପୋଲିସକୁ ଉଠାଇବାକୁ ଦେଇ ନ ଥିଲେ। ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଥିଲେ ମଧ୍ୟ ପ୍ରଶାସନ କୌଣସି ବିହିତ ବ୍ୟବସ୍ଥା ନ କରିବା ତଥା ବାଇପାସ୍ ରାସ୍ତା ତିଆରି କରୁ ନ ଥିବାକୁ ନେଇ ଲୋକେ ତୀବ୍ର ପତିକ୍ରିୟା ପ୍ରକାଶ କରିଥିଲେ।

ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ମୁତାବକ ମୃତ ନନ୍ଦ ପରିବାରରେ ଏକମାତ୍ର ଉପାର୍ଜନକ୍ଷମ ବ୍ୟକ୍ତି ଥିଲେ ଏବଂ ତାଙ୍କ ଉପରେ ୧୦ ପ୍ରାଣୀକୁଟୁମ୍ବ ନିର୍ଭର କରୁଥିଲେ। ପୂର୍ବରୁ ତାଙ୍କ ଭାଇଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିବାରୁ ପରିବାର ବହୁ କଷ୍ଟରେ ଚଳୁଥିଲେ ବୋଲି କହିଥିଲେ। ପର୍ଯ୍ୟାପ୍ତ କ୍ଷତିପୂରଣ ଏବଂ ସରକାରୀ ସୁବିଧା ନ ଯୋଗାଇଲେ ମୃତକଙ୍କ ପରିବାର ଆଗକୁ ବହୁ କଷ୍ଟ ଭୋଗିବେ ବୋଲି ଲୋକେ କହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ପ୍ରଶାସନିକ ଓ ପୋଲିସଜ ଅଧିକାରୀମାନେ ଲୋକଙ୍କୁ ବୁଝାସୁଝା କରୁଛନ୍ତି। ରାସ୍ତାରୋକୋ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ଅଟକି ରହିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବିଭୂତି ଭୂଷଣ


@ ଦୟାନନ୍ଦ


@ ରାହୁଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ତ୍ରୀଙ୍କୁ ପେଟ୍ରୋଲ ଢାଳି ପୋଡ଼ି ମାରିବା ଅଭିଯୋଗ: ଜେଲ ଗଲେ ସ୍ୱାମୀ

**କୋକସରା,୨୬ା୭**
**(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମାଝିଗୁଡା ଗ୍ରାମରେ ଜଣେ ବିବାହିତ ମହିଳା ଉର୍ମିଳା ସାଗର (ପୂଜା) ପେଟ୍ରୋଲରେ ପୋଡ଼ି ହୋଇ ଚିକିତ୍ସାଧୀନ ଅବସ୍ଥାରେ


ଗିରଫ ଅଭିଯୁକ୍ତ।

ସୋମବାର ମୃତ୍ୟୁ ଘଟିଛି। ହେଲେ ସ୍ୱାମୀ, ଶାଶୁ ଓ ଶ୍ୱଶୁର ନିର୍ଯାତନା ଓ ଶେଷରେ ପେଟ୍ରୋଲ ଢାଳି ତାଙ୍କୁ ପୋଡି ହତ୍ୟା କରିଥିବା ନେଇ ଉର୍ମିଳାଙ୍କ ବାପା ସଙ୍ଗିନ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ଉର୍ମିଳାଙ୍କ ସ୍ୱାମୀ ଜୟନ୍ତ ନାଗଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲଣ କରିଛି। ସୂଚନା ଯେ, ମାଝିଗୁଡା ଗ୍ରାମର ଜୟନ୍ତ ନାଗ ୨୦୨୦ରେ ଜୟନ୍ତପୁର ଗ୍ରାମର ଦିପେନ ସାଗରଙ୍କ ଝିଅ ଉର୍ମିଳାଙ୍କୁ ବିବାହ କରିଥିଲେ। ବିବାହର କିଛିମାସ ପରେ ସ୍ୱାମୀଙ୍କ ନିର୍ଯାତନାର ଶିକାର ହୋଇ ଆସୁଥିଲେ ଉର୍ମିଳା। ଗତ ୨୩ ତାରିଖ ସନ୍ଧ୍ୟାରେ କୌଣସି କଥାକୁ ନେଇ ଜୟନ୍ତ ଓ ଉର୍ମିଳାଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ଏଥିରେ ଜୟନ୍ତ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ଉର୍ମିଳାଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗେଇ ଦେଇଥିବା ଅଭିଯୋଗ ହୋଇଛି। ନିଆଁରେ ପୋଡି ଉର୍ମିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏମ୍ସ ହସ୍ପିଟାଲରେ ୨୪ ତାରିଖରେ ମୃତ୍ୟୁ ଘଟିଥିଲା। ଉର୍ମିଳାଙ୍କ ବାପାଙ୍କ ଅଭିଯୋଗ ପରେ ମଙ୍ଗଳବାର କୋକସରା ପୋଲିସ ଜୟନ୍ତଙ୍କୁ ଗିରଫ କରିଥିଲେ। ଭୁବନେଶ୍ୱରରୁ ମୃତଦେହ ଗାଁରେ ପହଞ୍ଚିବା ପରେ ବୁଧବାର ମାଝିଗୁଡା ଗାଁ ମଶାଣିରେ ଶୋକାକୁଳ ପରିବେଶ ମଧ୍ୟରେ ଉର୍ମିଳାଙ୍କ ୨ ବର୍ଷର ଝିଅ ମୁଖାଗ୍ନି ଦେଉଥିବା ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଛି। ପୋଲିସ ଘଟଣାରେ ଜୟନ୍ତଙ୍କୁ ଗିରଫ କରି ବୁଧବାର ସ୍ତ୍ରୀଙ୍କୁ ପେଟ୍ରୋଲ ଢାଳି ହତ୍ୟା କରିବା ଅଭିଯୋଗରେ କୋର୍ଟଚାଲାଣ କରିଛି। ଏ ନେଇ ପୋଲିସ ହତ୍ୟା ମାମଲା (ନଂ.୧୯୩/୨୩) ରୁଜୁ କରି ଘଟଣା ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି।

# କାରଗିଲ ବିଜୟ ଦିବସ ପାଳିତ


କାରଗିଲ ବିଜୟ ଦିବସ ଅବସରରେ ସହୀଦ ସୈନିକ ପରିବାର ସଦସ୍ୟଙ୍କ ସହ ପୂର୍ବତନ ସୈନିକ ପରିବାରର ମହିଳା ସଦସ୍ୟମାନେ।

**ବଲାଙ୍ଗୀର, ୨୬ା୭**
**(ବୀରେନ୍ଦ୍ର କୁମାର ଝାଙ୍କର)**

ପୂର୍ବତନ ସୈନିକ ସଂଘ କାର୍ଯ୍ୟାଳୟ ପରିସରରେ ବୁଧବାର ୨୪ ତମ କାରଗିଲ ବିଜୟ ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ ଏବଂ ବଲାଙ୍ଗୀର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ ଯୋଗଦାନ କରିଥିଲେ। ଅତିଥିମାନେ ସହୀଦ ବୀରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅତିଥିମାନେ ବୀର ସୈନିକମାନଙ୍କ ବଳିଦାନକୁ ସବୁବର୍ଗର ଲୋକେ ମନେ ରଖିବା ଉଚିତ୍ ଏବଂ ତାଙ୍କ ପରିବାରକୁ ଉଚିତ୍ ସମ୍ମାନ ଦେବା ପ୍ରାଥମିକ କର୍ତ୍ତବ୍ୟ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ଜିଲାର ସହୀଦ କିଶୋର ମଲ୍ଲିକ, ସମୀର ଜାଲ, ସୁମନ୍ତ ପଧାନ ତଥା ଥବୀର ବୁଡ଼େକଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ର ଶିବରାମ ବେହେରା ଯୁକ୍ତ୩ ହିନ୍ଦୀ ସମ୍ମାନରେ ଟପ୍ପର ହୋଇଥିବାରୁ ଅତିଥିମାନେ ତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସଂଘ ସଭାପତି ବିଭୂତି ଭୂଷଣ ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ତଥା ରାଜ୍ୟ ଭେଟେରେନ୍ ସୋଲ୍‌ଜରସ୍ ଆସୋସିଏଶନ୍‌ର ଉପସଭାପତି ପ୍ରତାପ ଚନ୍ଦ୍ର ରଥ ମଞ୍ଚ ପରିଚାଳନା କରିବା ସହ ସହୀଦମାନଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ ଏବଂ ଆଗାମୀ ଦିନରେ ଶତ୍ରୁ ସହିତ ମୁକାବିଲା କରିବା ପାଇଁ ପ୍ରସ୍ତୁତ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବ ସୈନିକମାନେ ଦେଶସେବା କଲାପରେ ସମାଜରେ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟ କରିଆସୁଛନ୍ତି। କୋଭିଡ୍ ମାହମାରୀ ସମୟରେ ମଧ୍ୟ ସେମାନେ ଯେଉଁ ସେବା ଯୋଗାଇଛନ୍ତି ତାହା ପ୍ରଶଂସନୀୟ ବୋଲି କହିଥିଲେ। ସମ୍ପାଦକ ରଥ ଅତିଥି ମାନଙ୍କୁ କାର୍ଯ୍ୟାଳୟର ଅସୁବିଧା ବାବଦରେ ଅବଗତ କରିଥିଲେ। ଆଗାମୀ ଦିନରେ ତାର ସ୍ଥାୟୀ ସମାଧାନ କରାଯିବ ବୋଲି ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ଉତ୍ସବରେ ସଂଘ ସହସମ୍ପାଦକ କୃଷ୍ଣଚନ୍ଦ୍ର ପରମଗୁରୁ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଶବର, ସଦସ୍ୟ ପ୍ରମୋଦ ବାବୁ, ସୁଶୀଳ ପଟେଲ, କୃଷ୍ଣଚନ୍ଦ୍ର ପଟେଲ, ନବକୃଷ୍ଣ ପଟେଲ, ଦ୍ରୋଣ ଚନ୍ଦନ, ଦୀନବନ୍ଧୁ ଡାଙ୍ଗ, ରଞ୍ଜନ ସେଠ, ଘାସିରାମ ବେହେରା, ବିବେକ ଭୋଇ, କେଦାରନାଥ ନାମଦେବ, ନୀଳମଣି ହାତୀ, ବିନୋଦ ମହାନ୍ତି, ଗୁଣସାଗର ମେହେର, ଏନ୍.ଏସ୍. ରାଜ, ଏସ୍‌ଏସ୍ ତ୍ରିପାଠୀ, ଭକ୍ତବନ୍ଧୁ ନାଏକ ଏବଂ ଶତାଧିକ ସୈନିକ ପରିବାର ଏକତ୍ରିତ ହୋଇ ସହୀଦମାନଙ୍କୁ ମାଲ୍ୟାର୍ପଣ କରିଥିଲେ। ସଂଘ ଉପସଭାପତି ସର୍ବେରାମ ପଟେଲ ଧନ୍ୟବାଦ ଦେଇଥିଲେ।

# ମାଣିକେରା ଅଞ୍ଚଳରେ ମାଓବାଦୀ ପୋଷ୍ଟର

**ଏମ୍.ରାମପୁର,୨୬ା୭**
**(ଶଶିଭୂଷଣ ପ୍ରହରାଜ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଶଗଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଓ ମାର୍କେଟ କମ୍ପ୍ଲେକ୍ସରେ ମଙ୍ଗଳବାର ସକାଳୁ ମାଓବାଦୀଙ୍କ ପୋଷ୍ଟର ଲାଗିଥିବା ବେଳେ ବୁଧବାର ଏମ୍.ରାମପୁର ବ୍ଲକ ମାଣିକେରା ଅଞ୍ଚଳରେ ମାଓବାଦୀ ପୋଷ୍ଟର ଲାଗିଛି। ମାଓବାଦୀଙ୍କ ଏହି ପୋଷ୍ଟର ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଷ୍ଟରରେ ୨୮ରୁ ଅଗଷ୍ଟ ୩ ଯାଏ ଶହୀଦ ସପ୍ତାହ ଭାବେ ପାଳନ କରିବାକୁ ଆହ୍ୱାନ କରାଯାଇଛି। ବିଜିଏନ ଡିଭିନାଲ କମିଟି ସିପିଆଇ ମାଓବାଦୀ ପକ୍ଷରୁ ଏହି ପୋଷ୍ଟର ଜାରି କରାଯାଇଛି। ଏହି ପୋଷ୍ଟରରେ ପୋଲିସ ଏନକାଉଣ୍ଟରରେ ନିହତ ମାଓବାଦୀଙ୍କୁ ଶହୀଦ ଦର୍ଶାଇ ଫଟୋ ମଧ୍ୟ ଦିଆଯାଇଛି। ମାଓବାଦୀ ସଙ୍ଗଠନ ସଂସ୍ଥାପକ ଚରୁମାଜୁମଦାର, କାନ୍ହାଇ ଚଟର୍ଜୀ ଅମର ରହେ, କୁନସାଇ, ଗାନ୍ଧମାର୍ଦନ, ମାତାଙ୍କୁପା, ଟାପରଙ୍ଗଠାରେ ପୋଲିସ ଏନକାଉଣ୍ଟରରେ ନିହତଙ୍କୁ ଶହୀଦ ରୂପେ ସ୍ମୃତି ଚରଣ କରିବା, ମିଥ୍ୟା ଏନକାଉଣ୍ଟର କରିଥିବା ଦୋଷୀଙ୍କୁ ଦଣ୍ଡ ଦେବା, ଗାଁ ଗାଁରେ ପୋଲିସ ଖବର ଦାତାଙ୍କୁ ଦଣ୍ଡ ଦେବା ଆଦି ପୋଷ୍ଟରରେ ଲେଖାଯାଇଛି। ପୋଷ୍ଟରରେ ସାମ୍ରାଜ୍ୟବାଦ, ପୁଞ୍ଜିବାଦ, ସମନ୍ତବାଦକୁ ତିରସ୍କାର କରାଯାଇଛି।

# ସାର ଦୋକାନ ପରିଦର୍ଶନକଲେ କୃଷି ଅଧିକାରୀ

**ଲାଠୋର, ୨୬ା୭(ଭୁବନେଶ୍ୱର ବାରିକ)**

ଧରିତ୍ରୀ ପ୍ରଭାବ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ଥିବା ସରକାରୀ ତଥା ଲାଇସେନ୍ସପ୍ରାପ୍ତ ଘରୋଇ ସାର ଦୋକାନକୁ ମଙ୍ଗଳବାର କୃଷି ଅଧିକାରୀମାନେ ପରିଦର୍ଶନ କରିଥିଲେ। ଉଚିତ ଦରରେ ଚାଷୀଙ୍କୁ ସାର ବିକ୍ରି କରିବାକୁ ଅଧିକୃତ ଡିଲରମାନଙ୍କୁ ତାଗିଦ୍ କରାଯାଇଥିବା ନେଇ ଖପ୍ରାଖୋଲ ଗୋଷ୍ଠୀ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର ସୂଚନା ଦେଇଛନ୍ତି। ଲାଠୋର ଅଞ୍ଚଳରେ ସେବା ସମବାୟ ସମିତି ସମେତ ଅନେକଗୁଡ଼ିଏ ଲାଇସେନ୍ସପ୍ରାପ୍ତ ଘରୋଇ ସାର ଦୋକାନ ରହିଛି। ହେଲେ ଚାଷୀଙ୍କ ଆବଶ୍ୟକତା ମୁତାବକ ୟୁରିଆ ସାର ଚାଷୀ ସରକାରୀ ଦରରେ ପାଇ ନ ପାରି ୪୫ କେଜି ସାର ପ୍ୟାକେଟକୁ ୪ ଶହ ଟଙ୍କାରେ କଣି ଶୋଷଣର ଶିକାର ହେଉଥିଲେ। ଏହାକୁ ନେଇ ଜୁଲାଇ ୨୫ ତାରିଖ ଧରିତ୍ରୀରେ ଆବଶ୍ୟକ ମୁତାବକ ଯୋଗାଣ ହେଉନି ସାର ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ଖପ୍ରାଖୋଲ ବିଏଓ ସନ୍ତୋଷ କୁମାର ମେହେରଙ୍କ ସହ ପାଟଣାଗଡ ଏଡ଼ିଓ ବାବୁଲି ଚରଣ ସେଠୀ, ଏଏଓ ସୁମନ୍ତ ଖମାରୀ, ଦୀନବନ୍ଧୁ ବେହେରା, ଲାଠୋର ଏଓ ରଞ୍ଜନ କୁମାର ଦାସ ସେବା ସମବାୟ ସମିତି ପାକ୍ସ ଏବଂ ସମସ୍ତ ହୋଲସେଲର ଓ ଡ଼ିଲରଙ୍କ ଦୋକାନ ପରିଦର୍ଶନ କରି କାଗଜ ପତ୍ର ଯାଞ୍ଚକରିବା ସହ ଷ୍ଟକ ଦେଖିଥିଲେ। ସରକାରୀ ଦରରେ ସାର ବିକ୍ରୟ ନ କଲେ ଲାଇସେନ୍ସ ରଦ୍ଦ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ତାଗିଦ୍ କରିଥିଲେ। ହେଲେ କେତେ ଷ୍ଟକ ଆସିଥିଲା, କେତେ ବିକ୍ରି ହୋଇ ବଳକା ରହିଛି ଏବଂ ବିକ୍ରୟ ଦର ଉପରେ ଏଡ଼ିଓଙ୍କ ପାଖରେ ତଥ୍ୟ ଅଛି ବୋଲି ବିଏଓ ମେହେର କହିଥିଲେ।


କୃଷି ଅଧିକାରୀମାନେ ଲାଠୋରର ଜଣେ ସାର ବିକ୍ରେତାଙ୍କ ଷ୍ଟକ ଯାଞ୍ଚ କରୁଛନ୍ତି।

# ୧୨ଘଣ୍ଟା ଖପ୍ରାଖୋଲ ବନ୍ଦ

**ଖପ୍ରାଖୋଲ, ୨୬ା୭(ଅଭୟ ତ୍ରିପାଠୀ)**


ବନ୍ଦ ପାଳନ ବେଳେ ରାସ୍ତାରେ ଆନ୍ଦୋଳନକାରୀ।

ଭଗବାନ ପର୍ଶୁରାମଙ୍କ ପ୍ରତମୂର୍ତ୍ତି ଅପସାରଣର ପ୍ରତିବାଦ

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଛକରେ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ଅପସାରଣ ପ୍ରତିବାଦରେ ବୁଧବାର ୧୨ଘଣ୍ଟିଆ ଖପ୍ରାଖୋଲ ବନ୍ଦ ପାନ କରାଯାଇଥିଲା। ବିଭିନ୍ନ ହିନ୍ଦୁ ସଂଗଠନ ଡାକରାରେ ଆହୂତ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା। ଅତ୍ୟାବଶ୍ୟକ ସେବା ବ୍ୟତୀତ ଦୋକାନ, ବଜାର, ସ୍କୁଲ କଲେଜ, ସରକାରୀ ବେସରକାରୀ ଅଫିସ ବନ୍ଦ ରହିଥିଲା। ଗାଡ଼ି ଚଳାଚଳ ବନ୍ଦ ରହିଥିବାରୁ ରାସ୍ତାଘାଟ ଶୂନଶାନ ଥିବା ଦେଖିବାକୁ ମିଳିଥିଲା। ଉପେନ୍ଦ୍ର ଭୋଇ, ସନ୍ତୋଷ ଗଡତ୍ୟା, ସତ୍ୟାନନ୍ଦ ସେନ୍ଦ୍ରୀଆ, ହରିବୋଲ ପୋଡ଼, ପ୍ରବୀଣ ଅଗ୍ରୱାଲ, ସୁଶୀଲ ଗୁରୁ, ବୈଦ୍ୟନାଥ ମିଶ୍ର, ପଞ୍ଚୁଦେବ ସାହୁ, ରୋହିତ ମେହେର, ପ୍ରହ୍ଲାଦ ଚାନ୍ଦ, ଶଶି ପୂଝାରୀ, ଶିବା ସୁନା, ସିତାରାମ ବାଗ, ଦେବକାନ୍ତ ପାଣିଗ୍ରାହୀ, ନାରାୟଣ ଦଣ୍ଡସେନା, ବିଜୟ ବରିହା, ଯୁଧିଷ୍ଠିର ଥାନାପତି ପ୍ରମୁଖ ବନ୍ଦ ପାଳନରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ। ପାଟଣାଗଡ ବ୍ଲକ ଛକରେ ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ର ସ୍ଥାପନ ହୋଇଥିବା ବେଳେ ଏହି ଛକକୁ ପର୍ଶୁରାମ ଛକରେ ନାମିତ କରିବା ପାଇଁ ସରକାରଙ୍କଠାରେ ହିନ୍ଦୁ ସଂଗଠନ ତରଫରୁ ଦାବି ହୋଇ ଆସୁଥିଲା। ଏହି ସ୍ଥିତିରେ ପର୍ଶୁରାମଙ୍କ ଫଟୋ ହଟାଇ ଉକ୍ତ ସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ପ୍ରତିମୂର୍ତ୍ତି ହଟାଇ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଆନ୍ଦୋଳନକାରୀ ଦାବି କରିଥିଲେ। ଆଇନଶୃଙ୍ଖଳା ପାଇଁ ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଷୟଭିତ୍ତିକ ତାଲିମ ଶିବିର 'ଉତ୍କର୍ଷ' ଅନୁଷ୍ଠିତ

**ଦେବଗଡ଼,୨୬।୭(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲ ପରିସରରେ ବିଷୟ ଭିତ୍ତିକ ତାଲିମ ଶିବିର 'ଉତ୍କର୍ଷ' ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜ୍ଞାନ ନିରୀକ୍ଷକ ଦୁଃଖବନ୍ଧୁ ଭୁକ୍ତାଙ୍କ ପରିଚାଳନାରେ ଜିଲାର ସରକାରୀ ହାଇସ୍କୁଲ ଗୁଡିକର ପ୍ରଧାନ ଶିକ୍ଷକ ଏବଂ ବିଷୟ ଭିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଅନୁଷ୍ଠିତ ଏହି ଦିନିକିଆ ତାଲିମ ଶିବିରକୁ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଓ ଶକୁନ୍ତଳା ଟେଟେ ମଞ୍ଚାସୀନ ଥିଲେ। ସରକାରୀ ହାଇସ୍କୁଲ ଗୁଡିକରେ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଉଦ୍ଦିଷ୍ଟ ସାହିତ୍ୟ, ଗଣିତ, ଇଂରାଜୀ ଓ ବିଜ୍ଞାନ ଆଦି ବିଷୟ ଭିତ୍ତିକ ଶିକ୍ଷଣ ନିମନ୍ତେ ଏହାକୁ ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରୀ କରିବା ପଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ରାଜ୍ୟ ସ୍ତରରୁ ତାଲିମ ନେଇ ଆସିଥିବା ମାଷ୍ଟର ଟ୍ରେନର ଅମିନ କୁମାର ସାହୁ (ଇଂରାଜୀ), ସଞ୍ଜୟ ପ୍ରଧାନ(ବିଜ୍ଞାନ), ବିଜୟ କୁମାର ସାହୁ(ଗଣିତ) ଓ ଅମିତ କୁମାର ସାହୁ(ଓଡିଆ) ତାଲିମ ପ୍ରଦାନ କରିଥିଲେ। ରାଜା ବାସୁଦେବ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ଶିକ୍ଷା ବିଭାଗର କାର୍ଯ୍ୟାଳୟ ସହାୟକ ଗୌରହରି ସାହୁ ସହଯୋଗ କରିଥିଲେ।

### ଜଳଖିଆ ଦୋକାନରେ ନିଶା ସାମଗ୍ରୀ, ମାଲିକ ଗିରଫ

**ସମ୍ବଲପୁର,୨୬।୭ (ଶୁଭାଶିଷ ପାଢୀ):** ସମ୍ବଲପୁର ଜିଲା ଧମା ଥାନା ବରଗାଁ ଛକର ଏକ ଜଳଖିଆ ଦୋକାନରେ ଅବକାରୀ ବିଭାଗ ଚଢାଉ କରି ବ୍ୟାପକ ନିଶା ସାମଗ୍ରୀ ଜବତ କରିଛି। ଏଥିସହ ଦୋକାନ ମାଲିକ ବିପିନ ଦାସଙ୍କୁ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ସୂଚନାକ୍ରମେ ବିପିନ ବହୁଦିନରୁ ଜଳଖିଆ ଦୋକାନରେ ବିଦେଶୀ ମଦ ଓ ଅନ୍ୟାନ ନିଶା ସାମଗ୍ରୀ ବିକ୍ରି କରୁଥିଲେ। ଏହାକୁ ନେଇ ଅବକାରୀ ବିଭାଗକୁ ସୂଚନା ଆସିଥିଲା। ଚଢାଉ ସମୟରେ ଅବକାରୀ ଟିମ୍ ବିଦେଶୀ ମଦ ୨୧ ଲିଟର, ୧୪ ଲିଟର ଦେଶୀମଦ ପାଉଚ, ଅପମିଶ୍ରିତ ଖୋଲାମଦ ୮ଲିଟର, ମିଶ୍ରିତ ମାଦକ ଦ୍ରବ୍ୟ ୭ ଲିଟର, ନିଶା ବଟିକା ଜବତ କରିଥିବା ଅବକାରୀ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅଫିସ ପକ୍ଷରୁ ସୂଚନା ଦିଆଯାଇଛି।

# ଚଢ଼ିଗଲା ଟ୍ରକ୍, ସ୍କୁଟି ଆରୋହୀ ମୃତ


ଉତ୍ତ୍ୟକ୍ତ ଲୋକେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି।


ଲୋକେ ଜାଳିଦେଇଥିବା ଟ୍ରକ।

- ଫେରାର ମାରୁଥିବା ଟ୍ରକ୍‌କୁ ଜାଳିଦେଲେ ଉତ୍ତ୍ୟକ୍ତ ଲୋକ
- ମୃତକଙ୍କ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଦାବିରେ ରାସ୍ତାରୋକୋ
- ବିଳମ୍ବରେ ପୋଲିସ, ପ୍ରଶାସନିକ ଅଧିକାରୀ ପହଞ୍ଚିବାକୁ ନେଇ ବିକ୍ଷୋଭ

**ବଲାଙ୍ଗୀର, ୨୬।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ବଲାଙ୍ଗୀର ସହର ଉପକଣ୍ଠ ମାଧିଆପାଲି ଗାଁ ନିକଟରେ ବୁଧବାର ଅପରାହ୍ଣ ପ୍ରାୟ ୫ଟାରେ ଏକ ସ୍କୁଟି ଆରୋହୀଙ୍କ ଉପରେ ଏକ ଟ୍ରକ୍ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ପୁଇଁତଳା ଥାନା ଅନ୍ତର୍ଗତ ଖମାରମୁଣ୍ଡା ଗାଁର ରବି ନାରାୟଣ ନନ୍ଦ (୫୪)। ମୃତ ନନ୍ଦ ବଲାଙ୍ଗୀର ସହରର ଏକ ପ୍ରିଣ୍ଟିଂ ପ୍ରେସ୍‌ରେ କାମ କରୁଥିଲେ। କୋଚିଂ ସେଣ୍ଟରରେ ନିଜ ଝିଆରୀଙ୍କୁ ଛାଡିବା ପାଇଁ ସେ ଘରକୁ ଯାଉଥିଲେ। ତେବେ ମାଧିଆପାଲିଠାରେ ତାଙ୍କୁ ଏକ ଦ୍ରୁତଗାମୀ ଟ୍ରକ୍ ପଛପଟରୁ ଧକ୍କା ଦେଇଥିଲା। ଭାରସାମ୍ୟ ହରାଇ ପଡିଯିବା ପରେ ଟ୍ରକ୍ ରବିଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍‌କୁ ନେଇ ଡ୍ରାଇଭର ଫେରାର ହେବାକୁ ଉଦ୍ୟମ କରିଥିଲେ। ପ୍ରାୟ ୧ କିଲୋମିଟର ଦୂରରେ ଉତ୍ତ୍ୟକ୍ତ ଲୋକ ପିଛା କରି ଟ୍ରକ୍‌କୁ ଅଟକାଇବା ସହ ସେଥିରେ ନିଆଁ ଲଗାଇ ଦେଇଥିଲେ। ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏହାପରେ ଲୋକେ ମାଧିଆପାଲି ଠାରେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଦୁର୍ଘଟଣାର ପ୍ରାୟ ଗୋଟିଏ ଘଣ୍ଟା ପରେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ପହଞ୍ଚିବାରୁ ସେଠାରେ ଥିବା ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ନଦେବା ପର୍ଯ୍ୟନ୍ତ ମୃତଦେହ ଉଠାଯିବ ନାହିଁ ବୋଲି ସେମାନେ ଦାବି କରିଥିଲେ। ବଲାଙ୍ଗୀର ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା, ଟାଉନ୍ ଥାନା ଅଧିକାରୀ ବିଶ୍ୱଜିତ ମନବୋଧ, ପୁଇଁତଳା ଥାନା ଅଧିକାରୀ ଅନିତା ପ୍ରଧାନ ଓ ପୋଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ମୃତଦେହକୁ ଲୋକେ ପୋଲିସକୁ ଉଠାଇବାକୁ ଦେଇ ନ ଥିଲେ। ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଥିଲେ ମଧ୍ୟ ପ୍ରଶାସନ କୌଣସି ବିହିତ ବ୍ୟବସ୍ଥା ନ କରିବା ତଥା ବାଇପାସ୍ ରାସ୍ତା ତିଆରି କରୁ ନ ଥିବାକୁ ନେଇ ଲୋକେ ତୀବ୍ର ପତିକ୍ରିୟା ପ୍ରକାଶ କରିଥିଲେ।

ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ମୁତାବକ ମୃତ ନନ୍ଦ ପରିବାରରେ ଏକମାତ୍ର ଉପାର୍ଜନକ୍ଷମ ବ୍ୟକ୍ତି ଥିଲେ ଏବଂ ତାଙ୍କ ଉପରେ ୧୦ ପ୍ରାଣୀକୁଟୁମ୍ବ ନିର୍ଭର କରୁଥିଲେ। ପୂର୍ବରୁ ତାଙ୍କ ଭାଇଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିବାରୁ ପରିବାର ବହୁ କଷ୍ଟରେ ଚଳୁଥିଲେ ବୋଲି କହିଥିଲେ। ପର୍ଯ୍ୟାପ୍ତ କ୍ଷତିପୂରଣ ଏବଂ ସରକାରୀ ସୁବିଧା ନ ଯୋଗାଇଲେ ମୃତକଙ୍କ ପରିବାର ଆଗକୁ ବହୁ କଷ୍ଟ ଭୋଗିବେ ବୋଲି ଲୋକେ କହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ପ୍ରଶାସନିକ ଓ ପୋଲିସଜ ଅଧିକାରୀମାନେ ଲୋକଙ୍କୁ ବୁଝାସୁଝା କରୁଛନ୍ତି। ରାସ୍ତାରୋକୋ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ଅଟକି ରହିଛି।

## ବିଦ୍ୟୁତ୍ ବିଭାଗ ସେକ୍ସନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଦେବଗଡ଼,୨୬।୭ (ଶଶାଙ୍କ ଶେଖର ଝାଙ୍କର)**

ତିଲେଇବଣି ବ୍ଲକ ସଦର ମହକୁମାରେ ବିଦ୍ୟୁତ୍ ବିଭାଗ (ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ନୂତନ ଭାବେ ନିର୍ମିତ ବିଦ୍ୟୁତ୍ ବିଭାଗ ସେକ୍ସନ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥିଭାବେ ଟିପିଡବ୍ଲ୍ୟୁଓଡିଏଲର ସିଇଏସ ସୁମିତ ଘୋଷ ଉଦ୍‌ଘାଟନ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ସମ୍ବଲପୁରର ଟିପିଡବ୍ଲ୍ୟୁଓଡିଏଲର ଅଧିକ୍ଷଣ ଯନ୍ତ୍ରୀ ସଞ୍ଜିତ ନାୟକ, ଦେବଗଡ ଟିପିଡବ୍ଲ୍ୟୁଓଡିଏଲର ନିର୍ବାହୀ ଯନ୍ତ୍ରୀ ରାଜୁ ସାହୁ ଓ ଦେବଗଡ ସବ୍‌ଡିଭିଜନାଲ ଅଫିସର ଦିବ୍ୟଲୋଚନ ନାୟକଙ୍କ ସମେତ ଟିପିଡବ୍ଲ୍ୟୁଓଡିଏଲର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଜିଲାରେ ପୂର୍ବରୁ ବଦ୍ୟୁତ୍ ବିଭାଗର କୌଣସି ନିଜସ୍ୱ କାର୍ଯ୍ୟାଳୟ କୋଠା ନ ଥିବାରୁ ସମସ୍ତ କାର୍ଯ୍ୟାଳୟ ଭଡାଘରେ ଚାଲୁଥିଲା। ଜିଲାର ପ୍ରଥମ ବିଭାଗୀୟ କୋଠା ତିଲେଇବଣି ସେକ୍ସନ କାର୍ଯ୍ୟାଳୟ କୋଠା ବୋଲି ବିଭାଗ ସୂତ୍ରରୁ ସୂଚନା ମିଳିଛି।


ବିଦ୍ୟୁତ୍ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉଛି।

## ଜାଗରଣ ନାଟ୍ୟାନୁଷ୍ଠାନ ପକ୍ଷରୁ ଅଭିନୟ କର୍ମଶାଳା

**ଦେବଗଡ଼, ୨୬।୭ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ର ଅନ୍ୟତମ ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ମଙ୍ଗଳବାରଠାରୁ ସାତ ଦିନିଆ ଅଭିନୟ କର୍ମଶାଳା ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଟାଉନହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧକ୍ଷା ଶାନ୍ତିମଞ୍ଜରୀ ଦେଇ ଯୋଗଦେଇ ଦ୍ୱୀପ ପ୍ରଜ୍ଜଳନ ପୂର୍ବକ କର୍ମଶାଳାକୁ ଉଦ୍‌ଘାଟନ କରି ମଞ୍ଚକଳାର ବିକାଶ ପାଇଁ ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ଅଶୋକ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ପରିଷଦ ସଂଯୋଜକ ଦିଲୀପ କୁମାର ଗୁରୁ, ନାଟ୍ୟ ନିର୍ଦ୍ଦେଶକ ସୂର୍ଯ୍ୟ ମହାନ୍ତି ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ କଳା ଓ କଳାକାରଙ୍କ ବିକାଶ ଉପରେ ମତ ପ୍ରକାଶ କରିଥିଲେ। ସମ୍ପାଦକ ସୁଜିତ କୁମାର ପାତ୍ର ସ୍ୱାଗତ ଭାଷଣ ଦେବା ସହ କର୍ମଶାଳାର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ଉପସଭାପତି ପ୍ରକାଶ ଦେବତା ଧନ୍ୟବାଦ ଦେଇଥିବା ବେଳେ ଜନ୍ମେଜୟ ନାୟକ ସଂଯୋଜନା କରିଥିଲେ। ଏହି କର୍ମଶାଳା ୨୫ ତାରିଖଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ସମେତ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ଯୋଗଦେଇ ଅଭିନୟ ଉପରେ ତାଲିମ ହାସଲ କରିବେ। ଓଡ଼ିଶାର ପ୍ରତିଷ୍ଠିତ ନାଟ୍ୟ ନିର୍ଦ୍ଦେଶକ ସୂର୍ଯ୍ୟ ମହାନ୍ତି କଳାକାରମାନଙ୍କୁ ତାଲିମ ପ୍ରଦାନ କରାଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅନୁଷ୍ଠାନର ସଦସ୍ୟ ବଂଶୀଧର ସାହୁ, ଆନନ୍ଦ କପରଦାର, ଅନଦା ପାଣି, ରାକେଶ ଶତପଥୀ, ଶ୍ରବଣ ନାୟକ, ଶିବାଶିଷ ଝାଙ୍କର ପ୍ରମୁଖଙ୍କ ସହଯୋଗ କରିଥିଲେ।

## ଏକ୍ସ-ରେ ମେଶିନ ଦେବାକୁ କହି ୮୦ ହଜାର ଠକେଇ

**ଦେବଗଡ଼,୨୬।୭ (ଶଶାଙ୍କ ଶେଖର ଝାଙ୍କର)**

ଏକ୍ସରେ ମେଶିନ ଯୋଗାଇ ଦେବାକୁ କହି ଦେବଗଡ ଜିଲା ବାରକୋଟର ଜଣେ ବ୍ୟକ୍ତିଙ୍କ ଠାରୁ ୮୦ ହଜାର ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବାରକୋଟ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଠକାମିର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ହେଲେ ରାକେଶ କୁମାର ସାମନ୍ତ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାକେଶ ବାରକୋଟ ବ୍ଲକ ଛକ ନିକଟରେ ଏକ ଏକ୍ସରେ ଦୋକାନ ଦେଇଛନ୍ତି। ଗୁଗୁଲରୁ ସର୍ଚ୍ଚ କରି ଏକ ଏକ୍ସରେ ମେଶିନ ଦେଖିଥିବା ସହ ମୋବାଇଲରେ ଯୋଗାଯୋଗ କରିଥିଲେ। ଏହାପରେ ମୋବାଇଲ ନମ୍ବର ମାଗି ହ୍ୱାଟସଆପ୍‌ରେ କଥାବାର୍ତ୍ତା ହୋଇ ନମୁନା ଦେଖିଥିଲେ। ମେଶିନ ପସନ୍ଦ କରି ୨ଲକ୍ଷ ୧୦ ହଜାର ଟଙ୍କାରେ ଦର ଚୂଡାନ୍ତ କରିଥିଲେ। ଏଥିସହ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ହ୍ୱାଟସଆପ୍ ମାଧ୍ୟମରେ ଜିଏସଟି ନମ୍ବର, ପାନକାର୍ଡ, ଆଧାର କାର୍ଡ ଦେବାକୁ କୁହାଯାଇଥିଲା। ଏହାପରେ ୫୦ ହଜାର ଟଙ୍କା ଦେଲେ ଉକ୍ତ ମେଶିନଟି ସାମନ୍ତଙ୍କ ଏକ୍ସରେ ସେଣ୍ଟରରେ ପହଞ୍ଚିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସାମନ୍ତ ଏଥିରେ ରାଜି ହେବା ସହ କମ୍ପାନୀର ଦାବି ଅନୁଯାୟୀ ତାଙ୍କର ଭିଜିଟିଂ କାର୍ଡ ଓ ଆଧାର କାର୍ଡ ପ୍ରଦାନ କରିଥିଲେ। ଏହାପରେ ଗତ ୨୫ ତାରିଖ ମଧ୍ୟାହ୍ନରେ ସାମନ୍ତ ଫୋନ ପେ' ମାଧ୍ୟମରେ ୫୦ ହଜାର ଟଙ୍କା ପଠାଇଥିଲେ। ଏହାପରେ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ଏକ ବିଲ ପ୍ରଦାନ କରାଯିବା ସହ ଆହୁରି ଅଧିକ ୬୦ହଜାର ଟଙ୍କା ପଠାଇବା ପାଇଁ କୁହାଯାଇଥିଲା। ସାମନ୍ତ କଥାବାର୍ତ୍ତା ହେବା ପରେ ଆଉ ୩୦ ହଜାର ଟଙ୍କା ପଠାଇଲେ ଉକ୍ତ ମେଶିନଟି ଏକ୍ସରେ ସେଣ୍ଟରେ ପହଞ୍ଚିବ ବୋଲି କମ୍ପାନୀ ପକ୍ଷରୁ କୁହାଯିବାରୁ ରାକେଶ ଗୁଗୁଲ ପେ' ଜରିଆରେ ପ୍ରେମ ସିଂ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ଥିବା ନେଟ ବ୍ୟାଙ୍କିଙ୍ଗ ଆକାଉଣ୍ଟକୁ ୩୦ ହଜାର ଟଙ୍କା ପଠାଇଥିଲେ। ମାତ୍ର ପ୍ରତିଶ୍ରୁତି ଅନୁଯାୟୀ ସାମନ୍ତଙ୍କ ନିକଟକୁ ଏକ୍ସରେ ମେଶିନ ପଠାଇବା ବଦଳରେ ତାଙ୍କୁ ଅଧିକ ଟଙ୍କା ମଗାଯାଇଥିଲା। ଏଥିରେ ରାକେଶ ରାଜି ନ ହୋଇ ଦେଇଥିବା ଟଙ୍କା ଫେରସ୍ତ ମାଗିବାରୁ ତାଙ୍କ ପାଖକୁ ଆଉ ମେଶିନ ପଠାଯିବ ନାହିଁ ବୋଲି କୁହାଯିବା ସହ ଗାଳିଗୁଲଜ କରାଯାଉଥିବା ସାମନ୍ତ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଏଥିସହ ସେ ପୋଲିସର ସହାୟତା ଲୋଡିଛନ୍ତି। ଏ ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଗଣତାନ୍ତ୍ରିକ ପଦ୍ଧତିରୁ ବିଚ୍ୟୁତ ହେଉଛି ଦେବଗଡ଼ ରାଜନୀତି

**ଦେବଗଡ଼, ୨୬।୭ (ଶଶାଙ୍କ ଶେଖର ଝାଙ୍କର)**

- ଦେବଗଡ଼ ରାଜନୀତିର ହାଲ୍‌ଚାଲ୍
- ପାର୍ଟି ନୁହେଁ, ନିଜ କଥା ଚିନ୍ତା କରୁଛନ୍ତି ନେତ୍ରୀନେତା
- ସମସ୍ତଙ୍କୁ ଘାରିଛି ବିଧାୟକ ହେବା ନିଶା
- ଏଠି ରାଜନୀତି ନାହିଁ ଚାଲିଛି କୂଟନୀତି

ଯେତିକି ପାଖେଇ ଆସୁଛି ଆଗାମୀ ନିର୍ବାଚନ, ସେତିକି ଉଷ୍ମତା ବଢିଚାଲିଛି ଦେବଗଡ଼ ରାଜନୀତିରେ। ଦେବଗଡ଼ ଏକ ଛୋଟ ଜିଲା। ୭୦ଟି ପଞ୍ଚାୟତ ତିନୋଟି ବ୍ଲକ ଓ ଗୋଟିଏ ମ୍ୟୁନିସିପାଲିଟିକୁ ନେଇ ଏକ ନିର୍ବାଚନମଣ୍ଡଳୀ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ଏଠି ରାଜନୀତି ନାହିଁ ଚାଲିଛି କୂଟନୀତି। କହିବାକୁ ଗଲେ ସମସ୍ତଙ୍କୁ ଇଚ୍ଛା ବିଧାୟକ ହେବା। ଏହି ପଦବୀ ପାଇଁ ନିର୍ଦ୍ଦିଷ୍ଟ କେତେକ ନେତ୍ରୀନେତା ଆଉ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି। ଏପରିକି ନିଜ ଭିତରେ ଚାଲିଛି ରଣନୀତି, କୂଟନୀତି ଓ ଗୋଷ୍ଠୀ କନ୍ଦଳ। କିଏ ଟିକେଟ ପାଇବ ସେଇଟା ଅଲଗା କଥା। କିନ୍ତୁ ଗୋଟିଏ ପାର୍ଟିରେ ଥାଇ ମଧ୍ୟ ଏକତ୍ରିତ ହୋଇ ରହିବା ବଦଳରେ ଚାଲିଛି ଟଣାଓଟରା। କହିବାକୁ ଗଲେ, ବିଧାୟକ ଟିକେଟ ପାଇଁ ଚାଲିଛି ପ୍ରତିଯୋଗିତା। ଜିଲାରେ ମୁଖ୍ୟ ତିନୋଟି ଦଳ ବିଜେଡି, ଭାଜପା ଓ କଂଗ୍ରେସ। କିନ୍ତୁ ବିଧାୟକ ହେବା ଲବିରେ ଏଠାକାର ନେତ୍ରୀନେତାମାନେ ନିଜ ପାଇଁ ଗାଁ ଗାଁ ବୁଲିବା ସଙ୍ଗଠନ ଆରମ୍ଭ କରିସାରିଲେଣି। ଏମିତିକି ଯେମିତି ହେଉ, ଟଙ୍କା ଦେଇ କି ହେଉ ବି ଟିକେଟ ହାତେଇବାକୁ ଲାଗିପଡିଛନ୍ତି। ବିଜେଡି କଥା ଯଦି କହିବା ଅନେକ ବିଧାୟକ ପ୍ରାର୍ଥୀ ହେବା ପାଇଁ ଆଶାୟୀ। ଏଠି ବି ଖାଲି ଡ଼ାଇଲଗ୍ ମାରୁଛନ୍ତି 'ହେ ନବୀନ ବାବୁ ତମେ ଆମର ପ୍ୟାନ'। କିନ୍ତୁ ସବୁ ଓଲଟା। ନିଜେ ନିଜର କଥା ଚିନ୍ତା କରୁଛନ୍ତି। ପାର୍ଟି କଥା କିଏବା ପଚାରେ। ଆଉ ଦଳରେ ଏକଜୁଟ ନାହିଁ। ପୂର୍ବରୁ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଥିବା ସମୟରେ ତୃଣମୂଳସ୍ତରରୁ ସଙ୍ଗଠନ କରାଯାଇ ଏକ ପ୍ରକାର ସମସ୍ତେ ଏକଜୁଟ ହୋଇ ପାର୍ଟି କଥା ଚିନ୍ତା କରୁଥିଲେ। କିନ୍ତୁ ବର୍ତ୍ତମାନ୍ ନୂତନ ପର୍ଯ୍ୟବେକ୍ଷକ ଭାବେ ଅମରେଶ ଜେନା ଆସିବା ପରେ ଜିଲାରେ ଏକ ପ୍ରକାର ପାତରଅନ୍ତର, ଗାଁ ନେତା ସହରୀ ନେତାଙ୍କ ଟଣାଓଟରା ଚାଲିଛି। ବର୍ତ୍ତମାନ କିଛି ଦିନ ତଳେ ଯୁବ କାର୍ଯ୍ୟକାରିଣୀ ବୈଠକ ବାରକୋଟଠାରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ବିଡମ୍ବନାର ବିଷୟ ବିଜେଡି ଜିଲା ପର୍ଯ୍ୟବେକ୍ଷକ ଅମରେଶ ଜେନା ଏବଂ ବିଜେଡି ଜିଲା ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳଙ୍କ ଅନୁଗତ୍ୟ କର୍ମୀଙ୍କ ଛଡା ଅନ୍ୟ କୌଣସି ଦଳୀୟ ନେତୃମଣ୍ଡଳୀଙ୍କୁ ନିମନ୍ତ୍ରଣ କରା ଯାଇ ନ ଥିଲା। ଫଳରେ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସହରବାସୀ କହିବା ଅନୁଯାୟୀ ଗାଁରୁ ଆସିଥିବା ନେତାମାନଙ୍କୁ ସହରବାସୀ ହଜମ କରିପାରୁନାହାନ୍ତି। ସବୁଆଡ଼େ ଚର୍ଚ୍ଚା ହେଉଛି ଭଲ ନେତା ଦରକାର। ଏପଟେ ଜିଲା ବିଜେଡି ସଭାପତି କୁଆଡେ ପରିବର୍ତ୍ତନ ହେବ ବୋଲି ଚର୍ଚ୍ଚା ଚାଲିଛି। ଏପଟେ ଭାଜପାରେ ମଧ୍ୟ ଚାଲିଛି ଖଣ୍ଡ ଯୁଦ୍ଧ। ଏଠି ବି ଅନେକ ଆଶାୟୀ ପ୍ରାର୍ଥୀ ହେବାକୁ। ଏଠି ବି ନିଜର ସ୍ୱାର୍ଥ ପାଇଁ ବିଧାୟକ୍ ଟିକେଟ ଲବି କରିବା ସହ ଟଙ୍କାରେ ଟିକେଟ କିଣି ଆଣିବି ବୋଲି ଭାବୁଥିବା ଚର୍ଚ୍ଚା ହେଉଛି। କିଛି ମାସ ପୂର୍ବରୁ ଭାଜପା ଜିଲା ସଭାପତି ମଧ୍ୟ ଭାଜପା ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ସେଇ ପୁରୁଣା ମୁହଁ ଅରୁଣ ସାହୁ ନୂତନ ସଭାପତି ଭାବେ ଦାୟିତ୍ୱ ନେଇଛନ୍ତି। କହିବାକୁ ଗଲେ ଭାଜପାରେ ମଧ୍ୟ ତୁତୁ ମେମେ ଲାଗିରହିଛି। କଂଗ୍ରେସର ମଧ୍ୟ ସମାନ ଅବସ୍ଥା। ଏହି ଦଳରେ କିଛି ମାସ ପୂର୍ବରୁ ଜିଲା ସଭାପତି ପରିବର୍ତ୍ତନ କରାଯାଇଛି। ନୂତନ ଭାବେ ସେମ ହେମ୍ରମ କଂଗ୍ରେସ ଜିଲା ସଭାପତି ଦାୟିତ୍ୱ ପାଇଲା ପରେ ଏଠି ମଧ ପାର୍ଟି କଥା କେହି ଚିନ୍ତା ନ କରି ନିଜ ଜିଦ୍‌ରେ ନିଜେ ଚଳାଇଛନ୍ତି ରାଜନୀତି। ନୂତନ ସଭାପତିଙ୍କ ନାମ ଘୋଷଣା ପରେ ଏକ ପ୍ରକାର ବିଦ୍ରୋହ ଆରମ୍ଭ ହୋଇଛି। ସହର ସମେତ ତିନି ବ୍ଲକରୁ ସଦସ୍ୟା ଓ ସଦସ୍ୟମାନେ ନିଜ ପଦବୀରୁ ଇସ୍ତଫା ଦେଉଛନ୍ତି। ନୂଆ ସଭାପତି ନିଜର ସଙ୍ଗଠନ ଆରମ୍ଭ କରି ନୂତନ ପଦ ପଦବୀ ପୂରଣ କରିବା ସହ ଦାୟିତ୍ୱ ନେଉଥିବା ଜଣାପଡ଼ିଛି। ସମସ୍ତ ପ୍ରମୁଖ ତିନି ଦଳର ନେତାମାନେ ଆଉ ପାର୍ଟି କଥା ଚିନ୍ତା ନ କରି ନିଜ ସ୍ୱାର୍ଥରେ ଲାଗିପଡ଼ିଛନ୍ତି। ଏଇଠି କଥା ଉଠୁଛି ଓ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ଗଣତାନ୍ତ୍ରିକ ପଦ୍ଧତିରୁ ବିଚ୍ୟୁତ ହେଉଛି ଦେବଗଡ଼ ରାଜନୀତି। ଦେବଗଡ଼ ଉନ୍ନତି କଥା ଆଉ କାହାରି ଚିନ୍ତା ନାହିଁ, ଖାଲି ବିଧାୟକ ହେବା ଚିନ୍ତା ଘାରିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ବିଭୁତି ଭୂଷଣ


@ ଦୟାନନ୍ଦ


@ ରାହୁଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମାଣିକେରା ଅଞ୍ଚଳରେ ମାଓବାଦୀ ପୋଷ୍ଟର

**ଏମ୍.ରାମପୁର,୨୬।୭ (ଶଶିଭୂଷଣ ପ୍ରହରାଜ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଶଗଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଓ ମାର୍କେଟ କମ୍ପ୍ଲେକ୍ସରେ ମଙ୍ଗଳବାର ସକାଳୁ ମାଓବାଦୀଙ୍କ ପୋଷ୍ଟର ଲାଗିଥିବା ବେଳେ ବୁଧବାର ଏମ୍.ରାମପୁର ବ୍ଲକ ମାଣିକେରା ଅଞ୍ଚଳରେ ମାଓବାଦୀ ପୋଷ୍ଟର ଲାଗିଛି। ମାଓବାଦୀଙ୍କ ଏହି ପୋଷ୍ଟର ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଷ୍ଟରରେ ୨୮ରୁ ଅଗଷ୍ଟ ୩ ଯାଏ ଶହୀଦ ସପ୍ତାହ ଭାବେ ପାଳନ କରିବାକୁ ଆହ୍ୱାନ କରାଯାଇଛି। ବିଜିଏନ ଡିଭିନାଲ କମିଟି ସିପିଆଇ ମାଓବାଦୀ ପକ୍ଷରୁ ଏହି ପୋଷ୍ଟର ଜାରି କରାଯାଇଛି। ଏହି ପୋଷ୍ଟରରେ ପୋଲିସ ଏନକାଉଣ୍ଟରରେ ନିହତ ମାଓବାଦୀଙ୍କୁ ଶହୀଦ ଦର୍ଶାଇ ଫଟୋ ମଧ ଦିଆଯାଇଛି। ମାଓବାଦୀ ସଙ୍ଗଠନ ସଂସ୍ଥାପକ ଚରୁମାଜୁମଦାର, କାନ୍ନାଇ ଚଟର୍ଜୀ ଅମର ରହେ, କୁନସାଇ, ଗାନ୍ଧମାର୍ଦନ, ମାତାଙ୍କୁପା, ଟାପରଙ୍ଗଠାରେ ପୋଲିସ ଏନକାଉଣ୍ଟରରେ ନିହତଙ୍କୁ ଶହୀଦ ରୂପେ ସ୍ମୃତି ଚରଣ କରିବା, ମିଥ୍ୟା ଏନକାଉଣ୍ଟର କରିଥିବା ଦୋଷୀଙ୍କୁ ଦଣ୍ଡ ଦେବା, ଗାଁ ଗାଁରେ ପୋଲିସ ଖବର ଦାତାଙ୍କୁ ଦଣ୍ଡ ଦେବା ଆଦି ପୋଷ୍ଟରରେ ଲେଖାଯାଇଛି। ପୋଷ୍ଟରରେ ସାମ୍ରାଜ୍ୟବାଦ, ପୁଞ୍ଜିବାଦ, ସମନ୍ତବାଦକୁ ତିରସ୍କାର କରାଯାଇଛି।

## ଜୁଭେନାଇଲ ଜଷ୍ଟିସ ଆକ୍ଟ, ବାଧ୍ୟତାମୂଳକ ଶିକ୍ଷା ଅଧିକାର ସମ୍ପର୍କିତ ସଚେତନତା ଶିବିର


ସଚେତନତା ଶିବିରରେ ଛାତ୍ରୀଛାତ୍ରଙ୍କ ସହ ଅତିଥି।

**ଦେବଗଡ଼,୨୬।୭ (ଶଶାଙ୍କ ଶେଖର ଝାଙ୍କର)**

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜୁଭେନାଇଲ ଜଷ୍ଟିସ ଆକ୍ଟ ଏବଂ ବାଧ୍ୟତା ମୂଳକ ଶିକ୍ଷା ଅଧିକାର ସମ୍ପର୍କିତ ଏକ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଅପୂର୍ବା ଚୌଧୁରୀ, ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ଗୁର, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଟିକେଶ୍ୱର ଧଳ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳ ବିଷୟ ବସ୍ତୁ ଉପରେ ଆଲୋଚନା କରିବାସହ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ।

**ଏନ୍‌ଡିଏରେ କେବଳ ୩ ମଜଭୁତ ପାର୍ଟି ରହିଛି, ଇଡି, ସିବିଆଇ, ଆଇଟି: ଉଦ୍ଧବ ଠାକ୍‌ରେ**

ପୁଣେ: ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ବୁଧବାର ଭାରତୀୟ ଜନତା ପାର୍ଟି(ଭାଜପା)କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ନାଶନାଲ ଡେମୋକ୍ରାଟିକ ଆଲାଏନ୍ସ (ଏନ୍‌ଡିଏ)ରେ କେବଳ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି), ଆୟକର ବିଭାଗ(ଆଇଟି) ଏବଂ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଭଳି ତିନିଟି ଶକ୍ତିଶାଳୀ ଦଳ ଅଛି। ନିକଟରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ବୈଠକକୁ ନେଇ ଉଦ୍ଧବ କହିଛନ୍ତି, ନିର୍ବାଚନ ପାଖେଇ ଆସିଲେ, ଭାଜପା ପାଇଁ ଏନ୍‌ଡିଏ ସରକାର ହୋଇଥାଏ।




**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଲତିକା
ପରିବାରବର୍ଗ


ବରୁଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପାର୍ଲାମେଣ୍ଟ, ବିଧାନସଭା | ୩୩% ମହିଳା ସଂରକ୍ଷଣ ଦାବି ଦୋହରାଇଲା ବିଜେଡି

**ଭୁବନେଶ୍ୱର,୨୬।୭(ଅନିଲ ଦାସ)**

ପାର୍ଲାମେଣ୍ଟ ଓ ବିଧାନସଭାରେ ମହିଳାଙ୍କ ଲାଗି ୩୩ ପ୍ରତିଶତ ଆସନ ସଂରକ୍ଷଣ ଦାବିକୁ ବିଜେଡି ପୁଣି ଦୋହରାଇଛି। ରାଜ୍ୟ ସଭାରେ ମହିଳା ସଂରକ୍ଷଣ ଦାବି ଉଠାଇ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ସଶକ୍ତ ଭାରତ ଲାଗି ମହିଳାଙ୍କ ପ୍ରତିନିଧିତ୍ୱକୁ ବିଜେଡି ଅଗ୍ରାଧିକାର ଦେଇଆସୁଛି। କେନ୍ଦ୍ର ସରକାର ଏହାକୁ ନେଇ ପ୍ରତିଶ୍ରୁତି ରକ୍ଷା କରୁନାହାନ୍ତି। ଅନ୍ୟପଟେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ନିକଟରେ ବାରମ୍ବାର ମହିଳା ସଂରକ୍ଷଣ ବିଲ୍ ପାର୍ଲାମେଣ୍ଟରେ ଗୃହୀତ କରିବା ଲାଗି ଦାବି କରିଆସୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ଲୋକ ସଭା ଟିକେଟ ମହିଳାଙ୍କୁ ଦେଇ ଐତିହାସିକ ପଦକ୍ଷେପ ନେଇଥିଲେ।

ସେହିପରି ବିଜେଡି ପ୍ରତିନିଧିମଣ୍ଡଳୀ ବିଭିନ୍ନ ରାଜନୈତିକ ଦଳକୁ ବୁଝାଇ ସମର୍ଥନ ମାଗିଥିଲେ। ବିଜେଡିର ଏହି ପଦକ୍ଷେପକୁ ଅନେକ ରାଜନୈତିକ ଦଳ ମଧ୍ୟ ସମର୍ଥନ କରିଛନ୍ତି। ଏହା ସତ୍ତ୍ୱେ ଏଯାଏ ମହିଳା ସଂରକ୍ଷଣ ବିଲ୍ ପାର୍ଲାମେଣ୍ଟରେ ପାସ୍ ହୋଇପାରିଲାନି। ରାଜ୍ୟ ସଭାରେ ତୁରନ୍ତ ମହିଳା ସଂରକ୍ଷଣ ବିଲ୍ ପାରିତ କରିବାକୁ ସସ୍ମିତ ଦାବି କରିଛନ୍ତି। ଏହାଦ୍ୱାରା ଦେଶକୁ ସଶକ୍ତ ମହିଳା ପ୍ରତିନିଧି ମିଳିବା ସହ ୬୬ କୋଟି ମହିଳାଙ୍କ ସ୍ୱପ୍ନ ପୂରଣ ହେବ ବୋଲି ସେ କହିଛନ୍ତି।

## ଦ୍ୱିତୀୟ ଥର ପାଇଁ ଏକାଠି ହେଲେ ୧୭ ରାଜନୈତିକ ଦଳ

### ମଣିପୁର ଘଟଣାରେ ବିଜେଡିର ନୀରବତା ନେଇ ଉଠିଲା ପ୍ରଶ୍ନ

**ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)**

ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ୨ୟ ଥର ଲାଗି ବୁଧବାର ରାଜ୍ୟର ଅଣଭାଜପା ଓ ବିଜେଡିକୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏହି ବୈଠକରେ ୧୭ଟି ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଛନ୍ତି। ରାଜ୍ୟ କଂଗ୍ରେସ ପକ୍ଷରୁ ପିସିସି ସଭାପତି, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ସିପିଆଇ (ଏମ୍)ରୁ ଅଳିକିଶୋର ପଟ୍ଟନାୟକ, ଜନାର୍ଦ୍ଦନ ପତି, ସମୃଦ୍ଧ ଓଡ଼ିଶାରୁ ଯତୀଶ ମହାନ୍ତି, ସମାଜବାଦୀ ପାର୍ଟିରୁ ରବି ବେହେରା, ଆର୍‌ଜେଡିର ହେମନ୍ତ କୁମାର, ସିପିଆଇରୁ ଅଭୟ ସାହୁ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ସିପିଆଇ(ଏମ୍‌ଏଲ୍)ରୁ ଯୁଧିଷ୍ଠିର ମହାପାତ୍ର, ଏନ୍‌ସିପିରୁ ବିକ୍ରମ ସ୍ୱାଇଁ, ଫରୱାର୍ଡ ବ୍ଲକରୁ ଜ୍ୟୋତିରଞ୍ଜନ ମହାପାତ୍ର, ସମତାକ୍ରାନ୍ତିରୁ ପ୍ରଭାତ ସାମନ୍ତରାୟ, ସିପିଆଇ ରେଡ୍ ଷ୍ଟାରରୁ ପ୍ରମିଳା ବେହେରା, ଆର୍‌ପିଆଇରୁ ଶେଖ୍ ଅବଦୁଲ୍ଲ ୱାଲି, ଟିଏମ୍‌ସିରୁ ନନ୍ଦନ ପାଲ, ଏଏପିରୁ ସଞ୍ଜୀବ ମହାନ୍ତି, ଜେଏମ୍‌ଏମ୍‌ରୁ ଶିବାଜୀ ମୌଳିକ୍ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରଥିଲେ। ବୈଠକରେ କେନ୍ଦ୍ର ସରକାର ଏବଂ ମଣିପୁର ଘଟଣାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିବା ବେଳେ ଏହି ଘଟଣାରେ ବିଜେଡି ଚୁପ୍ ରହିବା କଥାକୁ ନେଇ ପ୍ରଶ୍ନ ଉଠାଯାଇଛି।

ଏହି ବିରୋଧୀ ଦଳଗୁଡ଼ିକର ନେତୃବୃନ୍ଦମାନେ ମଣିପୁରରେ ଗତ ମେ ୩ ତାରିଖରେ ଘଟିଥିବା ଲୋମହର୍ଷଣକାରୀ ଓ ଅମାନବୀୟ ଘଟଣାକୁ ତୀବ୍ର ନିନ୍ଦା କରିବା ସହ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର କଟୁ ସମାଲୋଚନା କରିଛନ୍ତି। ଏହା ମାନବ ଜାତି ପ୍ରତି ଅତି କ୍ରୁର ଉପହାସ ବୋଲି ପିସିସି ସଭାପତିଙ୍କ ସମେତ ସମସ୍ତ ଅନ୍ୟମାନେ କହିଛନ୍ତି। କେନ୍ଦ୍ରର ଭାଜପା ସରକାର ଏ ସମସ୍ତ ଘଟଣାକୁ ସମ୍ପୂର୍ଣ୍ଣ ଚପାଇଦେବାକୁ ଉଦ୍ୟମ କରିଥିଲେ। ଦୀର୍ଘ ୮୪ ଦିନ ପରେ ମଧ୍ୟ ପ୍ରଧାନମନ୍ତ୍ରୀ ଏଭଳି ଜଘନ୍ୟ ଘଟଣା ଉପରେ ତାଙ୍କର ମନ୍ତବ୍ୟ ପାର୍ଲାମେଣ୍ଟରେ ରଖୁନାହାନ୍ତି। ବିଜେଡି ସରକାର ଏଭଳି ବର୍ବରୋଚିତ ଘଟଣାକୁ ନିନ୍ଦା ନ କରି ଚୁପ୍ କାହିଁକି ବୋଲି ପିସିସି ସଭାପତି ପ୍ରଶ୍ନ କରିଛନ୍ତି। ବୈଠକ ପରେ ଖବରଦାତାଙ୍କୁ ଶରତ କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ସରକାର ଭାରତବର୍ଷର ସମ୍ବିଧାନ, ସାମ୍ବିଧାନିକ ଅନୁଷ୍ଠାନ, ଗଣତନ୍ତ୍ର, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଅନୁଷ୍ଠାନ ଉପରେ ପ୍ରଚଣ୍ଡ ପ୍ରହାର କରିଚାଲିଛନ୍ତି। ରାଜ୍ୟରେ ଦୀର୍ଘ ୨୪ ବର୍ଷ ହେଲା ବିଜେଡି ସରକାର ଓଡ଼ିଶାକୁ ଗରିବ ରାଜ୍ୟରେ ପରିଗଣିତ କରିଛନ୍ତି। ରାଜ୍ୟରେ ଯୁବକମାନଙ୍କ ଭବିଷ୍ୟତ ଅନ୍ଧକାର। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ସରକାରକୁ ପରିବର୍ତ୍ତନ କରିବା ପାଇଁ ମିଳିତ ମଞ୍ଚ ସାରା ରାଜ୍ୟରେ ଜନ ଆନ୍ଦୋଳନ ସୃଷ୍ଟି କରିବ। ଆସନ୍ତା ଅଗଷ୍ଟ ୧୧ରେ ଏକ ହଜାରରୁ ଉର୍ଦ୍ଧ୍ୱ ସର୍ବଦଳର ନେତୃବୃନ୍ଦଙ୍କୁ ନେଇ ଏକ ସମ୍ମିଳନୀ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।


ବୈଠକରେ ଯୋଗଦେଇଥିବା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି।

## ମଣିପୁର ଘଟଣାରେ ରାସ୍ତାକୁ ଓହ୍ଲାଇଲା ମହିଳା କଂଗ୍ରେସ


ମଣିପୁର ଘଟଣାକୁ ବିରୋଧ କରି ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ବୁଧବାର ମହିଳା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଓ ମଣିପୁର ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

**ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)**

ସାରା ଭାରତ ଓ ବିଶ୍ୱରେ ମଣିପୁର ଘଟଣାକୁ ନେଇ ବଡ଼ ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ମେ ୩ ରେ ମଣିପୁରର ୩ ଜଣ କୁକି ସମ୍ପ୍ରଦାୟ ଆଦିବାସୀ ମହିଳାଙ୍କୁ ମେଇତି ସମ୍ପ୍ରଦାୟର ଲୋକମାନେ ପୋଲିସ ହେପାଜତରୁ ଛଡ଼ାଇନେଇ ତାଙ୍କୁ ସମ୍ପୂର୍ଣ୍ଣ ଉଲଗ୍ନ କରିଥିଲେ। ଏହାସହ ହଜାର ହଜାର ଲୋକଙ୍କ ସମ୍ମୁଖରେ ସେମାନଙ୍କୁ ଚଲାଇ ଚଲାଇ ନେଇଥିଲେ। ସେମାନଙ୍କ ପରିବାରବର୍ଗ ପ୍ରତିବାଦ କରିବାରୁ ସେମାନଙ୍କୁ ମାରିବା ସହ ଏହି ୩ ମହିଳାଙ୍କୁ ଗଣବଳାତ୍କାର କଲେ। ଉକ୍ତ ଘଟଣାକୁ ବିରୋଧକରି ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ

### ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକଲେ

ଶତାଧିକ ମହିଳା କର୍ମୀ କେନ୍ଦ୍ର ଏବଂ ମଣିପୁର ସରକାର ବିରୋଧରେ ବର୍ଷିଥିଲେ। ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ବୁଧବାର ମହିଳା କଂଗ୍ରେସର କର୍ମୀମାନେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଓ ମଣିପୁର ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକରିଛନ୍ତି। ଏହି ଘଟଣାରେ ମଣିପୁର ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରାଯିବା ସହ ସେଠାରେ ରାଷ୍ଟ୍ରପତି ଶାସନ ଜାରି ହେଉ ବୋଲି ମହିଳା କଂଗ୍ରେସ ଦାବି କରିଛି।

ବନ୍ଦିତା କହିଛନ୍ତି, ଉକ୍ତ ଘଟଣାକୁ ନେଇ ପୋଲିସ ଷ୍ଟେସନରେ ମାମଲା ରୁଜୁ କରାଗଲା, କିନ୍ତୁ ବିଡ଼ମ୍ବନା କଥା ଏହି ଘଟଣାକୁ ଗତ ଜୁନ୍ ୧୯ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜାଣିଶୁଣି ଚାପିରଖିଥିଲେ। ପ୍ରଧାନମନ୍ତ୍ରୀ ଦୀର୍ଘ ୮୩ ଦିନ ପର୍ଯ୍ୟନ୍ତ ଏ ଘଟଣା ବାବଦରେ ପଦୁଟିଏ ବି ମୁହଁ ଖୋଲୁନାହାନ୍ତି। ଏପରିକି ୫ ଦିନ ହେଲା ସମସ୍ତ ବିରୋଧୀ ଦଳର ଦାବି ସତ୍ତ୍ୱେ ପ୍ରଧାନମନ୍ତ୍ରୀ ସଂସଦକୁ ଆସୁନାହାନ୍ତି କି ଉତ୍ତର ରଖୁନାହାନ୍ତି। ରାଜ୍ୟରେ ବିଜେଡି ସବୁବେଳେ ମହିଳା ସଶକ୍ତୀକରଣ କଥା କହୁଥିଲାବେଳେ ମଣିପୁର ଘଟଣାରେ କାହିଁକି ସମ୍ପୂର୍ଣ୍ଣ ଚୁପ୍ ବୋଲି ସେ ପ୍ରଶ୍ନ କରିଛନ୍ତି।

## ବର୍ଷାଦିନେ କିପରି ଦିଆଗଲା ଗୃହ ନିର୍ମାଣ କାର୍ଯ୍ୟାଦେଶ: ଭାଜପା

**ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)**

ବହୁ ତୁମ୍ବିତୋଫାନ ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟ ସରକାର ଗତ ଜୁନ୍ ୧୬ ରୁ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାଦେଶ ସହ ୪୦ ହଜାର ଟଙ୍କା ଦେଇଛନ୍ତି ଏବଂ ଅବଶିଷ୍ଟ ରାଶି ୨ଟି କିସ୍ତିରେ ଗୃହ କାର୍ଯ୍ୟର ଅଗ୍ରଗତି ନେଇ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନେଇଛନ୍ତି। ଯେଉଁ ହିତାଧିକାରୀ ୪ ମାସ ମଧ୍ୟରେ ଗୃହକାର୍ଯ୍ୟ ସମାପ୍ତ କରିବେ ସେମାନଙ୍କୁ ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ରାଜ୍ୟ ସରକାର ବର୍ଷାଦିନେ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ କିପରି ପ୍ରଦାନ କରିଛନ୍ତି ବୋଲି ଭାଜପା ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜେନ୍ଦ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ କୋଠା, ପୋଲ ଏବଂ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ବର୍ଷାଦିନ ପାଇଁ ଶିଥିଳ ପଡିଯାଇଛି। ଏ କ୍ଷେତ୍ରରେ ବର୍ଷାଦିନେ ହିତାଧିକାରୀ ଗୃହକାର୍ଯ୍ୟ କରିବା କଷ୍ଟଦାୟକ ବ୍ୟାପାର। ଏ ଦିନରେ ଗୃହ ନିର୍ମାଣ ସାମଗ୍ରୀ ଚଢ଼ାଦରରେ ମିଳେ ଏବଂ ହିତାଧିକାରୀ ଘର ପାଖକୁ ମଧ୍ୟ ଗୃହ ନିର୍ମାଣ ସାମଗ୍ରୀ ସହଜରେ ପହଞ୍ଚିପାରେ ନାହିଁ। ଫଳରେ ଘର ନିକଟକୁ ଗୃହସାମଗ୍ରୀ ନେବା ପାଇଁ ତାଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ। ବର୍ଷାଦିନେ ଗାଁ ଗହଳିରେ ଲୋକେ ଚାଷବାସରେ ବ୍ୟସ୍ତ ରହୁଥିବାରୁ ଗୃହ କାର୍ଯ୍ୟ ପାଇଁ ଶ୍ରମିକ ମିଳିବା କଷ୍ଟକର। ତେବେ ଲୋକସେବା ଭବନରେ ବଡ଼ ଅଫିସରଙ୍କ ସର୍ବନିମ୍ନ ଜ୍ଞାନ ଅଭାବ କାରଣରୁ ଏହି ୪ ମାସର ଅବଧି ନିଷ୍ପତ୍ତି ପାଇଁ ହିତାଧିକାରୀ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ରାଶି ପାଇବାରୁ ବଞ୍ଚିତ ହେବାକୁ ଯାଉଛି ବୋଲି ରାଜେନ୍ଦ୍ର କହିଛନ୍ତି।


# Classified Everyday
**0674-2580101, 2549949**




**SALE**

Gharabari plot sale at Pipli, near Puri by-pass, adject to NH with boundary wall, plantation, Electricity. Contact: 7008346486. D-74556

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner- 9090963952.** D-74886

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.- 3,00,000/-, ନଖରା- 300/-. 7978663279. D-74895




04 BHK Four Flats Suitable Office Guestroom Hostel Residential Hi-tech Sundarpada- 8093199489. D-0749




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75013

Newly healthcare benefited Spa Experience therapist in Bhubaneswar. Please visit this spa. 7846814019. D-75135

Spa Kerala Body Massage only best Therapist @699/- Bhubaneswar. 9337672475. D-0857

Newly opened (One8 Spa) / (Salon Service) with expert therapist, 9938843929. D-75136

**Relax, Refresh your body, mind at Saikrupa Spa with best therapies. 8984068077.** D-0921

**AFFIDAVIT**

I, Bharati Mishra, W/o Artabandhu Mishra, R/o- Flat No.D-3, Hitech Plaza, Sundarpada, P.S.: Airfield, Bhubaneswar, Khurda declare by this affid. No.-19 dated 24.07.2014 that now onwards I shall be known as Sachitra Mishra for all future purposes. D-75133

I, Tushara Ranjan Mishra, S/o Artabandhu Mishra, R/o- Flat No.: D-3, Hitech Plaza, Sundarpada, P.S.: Airfield, Bhubaneswar, Khurda declare by this Affid. No.-18 dated 24.07.2014 that now onwards I shall be known as Tushar Ranjan Mishra for all future purposes. D-75134

I, Tripatilata Khamari/ Trupti Garatia, W/o Sanjaya Kumar Gartia, R/o Qr. No. MQ/38, CGM Complex, IB Valley Area, MCL, Brajrajnagar, Jharsuguda, Orissa have changed my name to Tripti Gartia. D-0915

I, Girija Shankar Puhan, S/o Madhab Chandra Puhan, At/ P.O./P.S.- Basudebpur, Dist.- Bhadrak, Pin- 756125 declare that in my Passport No.- Z2793192 my father's name is wrongly mentioned Madhaba Chandra Puhan instead of Madhab Chandra Puhan. By this affidavit No.4471 Dt.14.07.2023 in the Court of Executive Magistrate, Basudebpur. That now onwards I shall be known as Girija Shankar Puhan, S/o Madhab Chandra Puhan for all future purposes. D-0907

I, Sarita Chakraborty, W/o Abhijet Chakraaborti, resident of 260/1393, Cuttack Road Bhubaneswar - 751006 Odisha, declare by virtue of affidavit No.23 Dated - 08.09.2021, that I shall be known as Soriita Chakraaborti for all future purposes. D-0922

I, P.Pratap Kadambini Symaleen, W/o Abhijeet Das, aged 32 years, residing at L-1, Udayagiri vihar, BDA Colony, Patrapada, Bhubaneswar, Odisha- 751019, have changed my name to Symaleen Das vide affidavit dated 30.01.2023, sworn before Executive Magistrate, Bhubaneswar. Henceforth, I shall be known as Symaleen Das for all purposes. D-0913

By virtue of affidavit before Executive Magistrate, Chatrapur, I, Kailash Chandra Agarwal, S/o Late Prabhu Dayal Agarwal as per my Aadhaar Card ...... 7655 and Pan Card No. ADTPA 9146R but in my Passport (J3043879/17.04.2012) recorded as Kailash Chandra Agrwal. Both Kailash Chandra Agarwal & Kailash Chandra Agrwal are one and same person. Henceforth, I shall be known as Kailash Chandra Agarwal in all correspondences. D-0920

**LOST**

ମୁଁ ଶ୍ରୀ କୁଳମଣି ପାତ୍ର, ପ୍ଲଟ୍ ନମ୍ବର- ୨୦୦୩, ଶବରସାହି ଲେନ୍, କଳ୍ପନା ଏରିଆ, ପିନ୍ ନମ୍ବର- ୭୫୧୦୧୪, ପୋଲିସ ଷ୍ଟେସନ୍- ଲକ୍ଷ୍ମୀସାଗର, ଫୋନ୍ ନମ୍ବର- ୭୩୭୭୮୭୩୭୯୨ର ବାସିନ୍ଦା। ମୁଁ କାଲି ତା୨୫।୦୭।୨୦୨୩ରିଖ ଦିନ ୧୨ଟାରୁ ୨ଟା ଭିତରେ ମୋ ଜାଗା ବିକ୍ରି କରିବାକୁ ଶବରସାହିରୁ ଭୁବନେଶ୍ୱର ସବ୍-ରେଜିଷ୍ଟ୍ରାର ଅଫିସ୍ ବାଟରେ ଯିବାବେଳେ ମୋର ମୂଳ ସେଲ୍-ଡିଡ୍ ନମ୍ବର- ୬୩୨୯ ତା୦୧।୦୭।୧୯୮୭, ମୂଳ ROR ନମ୍ବର-୧୯୯, BDA ପ୍ଲାନ୍ ତା୧୬।୦୮।୧୯୯୪ ଓ BDA ଚିଠି ନମ୍ବର-୪୯୨୩/ BP BPBA ୫୧୧/୯୪ ତା୧୭।୦୮।୧୯୯୪ ରାସ୍ତାରେ କେଉଁଠି ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାଆନ୍ତି, ଉପରୋକ୍ତ ମୋର ମୋବାଇଲ ନମ୍ବର (୭୩୭୭୮୭୩୭୯୨)ରେ ଜଣାଇବାକୁ ଅନୁରୋଧ। D-0914

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**


## ପ୍ରଧାନମନ୍ତ୍ରୀ ଆବାସ ବନ୍ଦ କରିବାକୁ ଭାଜପା ଷଡ଼ଯନ୍ତ୍ର କରିଥିଲା: ବିଜେଡି

**ଭୁବନେଶ୍ୱର,୨୬।୭(ଅନିଲ ଦାସ)**

ଲକ୍ଷ ଲକ୍ଷ ଗରିବ ଓଡ଼ିଆଙ୍କ ପ୍ରଧାନମନ୍ତ୍ରୀ ଆବାସ ବନ୍ଦ କରିବାକୁ ଭାଜପା ଯେଉଁ ଷଡ଼ଯନ୍ତ୍ର କରିଥିଲା, ତାହାର ରହସ୍ୟ ଉନ୍ମୋଚନ ହୋଇସାରିଛି । ଓଡ଼ିଶା ଭାଜପାର ସେହି ଷଡ଼ଯନ୍ତ୍ରକାରୀ ନେତାମାନେ ଆଜି ପୁଣି ଆବାସ ଯୋଜନା କଥା କହି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି।

ଆବାସ ଯୋଜନା ସମ୍ପର୍କରେ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ବୁଧବାର ଶଙ୍ଖ ଭବନଠାରେ ବିଜେଡି ମୁଖପାତ୍ର ଈପ୍‌ସିତା ସାହୁ କହିଛନ୍ତି, ପୃଥ୍ୱୀରାଜବାବୁ ସବୁକଥାରେ ଗଣମାଧ୍ୟମ ଆଗକୁ ଆସି ଡାହାମିଛ ଗପୁଛନ୍ତି ଏବଂ ଲୋକଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି । ଯେତେବେଳେ ଓଡ଼ିଶାର ଗରିବ, ଆଦିବାସୀ ଏବଂ ଅନୁସୂଚିତ ଜନଜାତିର ୧୫ ଲକ୍ଷ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ଘର ଆବଶ୍ୟକ କରୁଥିଲେ, ଏହାକୁ ବନ୍ଦ କରିବା ଲାଗି ଓଡ଼ିଶାରୁ ଦିଲ୍ଲୀ ଯାଇଥିବା ଭାଜପାର ଏମ୍‌ପିମାନେ ମିଳିତ ହୋଇ ଷଡ଼ଯନ୍ତ୍ର କରିଥିଲେ। ଏଥିପାଇଁ ସେମାନେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀଙ୍କୁ ଭେଟି ଓଡ଼ିଶାକୁ ପିଏମ୍‌ଏୱାଇରେ ଘର ନ ଦେବାକୁ ଚାପ ପକାଇଥିଲେ । ଓଡ଼ିଶାର ଭାଜପା ଏମ୍‌ପିମାନଙ୍କ ଏଭଳି ଓଡ଼ିଶା ବିରୋଧୀ ଷଡ଼ଯନ୍ତ୍ର ଯୋଗୁ ପ୍ରାୟ ୩ ବର୍ଷ କାଳ କେନ୍ଦ୍ର ସରକାର ଓଡ଼ିଶାକୁ ଆବାସ ଯୋଜନାରେ ଘର ଦେବା ବନ୍ଦ ରଖିଲେ । ତେବେ ବହୁ ଦାବି ଓ ଆନ୍ଦୋଳନ ପରେ ଶେଷରେ ୧୫ ଲକ୍ଷ ଘର ସ୍ଥାନରେ ଓଡ଼ିଶାକୁ ମାତ୍ର ୮ ଲକ୍ଷ ଘର ମିଳିଲା । ଭାଜପା ନେତାଙ୍କ ଏଭଳି ଓଡ଼ିଶା ସ୍ୱାର୍ଥ ବିରୋଧୀ ନୀତି ଯୋଗୁ ଆଗାମୀ ନିର୍ବାଚନରେ ରାଜ୍ୟବାସୀ ଭାଜପାକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ସେ କହିଛନ୍ତି।

## ବିଜେଡିରେ ନିମାପଡ଼ାର ଶତାଧିକ ଭାଜପା କର୍ମୀ


ଶଙ୍ଖ ଭବନଠାରେ ବୁଧବାର ମିଶ୍ରଣ ପର୍ବରେ ବିଜେଡି ନେତୃବୃନ୍ଦଙ୍କ ସହ ଦଳରେ ଯୋଗଦେଇଥିବା ଭାଜପା କର୍ମୀ।

**ଭୁବନେଶ୍ୱର,(ଅନିଲ ଦାସ)/ନିମାପଡ଼ା(ବିଚିତ୍ରାନନ୍ଦ ସାହୁ), ୨୬।୭**

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା କର୍ମୀଙ୍କ ସମେତ ତେରୁଣ୍ଡିଆ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାୟକ ଓ ପୂର୍ବତନ ନାଏବ ସରପଞ୍ଚ ନୃସିଂହ ଚନ୍ଦ୍ର ମହାରଣା ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଶଙ୍ଖ ଭବନଠାରେ ବୁଧବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସାଧାରଣ ସମ୍ପାଦକ, ବିଧାୟକ ପ୍ରତାପ ଜେନା ଓ ପୂର୍ବତନ ମନ୍ତ୍ରୀ ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ବିଜୁ ଜନତା ଦଳର ମୁଖପାତ୍ର ପ୍ରିୟବ୍ରତ ମାଝି ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତ ରହି ସମସ୍ତ ଭାଜପା କର୍ମୀଙ୍କୁ ସ୍ୱାଗତ କରିଥିଲେ । ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବାକୁ ତଥା ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ପ୍ରତାପ ନବାଗତମାନଙ୍କୁ ଆହ୍ୱାନ ଦେଇଛନ୍ତି । ବିଜୁ ଜନତା ଦଳରେ ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ମଜଭୁତ ହେବ ବୋଲି ସମୀର ଆଶାପ୍ରକାଶ କରିଛନ୍ତି। ମିଶ୍ରଣ ପର୍ବରେ ଗୁଣନିଧି ସ୍ୱାଇଁ, ବୁଦ୍ଧନାଥ ସ୍ୱାଇଁ, ଲିଙ୍ଗରାଜ ସାହୁ, କାଳନ୍ଦୀ ମଲ୍ଲିକ, ଗଙ୍ଗାଧର ମହାରଣା, ନିରଞ୍ଜନ ମହାପାତ୍ର ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।



କାଜଲ

# କାହାକୁ ଡରନ୍ତି କାଜଲ

କାଜଲ ଅଗ୍ରୱାଲ କାହାକୁ ଡରନ୍ତି ? ଏହାର ଉତ୍ତର ଆମେ ଦେଇପାରିବା ନାହିଁ। ନିଶ୍ଚୟ ଏ ନେଇ ସେ କ'ଣ କହୁଛନ୍ତି ତାହା ଜାଣିବାକୁ ଅପେକ୍ଷା କରିବାକୁ ପଡିବ। କଥା କ'ଣ କି କାଜଲ ଯଦି କୁକୁରଟିଏ ଦେଖିଦେଲେ ତେବେ କାମ ସରିଲା। କୁକୁରଟି ନ ଯିବା ପର୍ଯ୍ୟନ୍ତ ସେ ଆଗକୁ ପାଦେ ଘୁଞ୍ଚିବା ଅସମ୍ଭବ। ଏ ନେଇ ସେ କହନ୍ତି, 'ସତ କଥା ହେଲା ମୋତେ କୁକୁରକୁ ଭାରି ଡର। ଯେତେବେଳେ ମୁଁ ସ୍କୁଲରେ ପଢୁଥିଲି ଥରେ ମୋତେ ଗୋଟିଏ କୁକୁର ଗୋଡାଇଥିଲା। ସେବେଠାରୁ ଏହି ଜୀବକୁ ଦେଖିବା ମାତ୍ରେ ମୋ ମନରେ ଛନକା ପଶିଯାଏ।' କାଜଲଙ୍କର ପସନ୍ଦୀୟ ଡ୍ରେସ୍ ହେଉଛି ଜିନ୍ସ ଏବଂ ଟି-ଶାର୍ଟ। ଶାଢ଼ି ପିନ୍ଧିବାକୁ ସେ ମଧ୍ୟ ଭଲ ପାଆନ୍ତି। ବିଶେଷଭାବରେ ମସଲାଜାତୀୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ସେ। ହାଇଦ୍ରାବାଦୀ ବିରିୟାନି ତାଙ୍କର ଭାରି ପସନ୍ଦ। ସମୟ ମିଳିଲେ ଫିଲ୍ମ ଦେଖିବାକୁ ଏବଂ ଗୀତ ଶୁଣିବାକୁ ଭଲ ପାଆନ୍ତି। ୨୦୧୩ରେ ତାଙ୍କ ଅଭିନୀତ 'ଥୁପ୍ପାକ୍କି' ଥିଲା ପ୍ରଥମ ସିନେମା ଯାହା ୧୦୦କୋଟି କ୍ଲବରେ ପ୍ରବେଶ କରିଥିଲା। କାଜଲଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'କ୍ୟୁଁ ହୋ ଗୟା ନା'। ଏଥିରେ ତାଙ୍କ ବ୍ୟତୀତ ଐଶ୍ୱର୍ଯ୍ୟା ରାୟ ଏବଂ ବିବେକ ଓବରୟ ଅଭିନୟ କରିଥିଲେ।

# ଚଳଚ୍ଚିତ୍ରରେ ବାଦବିବାଦ



–ଦିଲୀପ ହାଲି

"ଯେ କୌଣସି ସିନେମା ହେଉ, ତାହା ରିଲିଜ ହେବା ପୂର୍ବରୁ ସେନ୍ସର ସାର୍ଟିଫିକେଟ୍ ପାଇଥାଏ । ସେନ୍ସର ବୋର୍ଡର ସଦସ୍ୟମାନେ ଫିଲ୍ମଟିକୁ ଭଲ ଭାବରେ ଦେଖି ସାର୍ଟିଫିକେଟ୍ ଦେଇଥାଆନ୍ତି। ତେବେ ତା' ସତ୍ତ୍ୱେ, କଷ୍ଟ୍ୟୁମ ହେଉ ଅବା ସଂଳାପକୁ ନେଇ ବାଦବିବାଦ ସୃଷ୍ଟି ହେଉଛି। ସେନ୍ସର ବୋର୍ଡ ଏ କ୍ଷେତ୍ରରେ ଆହୁରି ଶାଣିତ ହେଲେ ଏଭଳି ବାଦବିବାଦକୁ ସହଜରେ ଏଡ଼ାଇ ଦିଆଯାଇପାରିବ। ପ୍ରଯୋଜନା ସଂସ୍ଥା ମଧ୍ୟ ସିନେମାର ପ୍ରାରମ୍ଭିକ କାମ ସମୟରେ ସବୁ ଦିଗକୁ ଗଭୀର ଭାବରେ ଦୃଷ୍ଟି ଦେବା ଦରକାର। "

ବଲିଉଡ୍ ଫିଲ୍ମ 'ପଠାନ' ହେଉ କି 'ଦି କାଶ୍ମୀର ଫାଇଲ୍', 'ଦ କେରଳ ଷ୍ଟୋରୀ', କିମ୍ବା ନିକଟରେ ମୁକ୍ତିଲାଭ କରିଥିବା 'ଆଦିପୁରୁଷ'–ଏହି ଫିଲ୍ମଗୁଡିକର ରିଲିଜ୍ ପୂର୍ବରୁ ଏବଂ ପରେ ବେଶ୍ ତୁମ୍ବିତୋଫାନ ହୋଇଥିଲା। ଆଲୋଚନା ଏବଂ ସମାଲୋଚନା ମଧ୍ୟରେ ଏଗୁଡ଼ିକ ରିଲିଜ ହୋଇଥିଲା। ତେବେ ଏଭଳି ଆଲୋଚନା କାହିଁକି ହୁଏ ? ଫିଲ୍ମଗୁଡିକରେ କେତେକ ବିବାଦୀୟ ଦୃଶ୍ୟ ହେଉ ଅବା ସଂଳାପ ଏଭଳି ଆଲୋଚନାକୁ ବେଶ୍ ଖୋରାକ ଯୋଗାଇଥାଏ।

ସମ୍ପ୍ରତି ଗତ କିଛିବର୍ଷ ଧରି କେତେକ ଚଳଚ୍ଚିତ୍ରକୁ ନେଇ ବାଦବିବାଦ ସୃଷ୍ଟି ହୋଇଛି। ଅବଶ୍ୟ ଏହି ଧାରା ନୂଆ ନୁହେଁ। ସିନେମା ମନୋରଞ୍ଜନର ଏକ ମାଧ୍ୟମ। ସିନେମାଟିଏ ପ୍ରସ୍ତୁତ କରିବା ସମୟରେ ଏହାର କାହାଣୀ, ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ହେଲେ ବେଳେବେଳେ ବିଚାରଧାରାର ଅଭାବ ଯୋଗୁ ଚଳଚ୍ଚିତ୍ରରେ କେତେକ ତ୍ରୁଟି ଦେଖିବାକୁ ମିଳେ। ଆଉ ତାକୁ ନେଇ ଆରମ୍ଭ ହୋଇଯାଏ ଆଲୋଚନା। ଏହା ଏପରି ରୂପ ନିଏ ଯେ, ରିଲିଜ ସମୟରେ ପ୍ରଯୋଜକଙ୍କୁ ହଟହଟା ହେବାକୁ ପଡିଥାଏ। ବେଳେବେଳେ ଏହି କଥାକୁ ନେଇ କୋର୍ଟ ଯାଏ କଥା ଯାଇଥାଏ।

ଶାହରୁଖ-ଦୀପିକାଙ୍କୁ ନେଇ ନିର୍ମିତ 'ପଠାନ୍' ଯେତେବେଳେ ମୁକ୍ତିଲାଭ କଲା ଦୀପିକା ପିନ୍ଧିଥିବା କଷ୍ଟ୍ୟୁମକୁ ନେଇ ବାଦବିବାଦ ଉଠିଲା। କିନ୍ତୁ ତା' ସତ୍ତ୍ୱେ ଫିଲ୍ମଟି ରିଲିଜ ହୋଇ ଆଶାତୀତ ବିଜନେସ୍ କରିଥିଲା। ରାମାୟଣ କଥାବସ୍ତୁକୁ ଆଧାର କରି ଉଭୟ ହିନ୍ଦୀ ଏବଂ ତେଲୁଗୁ ଭାଷାରେ 'ଆଦିପୁରୁଷ' ପ୍ରସ୍ତୁତ କରାଗଲା। ଏହି ଫିଲ୍ମର କେତେକ ସଂଳାପକୁ ନେଇ ବେଶ୍ ସମାଲୋଚନା କରାଯାଇଥିଲା। ଶେଷରେ ଏହାର ସଂଳାପରେ ପରିବର୍ତ୍ତନ କରାଯାଇଥିଲା।

ଯେ କୌଣସି ସିନେମା ହେଉ, ତାହା ରିଲିଜ ହେବା ପୂର୍ବରୁ ସେନ୍ସର ସାର୍ଟିଫିକେଟ୍ ପାଇଥାଏ। ସେନ୍ସର ବୋର୍ଡର ସଦସ୍ୟମାନେ ଫିଲ୍ମଟିକୁ ଭଲ ଭାବରେ ଦେଖି ସାର୍ଟିଫିକେଟ୍ ଦେଇଥାଆନ୍ତି। ତେବେ ତା' ସତ୍ତ୍ୱେ, କଷ୍ଟ୍ୟୁମ ହେଉ ଅବା ସଂଳାପକୁ ନେଇ ବାଦବିବାଦ ସୃଷ୍ଟି ହେଉଛି। ସେନ୍ସର ବୋର୍ଡ ଏ କ୍ଷେତ୍ରରେ ଆହୁରି ଶାଣିତ ହେଲେ ଏଭଳି ବାଦବିବାଦକୁ ସହଜରେ ଏଡ଼ାଇ ଦିଆଯାଇପାରିବ। ପ୍ରଯୋଜନା ସଂସ୍ଥା ମଧ୍ୟ ସିନେମାର ପ୍ରାରମ୍ଭିକ କାମ ସମୟରେ ସବୁ ଦିଗକୁ ଗଭୀର ଭାବରେ ଦୃଷ୍ଟି ଦେବା ଦରକାର। ତେବେ ଯାଇ ଫିଲ୍ମଟି ରିଲିଜ ସମୟରେ ଏଭଳି ପରିସ୍ଥିତି ସୃଷ୍ଟି ହେବ ନାହିଁ। ସବୁଠାରୁ ବଡ଼ କଥା ହେଲା ଦର୍ଶକଙ୍କ ଭାବାବେଗ। ଏହାକୁ ଆଘାତ ଲାଗିଲେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ। ତେଣୁ ସିନେମାଟିଏ ପ୍ରସ୍ତୁତ ସମୟରେ ଏସବୁ ବିଷୟ ପ୍ରତି ନଜର ଦେବା ନିହାତି ଦରକାର।

ନିକଟରେ ଏକ ଓଡ଼ିଆ ସିନେମାର ସଂଳାପରେ ବ୍ୟବହାର କରାଯାଇଥିବା ଏକ ଶବ୍ଦକୁ ନେଇ ବିବାଦ ସୃଷ୍ଟି ହୋଇଛି। ପ୍ରଯୋଜକ ହୁଅନ୍ତୁ ଅବା ନିର୍ଦ୍ଦେଶକ, ଫିଲ୍ମର ପ୍ରତିଟି ବିଷୟକୁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ପରେ ସିନେମା ନିର୍ମାଣ କରିବା ଦରକାର। ସିନେମା ଜଗତର ପ୍ରଗତି ପାଇଁ ଏକ ସୁସ୍ଥ ପରମ୍ପରାର ଆବଶ୍ୟକତା ରହିଛି। ତେଣୁ ଏଥିପ୍ରତି ଏବେଠାରୁ ସତର୍କ ହେବାର ସମୟ ଆସିଛି।

–ଭୁବନେଶ୍ୱର, ମୋ : ୯୮୬୧୦୦୯୨୫୨

# ଡବଲ ଅବତାର



'ବସ୍' ଫିଲ୍ମରେ ରମେଶ ବାରିକ

ପ୍ରଯୋଜକ ରମେଶ ବାରିକ। ହୋମ ବ୍ୟାନର ଆର.ଆର. ଇଭେଷ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ସେ ବେଶ୍ କେତୋଟି ସିନେମାର ପ୍ରଯୋଜନା କରିସାରିଛନ୍ତି। ହେଲେ ଏଥର ତାଙ୍କୁ ଦର୍ଶକ ନୂଆ ରୂପରେ ଦେଖିବାକୁ ପାଇବେ। ଅର୍ଥାତ୍ ସିନେମା ପ୍ରଯୋଜନା ସହ ସେ ଆଉ ଏକ ଭୂମିକା ତୁଲାଉଛନ୍ତି। ହଁ, ପ୍ରଥମ ଥର ପାଇଁ ରମେଶ କ୍ୟାମେରା ସାମନା କରିବେ। ଫିଲ୍ମଟି ହେଲା ନିଜ ବ୍ୟାନରରେ ପ୍ରସ୍ତୁତ 'ବସ୍'। ଏଥିରେ ତାଙ୍କୁ ଜଣେ ମନ୍ତ୍ରୀ ଭୂମିକାରେ ଦେଖିବାକୁ ମିଳିବ। ଏଭଳି ଏକ ଭୂମିକା ପାଇବା ପରେ ତାହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ରମେଶ। ତାଙ୍କର ପ୍ରଯୋଜନାରେ ଶୁଟିଂ ଚାଲିଥିବା ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ବର୍ଷା ପ୍ରିୟଦର୍ଶିନୀ। ଏହାର ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। ନିର୍ଦ୍ଦେଶନା ଦାୟିତ୍ୱ ତ୍ରିପତି ସାହୁ ତୁଲାଇଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ଅନ୍ୟତମ ସ୍ୱରକାର ଅଭିଜିତ ମଜୁମଦାର। ଫିଲ୍ମଟି ଚଳିତ ବର୍ଷ ଦଶହରାରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ରମେଶ।

ଅପେରା ହାଲଚାଲ

# କଥା ବାପ-ଝିଅର

ବାପ-ଝିଅର ସମ୍ପର୍କ କେତେ ନିବିଡ଼ ତାହା କହିବା ବାହୁଲ୍ୟ। ସେଭଳି ଏକ ଭିନ୍ନଧରଣର କଥାବସ୍ତୁକୁ ନେଇ ରଚିତ ହୋଇଛି ଅପେରା ନାଟକ 'କେତେ ଦୁଃଖ ଦବୁ ଦେ ରେ କାଳିଆ'। ଜଲିଉଡ୍‌ର ବରିଷ୍ଠ ନାଟ୍ୟକାର ତଥା ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କ ରଚିତ ଏବଂ ନିର୍ଦ୍ଦେଶିତ ଏହି ନାଟକକୁ ଚଳିତ ଯାତ୍ରା ସିଜନରେ ଅପେରା ସ୍ୱର୍ଣ୍ଣମହଲ ପରିବେଷଣ କରିବାକୁ ଯାଉଛି। ନାଟକଟିକୁ ନେଇ ଯେତିକି ଚର୍ଚ୍ଚା ହେଉନି ତା'ଠାରୁ ଅଧିକ ଆଲୋଚନା ହେଉଛି ଏଥିରେ ଆକ୍ସନ ଷ୍ଟାର ସୁବାସ ବେହେରାଙ୍କ ରୋଲ୍‌କୁ ନେଇ। ତେବେ ଏ ନେଇ ସୁବାସ କହନ୍ତି, 'ବେଶ୍ କିଛିବର୍ଷ ପରେ ଆଶୁ ସାର୍‌ଙ୍କ ନିର୍ଦ୍ଦେଶନାରେ ଏକ ଦମଦାର ନାଟକରେ ଅଭିନୟ କରିଛି। ଏଥିରେ ମୋ ଭୂମିକା ବିଷୟରେ ଏବେ କହିବି ନାହିଁ। ନାଟକ ଦେଖିଲେ ଦର୍ଶକ ଏହାର ଗୁରୁତ୍ୱ କ'ଣ ହୃଦୟଙ୍ଗମ କରିପାରିବେ। ରୋଲ୍‌କୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିବି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' କ୍ଷୀରୋଦ ସ୍ୱାଇଁଙ୍କ ଦ୍ୱାରା ପ୍ରଯୋଜିତ ଏହି ଅପେରା ପାର୍ଟିରେ ଏଥର ସୁବାସଙ୍କ ବ୍ୟତୀତ କାବେରୀ ପାଢ଼ୀ, ଅଜୁ-ଆପୁ ଏବଂ ଖଳନାୟକ ଜ୍ଞାନଙ୍କୁ ଦେଖିବାକୁ ମିଳିବ। ଏହି ପାର୍ଟିର ପ୍ରଥମ କ୍ୟାମ୍ପ ଆସନ୍ତା ମାସ ୧ରୁ ଭୁବନେଶ୍ୱରସ୍ଥ ରୂପାଲି ଛକରେ ଅନୁଷ୍ଠିତ ହେବ।



'କେତେ ଦୁଃଖ ଦବୁ ଦେ ରେ କାଳିଆ' ନାଟକରେ ସୁବାସ

# ଚିନ୍ତା କରୁଛନ୍ତି କ୍ରୀତି

କ୍ରୀତି ସାନନ୍‌ଙ୍କ ଚିନ୍ତା ଏବେ ବଢ଼ିଯାଇଛି। କାରଣ ଏକ ନୂଆ ପ୍ରୋଜେକ୍ଟରେ ତାଙ୍କୁ ଜଣେ ନବାଗତଙ୍କ ସହ ଆକ୍ଟିଂ କରିବାକୁ ପଡିବ। ତେଣୁ ସେ ନେଇ ଦୋଛକିରେ ପଡିଯାଇଛନ୍ତି। ତେଣୁ ଏ ନେଇ ନିଷ୍ପତ୍ତି ନେବାକୁ କିଛିଦିନ ସମୟ ନେଇଛନ୍ତି। ଏଭଳି ବିଷୟରେ କ୍ରୀତି କହନ୍ତି, 'ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଛନ୍ତି। ହେଲେ ସମସ୍ୟା ଏଇଆ ଯେ, ଏଥିରେ ମୋ ଅପୋଜିଟ୍‌ରେ ଜଣେ ନବାଗତ ଅଭିନୟ କରିବେ। ସେଥିପାଇଁ ପ୍ରଯୋଜକଙ୍କ ନିକଟରୁ କିଛି ଦିନ ସମୟ ନେଇଛି।' ଏହି ଫିଲ୍ମରେ ମୋତେ ଭିନ୍ନ ଧରଣର ଭୂମିକାଟି ମିଳିଛି। ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ତାହା ବଡ଼ ହୋଇଥାଉ କି ଛୋଟ– ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ।' ତେବେ ଏହି ଅଫରକୁ କ୍ରୀତି ଗ୍ରହଣ କରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।



କ୍ରୀତି

ନୂଆ ସିନେମା

# ଅଭିସାର

## ଏକ ପ୍ରେମ କାହାଣୀ

ଫ୍ୟୁଜନ ଏଣ୍ଟରଟେନମେଣ୍ଟ ଦ୍ୱାରା ନିର୍ମିତ ହେଉଛି ନୂଆଁ ଓଡ଼ିଆ ସିନେମା 'ଅଭିସାର, ଏକ ପ୍ରେମ କାହାଣୀ'। ଏହାର ମୁଖ୍ୟ ଭୂମିକାରେ ଜଣେ କିନ୍ନରଙ୍କୁ ଦେଖିବାକୁ ମିଳିବ। ସଂଘମିତ୍ରା ଭଞ୍ଜଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ଏହାର ନିର୍ଦ୍ଦେଶନା ଦେଉଛନ୍ତି ରଞ୍ଜିତ ମହାନ୍ତି । ଚିତ୍ର ଉତ୍ତୋଳନ ଦାୟିତ୍ୱ ତୁଲାଉଛନ୍ତି ପ୍ରସନ୍ନ କୁମାର। ଚଳଚ୍ଚିତ୍ରର ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ । ଏହାର ମୁଖ୍ୟ ଉପଦେଷ୍ଟା ସନ୍ଦୀପ ମହାପାତ୍ର ଏବଂ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ରହିଛନ୍ତି। ମୁଖ୍ୟ ଚରିତ୍ରରେ ମୀରା ପରିଡ଼ା ଅଭିନୟ କରିଥିବା ବେଳେ ଅନ୍ୟାନ୍ୟ ଭୂମିକାରେ ନବାଗତ ରୁଦ୍ର ପ୍ରତାପ ମହାନ୍ତି, ଭୂମି, ଆର୍ଯ୍ୟ ମହାନ୍ତି, ଶିବାଜୀ ରାଜା ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟିର କାହାଣୀ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ମତ ଦିଅନ୍ତି ନିର୍ଦ୍ଦେଶକ। ଚିତ୍ରଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର କ୍ରିଏଟିଭ ହେଡ ପ୍ରଣୟ ଜେଠୀ।

# ଘର ସଜାଇବାରେ ମନ

ୟାମି ଗୌତମ ଏବେ ଘର ସଜାଇବାରେ ବ୍ୟସ୍ତ ଅଛନ୍ତି। ଏଭଳି ଅଭ୍ୟାସ ତାଙ୍କର ପିଲାଦିନରୁ ରହିଛି। ବିଶେଷଭାବରେ ଘରଟିକୁ କିପରି ସଜାଇଲେ ତାହା ଆକର୍ଷଣୀୟ ଦେଖାଯିବ ସେ ନେଇ ପ୍ରଥମେ ଚିନ୍ତା କରୁଛନ୍ତି। ଏ ନେଇ ସେ କହନ୍ତି, 'ଘର ସଜାଇବା ମୋର ଏକ ଅଭ୍ୟାସ। ଏବେ ମୋ ଘରର ପ୍ରତିଟି ରୁମ୍‌କୁ ନୂଆ ରୂପ ଦେଉଛି।' ୟାମିଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର'। ଏହାପୂର୍ବରୁ ସେ କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରେ ଅଭିନୟ କରିସାରିଥିଲେ। ପାଠ ପଢ଼ି ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଆଶା ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଜଣେ ଓକିଲ ହେବାକୁ ଚାହିଁଥିଲେ। କିନ୍ତୁ ଶେଷରେ ଅଭିନୟ ମାୟାରେ ପଡିଯାଇଥିଲେ। ୨୦୧୨ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ୟା ଭିତରେ ୯ ବର୍ଷ ବିତିଗଲାଣି। ନିଜ ଅଭିନୟ କ୍ୟାରିୟରକୁ ନେଇ ବେଶ୍ ସନ୍ତୁଷ୍ଟ ୟାମି।



'ଅଭିସାର–ଏକ ପ୍ରେମ କାହାଣୀ' ଫିଲ୍ମରେ (ବାମରୁ) ରୁଦ୍ର–ଭୂମି–ମୀରା



ୟାମି

ଧରିତ୍ରୀ
DHARITRI



## ସଂକ୍ଷେପରେ

### ଈଶ୍ୱରନ୍‌ଙ୍କ ଶତକରେ ପୂର୍ବାଞ୍ଚଳ ବିଜୟୀ

**ପୁଡୁଚେରୀ, ୨୬।୭:** ଦେଓଧର ଟ୍ରଫିରେ ବୁଧବାର ବିଜୟୀ ହୋଇଛନ୍ତି ପୂର୍ବାଞ୍ଚଳ, ଦକ୍ଷିଣାଞ୍ଚଳ ଓ ଉତ୍ତରାଞ୍ଚଳ। ଅଭିମନ୍ୟୁ ଈଶ୍ୱରନ୍‌ଙ୍କ ଅପରାଜିତ ଶତକ ବଳରେ ପୂର୍ବାଞ୍ଚଳ ୮ ଉଇକେଟରେ ନର୍ଥଇଷ୍ଟକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ନର୍ଥଇଷ୍ଟ ୪୮ ଓଭରରେ ୧୬୯ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ୩୧.୩ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା ପୂର୍ବାଞ୍ଚଳ। ପ୍ରଥମେ ବ୍ୟାଟିଂ କରିଥିବା ନର୍ଥ ଇଷ୍ଟ ପକ୍ଷରୁ ରେକ୍ସ ସିଂ ଅପରାଜିତ ୬୫ ରନ କରିଥିଲେ। ୧୭୦ ରନ୍ ଲକ୍ଷ୍ୟର ପିଛା କରୁଥିବା ପୂର୍ବାଞ୍ଚଳ ପକ୍ଷରୁ ଅଭିମନ୍ୟୁ ଈଶ୍ୱରନ୍ ଅପରାଜିତ ଶତକ ହାସଲ କରିଥିଲେ। ୧୦୨ ବଲ୍ ଖେଳି ୧୦୦ ରନ୍ କରିଥିବା ଈଶ୍ୱରନ୍ ୧୩ ଚୌକା ମାରି ଶେଷ ଯାଏ ଅପରାଜିତ ରହିଥିଲେ। ଅନ୍ୟ ଏକ ମ୍ୟାଚରେ ଦକ୍ଷିଣାଞ୍ଚଳ ୧୨ ରନ୍‌ରେ ପଶ୍ଚିମାଞ୍ଚଳକୁ ପରାସ୍ତ କରିଛି। ଉତ୍ତରାଞ୍ଚଳ ୪୮ ରନ୍‌ରେ କେନ୍ଦ୍ରାଞ୍ଚଳକୁ ହରାଇ ଦେଇଛି।

### ତେଜାସ ବିଶ୍ୱର ସର୍ବକନିଷ୍ଠ ଫିଡେ ରେଟେଡ୍ ଖେଳାଳି



**ଭୁବନେଶ୍ୱର, ୨୬।୭:** ଉତ୍ତରାଖଣ୍ଡର ତେଜାସ ତିୱାରୀ ବିଶ୍ୱର ସର୍ବକନିଷ୍ଠ ଫିଡେ ରେଟେଡ ଚେସ୍ ଖେଳାଳି ହୋଇଛନ୍ତି। ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ(ଫିଡେ) ପକ୍ଷରୁ ଟୁଇଟ କରି ଏହା ସ୍ପଷ୍ଟ କରାଯାଇଛି। ୫ ବର୍ଷୀୟ ତେଜାସଙ୍କର ବର୍ତ୍ତମାନ ଫିଡେ ଷ୍ଟାଣ୍ଡାର୍ଡ ରେଟିଂ ହେଉଛି ୧୧୪୯। ସେ ୩ ବର୍ଷ ୬ ମାସର ହୋଇଥିବାବେଳେ ପରିବାରବର୍ଗଙ୍କ ଚେସ୍ ଖେଳ ଦେଖି ଏହି କ୍ରୀଡ଼ା ପ୍ରତି ଆଗ୍ରହ ଦେଖାଇଥିଲେ। ଏଥିସହିତ ଚେସ୍ କିପରି ଖେଳାଯାଏ ତାହାକୁ ଖୁବ୍‌ଶୀଘ୍ର ଶିଖି ଯାଇଥିଲେ। ୪ ବର୍ଷର ହୋଇଥିବାବେଳେ ସେ ରାଜ୍ୟ ଏବଂ ରାଜ୍ୟ ବାହାରେ ଜାତୀୟ ସ୍ତରର ଚେସ୍ ଟୁର୍ନାମେଣ୍ଟ ଖେଳିଥିଲେ। ୪ ବର୍ଷ ୩ ମାସର ହୋଇଥିବାବେଳେ ସେ ଫିଡେ ରେଟେଡ ର୍ୟାପିଡ୍ ଚେସ୍ ଟୁର୍ନାମେଣ୍ଟ ଖେଳିଥିଲେ। ସେବେଠାରୁ ସେ ଭାରତର ୧୩ ରାଜ୍ୟରେ ବିଭିନ୍ନ ଫିଡେ ରେଟେଡ ଚେସ୍ ଟୁର୍ନାମେଣ୍ଟ ଖେଳି ସାରିଲେଣି। ୨୦୨୨ରେ ତେଜାସ ରାଜ୍ୟ ଟୁର୍ନାମେଣ୍ଟର ୮ ବର୍ଷରୁ କମ୍ ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେହିବର୍ଷ ଭୁବନେଶ୍ୱରରେ ଆୟୋଜିତ ଜାତୀୟ ସ୍କୁଲ ଚେସ୍ ଚାମ୍ପିୟନଶିପ୍‌ର ୫ ବର୍ଷରୁ କମ୍ ବର୍ଗରେ ପ୍ରଥମ ହୋଇଥିଲେ।

### ବିସିସିଆଇ ଲେଭଲ-୨ ଅମ୍ପାୟରିଂ ପରୀକ୍ଷାରେ ଧିରଜ ଉତ୍ତୀର୍ଣ୍ଣ



**ଭୁବନେଶ୍ୱର, ୨୬।୭ (ତପନ ସ୍ୱାଇଁ):** ରାଜ୍ୟର ପୂର୍ବତନ ରଣଜୀ ଟ୍ରଫି ଖେଳାଳି ଧିରଜ ସିଂ ସଫଳତାର ସହ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଲେଭଲ-୨ ଅମ୍ପାୟରିଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୧୫୦ରୁ ଧିରଜ ୧୨୧ ନମ୍ବର ରଖିଥିଲେ। ପୂରା ଦେଶରୁ ମୋଟ ୧୧୦ ଜଣ ପୂର୍ବତନ ଖେଳାଳି ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶାରୁ ଧିରଜଙ୍କ ବ୍ୟତୀତ ପ୍ରୀତମଜିତ ଦାସ, ପାର୍ଥ ସାରଥି ସାମଲ ଓ ଜ୍ୟୋତି କମଲ ମଧ୍ୟ ଏହି ପରୀକ୍ଷା ଦେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଧିରଜଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରମୋଦଙ୍କୁ ଏସିଆନ ପାରା ଗେମ୍ସ ଯୋଗ୍ୟତା

**ଭୁବନେଶ୍ୱର, ୨୬।୭ (ତପନ ସ୍ୱାଇଁ)**



ପ୍ରମୋଦ ଭଗତ

ଓଡ଼ିଶା କ୍ରୀଡ଼ା ପାଇଁ ଆସିଛି ଏକ ଭଲ ଖବର। ଚାଇନାର ହାଙ୍ଗଝୋଉରେ ଅକ୍ଟୋବର ୨୨ରୁ ୨୮ ପର୍ଯ୍ୟନ୍ତ ହେବାକୁଥିବା ୪ର୍ଥ ଏସିଆନ ପାରା ଗେମ୍ସ ପାଇଁ ରାଜ୍ୟର ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଯୋଗ୍ୟତା ଅର୍ଜନ କରିଛନ୍ତି। କେବଳ ଗୋଟିଏ ନୁହେଁ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଆଦି ୩ଟି ଇଭେଣ୍ଟ ପାଇଁ ସେ ଯୋଗ୍ୟତା ପାଇଛନ୍ତି। ଆଗାମୀ ପାରା ଏସିଆନ ଗେମ୍ସ ପାଇଁ ଓଡ଼ିଶାର ପ୍ରଥମ ଖେଳାଳି ଭାବେ ସେ ଯୋଗ୍ୟତା ହାସଲ କରିଛନ୍ତି। ଏସିଆନ ଯୋଗ୍ୟତା ପାଇଁ ଉତ୍ତର ପ୍ରଦେଶର ଗ୍ରେଟର ନଏଡାଠାରେ ଚଳିତ ମାସ ୨୪ରୁ ୨୬ ପର୍ଯ୍ୟନ୍ତ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୋଦଙ୍କ ସମେତ ଓଡ଼ିଶାରୁ ୪ ଖେଳାଳି ଭାଗ ନେଇଥିଲେ। ମାତ୍ର ପ୍ରମୋଦ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାରାଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ପ୍ରମୋଦ ସିଙ୍ଗଲ୍ସ ଟ୍ରାଏଲ୍ସରେ ପ୍ରାଧାନ୍ୟ ବିସ୍ତାର କରି ୫ ମ୍ୟାଚରୁ ୪ଟିରେ ବିଜୟ ହାସଲ କରିଥିଲେ। ଡବଲ୍ସରେ ତାଙ୍କ ପାର୍ଟନର ଥିଲେ ଅନ୍ୟତମ ଭାରତୀୟ ଖେଳାଳି ସୁକାନ୍ତ କଦମ। ପ୍ରମୋଦ-ସୁକାନ୍ତ ଯୋଡ଼ି ୪ ମ୍ୟାଚରୁ ୩ଟିରେ ବିଜୟୀ ହୋଇ ଏସିଆନ ପାରା ଗେମ୍ସ ଟିକେଟ ପାଇଥିଲେ। ସେହିପରି ମିକ୍ସଡ ଡବଲ୍ସରେ ମନୀଷା ରାମଦାସଙ୍କୁ ସାଥିକରି ପ୍ରମୋଦ ୬ ଗେମ୍‌ରୁ ୫ଟିରେ ଜିତି ଯୋଗ୍ୟତା ଅର୍ଜନ କରିଥିଲେ।

## ମୁଖ୍ୟ ଟୁର୍ନାମେଣ୍ଟକୁ ଅପେକ୍ଷା

ଏସିଆନ ପାରା ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ସ୍ୱାଭାବିକଭାବେ ଖୁସି ପ୍ରକାଶ କରିଛନ୍ତି ପ୍ରମୋଦ। ''ଏସିଆନ ପାରା ଗେମ୍ସର ୩ଟି ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଟ୍ରାଏଲ୍ସରେ ମୋର ପ୍ରଦର୍ଶନ ଭଲ ରହିଥିଲା। ମୋ ମତରେ ବଡ଼ ଟୁର୍ନାମେଣ୍ଟଗୁଡ଼ିକ ପାଇଁ ଟ୍ରାଏଲ୍ସ ହେବା ଉଚିତ। ଏହାଦ୍ୱାରା ପ୍ରତ୍ୟେକ ଖେଳାଳି ସୁଯୋଗ ପାଇପାରିବେ। ଯୁବ ଖେଳାଳିମାନେ ମଧ୍ୟ ମୋଟିଭେଟ ହୋଇପାରିବେ ଏବଂ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟା କରିବେ। ଏବେ ଟୁର୍ନାମେଣ୍ଟକୁ ମୁଁ ଆଗ୍ରହର ସହିତ ଅପେକ୍ଷା କରିଛି'' ବୋଲି ପ୍ରମୋଦ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ପ୍ରମୋଦଙ୍କ ପାଇଁ ଏସିଆନ ପାରା ଗେମ୍ସ ଯୋଗ୍ୟତା ଏହା ନୂଆ ନୁହେଁ। ୨୦୧୮ରେ ଜାକର୍ତ୍ତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ସେ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଏବଂ ଡବଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୧୪ରେ ଇଞ୍ଚିଅନରେ ଆୟୋଜିତ ପ୍ରତିଯୋଗିତାରେ ସେ ପୁରୁଷ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୨୦ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିବା ପ୍ରମୋଦ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ୨୦୧୯ରେ ସେ ଅର୍ଜୁନ ଏବଂ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିଲେ। ୨୦୨୧ରେ ଖେଳରତ୍ନ ପୁରସ୍କାର ପାଇଥିବା ଏହି ପାରା ବ୍ୟାଡ୍‌ମିଣ୍ଟନ ତାରକା ୨୦୨୨ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।

# ଭାରତୀୟ ଦଳରେ ଓଡ଼ିଶାରୁ ୪



ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି ପାଇଁ ମନୋନୀତ ଭାରତୀୟ ଦଳ।

**ନୂଆଦିଲ୍ଲୀ, ୨୬।୭**

**ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି**

ଜର୍ମାନୀର ଡୁସେଲଡର୍ଫଠାରେ ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟ ଅଗଷ୍ଟ ୧୮ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାରତ, ଇଂଲଣ୍ଡ, ସ୍ପେନ୍ ଓ ଆୟୋଜକ ଜର୍ମାନୀ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ହକି ଇଣ୍ଡିଆ ପକ୍ଷରୁ ବୁଧବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୪ ଖେଳାଳି ଗୋଲକିପର ମାଧୁରୀ କିଣ୍ଡୋ, ମିଡ୍‌ଫିଲ୍ଡର ସୁଜାତା କୁଜୁର, ଡିଫେଣ୍ଡର ଅଞ୍ଜଳି ବାରୱା ଓ ଫରୱାର୍ଡ ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ଡିଫେଣ୍ଡର ପ୍ରୀତିଙ୍କୁ ଅଧିନାୟିକା ଓ ମିଡ୍ ଫିଲ୍ଡର ଋତୁଜା ଦାଦାସୋ ପିସାଲଙ୍କୁ ଉପ-ଅଧିନାୟିକା କରାଯାଇଛି। ୨୦୨୩ ନଭେମ୍ବର ୨୯ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚିଲିର ସାଣ୍ଟିଆଗୋଠାରେ ଏଫ୍‌ଆଇଏଚ୍ ହକି ଜୁନିୟର ବିଶ୍ୱକପ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପୂର୍ବରୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତ ଭଲ ଅଭ୍ୟାସ ପାଇବ।

''ଅଭ୍ୟାସ ସେସନରେ ଯାହା ଶିଖା ଯାଇଛି ତାହାକୁ ପ୍ରୟୋଗ କରିବା ସହ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରମାଣିତ କରିବାକୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଭଲ ସୁଯୋଗ ଆଣିବ। ଆଗକୁ ଜୁନିୟର ବିଶ୍ୱକପ ଆସୁଛି। ତେଣୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରୁ ଆମର ଦୁର୍ବଳତା ସମ୍ପର୍କରେ ଜାଣିବାକୁ ମଧ୍ୟ ସୁଯୋଗ ମିଳିବ। ଏହି ଟୁର୍ନାମେଣ୍ଟ ନିଶ୍ଚିତ ପିଲାମାନଙ୍କ ଆତ୍ମବିଶ୍ୱାସ ଦୃଢ଼ କରିବାନେଇ ଆମେ ଆଶାବାଦୀ'' ବୋଲି ମୁଖ୍ୟ କୋଚ୍ ତୁଷାର ଖାଣ୍ଡକର ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ଗୋଲକିପର୍ସ: ମାଧୁରୀ କିଣ୍ଡୋ, ଖୁସ୍‌ବୁ। ଡିଫେଣ୍ଡର୍ସ: ପ୍ରୀତି (ଅଧିନାୟିକା), ରୋପନି କୁମାରୀ, ଅଞ୍ଜଳି ବାରୱା, ନୀଲମ, ଥୌନାଓଜାମ ନିରୁପମା ଦେବୀ। ମିଡ୍‌ଫିଲ୍ଡର୍ସ: ଋତୁଜା ଦାଦାସୋ ପିସାଲ (ଉପ-ଅଧିନାୟିକା), ମଞ୍ଜୁ ଚୌରାସିଆ, ସାକ୍ଷୀ ରାଣା, ସୁଜାତା କୁଜୁର, ଭୂମିକ୍ଷା ସାହୁ, ଜ୍ୟୋତି ସିଂ, ମହିମା ଟେଟେ, ହିନା ବାନୋ। ଫରୱାର୍ଡ୍ସ: ଅନୁ, ଦୀପିକା ସୋରେଙ୍ଗ, ସୁନେଲିତା ଟପ୍ପୋ, କାଜଲ ସଦାଶିବ ଅତପାଦକର, ମୁମ୍‌ତାଜ ଖାଁ।

# ସନ୍ତୋଷ ଟ୍ରଫି: ଗ୍ରୁପ୍ 'ଡି'ରେ ଓଡ଼ିଶା

**ନୂଆଦିଲ୍ଲୀ, ୨୬।୭ (ପି.ଟି.)**

ଘରୋଇ ଫୁଟବଲର ମର୍ଯ୍ୟାଦା ଜନକ ପ୍ରତିଯୋଗିତା ସନ୍ତୋଷ ଟ୍ରଫିର ୭୭ତମ ସଂସ୍କରଣ ପାଇଁ ଗ୍ରୁପିଂ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଓଡ଼ିଶା ଗ୍ରୁପ୍ 'ଡି'ରେ ଦିଲ୍ଲୀ, ଲଦାଖ, ପଞ୍ଜାବ, ହରିୟାଣା ଓ ୩୨ଥର ଚାମ୍ପିୟନ ବେଙ୍ଗଲ ସହିତ ସ୍ଥାନ ପାଇଛନ୍ତି। ଏହାକୁ ପ୍ରତିଯୋଗିତାର କଷ୍ଟସାଧ୍ୟ ଗ୍ରୁପଭାବେ ବିବେଚନା କରାଯାଉଛି। ସନ୍ତୋଷ ଟ୍ରଫିରେ ଭାଗ ନେଉଥିବା ୩୬ ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ର ଟପ୍ପର ଏବଂ ୪ଟି ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନୀୟ ଦଳ ଗତଥରର ଚାମ୍ପିୟନ କର୍ଣ୍ଣାଟକ ଓ ରନରଅପ୍ ମେଘାଳୟକୁ ନେଇ ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହେବ। ୩୨ଥର ଚାମ୍ପିୟନ ଓ ୧୪ ଥର ରନରଅପ୍ ବେଙ୍ଗଲ ୨୦୧୬-୧୭ ପରଠାରୁ ଟାଇଟଲ ହାସଲ କରି ପାରିନାହିଁ। ୧୯୯୩ରୁ ୧୯୯୯ ମଧ୍ୟରେ ଏହି ଦଳ କ୍ରମାଗତ ୬ ଥର ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟ ଇତିହାସରେ ଏହା ସବୁଠାରୁ ସଫଳ ଦଳ। ୮ ଥର ଚାମ୍ପିୟନ ପଞ୍ଜାବ ଦ୍ୱିତୀୟ ସଫଳ ଦଳର ମାନ୍ୟତା ପାଉଛି। କେରଳ ୭ ଥର ଚାମ୍ପିୟନ ହୋଇଛି। ୨୦୨୨-୨୩ ସନ୍ତୋଷ ଟ୍ରଫି ଫାଇନାଲ ପ୍ରଥମଥର ବିଦେଶରେ ଅନୁଷ୍ଠିତ ହୋଇଥିଲା। ରିୟାଧରେ ଆୟୋଜିତ ଫାଇନାଲରେ

ମେଘାଳୟକୁ ହରାଇ କର୍ଣ୍ଣାଟକ ଟାଇଟଲ ହାସଲ କରିଥିଲା।

## ଗ୍ରୁପ୍ 'ଇ'ରେ ଓଡ଼ିଶା ମହିଳା ଦଳ

ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ମୋଟ ୩୫ଟି ଦଳ ଅଂଶଗ୍ରହଣ କରିବେ। ଗ୍ରୁପ୍ 'ଏ'ରୁ 'ଇ' ପର୍ଯ୍ୟନ୍ତ ୬ଟି ଲେଖାଏ ଏବଂ ଗ୍ରୁପ୍ 'ଏଫ୍'ରେ ୫ଟି ଦଳ ସ୍ଥାନ ପାଇଛନ୍ତି। ଏହାର ଗ୍ରୁପ୍ 'ଇ'ରେ ଓଡ଼ିଶା ସ୍ଥାନ ପାଇଛି। ପ୍ରତି ଗ୍ରୁପ୍‌ର ୬ ଶୀର୍ଷ ଦଳ ଏବଂ ୪ଟି ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନୀୟ ଦଳ ଗତ ସଂସ୍କରଣର ଫାଇନାଲିଷ୍ଟ ତାମିଲନାଡୁ ଓ ହରିୟାଣା ସହିତ ଫାଇନାଲ ରାଉଣ୍ଡରେ ଅବତୀର୍ଣ୍ଣ ହେବେ। ୨ଟି ଯାକ ଟୁର୍ନାମେଣ୍ଟର ତାରିଖ ଓ ଭେନ୍ୟୁ ପରେ ପ୍ରକାଶ ପାଇବ।

**ସନ୍ତୋଷ ଟ୍ରଫି ଗ୍ରୁପିଂ**

**ଗ୍ରୁପ୍ 'ଏ':** କେରଳ, ଗୋଆ, ଛତିଶଗଡ଼, ଗୁଜରାଟ, ଅରୁଣାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର।
**ଗ୍ରୁପ୍ 'ବି':** ପଞ୍ଜାବ, ହରିୟାଣା, ଓଡ଼ିଶା, ଦିଲ୍ଲୀ, ଲଦାଖ, ବେଙ୍ଗଲ।
**ଗ୍ରୁପ୍ 'ସି':** ମଣିପୁର, ଝାଡ଼ଖଣ୍ଡ, ତାମିଲନାଡୁ, ନାଗାଲାଣ୍ଡ, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ।
**ଗ୍ରୁପ୍ 'ଡି':** ରେଲୱେ, ବିହାର, ଚଣ୍ଡିଗଡ଼, ରାଜସ୍ଥାନ, ଆସାମ, ହିମାଚଳ ପ୍ରଦେଶ।
**ଗ୍ରୁପ୍ 'ଇ':** ସର୍ଭିସେସ, ଉତ୍ତରାଖଣ୍ଡ, ମିଜୋରାମ, ପଣ୍ଡିଚେରୀ, ସିକ୍କିମ, ଦାଦ୍ରା ଆଣ୍ଡ ନଗର ହାଭେଲି, ଡାମନ ଆଣ୍ଡ ଡିଉ।
**ଗ୍ରୁପ୍ 'ଏଫ୍':** ମହାରାଷ୍ଟ୍ର, ତେଲେଙ୍ଗାନା, ଆଣ୍ଡାମାନ ଆଣ୍ଡ ନିକୋବର, ଆନ୍ଧ୍ର ପ୍ରଦେଶ, ଲକ୍ଷଦୀପ, ତ୍ରିପୁରା।

## ଭାରତୀୟ ମହିଳା ହକି ଦଳର ପ୍ରଥମ ମ୍ୟାଚ ଡ୍ର

**ନୂଆଦିଲ୍ଲୀ, ୨୬।୭:** ସ୍ପାନିଶ ହକି ଫେଡେରେଶନର ଶତବାର୍ଷିକୀ ଉପଲକ୍ଷେ ଆୟୋଜିତ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟରେ ଭାରତୀୟ ମହିଳା ଦଳ ଡ୍ର ସହ ଅଭିଯାନ ଆରମ୍ଭ କରିଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଜ୍ୟୋତି ଛତ୍ରି ଏହି ମ୍ୟାଚରେ ସିନିୟର ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି। ସ୍ପେନ୍‌ର ବାର୍ସିଲୋନାଠାରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ଏକଦା ଗୋଟିଏ ଗୋଲରେ ପଛୁଆ ରହିଥିବା ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ଇଂଲଣ୍ଡ ବିପକ୍ଷରେ ପଏଣ୍ଟ ଭାଗ କରିଛି। ମ୍ୟାଚର ୭ମ ମିନିଟରେ ହୋଲି ହଣ୍ଟ ଏକ ଗୋଲ ଦେଇ ଇଂଲଣ୍ଡକୁ ଅଗ୍ରଣୀ କରିଥିଲେ। ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଇଂଲଣ୍ଡ ଆଧିପତ୍ୟ ବିସ୍ତାର କରି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୧-୦ ଗୋଲରେ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟର ଶେଷଭାଗରେ ଅର୍ଥାତ୍ ମ୍ୟାଚର ୪୧ତମ ମିନିଟରେ ଭାରତ ପକ୍ଷରୁ ଲାଲରେମସିଆମି ଗୋଲଟି ପରିଶୋଧ କରି ଦେଇଥିଲେ। ମ୍ୟାଚର ଅବଶିଷ୍ଟ ଭାଗରେ ଆଉ ଗୋଲ ହୋଇ ନ ଥିଲା। ଫଳରେ ମ୍ୟାଚଟି ୧-୧ ଗୋଲରେ ଡ୍ର ରହିଥିଲା।

# ଭାରତ-ପାକିସ୍ତାନ ମ୍ୟାଚ୍ ଘୁଞ୍ଚିବା ସମ୍ଭାବନା

**ନୂଆଦିଲ୍ଲୀ, ୨୬।୭(ପି.ଟି.)**

**ଦିନିକିଆ ବିଶ୍ୱକପ୍**

ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ବହୁ ପ୍ରତୀକ୍ଷିତ ମ୍ୟାଚ୍ ଘୁଞ୍ଚିବାର ସମ୍ଭାବନା ସୃଷ୍ଟି ହୋଇଛି। ଫଳରେ ଏହା କ୍ରିକେଟ ଫ୍ୟାନ୍‌ମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ବିମାନ ଭଡା ବୃଦ୍ଧି ପାଇଥିବା ବେଳେ ହୋଟେଲଗୁଡ଼ିକର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଥିଲା। ବିଶ୍ୱକପ୍ ମ୍ୟାଚ୍ ଯେଉଁ ତାରିଖରେ ନିର୍ଦ୍ଧାରିତ ହୋଇଥିଲା ସମାନ ତାରିଖରେ ନବରାତ୍ରି ପାଳିତ ହେବାକୁ ଯାଉଛି। ଗୁଜରାଟରେ ନବରାତ୍ରି ପାଳନକୁ ଗୁରୁତ୍ୱ ଦିଆଯାଉଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିଭିନ୍ନ ସୁରକ୍ଷା ଏଜେନ୍ସି ପକ୍ଷରୁ ବିସିସିଆଇକୁ ଚେତାବନୀ ଦିଆଯାଇଛି। ନବରାତ୍ରିକୁ ଦୃଷ୍ଟିରେ ରଖି ସହରରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯିବାକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ମ୍ୟାଚ୍ ସମୟରେ ଷ୍ଟାଡିୟମରେ ମଧ୍ୟ ସୁରକ୍ଷାବଳ ନିୟୋଜିତ ରହିବେ। ଏହାକୁ ଦୃଷ୍ଟିରେ ରଖି ମ୍ୟାଚ୍ ତାରିଖକୁ ଦିନେ ଦୁଇଦିନ ଆଗ ପଛ କରିବାକୁ ପରାମର୍ଶ ଦିଆଯାଇଛି। ବିସିସିଆଇ ପକ୍ଷରୁ ଏହାକୁ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିବା ବେଳେ ଆଇସିସି ସହିତ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ତେବେ ଏହି ମ୍ୟାଚ୍‌ଟି ଅହମଦାବାଦରୁ ବାହାରକୁ ଯିବାର ସମ୍ଭାବନା ନାହିଁ ବୋଲି ବିସିସିଆଇ ସୂତ୍ରରୁ ପ୍ରକାଶ ପାଇଛି।

# ଟି୨୦ରେ ଶ୍ରେଷ୍ଠ ବୋଲିଂ ଫିଗର୍

**କୁଆଲାଲମ୍ପୁର, ୨୬।୭ (ପି.ଟି):** ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ସର୍ବଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଛନ୍ତି ମାଲେସିଆର ସ୍ୟାଜରୁଲ ଇଡ୍ରୁସ୍। ବୁଧବାର ଟି୨୦ ବିଶ୍ୱକପର ଏସିଆ ବି କ୍ୱାଲିଫାୟରରେ ସେ ଏହି ରେକର୍ଡ କରିଛନ୍ତି। ମାତ୍ର ୭ ରନରେ ୮ ଉଇକେଟ ନେଇ ସେ ଏହି ରେକର୍ଡ କରିଛନ୍ତି। ସମସ୍ତ ୭ଟି ଯାକ ଉଇକେଟ ବୋଲ୍ଡ କରି ହାସଲ କରିଥିଲେ ଇଡ୍ରୁସ୍। ପୂର୍ବରୁ ଏହି ରେକର୍ଡ ନାଇଜେରିଆର ପିଟର ଆହୋଙ୍କ ନାମରେ ରହିଥିଲା। ସିଏରା ଲିଓନ୍ ବିପକ୍ଷରେ ସେ ୬ ରନ୍‌ରେ ୫ ଉଇକେଟ ନେଇଥିଲେ। ଭାରତୀୟ ବୋଲର ଦୀପକ ଚହର ବାଂଲାଦେଶ ବିପକ୍ଷରେ ୭ ରନ୍ ବ୍ୟୟରେ ୬ ଉଇକେଟ ନେଇ ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି।

# ଫୁଟବଲ ଦଳକୁ କ୍ରୀଡା ମନ୍ତ୍ରଣାଳୟର ଅନୁମତି

**ନୂଆଦିଲ୍ଲୀ, ୨୬।୭ (ପି.ଟି)**

ଚାଇନାର ହାଙ୍ଗଝୌରେ ଅନୁଷ୍ଠିତ ହେବାକୁଥିବା ଏସିଆନ୍‌ଗେମ୍ସ ୨୦୨୩ ପାଇଁ ଭାରତୀୟ ପୁରୁଷ ଓ ମହିଳା ଫୁଟବଲ ଦଳକୁ ଅନୁମତି ମିଳିଛି। ଏସିଆର ଟପ୍-୮ ଦଳ ମଧ୍ୟରେ ସାମିଲ ନ ଥିବା କାରଣରୁ ଉଭୟ ପୁରୁଷ ଓ ମହିଳା ଦଳକୁ ଭାରତୀୟ ଅଲିମ୍ପିକ ମହାସଂଘ(ଆଇଓଏ) ପକ୍ଷରୁ ଅନୁମତି ମିଳି ନ ଥିଲା। ସର୍ବଭାରତୀୟ ଫୁଟବଲ ମହାସଂଘ(ଏଆଇଏଫ୍‌ଏଫ୍) ପକ୍ଷରୁ କ୍ରୀଡା ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ ଭାରତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଇଗୋର୍ ଷ୍ଟିମାକ୍। ବୁଧବାର କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଟୁଇଟ୍ କରି ଭାରତୀୟ ଫୁଟବଲ ଦଳ ଏସିଆନ ଗେମ୍ସରେ ଅଂଶଗ୍ରହଣ କରୁଥିବା ନେଇ ସ୍ପଷ୍ଟ କରିଛନ୍ତି। 'ବର୍ତ୍ତମାନର ନିୟମ ଅନୁସାରେ ଉଭୟ ପୁରୁଷ ଓ ମହିଳା ଦଳ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲେ। ତେବେ ବିଗତ କିଛି ଦିନର ପ୍ରଦର୍ଶନକୁ ଧ୍ୟାନରେ ରଖି ଉଭୟ ଦଳଙ୍କୁ ଖେଳିବାକୁ ଅନୁମତି ପ୍ରଦାନ କରାଯାଇଛି।' ବୋଲି ଅନୁରାଗ ଟୁଇଟ୍ କରିଥିଲେ। କ୍ରୀଡା ମନ୍ତ୍ରଣାଳୟର ଏହି ଚିଠି ଆଇଓଏ ଓ ସମସ୍ତ ଜାତୀୟ କ୍ରୀଡା ମହାସଂଘ ନିକଟକୁ ପଠାଇ ଦିଆଯାଇଛି।

୨୦୦୨ ପରଠାରୁ ଏସିଆନ ଗେମ୍ସ ଫୁଟବଲରେ ୨୩ ବର୍ଷରୁ କମ୍ ଦଳକୁ ସାମିଲ କରାଯାଉଛି। କେବଳ ୩ ଜଣ ସିନିୟର ଖେଳାଳିଙ୍କୁ ଏହି ଦଳରେ ସୁଯୋଗ ମିଳିଥାଏ। ସେପ୍ଟେମ୍ବର ୭-୧୦ ମଧ୍ୟରେ ଥାଇଲାଣ୍ଡରେ କିଙ୍ଗ୍ସ କପ୍ ଶେଷ

**ଏସିଆନ୍ ଗେମ୍ସ**

ହେବା ପରେ ଷ୍ଟିମାକଙ୍କ ନେତୃତ୍ୱରେ ୨୩ ବର୍ଷରୁ କମ୍ ଦଳ ଏହି ଟୁର୍ନାମେଣ୍ଟ ଖେଳିବାକୁ ଯିବ ବୋଲି କୁହାଯାଉଥିଲା। ତେବେ ଉଭୟ ପୁରୁଷ ଓ ମହିଳା ଦଳ ଏସିଆର ଶ୍ରେଷ୍ଠ ୮ ଦଳ ମଧ୍ୟରେ ନ ଥିବାରୁ ଆଇଓଏ ପକ୍ଷରୁ ଅନୁମତି ମିଳି ନ ଥିଲା। ପୁରୁଷ ଦଳ ୧୮ ଓ ମହିଳା ଦଳ ୧୧ ତମ ସ୍ଥାନରେ ରହିଛି। କ୍ରୀଡା ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଏଆଇଏଫଏଫ୍ ସଭାପତି କଲ୍ୟାଣ ଚୌବେ। ଭାରତୀୟ ଫୁଟବଲ ଦଳକୁ ଅନୁମତି ମିଳି ଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଫର୍ମ ସୁଧାରିବା ଲକ୍ଷ୍ୟରେ ସୂର୍ଯ୍ୟକୁମାର

**ବ୍ରିଜ୍‌ଟାଉନ୍, ୨୬।୭(ପି.ଟି.)**



ବୁଧବାର ନେଟ୍ସ ସେସନରେ ଭାରତର ରବୀନ୍ଦ୍ର ଜାଡେଜା ଓ ମୁକେଶ କୁମାର।

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ଏହାର ଦିନିକିଆ ସିରିଜ୍ ଗୁରୁବାରଠାରୁ ଖେଳିବ। ଟେଷ୍ଟ ସିରିଜ୍‌ରେ ବିଜୟ ପରେ ଏହି ସିରିଜରେ ମଧ୍ୟ ଭାରତ ଚମତ୍କାର ପ୍ରଦର୍ଶନ କରିବା ନେଇ ଆଶା ରହିଛି। ତେବେ ଏହି ସିରିଜ୍‌ରେ ଭାରତୀୟ ମଧ୍ୟକ୍ରମ ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଏହା ବ୍ୟତୀତ ଉଇକେଟ କିପର ବ୍ୟାଟର ଭାବରେ ଈଶାନ କିଶନ୍ ଓ ସଞ୍ଜୁ ସାମସନ୍‌ଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଏସିଆ କପ୍ ପୂର୍ବରୁ ଭାରତକୁ ଏହାର ଚୂଡ଼ାନ୍ତ ଏକାଦଶ ଚୟନ କରିବା ପାଇଁ ଏହା ଅନ୍ତିମ ସୁଯୋଗ ରହିବ। ଅକ୍ଟୋବର-ନଭେମ୍ବରରେ ଭାରତରେ ହେବାକୁ ଥିବା ବିଶ୍ୱକପର ଦଳ ଚୟନ ପାଇଁ ମଧ୍ୟ ଏହି ସିରିଜର ପ୍ରଦର୍ଶନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସ୍ପିନର ଯୁଜବେନ୍ଦ୍ର ଚହଲ ଓ ପେସ୍ ବୋଲର ଉମ୍ରାନ୍ ମଲିକ୍ ମଧ୍ୟ ନିଜ ଦକ୍ଷତାର ପ୍ରଦର୍ଶନ କରିବାକୁ ଚାହିଁବେ। ଟି୨୦ରେ ବିପଜ୍ଜନକ ବ୍ୟାଟର ସୂର୍ଯ୍ୟକୁମାର ଦିନିକିଆରେ ସମାନ ଫର୍ମ ଦେଖାଇବାରେ ସଫଳ ହୋଇନାହାନ୍ତି। ଶ୍ରେୟସ ଆୟର ଓ ଲୋକେଶ ରାହୁଲ ଆହତ ଥିବାରୁ ସୂର୍ଯ୍ୟକୁମାରଙ୍କ ନିକଟରେ ନିଜ ସ୍ଥିତିକ ମଜଭୁତ କରିବାର ଆଉ ଏକ ସୁଯୋଗ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ଶେଷ ସିରିଜରେ ଲଗାତର ୩ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଖାତା ଖୋଲିବା ପୂର୍ବରୁ ସେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ରାହୁଲ ଭାରତୀୟ ଟିମ୍‌ର ଉଇକେଟ କିପର ଭାବରେ ଏକ ନମ୍ବର ପସନ୍ଦ ଥିବା ବେଳେ ତାଙ୍କ ଅନୁପସ୍ଥିତିରେ ନିଜ ସ୍ଥାନ ପକ୍କା କରିବାକୁ ପ୍ରୟାସ କରିବେ କିଶନ ଓ ସାମସନ୍। ଟେଷ୍ଟ ସିରିଜର ଅନ୍ତିମ ମ୍ୟାଚରେ ଦମ୍‌ଦାର ବ୍ୟାଟିଂ ପରେ କିଶନ ପ୍ରଥମ ମ୍ୟାଚ ପାଇଁ ଉଇକେଟକିପର ଭାବରେ ସ୍ଥାନ ପାଇବାର ସମ୍ଭାବନା ଅଧିକ। ମିଡିଲ ଅର୍ଡରରେ ଅନ୍ୟ ପୋଜିଶନ ପାଇଁ ସାମସନ୍ ଓ ସୂର୍ଯ୍ୟକୁମାରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ମାତ୍ର ସାମ୍‌ସନ ଖେଳିଥିବା ଅନ୍ତିମ ୧୧ ଦିନିକିଆ ମ୍ୟାଚରେ ତାଙ୍କର ବ୍ୟାଟିଂ ଆଭରେଜ ୬୬ ରହିଛି। ଏହି କାରଣରୁ ସାମ୍‌ସନଙ୍କୁ ଅଗ୍ରାଧିକାର ମିଳିପାରେ। ରୋହିତ ଶର୍ମା ଓ ଶୁବମାନ ଗିଲ୍ ଓପନର ଭାବରେ ଖେଳିବାକୁ ଯାଉଥିବାରୁ ଋତୁରାଜ ଗାଏକ୍ୱାଡଙ୍କୁ ବେଞ୍ଚ ଗରମ କରିବାକୁ ପଡିବ।

ଉପଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଏହି ସିରିଜ୍‌ରେ ପ୍ରତ୍ୟାବର୍ତ୍ତନ କରିବେ। ଆଇପିଏଲ୍ ପରେ ପ୍ରଥମ ଥର ପାଇଁ ସେ ଜାତୀୟ ଦଳକୁ ଫେରୁଥିବା ବେଳେ ତାଙ୍କ ପାଇଁ ଏହା ବେଶ୍ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିବ। ଦିନିକିଆ ସିରିଜ ପରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ସେ ଦଳର ନେତୃତ୍ୱ ମଧ୍ୟ ନେବେ। ବୋଲିଂରେ ଉମ୍ରାନ ମଲିକ ଓ ଯୁଜବେନ୍ଦ୍ର ଚହଲଙ୍କ ଉପରେ ସମସ୍ତଙ୍କ ନଜର ରହିବ। ୨୩ ବର୍ଷୀୟ ଉମ୍ରାନଙ୍କ ନିକଟରେ ଉଇକେଟ ନେବାର ଦକ୍ଷତା ରହିଥିଲେ ମଧ୍ୟ ସେ ଅଧିକ ରନ୍ ବ୍ୟୟ କରିଥାନ୍ତି। ଅଷ୍ଟ୍ରେଲିଆ ସିରିଜ୍‌ରେ ସ୍ଥାନ ପାଇ ନ ଥିବା ଚହଲ ମଧ୍ୟ ନିଜ ଦକ୍ଷତାର ପ୍ରଦର୍ଶନ କରିବାକୁ ଚାହିଁବେ। ପେସ୍ ବୋଲରଙ୍କ ମଧ୍ୟରେ ମହମ୍ମଦ ସିରାଜ ବୋଲିଂର ନେତୃତ୍ୱ ନେବାକୁ ଥିବା ବେଳେ ଜୟଦେବ ଉନାଡକଟ, ମୁକେଶ କୁମାର ଓ ଶାର୍ଦ୍ଦୂଳ ଠାକୁରଙ୍କ ପ୍ରଦର୍ଶନ ଉପରେ ନଜର ରହିବ। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ୍ ଦଳ ଏକ ନୂତନ ଭାବେ ଆରମ୍ଭ କରିବାକୁ ଯାଉଛି। ସିମରନ୍ ହେଟମେୟର ଓ ଓସେନ୍ ଥୋମାସ ଦଳକୁ ଫେରିଥିବା ବେଳେ ଆଲିକ ଆଠନାଜେଙ୍କୁ ମଧ୍ୟ ଡାକରା ମିଳିଛି।

**ଆଜି ପ୍ରଥମ ଦିନିକିଆ**

ମ୍ୟାଚ୍ ସ୍ଥାନ: ବ୍ରିଜ୍‌ଟାଉନ
ସମୟ:ସନ୍ଧ୍ୟା ୭.୦୦,
ପ୍ରସାରଣ: ଡିଡି ସ୍ପୋର୍ଟ୍ସ

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ